# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୦/୨୦୧୯ (୨୦ ପୃଷ୍ଠା) | Bhubaneswar, Wednesday, November 20/2019 | ★★★★

୪୫ଶ ଭାଗ ୩୫୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




KP GROUP
Quality Since 1965

# Safal

PAN MASALA

## ସେହି ମଜାର ପ୍ରତିଶ୍ରୁତି
## ଏବେ ଦୁଇଗୁଣରୁ ବି ବେଶି !




₹10/-
ମୂଲ୍ୟର ନୂଆ
ଜମ୍ବୋ ପ୍ୟାକ୍

0% TOBACCO • NICOTINE NOT ADDED • NOT FOR MINORS • ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୦/୨୦୧୯ | Bhubaneswar, Wednesday, November 20/2019 | ପୃଷ୍ଠା-୧




**ନ୍ୟୁୟର୍କରେ ଛୁଟି କାଟୁଛନ୍ତି ସାରା**

ବଲିଉଡ୍‌ର ପପୁଲାର୍ ଷ୍ଟାର୍-କିଡ୍ ସାରା ଅଲି ଖାନ୍ ଆଜିକାଲି ନ୍ୟୁୟର୍କରେ ଛୁଟି କାଟୁଛନ୍ତି। ଭାରତ ପରେ ନ୍ୟୁୟର୍କରେ ସମୟ କାଟିବାକୁ ସେ ଅଧିକ ପସନ୍ଦ କରନ୍ତି।

୦୭ ୧୬

**ରାଜେଶ୍ୱରୀଙ୍କ ଜାତୀୟ ରେକର୍ଡ**

ପଞ୍ଜାବର ରାଜେଶ୍ୱରୀ କୁମାରୀ ୬୩ତମ ଜାତୀୟ ଶର୍ଟଗନ ଶୁଟିଂ ଚାମ୍ପିୟନଶିପ୍‌ର ମହିଳା ଟ୍ରାପ ଇଭେଣ୍ଟରେ ଜାତୀୟ ରେକର୍ଡ ଭଙ୍ଗ କରିଛନ୍ତି।



# ମୌସୁମୀ ନେଇଛି ୨,୩୯୧ ଜୀବନ

**ନୂଆଦିଲ୍ଲୀ,୧୯।୧୧(ପି.ଟି.)**

ଚଳିତବର୍ଷ ମୌସୁମୀ ଋତୁରେ ବର୍ଷା, ବନ୍ୟା ଓ ତଜ୍ଜନିତ କାରଣରୁ ୨,୩୯୧ ଜଣଙ୍କ ଜୀବନ ଯାଇଥିବାବେଳେ ୮ ଲକ୍ଷରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଯାଇଛି। ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାଏ ମଙ୍ଗଳବାର ଲୋକ ସଭାରେ ଏହି ସୂଚନା ଦେଇଛନ୍ତି। ଏକ ଲିଖିତ ପ୍ରଶ୍ନର ଉତ୍ତରରେ କେନ୍ଦ୍ରମନ୍ତ୍ରୀ ନିତ୍ୟାନନ୍ଦ କହିଛନ୍ତି, ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଯୋଗୁ ବିଭିନ୍ନ ରାଜ୍ୟରେ ବାଦଲଫଟା ବର୍ଷା, ଭୂସ୍ଖଳନ ଓ ବନ୍ୟା ଦେଖାଦେଇଥିବାବେଳେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଯବାନମାନଙ୍କୁ ବ୍ୟାପକ ଭାବେ ମୁତୟନ କରାଯାଇଥିଲା। ୧୭୬ ଏନ୍‌ଡିଆର୍‌ଏଫ୍ ଟିମ୍ ୯୮,୯୬୨ ଜଣଙ୍କୁ ଉଦ୍ଧାର କରିଥିବାବେଳେ ୨୩,୮୬୯ ଜଣଙ୍କୁ ଡାକ୍ତରୀ ଚିକିତ୍ସା ଯୋଗାଇଥିଲେ। ସେହିପରି ୬୧୭ ପ୍ରାଣୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ଚିକିତ୍ସା ଯୋଗାଇ ଦିଆଯାଇଥିଲା। ୬୩.୯୭୫ ଲକ୍ଷ ହେକ୍ଟର ଚାଷଜମିର ଫସଲ ନଷ୍ଟ ହୋଇଯାଇଥିବା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରୁ ରିପୋର୍ଟ ମିଳିଥିବା ନିତ୍ୟାନନ୍ଦ ଉତ୍ତର ଦେଇଛନ୍ତି।

**ଆଜିର ସମ୍ପାଦକୀୟ**

**ପଇସା ଦେଲେ ପାଠ**

**ଆଜିର ମନ୍ତବ୍ୟ**

"ବିଶ୍ୱରେ ଜଳ ସୁରକ୍ଷାର ନେତୃତ୍ୱ ନେଇପାରିବ ଇସ୍ରାଏଲ।

**-ଗଜେନ୍ଦ୍ର ସିଂ ଶେଖାୱତ୍, ଜଳଶକ୍ତି ମନ୍ତ୍ରୀ**

**କିଛି ତଥ୍ୟ**

୨୦୧୮ରେ ରାସ୍ତା ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ୨.୩୭% ବୃଦ୍ଧି ଘଟି ୧.୫୧ ଲକ୍ଷ ରହିଛି।

**– ରାଜପଥ ମନ୍ତ୍ରଣାଳୟ**


Taste the difference! Vencobb FRESH CHICKEN

19.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 84 | 137 | 147 |
| CTC | 84 | 137 | 147 |
| DKL | 84 | 137 | 147 |
| BDK | 83 | 136 | 146 |
| BLS | 83 | 136 | 146 |
| ANG | 85 | 139 | 149 |
| BHM | 84 | 137 | 147 |

*Conditions Apply

Issued in the Interest of Consumers




ଭୁବନେଶ୍ୱର ରେଳ ଷ୍ଟେଶନରେ ମଙ୍ଗଳବାର ଶୁଭାରମ୍ଭ ହୋଇଥିବା ସେଗ୍‌ୱେ ପାଟ୍ରୋଲିଂ ବ୍ୟବସ୍ଥା ।

# ଓଡ଼ିଶାରେ ପ୍ରଥମ ସେଗ୍‌ୱେ ପାଟ୍ରୋଲିଂ ଆରମ୍ଭ

- ଭୁବନେଶ୍ୱର ରେଳ ଷ୍ଟେଶନରେ ଶୁଭାରମ୍ଭ କଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ
- ଜରୁରୀ ସମୟରେ ଶୀଘ୍ର ପହଞ୍ଚିପାରିବ ଆର୍‌ପିଏଫ୍
- ପ୍ରଥମ ପର୍ଯ୍ୟାୟରେ ଆସିଛି ୬ ସେଗ୍‌ୱେ ଗାଡ଼ି

**ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)**

ରେଳ ଷ୍ଟେଶନରେ ଯାତ୍ରୀଙ୍କୁ ସର୍ବାଧିକ ସୁରକ୍ଷା ଯୋଗାଇ ଦେବାକୁ ପୂର୍ବତଟ ରେଳପଥ ନୂଆ ବ୍ୟବସ୍ଥା ଆପଣାଇଛି। ଜରୁରୀ ବା ବିପଦ ସମୟରେ ଶୀଘ୍ର ଯାତ୍ରୀ ନିକଟରେ ପହଞ୍ଚି ସହଯୋଗ କରିବା ଓ ଷ୍ଟେଶନ ସୁରକ୍ଷାକୁ କଡ଼ାକଡ଼ି କରିବା ପାଇଁ ଭୁବନେଶ୍ୱର ରେଳ ଷ୍ଟେଶନରେ ସେଗ୍‌ୱେ ପାଟ୍ରୋଲିଂ ଆରମ୍ଭ ହୋଇଛି। ମଙ୍ଗଳବାର ୧ନଂ. ପ୍ଲାଟ୍‌ଫର୍ମରେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ବିଦ୍ୟାଭୂଷଣ, ଆର୍‌ପିଏଫ୍‌ର ପ୍ରମୁଖ ନିରାପତ୍ତା ଆୟୁକ୍ତ ରାଜା ରାମ ଓ ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳର ପ୍ରବନ୍ଧକ ଶଶିକାନ୍ତ ସିଂ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୬ଟି ଅତ୍ୟାଧୁନିକ ଦୁଇଚକିଆ ସେଗ୍‌ୱେ ପାଟ୍ରୋଲିଂ ଗାଡ଼ିକୁ ସାମିଲ କରାଯାଇଛି। ଏଗୁଡ଼ିକୁ କଟକ, ପୁରୀ ସହ ଭୁବନେଶ୍ୱର ରେଳଷ୍ଟେଶନରେ ବ୍ୟବହାର କରାଯିବ। ଗାଡ଼ିଗୁଡ଼ିକ ବ୍ୟାଟେରି ପରିଚାଳିତ ଏବଂ ଏହା ପରିବେଶ ଉପଯୋଗୀ। ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ସେଗ୍‌ୱେ ପ୍ରଣାଳୀ ଦ୍ୱାରା ଷ୍ଟେଶନରେ କାର୍ଯ୍ୟ କରିବା ସମୟରେ ଗୋଟିଏ ପ୍ଲାଟଫର୍ମରୁ ଅନ୍ୟ ପ୍ଲାଟଫର୍ମକୁ ଖୁବ୍ କମ୍ ସମୟରେ ଯାଇପାରିବେ। ଏହାସହ ଯାତ୍ରୀ ଭିଡ଼କୁ ଅତି ସହଜରେ ପରିଚାଳନା କରିପାରିବେ। ରେଳ ସମ୍ପତ୍ତିର ସୁରକ୍ଷା ଓ ଯାତ୍ରୀ ନିରାପତ୍ତା ପ୍ରତି ବିଶେଷ ଧ୍ୟାନ ଦେବାରେ ☞ପୃଷ୍ଠା–୧୩

# ଧାନ କିଣାରେ ମଧ୍ୟସ୍ଥ ଉଚ୍ଛେଦ

- ମୁଲତବୀ ପ୍ରସ୍ତାବରେ ଉତ୍ତର ଦେଲେ ସମବାୟ ମନ୍ତ୍ରୀ
- ସୁଫଳ ପାଇଁ ମାଗିଲେ ୩ ମାସ ସମୟ

**ଭୁବନେଶ୍ୱର,୧୯।୧୧(ବ୍ୟୁରୋ)**

ପଶ୍ଚିମ ଓଡ଼ିଶାର ୭ଟି ଜିଲାର ୮୫୧ ପ୍ୟାଡି ପ୍ରୋକ୍ୟୁରମେଣ୍ଟ ସେଣ୍ଟର(ପିପିସି) ମଧ୍ୟରୁ ୩୪୭ଟି କେନ୍ଦ୍ରରୁ ଧାନ କ୍ରୟ ପାଇଁ ଟୋକନ୍ ଦିଆଯାଇସାରିଛି। ଏହିପରି ଭାବେ ଚଳିତ ମାସ ୧୯(ମଙ୍ଗଳବାର) ସୁଦ୍ଧା ଚାଷୀଙ୍କୁ ୨୬,୫୪୩ ଟୋକନ୍ ଦିଆଯାଇସାରିଛି। ୧୫,୫୪,୦୧୭ କୁଇଣ୍ଟାଲ ଧାନ କ୍ରୟ ପାଇଁ ଟୋକନ୍ ଦିଆଯାଇଛି। ସେଥିମଧ୍ୟରୁ କେବଳ ୨୪ ଜଣ ଚାଷୀଙ୍କଠାରୁ ୧୨୭୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିବା ଜଣାପଡ଼ିଛି। ସମବାୟ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମଙ୍ଗଳବାର ବିଧାନସଭାରେ ଏହି ତଥ୍ୟ ରଖିଛନ୍ତି। ଭାଜପା ସଦସ୍ୟ ଜୟନାରାୟଣ ମିଶ୍ର, ମୁକେଶ ମହାଲିଙ୍ଗ ଏବଂ ଶଙ୍କର ଓରାମଙ୍କ ଦ୍ୱାରା ଆଗତ ମୁଲତବୀ ପ୍ରସ୍ତାବ 'ରାଜ୍ୟରେ ଧାନକିଣାରେ ସରକାର ସମ୍ପୂର୍ଣ୍ଣ ବିଫଳ'ର ଉତ୍ତର ରଖି ରଣେନ୍ଦ୍ର ଏହା କହିଛନ୍ତି।

☞ପୃଷ୍ଠା–୧୩

## ବିଧାୟକଙ୍କ ଘର ଆଗରେ ଧାନ ରଖି ଆନ୍ଦୋଳନ

**ବରଗଡ଼ ଅଫିସ୍/ସମ୍ବଲପୁର,୧୯।୧୧**

ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ରାଜ୍ୟ ସରକାରଙ୍କ ନୂଆ ଟୋକନ ବ୍ୟବସ୍ଥା ବିରୋଧରେ ପଶ୍ଚିମ ଓଡିଶାରେ ଚାଷୀ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ମଙ୍ଗଳବାର ଚାଷୀମାନେ ବିଭିନ୍ନ ସରକାରୀ ଅଫିସରେ ତାଲା ପକାଇ ଦେଇଥିବା ବେଳେ ରାସ୍ତାକୁ ଓହ୍ଲାଇବା ପାଇଁ ସଜବାଜ ହେଉଥିବା ସୂଚନା ମିଳିଛି। ବରଗଡ଼ ଜିଲାର ବରଗଡ଼, ଭେଡ଼େନ, ଅତାବିରା ସମେତ ବିଭିନ୍ନ ଅଞ୍ଚଳରେ ଚାଷୀମାନେ ଆନ୍ଦୋଳନ କରିଛନ୍ତି। ଅତାବିରାରେ ସେମାନେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ଅତିରିକ୍ତ ସମବାୟ ନିବନ୍ଧକ ଭକ୍ତବନ୍ଧୁ ସାହୁଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି। ଅନ୍ୟପକ୍ଷେ ବରଗଡ଼ ଜିଲାପାଳଙ୍କ ଅଫିସରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲେ ମଧ୍ୟ ଚାଷୀ ପ୍ରତିନିଧିମାନେ ଟୋକନ ବ୍ୟବସ୍ଥାକୁ ଜୋରଦାର ବିରୋଧ କରିବାରୁ କୌଣସି ନିର୍ଯ୍ୟାସ ବାହାରିପାରି ନ ଥିଲା। ଏହାର ପ୍ରତିବାଦରେ ବୁଧବାର କୃଷକ ସଙ୍ଗଠନ ପକ୍ଷରୁ ଅତାବିରା ବନ୍ଦ ଡାକରା ଦିଆଯାଇଛି। ସେହିପରି ସମ୍ବଲପୁରରେ ଚାଷୀମାନେ ଅନୁରୂପ ଆନ୍ଦୋଳନ ଚଳାଇଛନ୍ତି। ସେମାନେ ମଙ୍ଗଳବାର ରେଙ୍ଗାଲି ବିଧାୟକ ନାଉରୀ ନାଏକ, ରେଢାଖୋଲ ବିଧାୟକ ରୋହିତ ପୂଜାରୀ ଓ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ଘର ଆଗରେ ଧାନ ରଖି ପ୍ରତିବାଦ ଜଣାଇଛନ୍ତି ।



ରେଙ୍ଗାଲି ବିଧାୟକଙ୍କ ବାସଭବନ ଆଗରେ ଆନ୍ଦୋଳନରତ ଚାଷୀ।

- ଖରିଫ ଧାନ ସଂଗ୍ରହ ୨୦୧୯-୨୦

# ଆଗୁଆ ହେବ ଟୋକନ୍ ବ୍ୟବସ୍ଥା

**ଭୁବନେଶ୍ୱର,୧୯।୧୧(ବ୍ୟୁରୋ)**

ଚଳିତ ଆର୍ଥିକ ବର୍ଷ(୨୦୧୮-୧୯)ରେ ଧାନ ସଂଗ୍ରହ ପାଇଁ ଆଗୁଆ ଟୋକନ୍ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି। ଧାନ ସଂଗ୍ରହ କାର୍ଯ୍ୟକୁ ସ୍ୱଚ୍ଛତା, ଶୃଙ୍ଖଳା ଓ ପାରଦର୍ଶିତା ସହ ସମ୍ପାଦନ କରିବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ସମ୍ପୃକ୍ତ ଜିଲା ପ୍ରଶାସନ ଏବଂ ସମବାୟ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି। ଅନିୟମିତତା ରୋକିବାରେ ଟୋକନ୍ ବ୍ୟବସ୍ଥା ସଫଳ ହେବ ବୋଲି ରାଜ୍ୟ ପ୍ରଶାସନ ପକ୍ଷରୁ କୁହାଯାଇଛି।

ଧାନ ସଂଗ୍ରହର ଧାର୍ଯ୍ୟ ସମୟ ପୂର୍ବରୁ ସେମାନଙ୍କ ବିକ୍ରି ଯୋଗ୍ୟ ଧାନ ସହ ସମ୍ପୃକ୍ତ ମଣ୍ଡିରେ ଉପସ୍ଥିତ ରହିବା ପାଇଁ ଏସ୍‌ଏମ୍‌ଏସ୍ ମାଧ୍ୟମରେ ଚାଷୀଙ୍କ ପଞ୍ଜୀକୃତ ନମ୍ବରକୁ ବାର୍ତ୍ତା ☞ପୃଷ୍ଠା–୧୩

# ରାଜ୍ୟର ୧୯ ନଦୀ ପ୍ରଦୂଷିତ

**ଭୁବନେଶ୍ୱର,୧୯।୧୧(ବ୍ୟୁରୋ)**

ରାଜ୍ୟରେ ପ୍ରବାହିତ ନଦୀଗୁଡିକ ମଧ୍ୟରୁ ୧୯ଟି ନଦୀରେ ସହରାଞ୍ଚଳର ନାଳନର୍ଦ୍ଦମା ପାଣି ମିଶିବା ଯୋଗୁ ଏହା ପ୍ରଦୂଷିତ ହୋଇଥିବା ସରକାରଙ୍କ ପକ୍ଷରୁ ଚିହ୍ନଟ କରାଯାଇଛି। ଭୁବନେଶ୍ୱରର ଗଙ୍ଗୁଆ ଓ ଦୟା ନଦୀ, ରାଉରକେଲାରୁ ବିରିତୋଲ ଯାଇଥିବା ବ୍ରାହ୍ମଣୀ ନଦୀ, ଗୁରାଡିହ ନଳା, ପୁରୀ ନିକଟ ମଙ୍ଗଳା, ନାଗାବଳୀ, କାଠଯୋଡ଼ି, ସେରୁଆ, ରତ୍ନଚିରା, ନନ୍ଦିରା ଜୋର, କୁଆଖାଇ, ମହାନଦୀ, ଋଷିକୁଲ୍ୟା, ବାଙ୍ଗୁରୁ ନଳା, ଭେଡ଼େନ, କୁସୁମୀ, ଲୁଣା, ସାବୁଲିଆ ଏବଂ ବୁଢାବଳଙ୍ଗ ନଦୀ ବର୍ତ୍ତମାନ ପ୍ରଦୂଷିତ ଥିବା ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସୂଚନା ଦେଇଛନ୍ତି। ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଆରୁଖ କହିଛନ୍ତି ଯେ, ନଦୀ ତଟବର୍ତ୍ତୀ ସମସ୍ତ ସହରାଞ୍ଚଳରେ ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ସ୍ଥାପନ କରାଯିବା ବାଧ୍ୟତାମୂଳକ ନୁହେଁ। ମାତ୍ର ନଦୀ ନିକଟବର୍ତ୍ତୀ ସହର ଯଥା ଭୁବନେଶ୍ୱର, କଟକ, ସମ୍ବଲପୁର, ତାଳଚେର ଏବଂ ରାଉରକେଲା ସହରରେ ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ଓଡବ୍ଲ୍ୟୁଏସ୍‌ଏସ୍‌ବି ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଛି। ଭୁବନେଶ୍ୱର, ବାରିପଦା, ବ୍ରହ୍ମପୁର, ସମ୍ବଲପୁର, ପୁରୀ ଏବଂ ରାଉରକେଲା ଆଦି ୬ଟି ସହରରେ ସେପଟେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ କାର୍ଯ୍ୟକ୍ଷମ କରାଯାଇଛି। ଅନ୍ୟ ଦୁଇଟି ସହର ଯଥା, କଟକ ଓ ବାଲେଶ୍ୱରରେ ନିର୍ମାଣ କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହାସହ ୨୯ଟି ସହରରେ ସେପଟେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ କରିବା ପାଇଁ ପଦକ୍ଷେପ ନିଆଯାଉଛି। ସହରାଞ୍ଚଳର କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀର ଉଲ୍ଲଂଘନ କରିଥିବା ସହରର ପୌର କର୍ତ୍ତୃପକ୍ଷଙ୍କ ବିରୋଧରେ ମକଦ୍ଦମା ରୁଜୁ କରାଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସମ୍ବଲପୁର, ଜୁନାଗଡ, ପୁରୀ ଓ କଟକ ପୌର କର୍ତ୍ତୃପକ୍ଷଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଛନ୍ତି।

# ୨୦୨୪ ସୁଦ୍ଧା ସବୁ ଗାଁକୁ ପାନୀୟ ଜଳ ଯୋଗାଣ

**ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)**



- ପିଇବା ପାଣି ଯୋଗାଣକୁ ନେଇ ବିଧାନସଭାରେ ଉଦ୍‌ବେଗ
- ରାଜ୍ୟର ୫୦ ପ୍ରତିଶତ ଲୋକଙ୍କୁ ମିଳୁନି ପିଇବା ପାଣି
- ୨୦୨୦ ସୁଦ୍ଧା ସମସ୍ତ ସହରାଞ୍ଚଳକୁ ପାଇପ୍ ଯୋଗେ ଯୋଗାଯିବ ପାନୀୟ ଜଳ

୨୦୨୦ ମାର୍ଚ୍ଚ ସୁଦ୍ଧା ରାଜ୍ୟର ସମସ୍ତ ସହରାଞ୍ଚଳକୁ ପାଇପ୍ ଯୋଗେ ପିଇବା ପାଣି ଯୋଗାଇ ଦିଆଯିବ। ୨୦୨୪-୨୫ ସୁଦ୍ଧା ସମସ୍ତ ଗ୍ରାମାଞ୍ଚଳକୁ ପିଇବା ପାଣି ଯୋଗାଇ ଦିଆଯିବ। ମଙ୍ଗଳବାର ପ୍ରଶ୍ନୋତ୍ତର ବେଳେ ଏହି ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ମୂଳ ପ୍ରଶ୍ନରେ ରାଜ୍ୟରେ କେତୋଟି ଗ୍ରାମକୁ ପାଇପ୍ ପାଣି ଯୋଗାଇ ଦିଆଯାଇଛି। କୋରାପୁଟ ଜିଲାରେ କେତେ ଗ୍ରାମରେ ଯୋଗାଇ ଦିଆଯିବାର ବ୍ୟବସ୍ଥା ହେଉଛି। ଏହି ଜିଲାର ବହୁ ପ୍ରକଳ୍ପ ଅଚଳ ହୋଇପଡିଛି କି ବୋଲି ପଚାରିଥିଲେ। ମନ୍ତ୍ରୀ କହିଥିଲେ, ରାଜ୍ୟରେ ୪୭ ହଜାର ୩୬୬ ଗ୍ରାମରୁ ୧୯ ହଜାର ୫୦୪ଟି ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଛି। କୋରାପୁଟ ଜିଲାର ୧ ହଜାର ୯୩୨ ଗ୍ରାମରୁ ୫୪୮ ଗ୍ରାମକୁ ପାନୀୟ ଜଳ ଯୋଗାଇ ଦିଆଯାଉଛି। କୋରାପୁଟରେ ୪୯୧ଟି ପ୍ରକଳ୍ପ ମଧ୍ୟରୁ ୭ଟି ସାମୟିକ ଭାବେ ଅଚଳ ରହିଛି। ଏହାକୁ ମରାମତି କରାଯିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ କହିଥିଲେ। ଅତିରିକ୍ତ ପ୍ରଶ୍ନରେ ତାରା କହିଥିଲେ ଯେ, ରାଜ୍ୟରେ ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ପାଇପ୍ ଯୋଗେ ପାନୀୟ ଜଳ ପ୍ରକଳ୍ପ ଅଚଳ ରହିଛି। ଯେଉଁ ତଥ୍ୟ ଦିଆଯାଇଛି ତାହା ସମ୍ପୂର୍ଣ୍ଣ ଅସତ୍ୟ। ବିଭାଗ ପକ୍ଷରୁ ଏକ ଟିମ୍ ପଠାଇ ପରିସ୍ଥିତି ଦେଖିବେ କି। ଖରାପ ହୋଇଥିବା ନଳକୂପ ସଜାଡ଼ିବା ପାଇଁ ବ୍ୟବସ୍ଥା କରିବେ କି ବୋଲି ପ୍ରଶ୍ନ କରିଥିଲେ। ସେହିପରି କଂଗ୍ରେସ ସଭ୍ୟ ନରସିଂହ ମିଶ୍ର, ସନ୍ତୋଷ ସିଂ ସାଲୁଜା, ବିଜେଡି ସଭ୍ୟ ପ୍ରଦୀପ ମହାରଥୀ, ଅତନୁ ସବ୍ୟସାଚୀ ନାୟକ, ପ୍ରଦୀପ କୁମାର ଅମାତ, ଭାଜପା ସଭ୍ୟ ବିଷ୍ଣୁ ଚରଣ ସେଠୀ, କୁସୁମ ଟେଟେ ପ୍ରମୁଖ ରାଜ୍ୟର ପାନୀୟ ଜଳ ଯୋଗାଣକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ଯେତେବେଳେ ପ୍ରଶ୍ନ କରାଯାଉଛି ମନ୍ତ୍ରୀ ଚିରାଚରିତ ଢଙ୍ଗରେ ତୁରନ୍ତ ମରାମତି କରାଯିବ ବୋଲି କହୁଛନ୍ତି। ୪୭ ହଜାର ଗାଁରୁ ମାତ୍ର ୧୯ ହଜାର ଗାଁକୁ ପାନୀୟ ଜଳ ଯୋଗାଇ ଦିଆଯାଇଛି। ଅବଶିଷ୍ଟ ଗାଁକୁ କେବେ ସୁଦ୍ଧା ପାନୀୟ ଜଳ ଯୋଗାଣ କରାଯିବ। ପ୍ରତାପ ବାବୁ ଶ୍ରେଷ୍ଠ ମନ୍ତ୍ରୀ ପୁରସ୍କାର ପାଇଛନ୍ତି। ନବୀନ ବାବୁଙ୍କ ନାଁ ନେଇ ଖସିଯିବାକୁ ଚେଷ୍ଟା ନ କରନ୍ତୁ। ୨୦୨୦ ସୁଦ୍ଧା ସମସ୍ତଙ୍କୁ ପାନୀୟ ଜଳ ଯୋଗାଇ ଦେବାକୁ ମନ୍ତ୍ରୀ ଘୋଷଣା କରିଥିଲେ। ଏ ପର୍ଯ୍ୟନ୍ତ କେତେ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଇଛି। ଗ୍ରାମାଞ୍ଚଳ ପାନୀୟ ଜଳ ଯୋଗାଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର କେତେ ଟଙ୍କା ଯୋଗାଇ ଦେଉଛନ୍ତି। ସୌରଶକ୍ତିଚାଳିତ ପ୍ରକଳ୍ପଗୁଡିକ ଅଚଳ ହୋଇପଡିଛି। ସେଗୁଡିକୁ କେବେ ସୁଦ୍ଧା ମରାମତି କରାଯିବ। ନଳକୂପ ମରାମତି କରୁଥିବା କର୍ମଚାରୀମାନେ ସେମାନଙ୍କ ପାଉଣା ପାଉନାହାନ୍ତି। କେବେ ସୁଦ୍ଧା ସେମାନଙ୍କୁ ପାଉଣା ମିଳିବ ବୋଲି ଉଭୟ ଶାସକ ଓ ବିରୋଧୀ ଦଳର ସଦସ୍ୟମାନେ ପ୍ରଶ୍ନ କରିଥିଲେ। ଏପରି କି ଲୋକମାନଙ୍କୁ ଟୋପେ ବିଶୁଦ୍ଧ ପିଇବା ପାଣି ମିଳୁ ନ ଥିବା ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ବାଚସ୍ପତି କହିଥିଲେ ଯେ ସଦସ୍ୟମାନେ ନିଜ ଅଞ୍ଚଳର ସମସ୍ୟା ଲିଖିତ ଭାବେ ମନ୍ତ୍ରୀଙ୍କୁ ଦେଇଦିଅନ୍ତୁ।

ମନ୍ତ୍ରୀ ଉତ୍ତରରେ କହିଥିଲେ ଯେ ୨୦୨୦ ସୁଦ୍ଧା ରାଜ୍ୟର ସମସ୍ତ ଗାଁକୁ ନୁହେଁ, ସହରକୁ ପାଣି ଯୋଗାଇ ଦିଆଯିବ ବୋଲି ଘୋଷଣା କରାଯାଇଛି। ଏହି ଅନୁଯାୟୀ କାର୍ଯ୍ୟ ଚାଲିଛି। ପାନୀୟ ଜଳ ଯୋଗାଣ ପାଇଁ ଯେତିକି ପ୍ରକଳ୍ପ କାର୍ଯ୍ୟ ଚାଲିଛି ରାଜ୍ୟର ୬୫ ପ୍ରତିଶତ ଲୋକଙ୍କୁ ପାଇପ୍ ଯୋଗେ ପିଇବା ପାଣି ମିଳିପାରିବ। କେନ୍ଦ୍ର ସରକାରଙ୍କ ଅନୁଦାନ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ଗତ ୫ ବର୍ଷ ମଧ୍ୟରେ ରାଜ୍ୟ ସରକାର ନିଜ ଅଂଶଧନ ବାବଦରେ ୭ ହଜାର ୨୨୧ କୋଟି ଟଙ୍କା ଦେଇଥିବାବେଳେ କେନ୍ଦ୍ର ସରକାର ମାତ୍ର ୫୪୯ କୋଟି ଟଙ୍କା ଦେଇଛନ୍ତି। ୨୦୧୫-୧୬ରେ ରାଜ୍ୟ ସରକାର ୬୬୮କୋଟି ଟଙ୍କା ପାନୀୟ ଜଳ ପ୍ରକଳ୍ପ ପାଇଁ ଦେଇଥିବାବେଳେ କେନ୍ଦ୍ର ସରକାର ୯୩ କୋଟି, ୨୦୧୬-୧୭ରେ ରାଜ୍ୟ ସରକାର ୭୫୨ ଓ କେନ୍ଦ୍ର ସରକାର ୧୨୨, ୨୦୧୭-୧୮ରେ ରାଜ୍ୟ ସରକାର ୮୭୭ ଓ କେନ୍ଦ୍ର ସରକାର କେବଳ ୭୮ ଏବଂ ୨୦୧୮-୧୯ରେ ରାଜ୍ୟ ସରକାର ୧୬୫୬ ଓ କେନ୍ଦ୍ର ସରକାର ୧୧୫ କୋଟି ଟଙ୍କା ଅନୁଦାନ ଦେଇଛନ୍ତି।




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ: ......................................
ଜନ୍ମ ତାରିଖ: ......................................


ଶ୍ରୀ
ପରିବାରବର୍ଗ


ଶଙ୍କର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### ପେପର ହକର କମଲ ବାଗ୍ ହତ୍ୟା ଘଟଣାର ପର୍ଦ୍ଦାଫାଶ

# ହତ୍ୟାକରି କୂଅକୁ ଫିଙ୍ଗି ଦେଇଥିଲେ

### ଯୁବତୀଙ୍କ ମା,' ବାପାଙ୍କ ସହ ୫ ଗିରଫ

### କାଠଫାଳିଆରେ ପିଟି ମାରିଦେଇଥିଲେ

**କଣ୍ଟାବାଞ୍ଜି, ୧୯।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଆଶ୍ରମପଡାରେ ଘଟିଥିବା ପେପର ହକର କମଲ ବାଗ(୨୫) ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ଗ୍ରାମର ଜଣେ ଯୁବତୀଙ୍କ ପରିବାର ଲୋକେ ତାଙ୍କୁ ହତ୍ୟା କରିଥିଲେ। ହତ୍ୟାକୁ ଭିନ୍ନ ରୂପ ଦେବା ପାଇଁ ଘରକୁ ଲାଗିକରି ଥିବା ରାଧାସ୍ୱାମୀ ସତ୍‌ସଙ୍ଗ ଆଶ୍ରମ ପଛପଟ କୂଅରେ ମୃତଦେହ ପକାଇ ଦେଇଥିଲେ। ଏହି ଘଟଣାରେ ସମ୍ପୃକ୍ତ ଯୁବତୀଙ୍କ ମା', ବାପା, କାକା, ଭାଇଙ୍କ ସମେତ ୫ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଯୁବତୀଙ୍କ ମା' ପୁଷ୍ପା ସୁନା (୩୫), ବାପା ଦୁର୍ଜେ ସୁନା(୪୦), ଭାଇ ଗଗନ ସୁନା(୧୯), ବଡବାପା ରଘୁନାଥ ଓରଫ ମଣ୍ଟୁ ସୁନା(୪୬) ଓ କକା ରାଜନ ସୁନା(୩୫)। ହତ୍ୟାକାଣ୍ଡରେ ବ୍ୟବହୃତ କାଠଫାଳିଆ ଜବତ ହୋଇଛି। ମଙ୍ଗଳବାର କଣ୍ଟାବାଞ୍ଜି ଏସ୍‌ଡିପିଓଙ୍କ ଅଫିସ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ପି ସନ୍ଦୀପ ମାଡକର।

ତାଙ୍କ ସୂଚନା ଅନୁସାରେ, ପେପର ହକର କମଲ ବାଗ୍ ବିଭିନ୍ନ ଖବର କାଗଜର ବିତରକ ଭାବେ କାମ କରୁଥିଲେ। ଗତ ୧୧ତାରିଖ ରାତିରୁ ହଠାତ୍ ସେ ନିଖୋଜ ହୋଇଥିବା ନେଇ ଥନାରେ ତାଙ୍କ ବଡଭାଇ ନୀଳକଣ୍ଠ ବାଗ ଅଭିଯୋଗ କରିଥିଲେ। ନିଖୋଜର ପାଞ୍ଚଦିନ ପରେ କମଲଙ୍କ ଗଳିତ ମୃତଦେହ ଆଶ୍ରମପଡାସ୍ଥିତ ରାଧାସ୍ୱାମୀ ସତ୍‌ସଙ୍ଗ ଆଶ୍ରମ ପଛପଟେ ଥିବା ଏକ ପରିତ୍ୟକ୍ତ କୂଅରୁ ଉଦ୍ଧାର କରାଯାଇଥିଲା। ପରିବାର ଲୋକେ ମୃତଦେହ ଚିହ୍ନଟ ପରେ ତାଙ୍କୁ ଯୋଜନାବଦ୍ଧଭାବେ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ଘଟଣା ଦିନ ମଧ୍ୟରାତିରେ ଆଶ୍ରମପଡାସ୍ଥିତ ଯୁବତୀଙ୍କ ଘର ପାଖକୁ କମଲ ଯାଇଥିଲେ। ଯୁବତୀଙ୍କ ମା' ବିଳମ୍ବିତ ରାତିରେ ଘରର ଛାତ ଉପରକୁ ଯାଇଥିଲେ। ଏହି ସମୟରେ ଛାତ ଉପରେ କମଲ ଓ ଯୁବତୀ ଜଣକ ବିରିୟାନି ଖାଉଥିଲେ। ସେମାନଙ୍କୁ ଦେଖି ମା' ପୁଷ୍ପା ସୁନା (୩୫) ଚିତ୍କାର କରିଥିଲେ। ପାଟି ଶୁଣି ପୁଷ୍ପାଙ୍କ ସ୍ୱାମୀ ଦୁର୍ଜେ, ପୁଅ ଗଗନ, ଦେଢଶୁର ରଘୁନାଥ ଓ ଦିଅର ରାଜନ ଛାତ ଉପରକୁ ଆସିଥିଲେ। କ୍ରୋଧର ବଶବର୍ତ୍ତୀ ହୋଇ ସେମାନେ ସଂଘବଦ୍ଧଭାବେ କାଠ ଫାଳିଆରେ କମଲଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରେ ସେମାନେ ମୃତଦେହକୁ ଘର ପଛରେ ଥିବା ସତ୍‌ସଙ୍ଗ ଆଶ୍ରମ ପଛପଟେ ଥିବା ପରିତ୍ୟକ୍ତ କୂଅରେ ପକାଇ ଦେଇଥିଲେ।


କମଲ ବାଗ୍ ଫାଇଲ ଫଟୋ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ପ୍ରତ୍ୟେକ କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ଆର୍ଥିକ ସ୍ଥିତି ପୂର୍ବପରି ରହିବ ଏବଂ ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବରଟିଏ ପାଇ ଖୁସି ଅନୁଭବ କରିବେ। ସାଧାରଣ ତର୍କଜନିତ ବିବାଦରୁ ଦୂରେଇ ରହିବା ଭଲ ହେବ। ପାରିବାରିକ ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରନ୍ତୁ ନଚେତ୍ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ।

**ବୃଷ**
ଦୃଢ଼ ମନୋବଳ ଯୋଗୁ ଯେକୌଣସି ପରିସ୍ଥିତିରେ ମଧ୍ୟ ପଛକୁ ଫେରି ଚାହିଁବେ ନାହିଁ। ଆରମ୍ଭ କରିଥିବା ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ବନ୍ଧୁଙ୍କୁ କର୍ମକ୍ଷେତ୍ରରେ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିପାରନ୍ତି। ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ ଏବଂ ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

**ମିଥୁନ**
ଦୈହିକ ସୁସ୍ଥତା ସାଙ୍ଗକୁ ବନ୍ଧୁମାନଙ୍କ ସହାନୁଭୂତି କାମ ପାଇଁ ପ୍ରେରଣ ଯୋଗାଇବ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ଆନୁଷଙ୍ଗିକ ସାହାଯ୍ୟ ମଧ୍ୟ ପାଇବେ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ, ଯାହାକି ସମସ୍ୟାର କାରଣ ହୋଇପାରେ।

**କର୍କଟ**
ପରିସ୍ଥିତି ବଦଳି ଯାଇଥିବାରୁ ଆଶା କରିଥିବା ଦିଗରୁ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। କର୍ମକ୍ଷେତ୍ରରେ ପରିଶ୍ରମ ଅଧିକ ହେଲେ ମଧ୍ୟ ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିବାରେ ସମର୍ଥ ହେବେ। ବ୍ୟବସାୟ, ପରିବହନ, ବାଣିଜ୍ୟରେ ଲାଭାନ୍ୱିତ ହେବେ କିନ୍ତୁ ସହକର୍ମୀ ଫାଇଦା ଉଠାଇବା ପାଇଁ ଚେଷ୍ଟା କରିପାରନ୍ତି।

**ସିଂହ**
ନିଜର କଠିନ ଅଧ୍ୟବସାୟ ଓ ସାଧନା ହେତୁକ ସାମାଜିକ ସ୍ତରରେ ସମ୍ମାନ ଲାଭ କରିପାରନ୍ତି। ବନ୍ଧୁମାନଙ୍କ ସହାୟତା ପୂର୍ଣ୍ଣରୂପେ ରହିଥିବାରୁ ବାଣିଜ୍ୟ, ବ୍ୟବସାୟ ଓ ପରିବହନ ବାଧାପ୍ରାପ୍ତ ହେବ ନାହିଁ। କଠିନ ଶ୍ରମଜନିତ ଅସୁସ୍ଥତା ଅନୁଭବ କରିପାରନ୍ତି। ନିକଟ ସମ୍ପର୍କୀୟଙ୍କଠାରୁ ପ୍ରେରଣା ପାଇ ଖୁସି ହେବେ।

**କନ୍ୟା**
ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିପାରନ୍ତି। ବହୁପୂର୍ବରୁ ଲାଗି ରହିଥିବା ରୋଗ, ଋଣ ଓ ପରୋକ୍ଷ ଶତ୍ରୁତାର ଦାଉ ଅସମ୍ଭାଳ ହୋଇପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ମିଥ୍ୟା ଅଭିଯୋଗ ସକାଶେ ବିରକ୍ତି ପ୍ରକାଶ କରିବେ। ଅଭାବ ଓ ଅସୁବିଧାକୁ ନେଇ ପରିବାରରେ ଅଶାନ୍ତି ଦେଖାଦେଇପାରେ।

**ତୁଳା**
କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଅର୍ଥ ସଂକଟର ଦୂରୀକରଣ ନିମିତ୍ତ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଅଫିସ କାମରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଭୁଲ୍ ବୁଝାମଣା ଓ ବୃଥା ସନ୍ଦେହ କାରଣରୁ ପାରିବାରିକ ଅଶାନ୍ତିଜନିତ ଅନ୍ୟମନସ୍କ ରହିପାରନ୍ତି।

**ବିଛା**
ଅତୀତର କୌଣସି ଘଟଣା କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ଆଗାମୀ ସମୟରେ ହେବାକୁ ଥିବା ମାଙ୍ଗଳିକ କାର୍ଯ୍ୟ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। କୌଣସି ବିଷୟକୁ ନେଇ ମନରେ ବାରମ୍ବାର ଆଲୋଡନଜନିତ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ ହୋଇଯାଇପାରେ।

**ଧନୁ**
କର୍ମକ୍ଷେତ୍ରର ସମସ୍ୟା ସମାଧାନ ଦିଗରେ ଯଥାସାଧ୍ୟ ଉଦ୍ୟମ କରି ବିଫଳ ହୋଇପାରନ୍ତି। କିନ୍ତୁ ପାରିବାରିକ ସ୍ତରରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇପାରିବ । ଏଣେ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ କାର୍ଯ୍ୟ ସମ୍ପନ୍ନର ଆଶା ମଉଳି ଯାଇପାରେ। ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ।

**ମକର**
ଆପଣଙ୍କ ପରିସ୍ଥିତିକୁ ହୃଦୟଙ୍ଗମ କରି ଜଣେ ବନ୍ଧୁ ସହାନୁଭୂତି ପୂର୍ବକ ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେବେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡା ତଥା ଚଳଚ୍ଚିତ୍ର ପ୍ରଭୃତି ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ପାରିବାରିକ କ୍ଷେତ୍ରରେ ବୃଥା ସନ୍ଦେହ ଓ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବାର ସମ୍ଭାବନା ରହିଛି ।

**କୁମ୍ଭ**
ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବା କାରଣରୁ ମାନସିକ ସ୍ତରରେ ପ୍ରସନ୍ନତା ଅନୁଭବ କରିବେ। କିନ୍ତୁ ଈର୍ଷାପରାୟଣ ବ୍ୟକ୍ତିମାନଙ୍କ ଦ୍ୱାରା ସାମାଜିକ ସ୍ତରରେ ଅସମ୍ମାନିତ ହୋଇପାରନ୍ତି। ଆଜି ବନ୍ଧୁମାନଙ୍କ ସହ ଭ୍ରମଣ ସୁଯୋଗ ଜୁଟିପାରେ। ବ୍ୟବସାୟ ଓ ପରିବହନରେ ଶିଥିଳତା କାରଣରୁ ସାମୟିକ ବିଷାଦ ରହିପାରନ୍ତି।

**ମୀନ**
କର୍ମକ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟ ନେଇ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ପୂଜାପାର୍ବଣ ମଉକାରେ ବନ୍ଧୁମିଳନ ମନକୁ ସାମୟିକ ହାଲୁକା କରିଦେଇପାରେ। କେତେକ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ସାମାଜିକ ସ୍ତରରେ ବୁଝାମଣା ଠିକ୍ ରହିବ ।

ଆଜି ମାର୍ଗଶିର କୃଷ୍ଣପକ୍ଷର ପ୍ରଥମାଷ୍ଟମୀ ବୁଧବାର, ଦିବା ଘ୧।୩୦ମି. ପରେ କାଞ୍ଜିଅଁଳା ନବମୀ, ଶ୍ରୀଲିଙ୍ଗରାଜ ଦେବଙ୍କ ଯାତ୍ରା, ନଭେମ୍ବର ୨୦ ତାରିଖ, ରାଶି ନକ୍ଷତ୍ର-ମଘା/ସିଂହ, କର୍କଟ ରାଶିର ଘାତବାର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ନବମୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ୭।୨୯ମି. ଗତେ ଘ୮।୧୩ମି. ମଧ୍ୟେ ଅମୃତବେଳା। ଘ୧୦।୨୨ମି. ଗତେ ଘ୧୧।୪୮ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ୧୧।୩୨ମି. ଗତେ ଘ୧୨।୫୪ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




### BRIDE WANTED

Brahmin son DOB 15.12.1994, 5'6", B.Tech CSE Software Engineer in Mumbai, Bhanjanagar (Gm) 7735217172, 8763379359. D-15311

Son age 30 B.Tech, M.Tech NIT Bhopal Phd IIT Hyderabad working Scientist Govt. of India (Caste-no-bar) 8144589551. D-15314

ମାଟିବଂଶ ଜାତିର ପାତ୍ର ପାଇଁ ଗ୍ରାଜୁଏଟ୍ ବା ତଦୂର୍ଦ୍ଧ୍ୱ ପାତ୍ରୀ ଆବଶ୍ୟକ। ଫୋନ୍ : 6370055042. D-15264

ତେଲୀପାତ୍ର 55½, କମ୍ପାନୀ ଚାକିରି, ମାଟ୍ରିକ (ଘରଜୋଇଁଆ ପ୍ରଯୁଜ୍ୟ): 7377316197. D-67253

Divorcee groom Bank manager 41, TCS 38, Clerk 43-7873374269. D-68607

ସୁରଟର ଏକ ଡାଇମଣ୍ଡ କମ୍ପାନୀରେ ଚାକିରି କରୁଥିବା ପୁରୀ ନିବାସୀ 35 ବର୍ଷୀୟ ବରପାତ୍ର ପାଇଁ, ବଣିଆ ଜାତିର ଏକ କନ୍ୟାପାତ୍ରୀ ଆବଶ୍ୟକ। ଯୋଗାଯୋଗ କରନ୍ତୁ। 9348544047, 9238600228. D-15274

Karan bride for 32/5.5"/B.Com MBA Bengali Brahmin bride for 29/5.10"/B.Tech 7978736177. D-68218

ପୁତ୍ରର ବାହାଘର ପାଇଁ ଚିନ୍ତିତ କି? Photo, Biodata ସହ ଯୋଗାଯୋଗ। "Akankshya group", 7978736177. D-68215

Wanted brahmin brides for 37/5.8"/MA BEd. and 29/5.6"/B. Tech immediately. "AKANKSHYAGROUP" 7978736177. D-68217

### GROOM WANTED

ବାଙ୍ଗାଲୋରରେ ଚାକିରି କରୁଥିବା ବ୍ରାହ୍ମଣ M.Com, 31 ବୟସର ଝିଅ ପାଇଁ ପୁଅ ଆବଶ୍ୟକ। 8088210274. D-15312

Daughter is B.Sc, B.Ed & M.A Education, serving TGT Science, in Kendriya Vidyalaya (permanent) Dob-1986, 5.4" Danua Brahmin, fair complexion, needs boy of same caste, preferably Kendriya Vidyalay Employee/ Central Govt. Contact No: 9402475189, 9438054955 for early marriage. D-15228

ସୁନ୍ଦର କରଣ ଝିଅ 1979, PG, 5'4'' ପାଇଁ ଚାକିରିଆ, ବ୍ୟବସାୟୀ ପାତ୍ର ଆବଶ୍ୟକ। (Any caste), 8895458810. D-15266

କନ୍ୟାର ବାହାଘର ଶୀଘ୍ର କରିବାକୁ ଚାହୁଁଛନ୍ତି କି? ଭଲଭଲ ପ୍ରସ୍ତାବ ପାଇଁ। "Akankshya group", 7978736177. D-68216

Age 35, Graduate Divorcee ସୁନ୍ଦର ଖଣ୍ଡାୟତ ଝିଅଙ୍କ ପାଇଁ ଯେ କୌଣସି ଜାତିର ପୁଅ ଦରକାର। 7381460016. D-67918

Girl age 29 B.Tech NIT MBA lift Delhi working in MNC Mumbai vishwokarma Caste-no-bar 7008986005. D-15313

Now Matrimonial ads. only on Wednesday & Sunday Book 1 Get 1 FREE

**1500sqft. gharabari plots with developed 40ft. main entrance road and 30ft. internal road with park, fountain, electricity and gated boundary 9k.m from airport and 2k.m before Xavier University is immediate for sale. 9937162220.** D-68513

ଦୁଇଗୁଣ୍ଠ ଜାଗାରେ ଦୁଇମହଲା ବିଶିଷ୍ଟ ନୂତନ କୋଠାଘର ବିକ୍ରି ହେବାପାଇଁ ଅଛି। ସ୍ଥାନ- ଜଗତପୁର ମିରାମସଲା ପାଖ ମୋ.ନଂ.: ୮୧୧୭୮୮୧୫୭୮ ମୂଲ୍ୟ: ଟ.୭୫ଲକ୍ଷ ଧ-୧୫୩୧୫

**Ready to move 2BHK and 1BHK flats in 1st block out of 6 blocks (84flats) near Mount Litera Zee School Kateni (7k.m from SUM Hospital) is immediate for sale. 9937847725.** D-68512




Tastefully built 1st floor 3BR with Garage and modern facilities at H/17 Chhend 1st phase at Rourkela on main road available for rent. Interested person contact: 9937055045. D-56659

3200sqft. in 2nd floor on Janpath, Ashok Nagar, Bhubaneswar with basement parking for staffs, 2nos. 8pax lift, 2 staircases, 24hrs DG power backup. Fire protection. Suitable for MNC/Bank/ Office/Retail store/ Restaurant. Contact: 9437012533. D-15310

3store building for rent cum sale 1/2/3BHK available for family, bachelor Dhauli, Bhubaneswar. 9337730923. D-15091

3500sqft. Godown Cum Office/ Staff quarter available for rent in N-3 area of IRC Village, Nayapali, please, Contact: 9437020530, 8826869805. D-68183

2 Bedroom, 2 Toilet, Drawing, Big balcony, First floor for rent only Family opposit Stewart School Unit-8 Contact: 9437890015, 06742562487. D-67723




Rejuvenate and ayurvedic full body massage by smart therapist. 9114402304. D-68145

Kajal Ayurvedic massage club fully relaxed by smart lady, home service available-9937637219. D-67000

Ayurvedic full body massage ladies & gents smart therapist, 9040900385. D-68701

Full body herbal massage with refreshment expert therapist. 7381239385, 06742540855. D-68172

Experience full body massage with us (expert). Call: 7377048581, 06742597822. D-68173

Herbal full body massage by smart / expert therapist. Contact: 8338067247. D-68174

Summer special mesmerizing offer expert therapeutic refreshing massage appointment. 9668374480. D-68175

Ayurvedic full body massage ladies & gents smart therapist, 9668814589. D-68702

Newly open full body massage by ladies, gents therapist. 8018656899 D-60850

Ayurvedic full body massage by ladies, gents therapist. 7008773793 D-60851

Refresh your mind and soul with best therapy at Orchid Salon/Spa. 9937287222. D-68703

Refresh your body with smart and expert therapist, Contact: 6370668486. D-68182

Sai herbal Spa refresh your body with smart and expert therapist, contact: 7608062524. D-68184

Genuine body massage and SPA provide by expert. 9583125287, 7991082881. D-56660




### SALE

Scooty pep for sale 15 years renewal, Contact. 7008437072 12000/-. D-67722

### HIRE

JCB Machine Excavators 38T, 21T, 10T, 8T, Excavator & Loader- 2DX, 3DX, JCB Compactor, JCB Load all available for hire/sale. Contact immediately: 9556240228, 9937292015. Email-enquiry@kttorissa.com D-15185




### SALE

**ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରି ହେଉଛି। Project ଭିତରେ 30ft road ଦିଆଯାଇଛି। 8018474890.** D-68431

**Plot sale near AIIMS Hospital, Bhubaneswar yellow zone 30' Road- 8280037688.** D-68425

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-68416

**100ft. Revenue ପିଚୁରାସ୍ତାକୁ ଲାଗି ଘରବାରି, ବାଉଣ୍ଡାରୀ Commercial/ Residential ପ୍ଲଟ୍ 14,40,000/- ଧଉଳି ଶାନ୍ତିସ୍ତୁପ ପାଖରେ ମିଳୁଛି। 9437033320.** D-68426

**Do you want a land in Bhubaneswar, Sundarpada near Xavier University at Lowprice? Litigation free land, first possession then registration. 8847851850.** D-68413

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68177

**Bhubaneswar Pitapalli NH ପାଖରେ BDA plot 30' ରାସ୍ତାଥାଇ ମିଳୁଅଛି। 8338065148.** D-68420

3BHK brand new Duplex with three phase electricline (Ready to move) with gated community (land- 1500sqft. Construction 1600sqft. both floors), at Brahmeswar Patna is for sale. Directly buyer Contact: 9776804190. D-15241

Ready to move 2BHK/ 4BHK flat near Hotel Mayfair, Jaydev Vihar, Price Rs.5800/- per sqft. & triplex and duplex at Rangabazar near BJEM English Medium School-II. Price start Rs.47 lakhs. Contact: 9040046767, 9040007267. D-68166

ଭୁବନେଶ୍ୱର କେଶୁରା 1450/- ନଖରା 750/- କଳିଙ୍ଗବିହାର 1400/- IIT ଅରଗୁଳ 200/- ଗୁଡିଆପୋଖରୀ 750/- possession plot କିଣନ୍ତୁ। 7978641199. D-68704

3BHK duplex for sale at Gothapatana, Bhubaneswar, 2.5km from SUM Hospital 9861444497, 8917665342. D-68510

**Bhubaneswar Kesura SBI, କଲୋନୀକୁ ଲାଗି ଘରବାରି ପାଚେରୀସହ ଏବଂ Airport ଠାରୁ 5k.m. ସୁନ୍ଦରପଦାରେ plot ବିକ୍ରିହେବ। 9078736851.** D-68428

**ଭୁବନେଶ୍ୱର ପିପିଲି Tol gate ପରେ NH କୁ ଲାଗିକି Plot sqft. 650/-, 8249070901, 9438272948.** D-68430

Sale! 2BR, 1265sqft., 2bath, 2balcony, kitchen, puja. Gudiapokhari Chhaka, 7/8kms. from Rabi Talkies Square, Bhubaneswar. 9437562371. D-67254

Jaydev Vihar Bank of Baroda କୁ ଲାଗି 2BHK flat 1180/- sqft. ରେ 56,00,000/-ରେ କିଣନ୍ତୁ। 7978641199. D-68705

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଜୀତେଶି ଷଡ଼ଙ୍ଗୀ



ତନୁଶ ଦାସ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

■ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ପ୍ରଦାନ ପ୍ରସଙ୍ଗ

# ଏଣିକି କର୍ମଚାରୀଙ୍କ ହାତରେ ଦାୟିତ୍ୱ

**ଭୁବନେଶ୍ୱର,୧୯।୧୧(ବ୍ୟୁରୋ)**

ରାଜ୍ୟର ବିଭିନ୍ନ ବାସଗୃହ ଏବଂ ବିଲ୍ଡିଂ ପାଇଁ ଅଗ୍ନି ସୁରକ୍ଷା ପ୍ରମାଣପତ୍ର ଲାଗି ଆଉ ଅଗ୍ନିଶମ ସେବା ନିର୍ଦ୍ଦେଶାଳୟ ଯିବାକୁ ପଡିବନାହିଁ। ପୂର୍ବରୁ ଯେଉଁସବୁ ପଦ୍ଧତି ଚାଲି ଆସିଥିଲା ରାଜ୍ୟ ସରକାର ସେଥିରେ ପରିବର୍ତ୍ତନ ଆଣିଛନ୍ତି। ଅନ୍ୟପଟେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ପ୍ରଦାନ ପ୍ରକ୍ରିୟାକୁ ଖୁବ୍‌ଶୀଘ୍ର 'ମୋ ସରକାର' କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ଲାଗି ମଧ୍ୟ ନିଷ୍ପତ୍ତି ସରିଛି। ଏଥର ଅଗ୍ନି ବିଭାଗର କ୍ଷେତ୍ରୀୟ କର୍ମଚାରୀମାନେ ଏଥିପାଇଁ ଆବଶ୍ୟକ ଅନୁମୋଦନ ଓ ପ୍ରମାଣପତ୍ର ମଙ୍ଗଳବାରଠାରୁ ଦେଇପାରିବେ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଅଗ୍ନି ସୁରକ୍ଷା କ୍ଷେତ୍ରରେ ଅଧିକ ସଚେତନତା ଓ ସୁରକ୍ଷିତ ବ୍ୟବସ୍ଥା ପାଇଁ ବିଭିନ୍ନ ଅନୁମୋଦନ ଓ ପ୍ରମାଣପତ୍ର ପ୍ରଦାନ ଅଧିକାର କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ହାତରେ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏ ସଂକ୍ରାନ୍ତରେ ବିସ୍ତୃତ ଘୋଷଣାନାମା ପ୍ରକାଶ ପାଇଛି। ଅଗ୍ନିଶମ ବିଭାଗର କ୍ଷେତ୍ର କର୍ମଚାରୀମାନେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଏବେଠାରୁ ଦେଇପାରିବେ। ୨୦୨୦ ଜାନୁୟାରୀ ପହିଲାରୁ 'ମୋ ସରକାର' କାର୍ଯ୍ୟକ୍ରମରେ ଏହି ବ୍ୟବସ୍ଥା ଅନ୍ତର୍ଭୁକ୍ତ କରାଯିବ। ସେହିପରି ଆସନ୍ତା ଏପ୍ରିଲ ପହିଲାରୁ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ପ୍ରଦାନ ପ୍ରକ୍ରିୟା କେବଳ ଅନ୍‌ଲାଇନ ଜରିଆରେ ହିଁ ହୋଇପାରିବ ବୋଲି ନିଷ୍ପତ୍ତି ହୋଇଛି।

■ଜାନୁୟାରୀରୁ ମୋ ସରକାର କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ

■ଏପ୍ରିଲ ପହିଲାରୁ ସମ୍ପୂର୍ଣ୍ଣ ଅନ୍‌ଲାଇନ ବ୍ୟବସ୍ଥା

ସରକାରଙ୍କ ପକ୍ଷରୁ କୋଠାବାଡି, ହୋଟେଲ ଆଦି କ୍ଷେତ୍ରରେ କେଉଁ ଅଧିକାରୀ ଦାୟିତ୍ୱ ନେବେ ତା'ର ମଧ୍ୟ ତାଲିକା ପ୍ରସ୍ତୁତ କରାଯାଇଛି। ଏହି ନୂତନ ନିଷ୍ପତ୍ତି ଦ୍ୱାରା ଦୈନନ୍ଦିନ ଚଳଣି ଓ ବ୍ୟବସାୟ ଅଧିକ ସହଜ ହୋଇପାରିବ ବୋଲି ସରକାର କହିଛନ୍ତି। ରାଜ୍ୟ ସରକାରଙ୍କ ୫-ଟି ନୀତି ଅନୁଯାୟୀ ମଧ୍ୟ ଏହି ପ୍ରକ୍ରିୟାକୁ ଅଧିକ ସରଳ ଓ ସମୟ ଉପଯୋଗୀ କରାଯାଇଛି। ନୂଆ ନିୟମ ଅନୁଯାୟୀ କ୍ଷେତ୍ରୀୟ କର୍ମଚାରୀମାନେ ଆବଶ୍ୟକ ପ୍ରକ୍ରିୟା ଅନୁସରଣ କରି ଆବେଦନ ଗ୍ରହଣ କରିବାର ୧୮ ଦିନ ମଧ୍ୟରେ ପ୍ରମାଣ ପତ୍ର ପ୍ରଦାନ କରିବେ। ଉକ୍ତ ପ୍ରମାଣପତ୍ର ୨ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବ। ଆବାସିକ କୋଠାବାଡି କ୍ଷେତ୍ରରେ କିନ୍ତୁ ଏହି ପ୍ରମାଣପତ୍ର ୫ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହାଦ୍ୱାରା ଅଗ୍ନି ସୁରକ୍ଷା ପ୍ରମାଣପତ୍ର କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିପାରିବ। ନୂତନ ନିଷ୍ପତ୍ତି ଅନୁଯାୟୀ,୧୫ମିଟରରୁ କମ୍ ଉଚ୍ଚତା ବିଶିଷ୍ଟ କୋଠା ପାଇଁ ସର୍କଲ ଡେପୁଟି ଫାୟାର ଅଫିସର, ୧୫ରୁ ୩୫ମିଟର ଉଚ୍ଚତା ବିଶିଷ୍ଟ କୋଠା ପାଇଁ ରେଞ୍ଜ ଫାୟାର ଅଫିସର, ୩୫ମିଟରରୁ ଅଧିକ ଉଚ୍ଚତା ବିଶିଷ୍ଟ କୋଠାବାଡି(ମଲ୍ଟିପ୍ଲେକ୍ସ ବ୍ୟତୀତ) ପାଇଁ ମୁଖ୍ୟ ଫାୟାର ଅଫିସର, ୧୨ମିଟରରୁ କମ୍ ଉଚ୍ଚତା ତଥା ୩୦ ଶଯ୍ୟାବିଶିଷ୍ଟ ଚିକିତ୍ସାଳୟ ଯେଉଁଠି ଅତିକମ୍‌ରେ ଗୋଟିଏ ଆଇସିୟୁ ଥିବ ସେ କ୍ଷେତ୍ରରେ ଆସିଷ୍ଟାଣ୍ଟ ଫାୟାର ଅଫିସର ଏବଂ ୧୨ମିଟରରୁ ଅଧିକ ଉଚ୍ଚତା ବିଶିଷ୍ଟ ଉପରୋକ୍ତ ବୈଶିଷ୍ଟ୍ୟଯୁକ୍ତ ଚିକିତ୍ସାଳୟ ପାଇଁ ଡେପୁଟି ଫାୟାର ଅଫିସର, ସିନେମା ହଲ୍ ପାଇଁ ଜିଲାର ଆସିଷ୍ଟାଣ୍ଟ ଫାୟାର ଅଫିସର, ୩ ତାରକାରୁ କମ୍ ହୋଟେଲ, ଲଜିଂ ଓ ଗେଷ୍ଟ ହାଉସ ପାଇଁ ଆସିଷ୍ଟାଣ୍ଟ ଫାୟାର ଅଫିସର, ୩ ତାରକାରୁ ବଡ ହୋଟେଲ ପାଇଁ ଡେପୁଟି ଫାୟାର ଅଫିସର ଅଗ୍ନି ସୁରକ୍ଷା ପ୍ରମାଣପତ୍ର ଦେବେ। ସେହିପରି ବିମାନ ବନ୍ଦର, ବିମାନ ଅବତରଣ କେନ୍ଦ୍ର, ଷ୍ଟାଡିୟମ, ବହୁତଳ କାର ପାର୍କିଂ, ଭୂତଳ ଓ ଆଂଶିକ ଭୂତଳ କାର ପାର୍କିଂ ପାଇଁ ରେଞ୍ଜ ଫାୟାର ଅଫିସର, ପେଟ୍ରୋଲ ପମ୍ପ ଏବଂ ଏଲ୍‌ପିଜି ଗୋଦାମ ପାଇଁ ଆସିଷ୍ଟାଣ୍ଟ ଫାୟର ଅଫିସର, ଶିଳ୍ପ କଳକାରଖାନା, ଗୋଦାମ ଘର, ବିସ୍ଫୋରକ ଦ୍ରବ୍ୟର ସଂରକ୍ଷଣ, ପରିବହନ, ବିକ୍ରୟ ଏବଂ ଆତସବାଜି ଉତ୍ପାଦନ ଓ ବିକ୍ରୟ(ସ୍ଥାୟୀ ଲାଇସେନ୍ସଧାରୀ)ପାଇଁ ଡେପୁଟି ଫାୟର ଅଫିସର ଏବଂ ବୃହତ୍ ଶିଳ୍ପ ବିସ୍ଫୋରକ ଦ୍ରବ୍ୟ ଉତ୍ପାଦନକାରୀ, ପେଟ୍ରୋଲିୟମ ତଥା ଅନ୍ୟ ବାହ୍ୟ ପଦାର୍ଥ ଡିପୋ ଆଦି କ୍ଷେତ୍ରରେ ରେଞ୍ଜ ଫାୟାର ଅଫିସର ଅଗ୍ନି ସୁରକ୍ଷା ପ୍ରମାଣପତ୍ର ପ୍ରଦାନ କରିବେ ବୋଲି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି।

■ ପଶ୍ଚିମ ଓଡ଼ିଶା ବନ୍ଦ ଘଟଣା

# ଆଇନଜୀବୀଙ୍କୁ ସୁରକ୍ଷା ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ ଅଫିସ,୧୯।୧୧**

ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଆଇନଜୀବୀମାନେ ପଶ୍ଚିମ ଓଡ଼ିଶା ବନ୍ଦ ଡାକରା ଦେଇଛନ୍ତି। ଦୀର୍ଘଦିନ ଧରି ଏହି ଆନ୍ଦୋଳନ ଚାଲୁ ରହିଥିବାରୁ ପଶ୍ଚିମ ଓଡ଼ିଶାରେ ଥିବା ବିଭିନ୍ନ ଅଦାଲତରେ ମାମଲା ପରିଚାଳନାରେ ଅସୁବିଧା ସୃଷ୍ଟି ହୋଇଛି। ଏ ନେଇ ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କ ଖଣ୍ଡପୀଠ ମଙ୍ଗଳବାର ଏହାର ଶୁଣାଣି କରି ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଛନ୍ତି। ସମ୍ବଲପୁରକୁ ଯେଉଁ ଆଇନଜୀବୀ ମାମଲା ଲଢ଼ିବା ପାଇଁ ଯିବେ ତାଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ହାଇକୋର୍ଟ ସମ୍ବଲପୁର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଡିସେମ୍ବର ୨ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନାଯୋଗ୍ୟ, ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବିରେ ପଶ୍ଚିମ ଓଡିଶା ଓକିଲ ସଂଘ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିଲା। ଏହି ବନ୍ଦ ଡାକରା ପାଇଁ ଜିଲାର ଅନେକ ସରକାରୀ କାର୍ଯ୍ୟାଳୟକୁ ବନ୍ଦ କରି ଦିଆଯାଇଥିଲା। ଏହାକୁ ବିରୋଧ କରି ଆବେଦନକାରୀ ଓଡିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀ ମହାନ୍ତି ନିଜେ ଏହି ମାମଲା ପରିଚାଳନା କରୁଛନ୍ତି।

■ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି

# ଗଞ୍ଜେଇ ଚାଷକୁ ଅନୁମତି ମିଳିବନି

**ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)**

ରାଜ୍ୟରେ ଗଞ୍ଜେଇ ଚାଷ ପାଇଁ ଅନୁମତି ଦିଆଯିବ ନାହିଁ। ମଙ୍ଗଳବାର ଲୋକସେବା ଭବନଠାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଅବକାରୀ ବିଭାଗ ସଚିବ ଏସ.କେ. ଲୋହାନୀ। ସେ କହିଛନ୍ତି ଯେ ଆଇନ ବିଭାଗ ଗଞ୍ଜେଇ ଚାଷକୁ ଅନୁମତି ଦେଇ ନାହିଁ। ଏହି ପରିପ୍ରେକ୍ଷୀରେ ଗଞ୍ଜେଇ ଚାଷକୁ ବିଭାଗ ଅନୁମତି ଦେଇପାରିବ ନାହିଁ। କେତେକ ଔଷଧ ତିଆରି କରୁଥିବା କମ୍ପାନୀ ଗଞ୍ଜେଇ ଚାଷକୁ ରାଜ୍ୟରେ ଅନୁମତି ଦେବାକୁ ରାଜ୍ୟ ସରକାରଙ୍କୁ ଜଣାଇଥିଲେ। ଗଞ୍ଜେଇରୁ ବିଭିନ୍ନ ମାରାତ୍ମକ ରୋଗର ଔଷଧ ତିଆରି ହୋଇପାରିବ। ରାଜ୍ୟରେ ଚାଷ କରାଗଲେ ଔଷଧ ନିର୍ମାତା କମ୍ପାନୀଗୁଡିକୁ ଏହାର ସୁବିଧା ମିଳିପାରିବ। ଏହାକୁ ଦୃଷ୍ଟିରେ ରଖି କମ୍ପାନୀଗୁଡିକ ସରକାରଙ୍କୁ ଗଞ୍ଜେଇ ଚାଷକୁ ରାଜ୍ୟରେ ଅନୁମତି ଦେବାକୁ ପ୍ରସ୍ତାବ ଦେଇଥିଲେ। ତେବେ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ଆଇନ ବିଭାଗ ପ୍ରତ୍ୟାଖ୍ୟାନ କରି ଦେଇଛି। ସୂଚନାଯୋଗ୍ୟ ଯେ, ଗଞ୍ଜେଇ ଚାଷକୁ ରାଜ୍ୟରେ ଅନୁମତି ଦେବାକୁ ଅବକାରୀ ବିଭାଗର ଯୁଗ୍ମ ସଚିବ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଚିଠି ଲେଖିଥିଲେ। ଏହାକୁ ବିଭିନ୍ନ ନିଶା ନିବାରଣ ସଂଗଠନ ପକ୍ଷରୁ ବିରୋଧ କରାଯାଉଥିବାରୁ ବୈଠକରେ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରାଯାଇଛି।

### ଚାଷ ସପକ୍ଷରେ ତଥାଗତ

ଅନ୍ୟପକ୍ଷରେ ରାଜ୍ୟରେ ଗଞ୍ଜେଇ ଚାଷକୁ ଅନୁମତି ଦେବା ନେଇ ପୂର୍ବତନ ଏମ୍‌ପି ତଥାଗତ ସତପଥୀ କହିଛନ୍ତି ଯେ ଗଞ୍ଜେଇରେ ଅନେକ ଲାଭଦାୟକ ଦିଗ ଅଛି। କ୍ୟାନସର, ଶ୍ୱାସ ରୋଗ ପାଇଁ ଏଥିରୁ ଔଷଧ ତିଆରି ହୁଏ। ତେବେ ଗଞ୍ଜେଇ ଚାଷ ଆଇନକରଣ ସପକ୍ଷରେ ମୁଁ ନୁହେଁ। ଏହି ଚାଷକୁ ଡିକ୍ରିମିନାଲାଇଜେଶନ କରାଯିବା ପାଇଁ ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଗଞ୍ଜେଇ ଚାଷ ସହଜ, ସେଥିରେ ବେଶି ପାଣି, ଖତ କିମ୍ବା ସାର ଦରକାର ପଡ଼େ ନାହିଁ। କ୍ଷୁଦ୍ର ଚାଷୀମାନେ ଏହାକୁ ଚାଷ କରି ବେଶ୍ ଲାଭବାନ ହୋଇପାରିବେ। ରାଜ୍ୟ ସରକାର ଏହି ଚାଷକୁ ପ୍ରୋତ୍ସାହନ ଦେବା ଦରକାର। ଉତ୍ତରାଖଣ୍ଡ ସରକାର ଗଞ୍ଜେଇ ଚାଷକୁ ଅନୁମତି ଦେଇଛନ୍ତି। ଆମ ସରକାର ଏହାକୁ ମନା କରିବା ସମ୍ପୂର୍ଣ୍ଣ ଦୂରଦୃଷ୍ଟିହୀନତା। ଆଇନରେ ସଂଶୋଧନ ଆଣି ଗଞ୍ଜେଇ ଚାଷକୁ ଅନୁମତି ଦେବା ଉଚିତ ବୋଲି ସେ କହିଛନ୍ତି।

ODISHA STATE HOUSING BOARD
A Govt. of Odisha undertaking
Sachivalaya Marg, Bhubaneswar-751001
Phone : 0674-2393524/2392587/2393277, Website : https://oshb.org




EWS, LIG (1BHK), MIG (2BHK), HIG (3BHK) Flats

Multi Storied Residential Apartment Complex at a Prime Locality in ANGUL Town

BOOKING CLOSES on 30th Nov. 2019

Behind District Headquarter Hospital and near to Daily Market, Bus Stand, Railway Station, Central School & Collectorate.

● Ample Open Space ● Gated Complex with required Infrastructure Facilities ● Quality Construction

● Nominal Registration Charges - only on divided share of Land Cost as per benchmark value ● Easy Payment Schedule during construction period

● Tie-up with State Bank of India, Bank of Baroda, HDFC Bank for EMD & Loan as per eligibility.

Forms are available at :
● SBI : Angul, Talcher, Dhenkanal, Kandsar, NTPC ● BOB : Angul ● OSHB : Site Office Angul, Cuttack, Rourkela, Sambalpur and Head Office at Bhubaneswar.

Housing Commissioner-cum-Secretary
ODISHA STATE HOUSING BOARD

For Details Contact :
98612 11820, 9437 22 6043, 90903 73641, 9437 228 444, 98610 32436
Or Visit : https://oshb.org

Building Houses Building Odisha

# ଋଷିକୁଲ୍ୟା ମୁହାଣରେ କଇଁଛଙ୍କ ମିଳନ ଆରମ୍ଭ

**ଗଞ୍ଜାମ,୧୯।୧୧(ଡି.ଏନ.ଏ.)**

ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ ପୁରୁଣାବନ୍ଧ ଗ୍ରାମ ନିକଟସ୍ଥ ଋଷିକୁଲ୍ୟା ମୁହାଣରେ ଅଲିଭ ରିଡ୍‌ଲେ କଇଁଛଙ୍କ ମିଳନ ପର୍ବ ଆରମ୍ଭ ହୋଇଛି। ପୂର୍ବବର୍ଷ ଅପେକ୍ଷା ଚଳିତ ବର୍ଷ ଏହି ପ୍ରକ୍ରିୟା ଶୀଘ୍ର ଆରମ୍ଭ ହୋଇଥିବା ପରିବେଶବିତ୍‌ମାନେ କହିଛନ୍ତି। ମଙ୍ଗଳବାର ଖଲ୍ଲିକୋଟ ରେଞ୍ଜର ଦିଲୀପ ମାର୍ଥାଙ୍କ ନିର୍ଦ୍ଦେଶରେ ରମ୍ଭା ବନାଞ୍ଚଳ ଅଧିକାରୀ ସୋମନାଥ ମଲିକ କର୍ମଚାରୀଙ୍କ ସହ ସମୁଦ୍ରରେ ପାଟ୍ରୋଲିଂ କରୁଥିଲେ।


ସମୁଦ୍ରରେ କଇଁଛଙ୍କ ମିଳନ।

ଉପକୂଳଠାରୁ ପ୍ରାୟ ୨୦ କିମି ଦୂରରେ ମାତ୍ର ୩ହଳ କଇଁଛଙ୍କ ମିଳନ ପ୍ରକ୍ରିୟା ଦେଖିବାକୁ ପାଇଥିଲେ। ଚଳିତମାସ ଶେଷ ଏବଂ ଡିସେମ୍ବରରେ ଦଳ ଦଳ କଇଁଛଙ୍କ ମିଳନ ଦେଖିବାକୁ ମିଳିବ ବୋଲି ରମ୍ଭା ବନାଞ୍ଚଳ ଅଧିକାରୀ ମଲିକ ସୂଚନା ଦେଇଛନ୍ତି। ପରେ ଅଣ୍ଡା ଦେବା ସମୟ ଆସିବାବେଳେ ଉକ୍ତ କଇଁଛମାନେ ଉପକୂଳଠାରୁ ମାତ୍ର ୫ କିମି ପରିଧି ମଧ୍ୟରେ ଦଳଦଳ କଇଁଚ ଭାସମାନ ଅବସ୍ଥାରେ ଦେଖିବାକୁ ମିଳିବ ବୋଲି ସେ କହିଛନ୍ତି। ଶୀତ ଆଗମନ ହେବାରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିବା ମଧ୍ୟ ସେ କହିଛନ୍ତି। ଅନୁକୂଳ ପାଗ ଓ ଦକ୍ଷିଣାପବନ ବୋହିଲେ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହେବ। କଇଁଛଙ୍କ ମିଳନ ପ୍ରକ୍ରିୟା ଅବ୍ୟାହତ ରହିବା ଯାଏ ପାଟ୍ରୋଲିଂ ଜାରି ରହିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ସମୁଦ୍ରରେ ପାଟ୍ରୋଲିଂ ପାଇଁ ଦୁଇଟି ସ୍କ୍ୱାଡ ଗଠନ କରାଯାଇଛି ଏବଂ ହାଚେରୀ (କୃତ୍ରିମ ଉପାୟରେ ଅଣ୍ଡାରୁ ଛୁଆ ବାହାର କରିବା) ପାଇଁ ବ୍ୟବସ୍ଥା କରାଯାଇଛି। କଇଁଚଙ୍କ ସୁରକ୍ଷା ଲାଗି ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି। ଜାନୁଆରୀ ଶେଷ କିମ୍ବା ଫେବୃୟାରୀ ଦ୍ୱିତୀୟ ସପ୍ତାହରେ ଅଣ୍ଡାରୁ ଛୁଆ ବାହାରିବ ବୋଲି ବନ ବିଭାଗ ଆଶା ରଖିଛି।

■ ଚୋରା ପଥର ଚାଲାଣ ର୍‍ୟାକେଟରେ ପୋଲିସ ବାବୁ

# ଇନ୍ସପେକ୍ଟର ରଞ୍ଜିତ ସାହୁ ନିଲମ୍ବିତ

**ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)**

ଖୋର୍ଦ୍ଧା ପଥର ଚାଲାଣରେ ସଂପୃକ୍ତଥିବା ଦୁଇ ଇନ୍ସପେକ୍ଟର ବିକ୍ରମ କେଶରୀ ଜେନା ଏବଂ ରଞ୍ଜିତ ସାହୁଙ୍କୁ ଏସ୍‌ଟିଏଫ ଗିରଫ କରିବା ପାଇଁ ବାଟ ଫିଟିଛି। ଗତ ୧୬ ତାରିଖରେ ଇନ୍ସପେକ୍ଟର ବିକ୍ରମଙ୍କୁ ନିଲମ୍ବିତ କରାଯାଇଥିବାବେଳେ ମଙ୍ଗଳବାର ରଞ୍ଜିତଙ୍କୁ ନିଲମ୍ବନ କରିଛନ୍ତି ପୋଲିସ ଡିଜି ବିଜୟ କୁମାର ଶର୍ମା। ବିନା କାରଣରେ ଛୁଟିରେ ରହିବା ଓ ନୋଟିସ ସତ୍ତ୍ୱେ ଜବାବ ନ ଦେବା କାରଣରୁ ତାଙ୍କ ଉପରେ ଏହି ପଦକ୍ଷେପ ନିଆଯାଇଥିବା ପୋଲିସ ମୁଖ୍ୟାଳୟ ପକ୍ଷରୁ ଦର୍ଶାଯାଇଛି।

ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧିକାରୀ ଥିବା ରଞ୍ଜିତଙ୍କୁ ସୋମବାର ଏସ୍‌ପିଙ୍କ କାର୍ଯ୍ୟାଳୟକୁ ବଦଳି କରାଯାଇଥିଲା। ଖଣି ଓ ନିଶା ମାଫିଆଙ୍କ ସହ ଲିଙ୍କ୍‌ର ପ୍ରମାଣ ପାଇବାପରେ ଡିଜିପି ତାଙ୍କୁ ନିଲମ୍ବିତ କରିଛନ୍ତି। ତେଣୁ ଏବେ ଏସ୍‌ଟିଏଫ୍ ରଞ୍ଜିତଙ୍କ ସହ ବିକ୍ରମଙ୍କୁ ଗିରଫ ପାଇଁ ଜୋର୍‌ଦାର ଉଦ୍ୟମ ଚଳାଇଛି। ହେଲେ ସେମାନେ ଫେରାର ରହି ହାଇକୋର୍ଟରେ ଆଗୁଆ ଜାମିନ ପାଇଁ ଉଦ୍ୟମ ଚଳାଇଛନ୍ତି। ଏସ୍‌ଟିଏଫ୍ ସେମାନଙ୍କର କୌଣସି ପତ୍ତା ପାଉ ନ ଥିବାରୁ ପଳାତକ ଘୋଷଣା କରାଯାଇପାରେ ବୋଲି ସୂଚନା ମିଳିଛି।

■ପୂର୍ବରୁ ନିଲମ୍ବିତ ହୋଇଥିଲେ ଇନ୍ସପେକ୍ଟର ବିକ୍ରମ ଜେନା

■ଏବେବି ନିଲମ୍ବିତ ଦୁଇ ଅଧିକାରୀଙ୍କ ପତ୍ତା ମିଳୁନି

■ପଳାତକ ଘୋଷଣା କରିପାରେ ଏସ୍‌ଟିଏଫ୍


ରଞ୍ଜିତ ସାହୁ


ବିକ୍ରମ ଜେନା

ଜଣେ ଅଧିକାରୀ କହିଛନ୍ତି, ସେମାନଙ୍କ ଘରେ ଲଟ୍‌କା ଲଗାଯିବ। ଏହାସତ୍ତ୍ୱେ ଯଦି ସେମାନେ ପୋଲିସ ନିକଟରେ ଆତ୍ମସମର୍ପଣ ନ କରନ୍ତି, ତେବେ ଉଭୟଙ୍କୁ ପଳାତକ ଘୋଷଣା ପାଇଁ ପ୍ରକ୍ରିୟା ଆରମ୍ଭ କରାଯିବ।

ଅନ୍ୟପକ୍ଷରେ ଏସ୍‌ଟିଏଫ୍ ଉଭୟଙ୍କ ଆକାଉଣ୍ଟ ଯାଞ୍ଚ ପାଇଁ ଦାବି ଉଠୁଛି। କାରଣ ଉଭୟ ଖୋର୍ଦ୍ଧା ଜିଲାରେ ଥିବାବେଳେ ନିଜ ପଦବୀର ଅପବ୍ୟବହାର କରି ଖଣି ମାଫିଆଙ୍କୁ ଅନୁକମ୍ପା ଓ ସୁରକ୍ଷା ଦେଇଥିଲେ। ସେହିଭଳି ନିଶା ମାଫିଆ ଛୋଟା ଓ ଅନ୍ୟ କେତେଜଣଙ୍କୁ ସେମାନଙ୍କ ଅପରାଧ ସାମ୍ରାଜ୍ୟ ବିସ୍ତାର କରିବାରେ ସହଯୋଗ କରିଥିଲେ। ଏଥିପାଇଁ ଦୁଇ ଥାନା ଅଧିକାରୀ ଓ ସେମାନଙ୍କ ପରିବାର ଲୋକଙ୍କ ଆକାଉଣ୍ଟକୁ ବିପୁଳ ଟଙ୍କା ଆସିଥାଇପାରେ। ଯାଞ୍ଚ କରାଗଲେ ଆହୁରି ବହୁ ଗୁମର ପଦାକୁ ଆସିବ। ଏପରି କି ଅନେକ ସମୟରେ ଏହି ଦୁଇ ଅଧିକାରୀ ଖୋର୍ଦ୍ଧାର ଏକ ନିର୍ଦ୍ଦିଷ୍ଟ ହୋଟେଲରେ ଅପରାଧୀଙ୍କ ସହ ଏକାଠି ହୁଅନ୍ତି। କଳାକାରବାର ଓ ଅପରାଧର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବା ସହ ମଉଜମସ୍ତି କରନ୍ତି। ଏସ୍‌ଟିଏଫ୍ ଏହା ଉପରେ ତଦନ୍ତ କରିବା ସହ ସେମାନଙ୍କୁ ଗିରଫ କଲେ ଅପରାଧ ପେଡ଼ି ଖୋଲିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।



ତୁମେ ନିଜ ଭିତରେ ପବିତ୍ରତାର ଅଗ୍ନିକୁଣ୍ଡ ଜଳାଇ କାହିଁକି ବୀରତ୍ୱର ସହିତ ତା'ଭିତରେ ପଶି ନିଜକୁ ଶୁଦ୍ଧ କରୁ ନାହଁ ? ତା'ହେଲେ ଏହି ଭୟଙ୍କର ଏବଂ ପ୍ରଚଣ୍ଡ ଧ୍ୱଂସକାରୀ ଶକ୍ତି– ଯାହାକି ସମଗ୍ର ସଭ୍ୟତାକୁ ଅନ୍ଧକାର ମଧ୍ୟରେ ନିଶ୍ଚିହ୍ନ କରିଦେବାକୁ ବସିଛି– ତାହା ଆଉ ତୁମକୁ ଆକ୍ରାନ୍ତ କରିପାରନ୍ତା ନାହିଁ।

–ଶ୍ରୀମା



# ପଇସା ଦେଲେ ପାଠ

ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ଭାରତର ଅନ୍ୟତମ ପ୍ରମୁଖ ଶିକ୍ଷା କେନ୍ଦ୍ର ଭାବେ ଜଣାଶୁଣା। ସାମାଜିକ, ଅର୍ଥନୈତିକ ଏବଂ ବୌଦ୍ଧିକ ବିଷୟବସ୍ତୁକୁ ନେଇ ଯେତେବେଳେ ଦେଶବ୍ୟାପୀ ହୁରି ପଡ଼ିଥାଏ, ସେତେବେଳେ ଏଠାକାର ଛାତ୍ରୀଛାତ୍ର ଓ ଗବେଷକମାନେ ବିତର୍କରେ ଭାଗ ନେଇ ପ୍ରଗତିଶୀଳ ଚିନ୍ତାଧାରା ଦେଇଥାଆନ୍ତି। ଦେଶର ବିଭିନ୍ନ ପ୍ରାନ୍ତରୁ ମେଧାବୀ ଛାତ୍ରଙ୍କ ସମାଗମ ହେଉଥିବାରୁ ଏଠାକାର ଶୈକ୍ଷିକ ବାତାବରଣ ଅନ୍ୟ ବିଶ୍ୱବିଦ୍ୟାଳୟ ପାଇଁ ଉଦାହରଣ ପାଲଟିଥାଏ। ହେଲେ କିଛି ବର୍ଷ ହେବ ଏହି ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ର ମୁକ୍ତ ବାତାବରଣକୁ ସଙ୍କୁଚିତ କରିବା ଲାଗି ପ୍ରୟାସ ଚାଲିଛି। ସରକାରୀ ବ୍ୟବସ୍ଥା ବିରୋଧରେ ସ୍ୱର ଉଠାଇଲେ ତାହାକୁ ଦବାଇ ଦେବା ସକାଶେ ପଦକ୍ଷେପ ନିଆଯାଉଛି। ନିକଟରେ ଏହି ବିଶ୍ୱବିଦ୍ୟାଳୟର ହଷ୍ଟେଲ ଫି' ଅତ୍ୟଧିକ ମାତ୍ରାରେ ବୃଦ୍ଧି ପାଇଥିବାରୁ ତାହାର ପ୍ରତିବାଦ କରି ଜେଏନ୍‌ୟୁ ଛାତ୍ର ସଂସଦ ୨୩ ଦିନ ଧରି ପ୍ରତିବାଦ କରିଆସୁଛି। ୧୮ ନଭେମ୍ବରରେ ଛାତ୍ରମାନେ ପାର୍ଲାମେଣ୍ଟ ଆଡ଼କୁ ମାଡ଼ିଯିବାରୁ ସେମାନଙ୍କ ଉପରେ ଲାଠିଚାର୍ଜ କରାଯାଇଛି। ୧୦୦ ଛାତ୍ରଙ୍କୁ ଅଟକ ରଖାଯିବା ଓ କେତେକେ ଆହତ ହୋଇଥିବାରୁ ଜେଏନ୍‌ୟୁ ଛାତ୍ର ଆନ୍ଦୋଳନ ଦେଶବ୍ୟାପୀ ଚର୍ଚ୍ଚା ଧରିଛି। ସୋସିଆଲ ସାଇଟ୍ ବିଶେଷକରି ମାଇକ୍ରୋବ୍ଲଗିଂରେ 'ଏମର୍ଜେନ୍ସି ଇନ୍ ଜେଏନ୍‌ୟୁ' ଏବେ ଟ୍ରେଣ୍ଡିଂ ହୋଇଛି। ଏଭଳିସ୍ଥଳେ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଉକ୍ତ ପ୍ରସଙ୍ଗକୁ ଠିକ୍ ଭାବେ ସମାଧାନ କରିପାରୁ ନ ଥିବାରୁ ବିବାଦ ବଢ଼ିବାରେ ଲାଗିଛି।

ଜେଏନ୍‌ୟୁରେ ଅଧ୍ୟୟନରତ ପ୍ରାୟ ୪୦ ପ୍ରତିଶତରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଗରିବ ପରିବାରରୁ ଆସିଥାଆନ୍ତି। ସେମାନଙ୍କ ହଷ୍ଟେଲ ଫି ଅତ୍ୟଧିକ ବୃଦ୍ଧି ପାଇବା ନିଶ୍ଚିତ ଭାବେ ଚିନ୍ତାଜନକ। ନୂଆ ମାନୁଆଲରେ ଡାଇନିଂ ହଲ୍‌କୁ ଛାତ୍ରମାନେ ଯିବା ଲାଗି ଡ୍ରେସ୍ କୋଡ୍ କରାଯାଇଛି। ପୂର୍ବରୁ ସର୍ଭିସ ଚାର୍ଜ ନ ଥିଲା, ଏବେ ତାହା ୧୭୦୦ ଟଙ୍କା ହୋଇଛି। ସେହିଭଳି ଆନୁଷଙ୍ଗିକ ଖର୍ଚ୍ଚ ବଢ଼ାଇ ଦିଆଯାଇଥିବାରୁ ଜଣେ ଛାତ୍ରକୁ ମାସିକ ସର୍ବନିମ୍ନ ୧୨,୦୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ରାତି ସାଢ଼େ ୧୧ ପୂର୍ବରୁ ସେମାନେ ହଷ୍ଟେଲ ଫେରିବା ଆଦି କଟକଣା କରାଯାଇଥିବାରୁ ଛାତ୍ର ସଂସଦ ଏହାର ପ୍ରତିବାଦ କରିଛି। ଛାତ୍ରୀଛାତ୍ରମାନଙ୍କ ଯୁକ୍ତି ହେଉଛି, ଜେଏନ୍‌ୟୁ ହେଉଛି ହ୍ୟୁମାନିଟିଜ୍ ବା ମାନବବାଦୀ ବିଷୟବସ୍ତୁ ଉପରେ ଆଧାରିତ ପାଠ୍ୟକ୍ରମରେ ଗବେଷଣା କରିବା ଲାଗି ଦେଶର ଏକ ଉତ୍କୃଷ୍ଟ ବିଶ୍ୱବିଦ୍ୟାଳୟ। ତେଣୁ ସେଠାକାର ପାଠାଗାର ୨୪ ଘଣ୍ଟା ଅଧ୍ୟୟନ ପାଇଁ ଖୋଲାଯିବା ଦରକାର। ସେମାନେ ନିରାପତ୍ତା ଲାଗି ସିକ୍ୟୁରିଟି ଫି ମଧ୍ୟ ଦେଉଛନ୍ତି। ଯଦି ସାଢ଼େ ୧୧ଟା ପୂର୍ବରୁ ସେମାନଙ୍କୁ ହଷ୍ଟେଲ ଫେରିଆସିବାକୁ ନିର୍ଦ୍ଦେଶ ଦିଆଯିବ, ତେବେ ଗବେଷଣା କାର୍ଯ୍ୟରେ ତାହା ବ୍ୟାହତ ସୃଷ୍ଟି କରିବ।

ସାମାଜିକ ଭିତ୍ତିଭୂମିର ସର୍ବାଗ୍ରେ ରହିଛି ଶିକ୍ଷା। ତେଣୁ ଏହାର ବ୍ୟାପକ ପ୍ରସାର ଓ ଗୁଣବତ୍ତା ବୃଦ୍ଧି ଲାଗି ସରକାରଙ୍କ ଗୁରୁଦାୟିତ୍ୱ ଅଛି। କିନ୍ତୁ ଯେଭଳି ଭାବେ ଶିକ୍ଷାର ଘରୋଇକରଣ କରାଯାଉଛି, ସେଥିରୁ ବୁଝିବାକୁ ହେବ ଯେ ସାର୍ବଜନୀନ ଶିକ୍ଷା ତା'ର ମୌଳିକତା ହରାଇବସୁଛି। ନୂଆ ଶିକ୍ଷାନୀତିରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧିକ ସ୍ୱନ୍‌ସର୍ଡ ବା ପ୍ରାୟୋଜିତ ପାଠ୍ୟକ୍ରମକୁ ପ୍ରାଧାନ୍ୟ ଦିଆଯାଇଛି। ଅର୍ଥାତ୍ ଛାତ୍ରୀଛାତ୍ରଙ୍କୁ ସେଭଳି ପାଠ ପଢ଼ିବା ଲାଗି ପର୍ଯ୍ୟାପ୍ତ ଅର୍ଥ ଦେବାକୁ ପଡ଼ିବ। ତେଣୁ ଗରିବ ତଥା ମେଧାବୀ ପିଲାମାନେ ଉଚ୍ଚଶିକ୍ଷା ପାଇବାରୁ ବଞ୍ଚିତ ହେବେ। ଏକ ଜନମଙ୍ଗଳ ରାଷ୍ଟ୍ରରେ ସଭିଙ୍କ ହିତକୁ ଗୁରୁତ୍ୱ ଦିଆଯିବା ଉଚିତ। ଶୁଣିବାକୁ ମିଳୁଛି, ସରକାରୀ ପାଣ୍ଠି ଦ୍ୱାରା ଚାଲୁଥିବା ଜେଏନ୍‌ୟୁ ଓ ଅନ୍ୟାନ୍ୟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ସରକାର ଆର୍ଥିକ ଅନୁଦାନ ଦେବାକୁ ଚାହୁଁନାହାନ୍ତି। ଏହା ପରିବର୍ତ୍ତେ ଋଣ ଭଳି ଅର୍ଥ ଯୋଗାଇ ଦେଇ ପରବର୍ତ୍ତୀ ସମୟରେ ତାହାକୁ ବିଶ୍ୱବିଦ୍ୟାଳୟ କିଭଳି ଶୁଝିପାରିବ ସେଥିଲାଗି ଚିଠା ପ୍ରସ୍ତୁତ କରୁଛି। ଏକ ବିଶ୍ୱବିଦ୍ୟାଳୟକୁ ଯଦି ରାଜସ୍ୱ ଆଦାୟର ଏକ କେନ୍ଦ୍ର ଭାବେ ସରକାର ଦେଖିବେ, ତେବେ ଛାତ୍ରମଙ୍ଗଳ, ଶୈକ୍ଷିକ ବାତାବରଣ ଓ ଗବେଷଣା କାର୍ଯ୍ୟ ଢେର ପଛକୁ ଚାଲିଯିବ। କାରଣ ପର୍ଯ୍ୟାପ୍ତ ଅର୍ଥ ଦେଇ ପାଠ ପଢ଼ିବା ଲାଗି ସିଟ୍ ପାଉଥିବା ଛାତ୍ରମାନେ ସମସ୍ତେ ମେଧାବୀ ନୁହନ୍ତି। ବହୁ ଗରିବ ଛାତ୍ର ଅଛନ୍ତି, ଯେଉଁମାନେ ଉପଯୁକ୍ତ ଶିକ୍ଷା ପାଇପାରୁ ନାହାନ୍ତି। ଦେଖିବାକୁ ଗଲେ କର୍ପୋରେଟ୍ କ୍ଷେତ୍ର ବା ବଡ଼ବଡ଼ ଶିଳ୍ପପତିଙ୍କୁ ହଜାର ହଜାର କୋଟି ଟଙ୍କାର ପ୍ୟାକେଜ ଦିଆଯାଉଛି। ହେଲେ ଗରିବ ପିଲା ପାଇଁ ସରକାର ଖର୍ଚ୍ଚ କରିବାକୁ କୁଣ୍ଠିତ। ମହାବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟରୁ ଉତ୍ତମ ମାନବ ସମ୍ବଳ ବାହାରି ଦେଶକୁ ଉନ୍ନତି ପଥରେ ଆଗେଇ ନେଇଥାଆନ୍ତି। ଏବେ ସରକାରଙ୍କ ବିପରୀତ ପଦକ୍ଷେପ ଭାରତକୁ ପଛେଇ ନେବାର ସଙ୍କେତ ଦେଲାଣି।

# ଇଲେକ୍ଟୋରାଲ ବଣ୍ଡ: ଆର୍‌ବିଆଇକୁ ଉପେକ୍ଷା

ନୀତୀନ ସେଠୀ

ଇଲେକ୍ଟୋରାଲ ବଣ୍ଡ୍ ଉନ୍ମୋଚିତ ହେବାର ଅଳ୍ପଦିନ ପୂର୍ବରୁ ରାଜନୈତିକ ଦଳଗୁଡ଼ିକୁ ଗୋପନରେ ପାଣ୍ଠି ଯୋଗାଣ ଲାଗି ତରତର ହେଉଥିବା ମୋଦି ସରକାର ଏ ବିଷୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ମତାମତ ନେଇଛନ୍ତି ବୋଲି ଛଳନା କରିଛନ୍ତି। ବାସ୍ତବରେ ଆର୍‌ବିଆଇ ଯେଉଁ ପରାମର୍ଶ ଦେଇଥିଲା ସରକାର ତାହାକୁ ଅଗ୍ରାହ୍ୟ କରିଦେଇଥିବା ହଫ୍‌ପୋଷ୍ଟ ଇଣ୍ଡିଆ ହାତରେ ପଡ଼ିଥିବା ଅପ୍ରକାଶିତ ଦଲିଲରୁ ଜଣାପଡ଼ିଛି। ମାର୍ଚ୍ଚ ୨୦୧୮ରୁ ଏ ପର୍ଯ୍ୟନ୍ତ ଅନ୍ୟୂନ ୬୦୦୦ କୋଟି ଟଙ୍କାର ଇଲେକ୍ଟୋରାଲ ବଣ୍ଡ୍ ବିକ୍ରି ହୋଇଛି। ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ ପକ୍ଷରୁ ସଂଗୃହୀତ ତଥ୍ୟ ଅନୁସାରେ ପ୍ରଥମ ଦଫାରେ ଯେଉଁ ୨୨୨ କୋଟି ଟଙ୍କାର ବଣ୍ଡ୍ ବିକ୍ରି ହୋଇଥିଲା, ସେଥିରୁ ଏକା ଭାଜପା ଭାଗରେ ପଡ଼ିଛି ୯୫ ପ୍ରତିଶତ ଟଙ୍କା। ୨୦୧୭ ବଜେଟର ଚାରିଦିନ ପୂର୍ବରୁ ଜଣେ ବରିଷ୍ଠ ଟ୍ୟାକ୍ସ ଅଫିସର ପାର୍ଲାମେଣ୍ଟରେ ଉପସ୍ଥାପନ ହେବାକୁ ଥିବା ଅର୍ଥମନ୍ତ୍ରୀଙ୍କ ଦଲିଲରେ ଏକ ସଂକେତ ଦେଖିବାକୁ ପାଇଥିଲେ। ୨୦୧୭ ଫେବୃୟାରୀ ୧ରେ ଇଲେକ୍ଟୋରାଲ ବଣ୍ଡ୍ ଉନ୍ମୋଚନ କରିବାକୁ ଚାହୁଁଥିବା ତତ୍କାଳୀନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ତାଙ୍କ ଭାଷଣରେ କହିଥିଲେ: ଏହା ହେଉଛି ଏକ ଆଇନାନୁମୋଦିତ ବ୍ୟବସ୍ଥା ଯାହା ମାଧ୍ୟମରେ କର୍ପୋରେଟ୍‌ମାନେ ରାଜନୈତିକ ଦଳଗୁଡ଼ିକୁ ବେନାମୀ ଭାବେ ଅସୀମିତ ପାଣ୍ଠି ଦାନ କରିପାରିବେ।

ଆଇନରେ ପରିଣତ ହେବା ପରେ ଉକ୍ତ ବେନାମୀ ଇଲେକ୍ଟୋରାଲ ବଣ୍ଡ୍ ରାଜନୀତିରେ ବଡ଼ ବ୍ୟବସାୟିକ ସଂସ୍ଥାଗୁଡ଼ିକର ପ୍ରଭାବକୁ ଆଇନାନୁମୋଦିତ କରିଦେବ ଏବଂ ସେମାନେ ଭାରତୀୟ ରାଜନୀତିରେ ସେମାନଙ୍କ ପୁଞ୍ଜିନିବେଶ କରିବାର ସୁଯୋଗ ପାଇବେ। କିନ୍ତୁ ଗୋଟିଏ ବାଧା ହେଲା ଏଥିରେ ଆର୍‌ବିଆଇର ଅନୁମୋଦନ ଦରକାର। ଉକ୍ତ ବେନାମୀ ଦାନକୁ ଆଇନାନୁମୋଦିତ କରିବାକୁ ହେଲେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଆକ୍ଟର ସଂଶୋଧନ ଦରକାର ବୋଲି ବରିଷ୍ଠ ଟ୍ୟାକ୍ସ ଅଧିକାରୀ ଜାନୁୟାରୀ ୨୮, ୨୦୧୭ରେ ଅର୍ଥ ମନ୍ତ୍ରଣାଳୟରେ ଥିବା ତାଙ୍କ ଉପରିସ୍ଥ ଅଧିକାରୀଙ୍କ ପାଖକୁ ଲେଖିଥିଲେ। ସେ ପ୍ରସ୍ତାବିତ ସଂଶୋଧନର ଚିଠା ପ୍ରସ୍ତୁତ କରି ଅର୍ଥ ମନ୍ତ୍ରଣାଳୟର ଅନୁମୋଦନ ପାଇଁ ପଠାଇଥିଲେ। ସେହିଦିନ ୧ଟା ୪୫ ମିନିଟରେ ଉକ୍ତ ଅଧିକାରୀ ଜଣକ ଆର୍‌ବିଆଇର ଡେପୁଟି ଗଭର୍ନରଙ୍କ ପାଖକୁ ଏକ ପାଞ୍ଚଧାଡ଼ିଆ ଇମେଲ ପଠାଇ ତାଙ୍କର ମତାମତ ଲୋଡ଼ିଥିଲେ। ଜାନୁୟାରୀ ୩୦ରେ ଏ ସମ୍ପର୍କରେ ଆର୍‌ବିଆଇର ମତାମତ ମିଳିଥିଲା। ଆର୍‌ବିଆଇ କହିଥିଲା ଯେ ଆର୍‌ବିଆଇ ଆକ୍ଟର ସଂଶୋଧନ କରି ଇଲେକ୍ଟୋରାଲ ବଣ୍ଡ୍‌କୁ ଆଇନାନୁମୋଦିତ କରାଗଲେ ତାହା ଏକ ଖରାପ ପରମ୍ପରା ସୃଷ୍ଟି କରିବ। ତାହା ଭାରତୀୟ ବ୍ୟାଙ୍କନୋଟ୍ ଉପରେ ଥିବା ବିଶ୍ୱାସକୁ ନଷ୍ଟ କରିବା ସହ ମନିଲଣ୍ଡରିଂକୁ ପ୍ରୋତ୍ସାହନ ଦେବ ଏବଂ କେନ୍ଦ୍ରୀୟ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାର ମୂଳ ନୀତିକୁ ନଷ୍ଟ କରିବ।

ଆର୍‌ବିଆଇର କହିବା ଅନୁସାରେ ଇଲେକ୍ଟୋରାଲ ବଣ୍ଡ୍ ହେଉଛି ଏକପ୍ରକାର 'ବିୟରର୍ ବଣ୍ଡ୍'– ଏକ ମାରାତ୍ମକ ଅସ୍ୱଚ୍ଛ ଆର୍ଥିକ ଉପକରଣ, ଯେଉଁଥିରେ ତା'ର ଦାତାଙ୍କ ନାମ ଗୋପନ ରହିଥାଏ। ବିୟରର୍ ଉପକରଣଗୁଡ଼ିକ ଭଙ୍ଗାଇଲେ ତାହା ମୁଦ୍ରାରେ ପରିଣତ ହୋଇଥାଏ ଏବଂ ତାହାର ପରିମାଣ ଯଦି ଉଲ୍ଲେଖନୀୟ ହୁଏ, ତେବେ ତାହା ଆର୍‌ବିଆଇ ଇସ୍ୟୁ କରୁଥିବା ବ୍ୟାଙ୍କନୋଟ୍ ଉପରୁ ଭରସା କମାଇଦେବ। କିଏ ରାଜନୈତିକ ଦଳଗୁଡ଼ିକୁ ଟଙ୍କା ଦେଲେ ଏହି ବଣ୍ଡରୁ ତାହା ଜଣାପଡ଼ିବ ନାହିଁ। ଆର୍‌ବିଆଇଠାରୁ ଏପରି ପ୍ରତିକୂଳ ମତାମତ ପାଇବା ପରେ ସରକାର ନିଜ ଯୋଜନାକୁ ସ୍ଥଗିତ ରଖିବା କଥା। କିନ୍ତୁ ଏ ସମ୍ପର୍କରେ ମୋଦି ସରକାରଙ୍କ ତୁଙ୍ଗ କର୍ମକର୍ତ୍ତାମାନେ ନିଷ୍ପତ୍ତି ନେଇସାରିଥିଲେ। ଆର୍‌ବିଆଇର ଉଦ୍‌ବେଗକୁ ତତ୍କାଳୀନ ରାଜସ୍ୱ ସଚିବ ହସମୁଖ ଆଧିଆ ସେହିଦିନ ହିଁ ଏକ ଛୋଟ ପାରାଗ୍ରାଫ୍ ମାଧ୍ୟମରେ ଅଗ୍ରାହ୍ୟ କରିଦେଇଥିଲେ। ଆଧିଆ ଅର୍ଥ ବ୍ୟାପାର ସଚିବ ତପନ ରାୟ ଓ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ପାଖକୁ ଉକ୍ତ ପାରାଗ୍ରାଫ୍‌ରେ ଲେଖିଥିଲେ ଯେ, ଦାତାଙ୍କ ନାମ ଗୋପନ ରଖିବାର ଉଦ୍ଦେଶ୍ୟ ଆର୍‌ବିଆଇ ଠିକ୍‌ଭାବେ ବୁଝିପାରି ନାହିଁ। ଦାତାଙ୍କ ପୂର୍ଣ୍ଣ ଟିକସ ପଇଠ ହୋଇଥିବା ଅର୍ଥରୁ ହିଁ ଏହି ଦାନ ଦିଆଯିବାର ବ୍ୟବସ୍ଥା ଅଛି ବୋଲି ସେ ଉଲ୍ଲେଖ କରିଥିଲେ। ଆର୍‌ବିଆଇର ମତକୁ ଖଣ୍ଡନ କରିବା ପାଇଁ ଯଥେଷ୍ଟ ଯୁକ୍ତି ପ୍ରଦାନ କରିବା ବଦଳରେ ତାଙ୍କ ନୋଟ୍ ଜଣାଇଦେଉଥିଲା ଯେପରି ସରକାର ଉକ୍ତ ବିରୁଦ୍ଧ ମତ ପ୍ରତି ଆଦୌ ଗୁରୁତ୍ୱ ଦେଉନାହାନ୍ତି।

ଫାଇନାନ୍ସ ବିଲ୍ ଛପା ସରିବା ପରେ ଆର୍‌ବିଆଇର ମତାମତ ପହଞ୍ଚିଛି, ତେଣୁ ସରକାର ନିଜ ପ୍ରସ୍ତାବରେ ଆଗକୁ ଯାଇପାରିବେ ବୋଲି ଆଧିଆ ଯାହା ଲେଖିଛନ୍ତି ତାହା ଠିକ୍ ନୁହେଁ, କାରଣ ମତାମତ ଦେବା ପାଇଁ ଆର୍‌ବିଆଇକୁ ଯେଉଁଦିନ ଲେଖାଯାଇଥିଲା, ଠିକ୍ ସେହିଦିନ ହିଁ ଆର୍‌ବିଆଇ ତା'ର ମତାମତ ଦେଇଥିଲା ଏବଂ ଉକ୍ତଦିନ ହିଁ ତାଙ୍କ ସହକର୍ମୀ ଆଧିଆଙ୍କ ସହ ଏକମତ ହେଲେ। ବିଦ୍ୟୁତ୍ ଗତିରେ ଫାଇଲ ଦୌଡ଼ିଲା ଏବଂ ଅର୍ଥମନ୍ତ୍ରୀ ଜେଟ୍‌ଲୀ ସଙ୍ଗେ ସଙ୍ଗେ ଚିଠା ପ୍ରସ୍ତାବ ଉପରେ ଦସ୍ତଖତ କରିଦେଲେ। ତା'ର ଦୁଇଦିନ ପରେ ରାଜନୈତିକ ପାଣ୍ଠି ଯୋଗାଣରେ ସ୍ୱଚ୍ଛତା ଆଣିବା ପାଇଁ ଜେଟ୍‌ଲୀ ଇଲେକ୍ଟୋରାଲ ବଣ୍ଡ ସୃଷ୍ଟି ଓ ଆର୍‌ବିଆଇ ଆକ୍ଟର ସଂଶୋଧନ ଲାଗି ପ୍ରସ୍ତାବ ଦେଇଥିଲେ। ତା' ପର ମାସରେ ଫାଇନାନ୍ସ ବିଲ୍ ୨୦୧୭ ଗୃହୀତ ହୋଇ ପ୍ରସ୍ତାବ ଆଇନରେ ପରିଣତ ହେଲା।

ସୁତରାଂ ଆର୍‌ବିଆଇ ଆଇନକୁ ବଦଳାଇ ଓ ଅନ୍ୟ ସଂଶୋଧନ କରି ତରବରିଆ ଭାବେ ନୂତନ ଆଇନ ପ୍ରଣୀତ ହେଲା, ଯାହା ଭାରତୀୟ ରାଜନୈତିକ ଦଳଗୁଡ଼ିକ ଲାଗି ବିଶେଷତଃ ଭାରତୀୟ ଜନତା ପାର୍ଟି (ଭାଜପା) ନିମନ୍ତେ ଛପର-ଫଡ଼ା ଆୟର ବାଟ ସୁଗମ କରିଦେଲା। ଅତୀତରେ କର୍ପୋରେଟ୍‌ଗୁଡ଼ିକ ରାଜନୈତିକ ଦଳଗୁଡ଼ିକୁ ଯାହା ଦାନ ଦେଉଥିଲେ ତାହା ତାଙ୍କ ଆନୁଆଲ୍ ଷ୍ଟେଟ୍‌ମେଣ୍ଟରେ ଉଲ୍ଲେଖ କରିବାକୁ ପଡୁଥିଲା। ତା'ଛଡ଼ା ସେମାନେ ତାଙ୍କ ତିନିବର୍ଷର ହାରାହାରି ବାର୍ଷିକ ଲାଭର ୭.୫ ପ୍ରତିଶତରୁ ଅଧିକ ଦେଇପାରୁ ନ ଥିଲେ। ବିଦେଶୀ କମ୍ପାନୀମାନେ ଭାରତୀୟ ରାଜନୈତିକ ଦଳଗୁଡ଼ିକୁ ଆଦୌ ଦାନ କରିପାରୁ ନ ଥିଲେ। କିନ୍ତୁ ଭାଜପା ନେତୃତ୍ୱାଧୀନ ସରକାରଙ୍କ ଉକ୍ତ ସଂଶୋଧନ ସେ ସବୁକିଛିକୁ ବଦଳାଇଦେଲା।

ଶେଲ୍ କମ୍ପାନୀଗୁଡ଼ିକ, ଯାହାଙ୍କର ନିର୍ଦ୍ଦିଷ୍ଟ କିଛି ବ୍ୟବସାୟ ନାହିଁ, ବ୍ୟକ୍ତି ତଥା ଅନ୍ୟ ଆଇନଗତ ସଂସ୍ଥା ଯଥା ଟ୍ରଷ୍ଟଗୁଡ଼ିକ ମଧ୍ୟ ଏବେ ବେନାମୀ ଭାବେ ଅସୀମିତ ପରିମାଣର ଇଲେକ୍ଟୋରାଲ ବଣ୍ଡ୍ କିଣି ଚୁପ୍‌ଚାପ ନିଜ ପସନ୍ଦର ରାଜନୈତିକ ଦଳଗୁଡ଼ିକୁ ଦେଇପାରିବେ। ଏବେ ବିଦେଶୀ କମ୍ପାନୀଗୁଡ଼ିକ ମଧ୍ୟ ଭାରତୀୟ ରାଜନୀତିକ ଦଳଗୁଡ଼ିକୁ ପାଣ୍ଠି ଯୋଗାଇପାରିବେ।

ବର୍ତ୍ତମାନ ଅବସରପ୍ରାପ୍ତ ନାଭାଲ୍ ଅଫିସର କମୋଡୋର ଲୋକେଶ ବାତ୍ରାଙ୍କ ଦ୍ୱାରା ପ୍ରଦତ୍ତ ଦଲିଲ ଅନୁସାରେ ଇଲେକ୍ଟୋରାଲ ବଣ୍ଡର ବୈଧତାକୁ ସୁପ୍ରିମ୍‌କୋର୍ଟ ଯାଞ୍ଚ କରୁଛନ୍ତି। ବାତ୍ରା ଏଥିରେ ଦର୍ଶାଇଛନ୍ତି କିପରି ଭାରତୀୟ ଅର୍ଥ ବ୍ୟବସ୍ଥା ଓ ବ୍ୟାଙ୍କଗୁଡ଼ିକର ଅଭିଭାବକ ଭାରତୀୟ ରିଜର୍ଭ ବ୍ୟାଙ୍କର ପରାମର୍ଶକୁ ମୋଦି ସରକାର ଉପେକ୍ଷା ଓ ଅଗ୍ରାହ୍ୟ କରି ତରବରିଆ ଭାବେ ଆଇନ ପାସ୍ କରିଛନ୍ତି, ଯାହାଦ୍ୱାରା କେବଳ ଭାରତୀୟ ନୁହେଁ ବିଦେଶୀ କମ୍ପାନୀମାନେ ମଧ୍ୟ ବେନାମୀ ଭାବେ ରାଜନୈତିକ ଦଳଗୁଡ଼ିକୁ ଦାନ କରିପାରିବେ।

ସରକାର ଇଲେକ୍ଟୋରାଲ ବଣ୍ଡ୍ ଉପରେ ଆର୍‌ବିଆଇର ପ୍ରାରମ୍ଭିକ ପ୍ରତିବାଦକୁ କେବଳ ଅଗ୍ରାହ୍ୟ କରିନାହାନ୍ତି, ବରଂ ଉକ୍ତ ସ୍କିମ୍ ଦ୍ୱାରା ଯେପରି କମ୍ ପ୍ରବଞ୍ଚନା ଘଟେ ଓ ଭାରତୀୟ ମୁଦ୍ରା ଅସ୍ଥିର ହେବାର କମ୍ ସମ୍ଭାବନା ରହେ, ତାହା ଉପରେ ବ୍ୟାଙ୍କ ଯେଉଁ ପ୍ରସ୍ତାବ ଦେଇଥିଲା, ତାକୁ ମଧ୍ୟ ଅଣଦେଖା କରିଛନ୍ତି।

ଅର୍ଥ ମନ୍ତ୍ରଣାଳୟ ଏକ ଇମେଲ୍ ମାଧ୍ୟମରେ ହଫ୍‌ପୋଷ୍ଟ ଇଣ୍ଡିଆକୁ କହିଛନ୍ତି ଯେ, ଏହା ନିର୍ଦ୍ଦିଷ୍ଟ ପ୍ରଶ୍ନର ବିଶଦ ଉତ୍ତର ଦେଇପାରିବ ନାହିଁ କାରଣ ଏହା ଆସନ୍ତାବର୍ଷର ବଜେଟ ପ୍ରସ୍ତୁତିରେ ବ୍ୟସ୍ତ ଅଛି। ମନ୍ତ୍ରଣାଳୟ ପୁଣି କହିଛି ଯେ, ସରଳ ବିଶ୍ୱାସରେ ସବୁ ନିଷ୍ପତ୍ତି ନିଆଯାଇଛି। ଇମେଲ ମାଧ୍ୟମରେ ଯେଉଁ ପ୍ରସଙ୍ଗଗୁଡ଼ିକ ଉଠାଯାଇଥିଲା, ସେଗୁଡ଼ିକ ତତ୍କାଳୀନ ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଆଯାଇଥିବା ନୀତିଗତ ନିଷ୍ପତ୍ତି ସମ୍ପର୍କରେ। ଏହି ପରିପ୍ରେକ୍ଷୀରେ ଉଲ୍ଲେଖନୀୟ ଯେ, ସରକାରୀ ସଂସ୍ଥାଗୁଡ଼ିକର ସବୁ ନିଷ୍ପତ୍ତି ସରଳ ବିଶ୍ୱାସରେ ଏବଂ ବୃହତ୍ତର ଜନସ୍ୱାର୍ଥରେ ନିଆଯାଇଥାଏ। ବିଭିନ୍ନ ଦୃଷ୍ଟିକୋଣରୁ କୌଣସି ନିଷ୍ପତ୍ତିର ବ୍ୟାଖ୍ୟା କରାଯାଇପାରେ। ତେଣୁ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଯେଉଁସବୁ ଦିଗକୁ ବିଚାରକୁ ନିଆଯାଇଥିଲା ତାହାର ଏକ ଉପଯୁକ୍ତ ସ୍ପଷ୍ଟୀକରଣ ଦିଆଯିବା ଉଚିତ।

(ସୌଜନ୍ୟ: ହଫିଙ୍ଗ୍‌ଟନ୍‌ପୋଷ୍ଟ.ଇନ୍)

# ୟୁ ଆର୍ ନଟି



ଶୁଭନାରାୟଣ ଶତପଥୀ

ଗତ ଛୁଟିରେ ମୁଁ ବଲାଙ୍ଗୀର ଇଣ୍ଟରସିଟିରେ ସମ୍ବଲପୁରରୁ ଫେରୁଥାଏ। ଟ୍ରେନ୍‌ଟି ଭାରି ଭିଡ଼ ହୋଇଥିବାରୁ ସିଟ୍ ମିଳିଲା ନାହିଁ। ଠିଆ ହୋଇ ଆସିବା ଭିତରେ ଚାରିଆଡ଼କୁ ନଜର ବୁଲାଉଥାଏ। ଦୁଇଟି ସିଟ୍ ଫାଙ୍କା ପଡ଼ିଥିବାର ଦେଖିଲି। ସିଟ୍ ପାଖରେ ପହଞ୍ଚିଗଲି। ଦେଖେ ତ ମୋ ପିଲାବେଳର ସାଙ୍ଗ ସୁବାସ ଲମ୍ବା ସିଟ୍‌ର ଗୋଟିଏ କଡ଼ରେ ବସିଛି। ଫାଙ୍କା ଥିବା ସ୍ଥାନରେ ମୁଁ ବସିବାକୁ ଗଲାବେଳେ ସେ ମୋତେ ମନା କଲା। ମୁଁ ଭାବିଲି ବୋଧହୁଏ ସେ ସିଟ୍ ଦୁଇଟିର ଯାତ୍ରୀ ଟଏଲେଟ୍ ଯାଇଛନ୍ତି। ମୋର ବସିବାର ଲାଳସା ଦେଖି ସୁବାସ ଠିଆ ହୋଇପଡ଼ି ନିଜ ସିଟ୍‌ଟିକୁ ଯାଚିଲା। ମୁଁ କିନ୍ତୁ ମନାକଲି ଓ ପିଲାବେଳର ପୁରୁଣା ସ୍ମୃତିଗୁଡ଼ିକୁ ସାଉଁଟିବା ପାଇଁ ତା' ସହ କଥାବାର୍ତ୍ତା ଆରମ୍ଭ କଲି। ଦୁଇମିନିଟ୍ ହୋଇଛି କି ନାହିଁ ଗୋଟିଏ ଦଶବର୍ଷର ପିଲାକୁ ଧରି ମହିଳା ଜଣେ ଆସି ସୁବାସ ପାଖରେ ବସିଲେ। ସୁବାସ ତାଙ୍କୁ ମୋ ସହିତ ପରିଚୟ କରାଇଦେଲେ ଯେ ସେ ହେଉଛନ୍ତି ତାଙ୍କ ସ୍ତ୍ରୀ ସୁଶୀଳା ଓ ପୁଅ ଆକାଶ। ସଙ୍ଗେ ସଙ୍ଗେ ସୁଶୀଳା ମ୍ୟାଡାମ୍ କହିଲେ ଆପଣ ଏଇଠି ବସନ୍ତୁ। ସେତେବେଳକୁ ମୁଁ ଜାଣିସାରିଥାଏ ମ୍ୟାଡାମ୍ ଆଣ୍ଠୁରୋଗଜନିତ ଯନ୍ତ୍ରଣାରେ ପୀଡ଼ିତ। ମୁଁ ତାଙ୍କୁ ମନାକରିବା ପୂର୍ବରୁ ସୁବାସର ପୁଅ ଆକାଶ ମୋ ହାତ ଧରି ତା' ସିଟ୍‌ରେ ବସାଇଦେଲା ଓ ତା' ବାପାଙ୍କ କୋଳରେ ନିଜେ ବସିପଡ଼ିଲା। ଛୋଟ ପିଲାଟିଏ ହେଲେ କ'ଣ ହେବ ତା'ର ଭଦ୍ରୋଚିତ ବ୍ୟବହାର, ସଂସ୍କାରକୁ ମାନିବାକୁ ହେବ। ଦୁଇମାସ ତଳେ ମୋ ସହ ଘଟିଥିବା ଅନ୍ୟ ଏକ ଘଟଣା ସହ ଏଇ ଛୋଟ ଘଟଣାଟିର ବେଶ୍ ସାମଞ୍ଜସ୍ୟ ରହିଛି ବୋଲି ମୁଁ ହିଁ କେବଳ ଜାଣେ।

ଘଟଣାଟି ଏହି ପ୍ରକାର– ମାଉସୀପୁଅ ଭାଇର ବାହାଘରରେ ଯୋଗ ଦେବାକୁ ମୁଁ ସାକ୍ଷୀଗୋପାଳ ଯାଇଥାଏ। ସମୟ ପ୍ରାୟ ଅପରାହ୍ଣ ୪ଟା ହେବ। ଭୋଜି ଖାଇସାରି ବିବାହ ବେଦି ପାଖରେ ଗୋଟିଏ ଚୌକିରେ ବସିଥାଏ। ମୋ ଚାରିପାଖର ଚୌକିଗୁଡ଼ିକ ଫାଙ୍କା ପଡ଼ିଥାଏ। ହଠାତ୍ ଜଣେ ଆଠବର୍ଷର ବାଳକ ଖାଲି ଖଲିପ୍ଲେଟ ଓ ଦନାଟିଏ ଧରି ଆସି ମୋ ପାଖ ଚୌକିରେ ବସିଲା। ବେଶ ପରିପାଟୀ ବେଶ୍ ସୁନ୍ଦର। ତା'ର ଚପଳତାକୁ ମୁଁ ଲକ୍ଷ୍ୟ କରୁଥିଲି। ବସିବାର ଦଶ ମିନିଟ ହୋଇଛି କି ନାହିଁ ସେ ବସିଥିବା ଚୌକି ଉପରେ ଧରିଥିବା ଖଲି ଓ ଦନାକୁ ଥୋଇ କୁଆଡ଼େ ଯିବାକୁ ବାହାରିଲା। ଆଉ ମୋତେ କହିଲା ଅଙ୍କଲ୍, ମୋ ଚୌକି ଓ ଖଲି ଦନାକୁ ଜଗିଥିବେ। ଏତିକି କହି ଚାଲିଗଲା। ଅଧଘଣ୍ଟା ବିତିଗଲା, ପିଲାଟି ଆସି ନ ଥାଏ। ଏତିକିବେଳେ ଜଣେ ବୟସ୍କ ଭଦ୍ର ମହିଳା ଆସି ମୋତେ ପଚାରିଲେ ଆଚ୍ଛା ଏ ଚୌକିରେ ମୁଁ ବସିପାରିବି କି? ମୁଁ ଉପରୋକ୍ତ ଘଟଣାଟି ତାଙ୍କୁ କହିଲି ଏବଂ ଖଲି ଦନାକୁ ମୁଁ ନିଜ କୋଳରେ ଧରି ଭଦ୍ର ମହିଳାଙ୍କୁ ସେ ଚୌକିରେ ବସିବାକୁ କହିଲି। ମନେ ମନେ ଭାବୁଥାଏ, ପିଲାଟି ମୋତେ ସିନା ଜଗାଇ ଦେଇଯାଇଛି କିନ୍ତୁ ସେ ଏକଥା ଭୁଲିଯିବଣି। ମହିଳାଙ୍କ ବସିବାର ଠିକ୍ ପାଞ୍ଚମିନିଟ୍ ପରେ ସେହି ବାଳକଟି ମୋ ଆଡ଼କୁ ଆସୁଥିବାର ଦେଖିଲି। ତାକୁ ଦୂରରୁ ଦେଖି ଚିନ୍ତାକଲି ସେ ଆସୁ। ମୋ ଚୌକିଟା ତାକୁ ଦେଇଦେବି। ସେ ବସିବ। କିନ୍ତୁ ସେ ମୋ ପାଖରେ ପହଞ୍ଚିବାର ଚାରିହାତ ପୂର୍ବରୁ ମୋତେ କହିଲା 'ୟୁ ଆର୍ ନଟି'। ମୁଁ କିଛି କହିବା ପୂର୍ବରୁ ସେ ଆସି ତା'ର ଖଲି ଓ ଦନା ମୋ ହାତରୁ ନେଇ ଚାଲିଗଲା। ପାଖରେ ବସିଥିବା ଭଦ୍ର ମହିଳା ଓ ଅନ୍ୟ ବ୍ୟକ୍ତିମାନେ ମୋ ସହ ଘଟୁଥିବା ଏ ଘଟଣା ଆଡ଼କୁ ଅବାକ୍ ହୋଇ ଚାହିଁ ରହିଥାନ୍ତି। କିନ୍ତୁ ମୁଁ ବୁଝି ସାରିଥାଏ ସେ ବାଳକଟି ଦେଇଥିବା ଦାୟିତ୍ୱକୁ ମୁଁ ଠିକ୍‌ରୂପେ ତୁଲାଇ ପାରିନାହିଁ ବା ଅଣଦେଖା କରିଛି। ସେ ଯାହା ହେଉନା କାହିଁକି ସେଦିନର ନିଷ୍କପଟ, ସ୍ୱଚ୍ଛ ମନର ପ୍ରତୀକ ସେହି ବାଳକଟିର କଥାର ଦୃଢ଼ତା ଓ ଦାୟିତ୍ୱସମ୍ପନ୍ନ କାର୍ଯ୍ୟର ଗୁରୁତ୍ୱକୁ ମୁଁ ଉପଲବ୍ଧି କରିପାରୁଥିଲି। ସେତେବେଳକୁ ସେ ନଟି ଶବ୍ଦଟିକୁ ମୁଁ ଗ୍ରହଣ କରି ନେଇଥିଲି। ଏ ଘଟଣାଟିର ଝଲକ ଟ୍ରେନ୍‌ରେ ସୁବାସ ଓ ଆକାଶଙ୍କ ଭିତରେ ଲକ୍ଷ୍ୟକଲି। ଯଦି ମୁଁ ସେଦିନର ସେ ସ୍ଥିତିକୁ ସୁବାସ ଭଳି ପରିଚାଳନା କରିଥାନ୍ତି ବୋଧହୁଏ ବାଳକଟି ମନରେ ଭରସା ଓ ବିଶ୍ୱାସ ଜନ୍ମାଇ ପାରିଥାନ୍ତି। ଏମିତି କଥାବାର୍ତ୍ତା ସରିଲା ବେଳକୁ ଟ୍ରେନ୍ ପହଞ୍ଚିସାରିଥାଏ ଅନୁଗୋଳ ଷ୍ଟେଶନରେ। ଝରକା ଆଡକୁ ଚାହିଁଲି ଦଶବାରବର୍ଷର ବାଳକଟିଏ ରୁମାଲଟିଏ ବଢ଼ାଇ ଦେଇ କହୁଛି ଅଙ୍କଲ୍ ଗୋଟିଏ ସିଟ୍ ରଖିବେ। ଆଉ ସୁଯୋଗକୁ ହାତଛଡା କରି ନ ଥିଲି ସେଦିନ। ରୁମାଲଟିକୁ ଆଣି ମୋ ସିଟ୍‌ରେ ପକାଇଦେଲି ଓ ପୁଣି ଠିଆ ହୋଇପଡ଼ିଲି। ସୁବାସ ମୋତେ ଦେଖି କହୁଥାଏ। ରିୟଲି ୟୁ ଆର ଭେରି ଚାଇଲ୍ଡ ଫ୍ରେଣ୍ଡଲି। କାରଣ ପିଲାଟି ମୋ ହାତକୁ ରୁମାଲ ବଢାଇଲା ବେଳକୁ ଫାଙ୍କା ଥିବା ସିଟ୍‌ରେ ଠିଆ ହୋଇଥିବା ଲୋକ ବସି ସାରିଥାନ୍ତି।

ବାସ୍ତବିକ ଏମିତି ଅନେକ ଘଟଣା ପ୍ରତିଦିନ ଆମ ନଜର ଆଢୁଆଳରେ ଘଟିଯାଏ କିନ୍ତୁ ସେଗୁଡିକୁ ଗୁରୁତ୍ୱ ଦେଇ ନ ଥାଉ ବା ହେୟ ଜ୍ଞାନ କରିଥାଉ। ଯାହା ସଂପୃକ୍ତ ବାଳକ ବା ଶିଶୁମାନଙ୍କର ମନସ୍ତତ୍ତ୍ୱ, ଅଧିକାରକୁ କ୍ଷୁଣ୍ଣ କରି ସେମାନଙ୍କ ମନରେ ନକାରାତ୍ମକ ଭାବନାକୁ ଜନ୍ମଦିଏ। ଏପରି ସମ୍ବେଦନଶୀଳ ଘଟଣାର ପରିଚାଳନା ପାଇଁ ଆମେ ସମାଜର ସମସ୍ତ ନାଗରିକ ବିଶେଷକରି ମାତାପିତା, ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀମାନେ ଶିଶୁମାନଙ୍କ ନିମନ୍ତେ ସମାଜର ପ୍ରତିଟି ସ୍ଥାନକୁ ଶିଶୁସୁଲଭ କରିବାକୁ ଯତ୍ନବାନ ହେବା ଆବଶ୍ୟକ। ନଚେତ୍ ଶିଶୁଟିର ମନରେ ରେଖାପାତ କରୁଥିବା ପ୍ରତ୍ୟେକ ଘଟଣା କହିବ 'ୟୁ ଆର୍ ନଟି'।

ବିଜିପୁର, ବ୍ରହ୍ମଗିରି, ପୁରୀ,
ମୋ–୯୪୩୮୪୩୨୦୨୩

## ଅନ୍ତର୍ଜାତୀୟ ଶିଶୁ ଦିବସ ଉପଲକ୍ଷେ

## ଏଇ ଭାରତରେ

ପିଲାମାନେ ଟଙ୍କାଟିଏ ପାଇଲେ ବଜାରରୁ ବିସ୍କୁଟ କି ଚକୋଲେଟ କିଣିଦିଅନ୍ତି। କିନ୍ତୁ ଏମିତି ପିଲା ଅଛନ୍ତି ଯେଉଁମାନେ ତାଙ୍କ ପକେଟ୍ ଖର୍ଚ୍ଚ ସଞ୍ଚୟ କରି ଚଳାଉଛନ୍ତି ଶିଶୁ ବ୍ୟାଙ୍କ। ମଧ୍ୟପ୍ରଦେଶ ଛତରପୁର ଅଞ୍ଚଳରେ ଚାଲୁଛି ଏହି ବ୍ୟାଙ୍କ। ବିଭିନ୍ନ ବ୍ୟାଙ୍କରେ କୋଟି କୋଟି ଟଙ୍କା ଜମା ହେଉଥିବାବେଳେ ଶିଶୁ ବ୍ୟାଙ୍କରେ ୧ ଟଙ୍କାରୁ ଆରମ୍ଭ କରି ୧୦ ଟଙ୍କା ଯାଏ ଜମା ହେଉଥିବା ଶୁଣି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ଗରିବ ପିଲାମାନେ ସେମାନଙ୍କ ପକେଟ ଖର୍ଚ୍ଚ ବଞ୍ଚାଇ ବ୍ୟାଙ୍କ ବାଲାନ୍ସ ବୃଦ୍ଧି କରୁଛନ୍ତି। ଏହି ବ୍ୟାଙ୍କରେ ସେମାନେ ଟଙ୍କା ଜମା ରଖିବା ସହ ଆବଶ୍ୟକ ସମୟରେ ବ୍ୟାଙ୍କରୁ ୫୦୦ ଟଙ୍କା ଯାଏ ମଧ୍ୟ ଋଣ ନେଉଛନ୍ତି। ଛତରପୁର ଥାନାରେ ସଂଚାଳିତ ସଞ୍ଜୀବନୀ ବାଲ୍ ମିତ୍ର କେନ୍ଦ୍ର ଦ୍ୱାରା ଏହି ଶିଶୁ ବ୍ୟାଙ୍କ ମେ' ୨୦୧୬ରେ ଖୋଲାଯାଇଥିଲା। ଏବେ ଏହି ବ୍ୟାଙ୍କରେ ୧୫୦ ଜଣ ଶିଶୁ ଯୋଡ଼ି ହୋଇଗଲେଣି। ୧୪ ବର୍ଷ ବୟସ ଯାଏ ପିଲାମାନେ ବ୍ୟାଙ୍କରେ ଖାତା ଖୋଲିପାରୁଛନ୍ତି। ବ୍ୟାଙ୍କ ମ୍ୟାନେଜର, କୋଷାଧ୍ୟକ୍ଷ ମଧ୍ୟ ପିଲାମାନେ ରହିଛନ୍ତି। ଏହି ବ୍ୟାଙ୍କ ସେବା ମାଧ୍ୟମରେ ସେମାନଙ୍କ ସଞ୍ଚୟ ମନୋଭାବ ବୃଦ୍ଧି ପାଉଛି ଓ ଜରୁରୀ ସମୟରେ ସେମାନେ ଆଉ ମାତାପିତାଙ୍କୁ ପଇସା ମାଗୁନାହାନ୍ତି। ଜନ୍ମଦିନରେ ଖର୍ଚ୍ଚ କରିବା ଲାଗି ହେଉ କି ଅନ୍ୟ କୌଣସି ଜିନିଷ କିଣିବା ଲାଗି ସେମାନେ ବ୍ୟାଙ୍କରୁ ଋଣ ନେଉଛନ୍ତି। ଏହି ବ୍ୟାଙ୍କର ଜମାକାରୀ ପିଲାମାନଙ୍କୁ ପୋଲିସ ପକ୍ଷରୁ ନୈତିକ ଶିକ୍ଷା, ପରିବେଶ ଓ ସ୍ୱାସ୍ଥ୍ୟ, ଦେଶପ୍ରେମ, ସାଧାରଣ ଜ୍ଞାନ, ଇଂଲିଶ ଓ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରାଯାଉଛି। ଏଥିପାଇଁ ପିଲାମାନଙ୍କୁ ଘରୁ କେନ୍ଦ୍ରକୁ ଅଣାଯାଉଛି। ଏହି ବ୍ୟାଙ୍କ ଓ କେନ୍ଦ୍ର ସହ ଜଡିତ ଥିବା ପିଲା ବୟସ୍କ ହୋଇ ଭିନ୍ନ ଭିନ୍ନ କ୍ଷେତ୍ରରେ ରୋଜଗାରକ୍ଷମ ବି ହୋଇପାରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ନଭେମ୍ବର ୧୯୯୪

- ଭାରତୀୟ ମଡେଲ ଐଶ୍ୱର୍ଯ୍ୟା ରାୟ ୧୯୯୪ ବର୍ଷର ମିସ୍ ୱାର୍ଲଡ ବିଜୟିନୀ।
- ଦକ୍ଷିଣ ଆଫ୍ରିକାର ପୂର୍ବାଞ୍ଚଳ କେପ ପ୍ରଦେଶରେ ଏକ ବସ୍ ଦୁର୍ଘଟଣା ଘଟି ୫୮ ଜଣଙ୍କ ମୃତ୍ୟୁ।
- ବିହାରର ହଜାରିବାଗ ଜିଲାରେ ବିଷାକ୍ତ ମଦ୍ୟପାନ କରି ୨୭ ଜଣଙ୍କ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ଏକକ ପ୍ରଶ୍ନପତ୍ର ସ୍ୱାଗତଯୋଗ୍ୟ

ମହାଶୟ,

ଆସନ୍ତା ଶିକ୍ଷାବର୍ଷଠାରୁ ରାଜ୍ୟର ସମସ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ଏକା ସମୟରେ ସମାନ ପ୍ରଶ୍ନପତ୍ର ମାଧ୍ୟମରେ ପରୀକ୍ଷା କରାଇବା ଉତ୍ତମ ଚିନ୍ତାଧାରା। ଏହାଦ୍ୱାରା ବିଦ୍ୟାଳୟରେ ପରୀକ୍ଷା ପରିଚାଳନାରେ କୌଣସି ବ୍ୟତିକ୍ରମ ହେବନାହିଁ। କାରଣ ପୂର୍ବରୁ ଜିଲା ଶିକ୍ଷା ଅଧିକାରୀ ସମ୍ପୃକ୍ତ ଜିଲାର କୌଣସି ଘରୋଇ ଛାପାଖାନାରେ ପ୍ରଶ୍ନପତ୍ର ପ୍ରସ୍ତୁତି ପାଇଁ ବ୍ୟବସ୍ଥା କରି ବହୁ ଅବ୍ୟବସ୍ଥାରେ ପଡୁଥିଲେ। ପୁଣି ଏଥିରେ ସ୍ୱଚ୍ଛତା ନ ଥିଲା। ଦୁର୍ଗମ ଅଞ୍ଚଳରେ ପ୍ରଶ୍ନପତ୍ର ଠିକ୍ ସମୟରେ ପହଞ୍ଚୁ ନ ଥିଲା। ବର୍ତ୍ତମାନ ମଧ୍ୟ ସରକାର ବହୁ ପୂର୍ବରୁ ପ୍ରଶ୍ନପତ୍ର ପ୍ରସ୍ତୁତ କରାଇ, ଆଗୁଆ ଜିଲା ଶିକ୍ଷାଧିକାରୀଙ୍କ ଜରିଆରେ ପହଞ୍ଚାଇ ପାରିଲେ ପରିଚାଳନାରେ କୌଣସି ତ୍ରୁଟି ହେବନାହିଁ। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ଦକ୍ଷତା ଠିକ୍‌ରୂପେ ମପାଯାଇପାରିବ।

ବିନୋଦ ଚନ୍ଦ୍ର ଜେନା, ପାରଳାଖେମୁଣ୍ଡି, ଗଜପତି

### ପୁରୀ ଶ୍ରୀଜଗନ୍ନାଥ ମେଡିକାଲ କଲେଜ କେବେ

ଧରିତ୍ରୀ(୩୧।୧୦)ରେ ସରକାରୀ ମେଡିକାଲ କଲେଜର ବିଭିନ୍ନ କାର୍ଯ୍ୟର ସଂଯୋଜନା ପାଇଁ କେତେକ ଆଇଏଏସ୍ ଅଫିସରଙ୍କୁ ଦାୟିତ୍ୱ ଦେବା ଖବର ପ୍ରକାଶ ପାଇଛି। ସେଥିରେ ପୁରୀ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଅନ୍ୟତମ। ଏହି କଲେଜ ପାଇଁ ପୂର୍ତ୍ତ ବିଭାଗ ସଚିବ ତଥା କମିଶନରଙ୍କୁ ସଂଯୋଜକ ଦାୟିତ୍ୱ ଦେବା ଏହି କଲେଜ ପ୍ରତିଷ୍ଠା ଦିଗରେ ଏକ ସକାରାତ୍ମକ ପଦକ୍ଷେପ। ୨୦୧୬ରେ ଆରମ୍ଭ ହୋଇଥିବା ଏହି କଲେଜ ଶ୍ରୀମନ୍ଦିର ପ୍ରଶାସନର ପ୍ରାୟ ୨୫ ଏକର ଜମିରେ ନିର୍ମିତ ହେବାର କୁହାଯାଉଥିଲେ ମଧ୍ୟ ସଂଲଗ୍ନ ହସ୍ପିଟାଲ ପାଇଁ ଏ ପର୍ଯ୍ୟନ୍ତ ଆବଶ୍ୟକ ଘରୋଇ ଜମି ଅଧିଗ୍ରହଣ ହୋଇନାହିଁ, ଯାହା ଆରମ୍ଭ ହେଲେ ମଧ୍ୟ କେବେ ହସ୍ପିଟାଲ ସରିବ ତା'ର ସ୍ଥିରତା ନାହିଁ। ବହୁ ବାଧାବିଘ୍ନ ସତ୍ତ୍ୱେ କଲେଜ ଠିଆହେଲେ ମଧ୍ୟ ଯଦି ହସ୍ପିଟାଲ ତିଆରି ନ ହୁଏ, ତେବେ କଲେଜରେ ପଢୁଥିବା ଛାତ୍ରୀଛାତ୍ର ସୁଚାରୁରୂପେ ଶିକ୍ଷାଲାଭ କରିପାରିବେ ନାହିଁ। ଯଦି କଲେଜ ଓ ହସ୍ପିଟାଲ ଲାଗି ଏକସଙ୍ଗେ ଜମି ମିଳିବା ପାଇଁ ଉଦ୍ୟମ କରାଯାଇଥାନ୍ତା, ତେବେ ୨୦୨୦–୨୧ ପାଇଁ ପିଲା ଆଡ୍‌ମିଶନ ନେଇ ପାରିଥାନ୍ତେ। ତେବେ ବିକଳ୍ପ ବ୍ୟବସ୍ଥା ସ୍ୱରୂପ ପୁରୀ ସଦର ମହକୁମା ହସ୍ପିଟାଲକୁ ସାମୟିକ ଏ ଦିଗରେ ବ୍ୟବହାର କରାଯାଇପାରେ।

ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପରିଚିତ କେଉଁ ରୂପ ସେ ଦେଖିବା ଲାଗି
କୋଳେ ଶିଶୁ ଧରି ଚାହିଁଥିବ ଅନୁରାଗୀ,
ପାହାଡ଼ ଉପରେ ପରିଚିତ କଳା ଛାଇ
ଦେଖିବାକୁ ପରା ରହିଥିବ ପଥ ଚାହିଁ!
ଅସ୍ଫୁଟ କେଉଁ ଶିଶୁର ମଧୁର ବାଣୀ
ବାଜେ ପଥିକର ସବୁ ଇନ୍ଦ୍ରିୟ ଟାଣି
ଆସଇ ଚେତନା ଚମକି ଆଗକୁ ଧାଏଁ
ପାହାଡ଼ ପାଚେରି ଉଠିଚି ଆକାଶ ଯାଏଁ
ଲୋଡେ ଆର ପାରି ଡେଇଁଯିବା ପାଇଁ ଉଡି
ଦୂର ଗାଆଁ କୋଳେ ରବି ଯାଏ ଧୀରେ ବୁଡି।
ବାନ୍ଧି ସାହସ ପୁଣି ଚାରି ଖୋଜ ଉଠେ
ସଞ୍ଜ ଗଗନେ ଗୋଟି ଗୋଟି ତାରା ଫୁଟେ।
କୋଟିଏ ବାସନା ମାନସ ଆକାଶେ ତା'ର
ରଚିଲେ ଅସୀମ ଅସ୍ଥାୟୀ ଅଭିସାର। (ଏହି ଯେ ପାହାଡ଼)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | | | | 6 | | | | C |
| 5 | 4 | | | | | C | | | | | 3 | 8 | | |
| 0 | A | | 2 | 6 | D | | 3 | | | | | E | 7 | |
| | B | | | 8 | | | D | | | | 1 | 0 | | |
| | C | | | | E | A | 4 | | 7 | | D | 5 | | 6 |
| D | 3 | 4 | 9 | | A | | | | | 2 | | | C | |
| | | | | | | 9 | 1 | | | | 8 | | A | 2 |
| | | | | | 7 | | 6 | | A | | 5 | | 4 | |
| | | | | | | | | C | D | | 9 | 7 | | 0 |
| 1 | | | | B | | 5 | | | C | | | 6 | | |
| 7 | | | | | | | | | | | | 3 | | 8 |
| A | | | | | | | | | | 4 | 0 | | | 7 |
| E | | | | | 2 | | 5 | 6 | | B | | 1 | 0 | |
| | | | | 1 | 0 | | E | | 3 | | 6 | 2 | B | 4 |
| | | | 8 | D | | | 0 | B | E | 9 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | D | 8 | 9 | 2 | A | 7 | E | 6 | B | 3 | 4 | 5 | C | 0 |
| 0 | 7 | E | 6 | D | 1 | 5 | C | 2 | 9 | 8 | A | B | 3 | 4 |
| 4 | A | 3 | B | 7 | 5 | 0 | 1 | 9 | C | D | 6 | 8 | 2 | E |
| 6 | 5 | B | 3 | C | E | A | 8 | 4 | 7 | 2 | 0 | 9 | 1 | D |
| C | 2 | 9 | 4 | 8 | 0 | B | 3 | D | E | 5 | 1 | 6 | A | 7 |
| 7 | 9 | 1 | D | E | 3 | 6 | A | C | 4 | 0 | 8 | 2 | B | 5 |
| D | E | 6 | 8 | 4 | 9 | 1 | B | 3 | 5 | 7 | 2 | C | 0 | A |
| 8 | 4 | C | 0 | 6 | 2 | E | 5 | 7 | A | 1 | B | 3 | D | 9 |
| 2 | 3 | A | C | 5 | B | 4 | D | 0 | 6 | E | 9 | 1 | 7 | 8 |
| B | 0 | 5 | A | 1 | 7 | 9 | 2 | 8 | 3 | C | D | 4 | E | 6 |
| 3 | C | 0 | 5 | 9 | 8 | 2 | 4 | E | 1 | A | 7 | D | 6 | B |
| 9 | 1 | 7 | 2 | A | 4 | D | 0 | B | 8 | 6 | C | E | 5 | 3 |
| 5 | 6 | 4 | 1 | B | C | 3 | 7 | A | D | 9 | E | 0 | 8 | 2 |
| E | 8 | D | 7 | 0 | 6 | C | 9 | 5 | 2 | B | 3 | A | 4 | 1 |
| A | B | 2 | E | 3 | D | 8 | 6 | 1 | 0 | 4 | 5 | 7 | 9 | C |

ଗତକାଲିର ଉତ୍ତର

## ସଂକ୍ଷେପରେ

### ଜିଲାସ୍ତରୀୟ ଭିନ୍ନକ୍ଷମ କ୍ରୀଡ଼ା ପ୍ରତିଯୋଗିତା

**କେନ୍ଦ୍ରାପଡା ଅଫିସ,୧୯।୧୧:** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡିଆ ପରିସରରେ ଜିଲା ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଜିଲାସ୍ତରୀୟ ଭିନ୍ନକ୍ଷମ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ଜିଲାପାଳ ସମର୍ଥ ବର୍ମା ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ରାଜ୍ୟ ଭିନ୍ନକ୍ଷମ କମିଶନର ସୁଲୋଚନା ଦାସ, ମୁଖ୍ୟବକ୍ତା ଭାବେ ଅନ୍ତର୍ଜାତୀୟ ପାରା କ୍ରୀଡା ଖେଳାଳି ମହମ୍ମଦ ଜାଫର ଇକବାଲ ଯୋଗ ଦେଇଥିଲେ । ଅତିଥିମାନେ ଭିନ୍ନକ୍ଷମମାନଙ୍କୁ ସବୁ କ୍ଷେତ୍ରରେ ପ୍ରୋତ୍ସାହିତ କରିବାକୁ ଆହ୍ୱାନ ଦେଇଥିଲେ। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଉଦୟନାଥ ଜେନା, ଜିଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଏହାକୁ ପରିଚାଳନା କରିଥିଲେ। ଏଥିରେ ଜିଲାର ୩୫୦ ଜଣ ପ୍ରତିଯୋଗୀ ସାମିଲ ହୋଇଥିଲେ ।

### ଠିକାଦାରଙ୍କୁ ମରଣାନ୍ତକ ଆକ୍ରମଣ, ଥାନାରେ ମାମଲା

**କେନ୍ଦ୍ରାପଡା ଅଫିସ,୧୯।୧୧:** ଠିକାଦାରଙ୍କୁ ବଟି ମାଗିବା କେନ୍ଦ୍ରାପଡା ଜିଲାରେ ପୁଣି ଥରେ ଆରମ୍ଭ ହୋଇଛି । ବଟି ଅର୍ଥ ନ ମିଳିବାରୁ ଜଣେ ଠିକାଦାରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି । ଏନେଇ ମଙ୍ଗଳବାର ଟାଉନ ଥାନାରେ ଆକ୍ରମଣକାରୀଙ୍କ ନାମରେ ଅଭିଯୋଗ ହେବା ପରେ ୨୨୪/୧୯ନଂରେ ମାମଲା ରୁଜୁ ହୋଇଛି । ଅଭିଯୋଗ ଅନୁଯାୟୀ, ସହରର ମହିପାଳ ଗ୍ରାମର ଠିକାସଂସ୍ଥା ମାଲିକ ସାଗର ମହାନ୍ତିଙ୍କୁ ଏହି ଥାନା ଅନ୍ତର୍ଗତ ଚାଟରାପାଟଣା ଗ୍ରାମର ଦୀପକ ମାନସିଂହ ଦାଦାବଟି ମାଗିଥିଲେ । ତେବେ ଏହି ବଟି ଟଙ୍କା ଦେବାକୁ ସାଗର ମନା କରିଥିଲେ । ଫଳରେ ଗତ ୧୪ ତାରିଖ ରାତିରେ ଦୀପକଙ୍କ ସମେତ ଚାଟରାପାଟଣା ଗ୍ରାମର ଅଶୋକ କୁମାର ଲେଙ୍କା, ଚିତ୍ତରଞ୍ଜନ ଲେଙ୍କା ଓ ମାନସ ମଲିକ ନୂଆ ବସଷ୍ଟାଣ୍ଡ ନିକଟରେ ତାଙ୍କୁ ମାଡ ମାରିବା ସହ ସୁନା ଚେନ ଓ ଟଙ୍କା ଛଡାଇ ନେଇଛନ୍ତି । ଏ ସମ୍ପର୍କରେ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଜ୍ୟୋତିରଞ୍ଜନ ସାମନ୍ତରାୟ ସୂଚନା ଦେଇଛନ୍ତି ।

### ପ୍ରତି ୱାର୍ଡରେ ଭତ୍ତା ବଣ୍ଟନ ଦାବି

କେନ୍ଦ୍ରାପଡା ଅଫିସ, ୧୯।୧୧: କେନ୍ଦ୍ରାପଡା ପୌର କାର୍ଯ୍ୟାଳୟ ପରିସରରେ ପ୍ରତି ମାସରେ ଭତ୍ତା ବଣ୍ଟନ ହେଉଛି। ତେବେ ଏହି ବ୍ୟବସ୍ଥା ପ୍ରତି ୱାର୍ଡରେ କରିବା ପାଇଁ ପୂର୍ବତନ କାଉନସିଲର ମୀର ଆବୁ ଓବେଦା ଦାବି କରିଛନ୍ତି। ଏ ନେଇ ସେ ପୌରନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳଙ୍କୁ ସୋମବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ମୀର ଓବେଦା କହିଛନ୍ତି ଯେ, ଭତ୍ତା ପ୍ରଦାନ ସମୟରେ ପୌରାଞ୍ଚଳର ସମସ୍ତ ବୃଦ୍ଧାବୃଦ୍ଧ ଓ ଭିନ୍ନକ୍ଷମ ପୌର କାର୍ଯ୍ୟାଳୟକୁ ଆସୁଛନ୍ତି। ଏଥିପାଇଁ ଭିଡ଼ ଜମିବା ଯୋଗୁ ହିତାଧିକାରୀଙ୍କ ସମୟ ନଷ୍ଟ ସହିତ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ସରକାର ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଭତ୍ତା ବଣ୍ଟନ ପାଇଁ ଘୋଷଣା କରିଛନ୍ତି। ତେବେ ବହୁ ଭିନ୍ନକ୍ଷମଙ୍କ ବ୍ୟାଙ୍କ ଆକାଉଣ୍ଟ ନାହିଁ। କେତେକଙ୍କର ଥିଲେ ମଧ ବ୍ୟାଙ୍କରେ ଧାଡିରେ ରହି ଟଙ୍କା ଉଠାଇବା ସମୟସାପେକ୍ଷ। ଏଥିପାଇଁ ପ୍ରତି ୱାର୍ଡରେ ଥିବା ଅଙ୍ଗନୱାଡି କେନ୍ଦ୍ର ଅଥବା ପ୍ରାଥମିକ ଶିକ୍ଷାନୁଷ୍ଠାନରେ ଭତ୍ତା ବଣ୍ଟନ କରାଗଲେ ହିତାଧିକାରୀ ଉପକୃତ ହୋଇପାରିବେ ବୋଲି ମୀର ଓବେଦା ସୂଚନା ଦେଇଛନ୍ତି।

# ହେନ୍ତାଳବଣ ପାଇଁ ବେଆଇନ ନିର୍ମାଣ ବିପଦ

**ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ**

କେନ୍ଦ୍ରାପଡା ଅଫିସ, ୧୯।୧୧

ଜାତୀୟ ଉଦ୍ୟାନ ଭିତରକନିକାରେ ବେଆଇନ ନିର୍ମାଣ ଚାଲିଛି । ଏହାକୁ ନେଇ ପରିବେଶବିତ୍ ଓ ବୁଦ୍ଧିଜୀବୀ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଭିତରକନିକା ମହୋତ୍ସବ ପୂର୍ବରୁ ଜାତୀୟ ଉଦ୍ୟାନ ପରିସରରୁ ବେଆଇନ ଜବରଦଖଲ ହଟାଇବା ସହ ହେନ୍ତାଳ ବନ ସୃଷ୍ଟି କରିବା ପାଇଁ ସାମୁଦ୍ରିକ ଜୀବ ଓ ଅଲିଭରିଡଲେ କଇଁଛ ସୁରକ୍ଷା ସମିତି ପକ୍ଷରୁ ଜିଲାପାଳଙ୍କୁ ମଙ୍ଗଳବାର ଏକ ଦାବିପତ୍ର ଦିଆଯାଇଛି । ଏ ସମ୍ପର୍କରେ ସମିତି ସଭାପତି ହେମନ୍ତ କୁମାର ରାଉତ କୁହନ୍ତି ଯେ, ଜାତୀୟ ଉଦ୍ୟାନ ମଧ୍ୟରେ ବେଆଇନ ନିର୍ମାଣକୁ ପ୍ରଶାସନ ପକ୍ଷରୁ ଅଣଦେଖା କରାଯାଉଛି । ଫଳରେ ଏହି ଜଙ୍ଗଲ ଜମି ଏବେ ଜବରଦଖଲକୁ ଚାଲିଯାଉଛି । ରାମନଗର ଓ ତାଳଚୁଆ ଠାରେ ବେଆଇନ ଭାବେ ହେନ୍ତାଳବଣକୁ ସଫା କରାଯାଇ ଘର ଓ ଦୋକାନ ଗୃହ ନିର୍ମାଣ ହେଉଛି ।


ତାଳଚୁଆଠାରେ ନାଳ ଉପରେ ବେଆଇନ ଘର ନିର୍ମାଣ।

ଫଳରେ ପାଣି ନାଳ ଅବରୋଧ ହେଉଛି । ରାମନଗରର ପୂର୍ବତନ ଶିକ୍ଷକ ଭବାନୀ ମଣ୍ଡଳ କହିଛନ୍ତି ଯେ, ମହାକାଳପଡା ବନାଞ୍ଚଳ ମଧ୍ୟରେ ୩୦ରୁ ଅଧିକ ଲୋକ ଏବେ ଦୋକାନ ଗୃହ ଓ ବାସଗୃହ ନିର୍ମାଣ କରୁଛନ୍ତି । ସେମାନେ ବେଆଇନ ଭାବେ ନିର୍ମାଣ କରୁଥିବା ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ପ୍ରଶାସନ ପକ୍ଷରୁ ଏହି ବେଆଇନ ନିର୍ମାଣ ବନ୍ଦ ପାଇଁ ନୋଟିସ ହୋଇଥିଲା । ଏହି ନୋଟିସ ପାଇବାର କିଛି ଦିନ ପରେ ପୁନର୍ବାର ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି । ପରିବେଶବିତ୍ ସୁଧାଂଶୁ ପରିଡା କହିଛନ୍ତି ଯେ, ପୂର୍ବରୁ ଜାତୀୟ ଉଦ୍ୟାନର ପରିବେଶକୁ କେତେକ ମତ୍ସ୍ୟଜୀବୀ ନଷ୍ଟ କରୁଥିବା ଅଭିଯୋଗ ହେଉଥିଲା । ତେବେ ସାଂପ୍ରତିକ ସମୟରେ ଜବରଦଖଲକାରୀ ଜାତୀୟ ଉଦ୍ୟାନର ଶ୍ରୀକୁ ନଷ୍ଟ କରୁଛନ୍ତି । ଏ ସମ୍ପର୍କରେ ରାଜନଗର ଡିଏଫଓ ବିକାଶ ରଞ୍ଜନ ଦାଶ କୁହନ୍ତି ଯେ, ବନାଞ୍ଚଳର ତାଳଚୁଆ ଓ ରାମନଗର ଅଞ୍ଚଳ ମଧ୍ୟରେ ବେଆଇନ ନିର୍ମାଣ ସମ୍ପର୍କରେ ଆମ ନିକଟରେ ଅଭିଯୋଗ ପହଞ୍ଚିଛି। ଏ ନେଇ ତଥ୍ୟ ସଂଗ୍ରହ କରାଯାଉଛି। ଜବରଦଖଲକାରୀଙ୍କ ବିରୋଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ମତ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଏହି ଜବରଦଖଲକାରୀ ହେନ୍ତାଳ ବନ ସଫା କରିବା ଫଳରେ ତଟାଞ୍ଚଳର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ଏଥିସହିତ ପରିବେଶ ନଷ୍ଟ ଫଳରେ ପକ୍ଷୀଙ୍କ ସଂଖ୍ୟା ହ୍ରାସ ହେବା, ସାମୁଦ୍ରିକ ଜୀବ ଓ ବନ୍ୟଜନ୍ତୁ ଶିକାର ହେଉଥିବା ସୁରକ୍ଷା ସମିତି ପକ୍ଷରୁ ଜିଲାପାଳଙ୍କୁ ଦିଆଯାଇଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି ।

## ବୈତରଣୀ ନଦୀପଠାରେ ବେଆଇନ କୋଠାଘର
# ରାଜସ୍ୱ ଓ ଜଙ୍ଗଲ ବିଭାଗ ଅଧିକାରୀଙ୍କ ସର୍ଭେ

ରାଜନଗର, ୧୯।୧୧

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକରେ ଥିବା ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ପ୍ରବାହିତ ବୈତରଣୀ ନଦୀ ପଠାରେ ଗଢିଉଠିଛି ବେଆଇନ କୋଠାଘର। ରାଜସ୍ୱ ଓ ଜଙ୍ଗଲ ବିଭାଗର ସବୁ ଆଇନ କାନୁନକୁ ଫୁ କରି ଏହି କୋଠାଘର ନିର୍ମାଣ ହୋଇଛି। ଏନେଇ ଅଭିଯୋଗ ହେବା ପରେ ମଙ୍ଗଳବାର କେନ୍ଦ୍ରାପଡା ଜିଲାପାଳ ଓ ରାଜନଗର ଡିଏଫଓଙ୍କ ନିର୍ଦ୍ଦେଶକ୍ରମେ ଉଭୟ ବିଭାଗର ଅଧିକାରୀମାନେ ସେଠାରେ ପହଞ୍ଚି ସର୍ଭେ କରିଛନ୍ତି। ମଙ୍ଗଳବାର ରାଜନଗର ଅତିରିକ୍ତ ତହସିଲଦାର ପ୍ରଦୀପ କୁମାର ମହାନ୍ତି, ତାଳଚୁଆ ରାଜସ୍ୱ ନିରୀକ୍ଷକ ଅକ୍ଷୟ କୁମାର ନାୟକ, ଅମିନ କୈଳାସ ସ୍ୱାଇଁ, କଳିକା ରେଞ୍ଜ ଅଫିସର ସୁଶ୍ରୀ ସ୍ୱାତୀ ମହାନ୍ତି, ବନପାଳ କପିଳେନ୍ଦ୍ର ପ୍ରଧାନ ପ୍ରମୁଖ ନଦୀକୂଳରେ ପହଞ୍ଚି ପଠାକୁ ଲାଗି ନିର୍ମାଣ କରାଯାଇଥିବା କୋଠାଘର, ମାଛ ବିକ୍ରୀ ପିଣ୍ଡି, ପମ୍ପ ହାଉସ, ଢଳେଇ ରାସ୍ତା ଓ ପ୍ରାଚୀରଗୁଡିକ ଯେଉଁ ଜମିରେ ନିର୍ମାଣ ହୋଇଛି ତାହା ମାପିଥିଲେ। ଖାତା ନଂ. ୧୨୮ ପ୍ଲଟ ନଂ.୫ରେ ୨ ଡେସିମିଲ ଝାଟି ଜଙ୍ଗଲ, ପ୍ଲଟ ନଂ ୪ରେ ୨ ଡେସିମିଲ ଝାଟି ଜଙ୍ଗଲ, ପ୍ଲଟ ୩ରେ ୨ ଡି.ମି. ପତିତ ,ପ୍ଲଟ ନଂ୬ରେ ଏ୧.୬ ଡେସିମିଲ ସର୍ବସାଧାରଣ ବ୍ୟବହାର ଜମି ଉକ୍ତ କୋଠାର ଆବଦ୍ଧ ପ୍ରାଚୀର ଭିତରେ ରହିଥିବା ସର୍ଭେ ବେଳେ ଜଣାପଡିଛି। ଉପରୋକ୍ତ ବେଆଇନ ନିର୍ମାଣ ଗ୍ରାମ୍ୟ ଜଙ୍ଗଲ ଭିତରେ ରହିଛି। ଏକ ବେଆଇନ କୋଠାଘରର ଆନୁମାନିକ ମୂଲ୍ୟ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ଏଭଳି ବେଆଇନ କୋଠା ନିର୍ମାଣ ବେଳେ ଲୁଣା ଜଙ୍ଗଲକୁ କିପରି କଟାଗଲା, ଦାୟିତ୍ୱରେ ଥିବା ବନବିଭାଗ ଓ ରାଜସ୍ୱ ବିଭାଗର ଅଧିକାରୀଙ୍କ ସାଧୁତା ପ୍ରତି ପ୍ରଶ୍ନ ଉଠାଇଛି। ସର୍ଭେ ପରେ ଅତିରିକ୍ତ ତହସିଲଦାର ମହାନ୍ତି ଏହି କୋଠା ନିର୍ମାଣ ବେଆଇନ ହୋଇଥିବାରୁ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯିବ। ଜିଲାପାଳ ଏ ଦିଗରେ ଯାହା ନିଷ୍ପତ୍ତି ନେବେ ବୋଲି କହିଛନ୍ତି । ରାଜନଗର ଡିଏଫଓ ବିକାଶ ରଞ୍ଜନ ଦାଶ କହିଛନ୍ତି ଯେ, ରିପୋର୍ଟ ଆସିବା ପରେ ଜଙ୍ଗଲ ଜମିରେ କୋଠାଘର ନିର୍ମିତ ହୋଇଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ବାଲିଯାତ୍ରା ମହୋତ୍ସବ ଉଦ୍‌ଯାପିତ



ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

କେନ୍ଦ୍ରାପଡା ଅଫିସ, ୧୯।୧୧

ସହର ନିକଟ ସୁଜାନଗରସ୍ଥ ଗୋବରୀ ନଦୀ ପଠାରେ ଗତ ୧୨ ତାରିଖ ଠାରୁ ଚାଲିଥିବା କେନ୍ଦ୍ରାପଡା ବାଲିଯାତ୍ରା ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ବାଲିଯାତ୍ରା କମିଟି ସଭାପତି ପ୍ରଦୀପ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ମହୋତ୍ସବରେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ଜିଲା ପରିଷଦ ଅଧ୍ୟକ୍ଷ ମାନସ କୁମାର ପରିଡା, ଜିଲାପାଳ ସମର୍ଥ ବର୍ମା, ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ, ସରପଞ୍ଚ ପୀତବାସ ବେହେରା ଯୋଗ ଦେଇଥିଲେ । ଅତିଥିମାନେ କେନ୍ଦ୍ରାପଡା ଜିଲାର ନୌବାଣିଜ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ଆଗାମୀ ଦିନରେ ଏହି ବାଲିଯାତ୍ରାକୁ ବ୍ୟାପକ କରାଯିବ ବୋଲି ମତ ଦେଇଥିଲେ । ଶିକ୍ଷାବିତ୍ ଶୁଭାଂଶୁ କୁମାର ଦାସ, ଧୀରେନ୍ଦ୍ର କୁମାର ଦାସ, ସମ୍ପାଦକ ସଞ୍ଜୟ କୁମାର ଜେନା, ଆଇନଜୀବୀ ରମଣୀ ରଞ୍ଜନ ରାଉତରାୟ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଶୈକ୍ଷିକ ଜୀବନରେ ପ୍ରତିଯୋଗିତା ଆବଶ୍ୟକ

ଆଳି,୧୯।୧୧(ଡି.ଏନ.ଏ.)

କେନ୍ଦ୍ରାପଡା ଜିଲା ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ ପକ୍ଷରୁ ଆଳି ବ୍ଲକ ନ'ମୌଜା ହାଇସ୍କୁଲରେ ରବିବାର ବ୍ଲକସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ୮ କ୍ଲଷ୍ଟରର ୩୦ ବିଦ୍ୟାଳୟର ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଏହି ଅବସରରେ ଆୟୋଜିତ ସଭାରେ ମୃଗନୟନୀ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶଶିଭୂଷଣ ଦାଶ ଅଧକ୍ଷତା କରିଥିଲେ। ଏଥିରେ ନ'ମୌଜା ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଭାତ ଦାସ ଯୋଗଦେଇ ଶୈକ୍ଷିକ ଜୀବନରେ ପ୍ରତିଯୋଗିତାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଅଭୟ କୁମାର ସୂତାର ଏହାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ପ୍ରଧାନ ଶିକ୍ଷକ ଅକ୍ଷୟ ଦାସ, ପ୍ରଫୁଲ୍ଲ ପରିଡ଼ା, ଅଟଳବିହାରୀ ନନ୍ଦ, ସୂର୍ଯ୍ୟକାନ୍ତ ଦାଶ, ଅକ୍ଷୟ ଜେନା, ନାରାୟଣ ସୂତାର, ବ୍ରଜ ପାତ୍ର ଓ ପୁଷ୍ପାଞ୍ଜଳି ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସମସ୍ୟା ଘେରରେ କାଦୁଆ ପ୍ରାଥମିକ ବିଦ୍ୟାଳୟ
# ଖୋଲା ଆକାଶ ତଳେ ଚାଲିଛି ପାଠପଢ଼ା


ପିଲାମାନେ ପଡିଆରେ ପାଠ ପଢୁଛନ୍ତି।

ଡେରାବିଶ,୧୯।୧୧(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ରତାଦିଆ ଖଣ୍ଡସାହି ପଞ୍ଚାୟତର କାଦୁଆ ପ୍ରାଥମିକ ବିଦ୍ୟାଳୟରେ ନା ନା ସମସ୍ୟା ଲାଗି ରହିଛି । ଏପରି କି ଶ୍ରେଣୀ ଗୃହ ଥାଇ ମଧ ଛାତ୍ରୀଛାତ୍ରମାନେ ଖୋଲା ଆକାଶ ତଳେ ପାଠ ପଢିବା ନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଯେ, ଏହି ବିଦ୍ୟାଳୟ ପାଇଁ ସ୍ଥାୟୀ ଗୃହ ଥିବା ବେଳେ ଗତ ଦୁଇବର୍ଷ ତଳେ ଜିଲା ପ୍ରଶାସନ ବିଦ୍ୟାଳୟ ଗୃହକୁ ଅସୁରକ୍ଷିତ ଘୋଷଣା କରିଥିଲେ । ଗତ ୨୦୧୭ରୁ ଅଦ୍ୟାବଧି ଏହି ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଅଧୟନ ପାଇଁ ବ୍ଲକ ଓ ଜିଲା ଶିକ୍ଷା ବିଭାଗ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଇନାହାନ୍ତି । ଫଳରେ କାଦୁଆ ଗ୍ରାମରେ ଥିବା ଯୁବକ ସଂଘ ଗୃହରେ ଶିକ୍ଷାଦାନ ବ୍ୟବସ୍ଥା ହୋଇ ଆସୁଥିଲା । ମାତ୍ର ଗତ ନଭେମ୍ବର ୧ ତାରିଖରୁ ଯୁବକ ସଂଘ କର୍ମକର୍ତ୍ତାମାନେ ସେଠାରେ ତାଙ୍କ କାର୍ଯ୍ୟାଳୟ ଖୋଲିଛନ୍ତି । ଫଳରେ ଉକ୍ତ ଗୃହରେ ଶିକ୍ଷାଦାନ କରୁଥିବା ଶିକ୍ଷକ ଦ୍ୱୟ ଅନ୍ୟ ଉପାୟ ନ ଦେଖି ଅସୁରକ୍ଷିତ ଘୋଷଣା ହୋଇଥିବା ବିଦ୍ୟାଳୟ ସମ୍ମୁଖରେ ଥିବା ଖୋଲାପଡିଆରେ ଦୁଇ ସପ୍ତାହ ହେଲା ଶିକ୍ଷାଦାନ କରି ଆସୁଛନ୍ତି। ବିଭିନ୍ନ ଗଣମାଧ୍ୟମରେ ଏହା ପ୍ରକାଶ ପାଇବା ପରେ ବ୍ଲକ ଶିକ୍ଷାଧିକାରୀ ଦାୟିତ୍ୱରେ ଥିବା ଅତିରିକ୍ତ ଶିକ୍ଷାଅଧିକାରୀ ନରହରି ସୂତାର ସମ୍ପୃକ୍ତ ବିଦ୍ୟାଳୟକୁ ଆସି ଗ୍ରାମବାସୀ ଓ ଛାତ୍ରାଭିଭାବକଙ୍କୁ ଖୁବଶୀଘ୍ର ଏହି ବିଦ୍ୟାଳୟ ପାଇଁ ସ୍ଥାୟୀ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହାସତ୍ତ୍ୱେ ଆଜିଯାଏ ସମସ୍ୟାର ପ୍ରତିକାର କରାଯାଇନାହିଁ । ୧୯୩୪ ମସିହାରେ ପ୍ରତିଷ୍ଠିତ ହୋଇଥିବା କାଦୁଆ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଯାଏ ଥିବା ଶ୍ରେଣୀରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୨୦ । ତେବେ ଦୀର୍ଘଦିନ ଧରି ଖୋଲା ପଡ଼ିଆରେ ଅଧୟନ ଚାଲୁଥିବାରୁ ବହୁ ଅଭିଭାବକ ସେମାନଙ୍କ ପିଲାଙ୍କୁ ବିଦ୍ୟାଳୟକୁ ପଠାଇବା ବନ୍ଦ କରିଦେଲେଣି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଓ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଅବଗତ ଥିଲେ ମଧ ସମ୍ପୂର୍ଣ୍ଣ ନୀରବ ରହୁଛନ୍ତି । ଏ ବିଷୟରେ ଦାୟିତ୍ୱରେ ଥିବା ଶିକ୍ଷାଧିକାରୀ ସୂତାରଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ସମ୍ପୃକ୍ତ ବିଦ୍ୟାଳୟ ପାଇଁ ଏକ ନୂତନ ଗୃହ ନିର୍ମାଣ କରାଯିବା ନେଇ ବିଭାଗୀୟ ସ୍ତରରେ ଉଦ୍ୟମ ଜାରି ରହିଛି।

# କାର୍ତ୍ତିକେଶ୍ୱର ପୂଜା: ଚଳଚଞ୍ଚଳ ପୁରପଲ୍ଲୀ

ଡେରାବିଶ, ୧୯।୧୧ (ସ୍ୱ.ପ୍ର.)

କାର୍ତ୍ତିକ ପୂର୍ଣ୍ଣମୀଠାରୁ ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଛି କାର୍ତ୍ତିକେଶ୍ୱର ପୂଜା। ଏଥିପାଇଁ ଗାଁଠୁ ସହର ଚଳଚଞ୍ଚଳ। ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତର ଫାଣ୍ଡିବଜାର ଓ ଡେରାବିଶ ହାଟ ଛକ, ଏଣ୍ଡର ପଞ୍ଚାୟତର ପଞ୍ଚୁପାଣ୍ଡବ ବଜାର ଓ ଅନ୍ୟାନ୍ୟ ମଣ୍ଡପରେ କାର୍ତ୍ତିକେଶ୍ୱରଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଛି। ଡେରାବିଶ ଫାଣ୍ଡି ବଜାରରେ କାହିଁ କେଉଁ ଅମଳରୁ କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠିତ ହୋଇ ଆସୁଥିବା ବେଳେ


ଡେରାବିଶ ଫାଣ୍ଡି ବଜାର ପୂଜା ମଣ୍ଡପ।

ଚଳିତବର୍ଷ ଧୁମ୍‌ଧାମ୍‌ରେ ଏହି ପୂଜା ପାଳିତ ହେଉଛି। ୨ ସପ୍ତାହ ଧରି ହେବାକୁ ଥିବା ଏହି ପୂଜୋତ୍ସବ ପାଇଁ ପୂଜା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପୂଜା ମଣ୍ଡପ ସମେତ ଫାଣ୍ଡି ବଜାରକୁ ରଙ୍ଗ ବେରଙ୍ଗର ଆଲୋକମାଳାରେ ସଜା ଯାଇଛି। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାର ବ୍ୟବସ୍ଥା କରାଯାଇଥିବା ବଜାର କମିଟି ସଭାପତି ସଞ୍ଜୟ ସାହୁ ସୂଚନା ଦେଇଛନ୍ତି। ସେହିପରି ହାଟ ଛକରେ ବହୁ ଜାକଜମକରେ କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠିତ ହେଉଛି। ପୂଜା ପାଇଁ ବ୍ୟାପକ ଆୟୋଜନ କରାଯାଇଥିବା କମିଟି ସଭାପତି କୈଳାସ ଚନ୍ଦ୍ର ପ୍ରଧାନ ଓ ସମ୍ପାଦକ ରାମଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି। ଏଣ୍ଡର ପଞ୍ଚାୟତର ପଞ୍ଚୁପାଣ୍ଡବ ବଜାରରେ ମଧ ଆନନ୍ଦ ଉଲ୍ଲାସର ସହ କାର୍ତ୍ତିକେଶ୍ୱରଙ୍କ ପୂଜା ହେଉଛି। ଏଠାରେ ପୂଜା ମଣ୍ଡପରେ କରାଯାଇଥିବା ଚମତ୍କାର ସାଜସଜ୍ଜା ଓ ସୁଉଚ୍ଚ ବୈଦ୍ୟୁତିକ ଆଲୋକମାଳାରେ ସଜ୍ଜିତ ତୋରଣ ଦର୍ଶକଙ୍କୁ ଆକୃଷ୍ଟ କରୁଛି।

# ଜନ ଅଭିଯୋଗ ଶୁଣାଣି ଶିବିର

କେନ୍ଦ୍ରାପଡା ଅଫିସ, ୧୯।୧୧

କେନ୍ଦ୍ରାପଡା ପଞ୍ଚାୟତ ସମିତି ସଭାଗୃହରେ ଚଳିତ ଆର୍ଥିକ ବର୍ଷର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଜନ ଅଭିଯୋଗ ଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଡିଓ ସୁଧୀର କୁମାର ସିଂ, ସହକାରୀ ଯନ୍ତ୍ରୀ ପରମାନନ୍ଦ ନାୟକ, ଜିଲା ସାମାଜିକ ସମୀକ୍ଷକ ମୃତ୍ୟୁଞ୍ଜୟ ନାୟକ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସତ୍ୟରଞ୍ଜନ ସୁଆର, ବ୍ଲକ ସାମାଜିକ ସମୀକ୍ଷକ ଅର୍ଜ୍ଜୁନ କୁମାର ସ୍ୱାଇଁ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତ ଅଧୀନରେ ଥିବା ଏହି ଯୋଜନା ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହିତ ଯୋଜନାକୁ ସୁପରିଚାଳନା ପାଇଁ ରାଜ୍ୟ ସରକାରଙ୍କ ୫ ଟି କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେବାକୁ ଆହ୍ୱାନ କରାଯାଇଥିଲା । ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ଜେନା, ବସନ୍ତ କୁମାର ରାଉତ, ଜୀନତ ପ୍ରିୟଦର୍ଶିନୀ ରାଉତ, ନିରୁପମା ପ୍ରଧାନ, ନରହରି ପାଣି, ସମିତି ସଭ୍ୟ ପ୍ରସନ୍ନ ରାଉତ, ହେମନ୍ତ ବିଶ୍ୱାଳ, ଶିବ ପ୍ରସାଦ ବିଶ୍ୱାଳଙ୍କ ସମେତ ବହୁ ଲୋକ ପ୍ରତିନିଧି ଓ ଶ୍ରମିକ ଆଲୋଚନାରେ ଭାଗ ନେଇଥିଲେ ।

## ଷଣ୍ଢପଲ୍ଲୀରେ ଚୋରା ମଦ କାରବାର ବୃଦ୍ଧି
# କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ, ଏସ୍‌ପିଙ୍କୁ ଦାବିପତ୍ର

ପଟ୍ଟାମୁଣ୍ଡାଇ, ୧୯।୧୧ (ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ନଂ.୧ ଓ ୨ ୱାର୍ଡ ଷଣ୍ଢପଲ୍ଲୀ ଗ୍ରାମରେ ବ୍ୟାପକ ଚୋରା ମଦ କାରବାର ଚାଲିଛି। ଉକ୍ତ ଗ୍ରାମରେ ବସବାସ କରୁଥିବା ଲୋକଙ୍କ ମଧ୍ୟରୁ ପ୍ରାୟ ୮୦ ଭାଗ ଗରିବ ଓ ୫୦ ଭାଗ ଲୋକ ଦଳିତ ପରିବାର ରହିଛନ୍ତି। ମଦ କାରବାର ବଢୁଥିବାରୁ ଅସାମାଜିକ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ମଧ ବଢୁଛି। ମଦ ପିଇ ଗଣ୍ଡଗୋଳ ହେବା ଯୋଗୁ କିଛି ବର୍ଷ ମଧ୍ୟରେ ୨ଜଣଙ୍କ ମୃତ୍ୟୁ ଘଟିଛି। ଚୋରା ମଦ ବିକ୍ରି କରି ବିପୁଳ ଅର୍ଥ ଉପାର୍ଜନ କରୁଥିବା ବ୍ୟକ୍ତିମାନେ ଗଣ୍ଡଗୋଳ କରିବା ସହ ସାଧାରଣ ଲୋକମାନଙ୍କୁ ଧମକ ଦେଉଛନ୍ତି। ଏଥିଯୋଗୁ ମହିଳା ଓ ଛାତ୍ରୀଛାତ୍ରମାନେ ଅନେକ ସମୟରେ ହଇରାଣ ହେଉଛନ୍ତି। ଚୋରା ମଦ କାରବାର କରୁଥିବା ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ପୂର୍ବତନ କାଉନସିଲର୍ ବିଜୟ କୁମାର ସାହୁ, ଗୋବିନ୍ଦ ମଲିକ, ଗୋଲେଖ ମଲିକ, ଗୁରୁପ୍ରସାଦ ମଲିକ, କଳ୍ପନା ମଲିକ, ବାସନ୍ତୀ ମଲିକ, ମମତା ମଲିକ, ଅନ୍ନପୂର୍ଣ୍ଣା ମଲିକ, ଟୁକୁନି ସେଠୀ, ରେଣୁକା ମଲିକ, ଲକ୍ଷ୍ମୀପ୍ରିୟା ମଲିକ, ଆର୍ତ୍ତ ମଲିକ, ନାଗେଶ୍ୱର ମଲିକ, ଲକ୍ଷ୍ମୀଧର ମଲିକ ପ୍ରମୁଖ ସୋମବାର କେନ୍ଦ୍ରାପଡ଼ା ଜିଲାପାଳ ସମର୍ଥ ବର୍ମା, ଉପଜିଲାପାଳ, ଏସ୍‌ପି ନୀତିଶେଖର, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ଓ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ରାକେଶ ତ୍ରିପାଠୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଥାଉ କି, ଗ୍ରାମବାସୀଙ୍କଠାରୁ ଦାବିପତ୍ର ଗ୍ରହଣ କରିବା ପରେ ପଟ୍ଟମୁଣ୍ଡାଇ ଥାନା ଆଇଆଇସି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଷଣ୍ଢପଲ୍ଲୀ ଗ୍ରାମରେ ଚଢାଉ କରାଯାଇଥିଲା। ତେବେ ଗ୍ରାମର ଚୋରା ମଦ ବେପାରୀ ସୌରୀ ମଲିକଙ୍କଠାରୁ ପୋଲିସ ୩୦୦ ବୋତଲ ମଦ ଜବତ କରିବା ସହିତ ତାଙ୍କୁ ଗିରଫ କରିଛି। ଅନ୍ୟଜଣଙ୍କ ଘରେ ଚଢ଼ାଉ ବେଳେ ସେ ଦୌଡି ପଳାଇଥିବା ପୋଲିସ ସୂଚନା ଦେଇଛି। ତେବେ ଚୋରା ମଦ କାରବାର ବନ୍ଦ କରାଯିବା ସକାଶେ ଚଢ଼ାଉ ଜାରି ରହିବ ବୋଲି ଥାନା ସୂତ୍ରରୁ ପ୍ରକାଶ।

**DISTRICT SUPPLY & MARKETING SOCIETY, KENDRAPARA**

**Notice No. 310** **Date: 18.11.19**

**TENDER CALL NOTICE**

Sealed tenders are invited from the experienced Firm/ Agencies/ Event Management Firms having successful track record on Tentage & Allied Works and Event Management Services for organization of the **State Level Pallishree Mela-2019** from **20th-26th December' 2019** at Kendrapara Autonomous College Ground, Kendrapara. The Request for Proposal (RFP) along with the detail specifications and Eligibility Criteria of the said event can be downloaded from the website **www.kendrapara.nic.in** and **www.ormas.org** from **18th November' 2019 to 2nd December' 2019**.

**Sd./- Project Director, DRDA-cum-Vice Chairman, DSMS, Kendrapara**

**GANGADHAR MEHER UNIVERSITY, SAMBALPUR**

**NOTICE**

**No. 6213 / GMU** **IA-06/2020** **Date: 19.11.19**

The G.M. University, Sambalpur is going to conduct Gangadhar Meher University Eligibility Test (GET) for admission to the M. Phil & Ph. D. Programme in the subject mentioned below. These programs will commence from January 2020.

**M. Phil Programs-** Botany, Chemistry, Commerce, Computer Science, Economics, Education, English, Geography, Hindi, History, Library & Information Science, Mathematics, Odia, Philosophy, Physics, Political Science, Psychology, Sanskrit, Statistics, Zoology and Management Studies (Self-Financing)

**Ph. D. Programs-** Commerce, Economics, Education, Geograpy, Hindi, Philosophy, Political Science, Psychology and Statistics.

For application form and other details, kindly visit the University website- **www.gmuniversity.ac.in**.

**TIME LINE**

1. The last date for Submission of Application Form- 06.12.2019 upto 4.00 PM.
2. The date of Entrance Test Ph.D.- 14.12.2019 (10.00 to 11.00 AM followed by Viva-Voce from 11.30 AM onwards).
3. The date of Entrance Test of M. Phil- 13.12.2019 (10.00 to 11.00 AM followed by Viva-Voce from 11.30 AM onwards).

**Sd./- REGISTRAR, G.M. University, Sambalpur**

**ପୂର୍ବ ତଟ ରେଳପଥ**

**ଇଂଜିନିୟରିଂ କାର୍ଯ୍ୟ**

ଫାଇଲ ନଂ. **DRM/Engg/KUR/19-20/E-Tender/41**, ତା: **14.11.2019**

**1) ଟେଣ୍ଡର ବିଜ୍ଞପ୍ତି ସଂ. eTender-ESTATE-KUR-279-2019, ତା: 11.11.2019**

**ବିବରଣୀ :** ଜୋନାଲ(Zonal) ମୁଖ୍ୟାଳୟ ବିଲ୍ଡିଂ, ରେଳ ସଦନ, ଭୁବନେଶ୍ୱରର ଗ୍ରୀନ୍ ରେଟିଙ୍ଗ୍ ପ୍ରମାଣୀକରଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹22.12 ଲକ୍ଷ, **EMD** (ଟଙ୍କାରେ): ₹ 44,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 3,540/-, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ) ମାସ ।

**2) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-CENT-KUR-280-2019, ତା: 11.11.2019**

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ, ଭୁବନେଶ୍ୱର ପରିସୀମା ଅଧୀନରେ PSC ସ୍ଲିପରଗୁଡ଼ିକରେ ପ୍ରସ୍ତାବିତ ଛିଦ୍ରକରଣ, ବର୍ତ୍ତମାନର ଗାର୍ଡ଼ ରେଲଗୁଡ଼ିକର ନବୀକରଣ, ବାଲାଷ୍ଟଯୁକ୍ତ ଡେକ୍ ବ୍ରିଜ୍ ଏବଂ ଫୁଟ୍ ଓଭର ବ୍ରିଜ୍ ସ୍ଥାନଗୁଡ଼ିକରେ ଗାର୍ଡ଼ ରେଲ୍ ଲଗାଇବା, ସିଜ୍‌ଡ୍(Seized) ହୋଇଥିବା ରେଲ ସ୍କ୍ରୁ ଏବଂ ERC ର ନିକାଶ, ସ୍ଲାଇଡ୍ (Slide) ଚେୟାରଗୁଡ଼ିକର ୱେଲ୍ଡିଙ୍ଗ୍ ତଥା ଅନ୍ୟ ସଂରକ୍ଷା ସମ୍ପର୍କିତ P.Way କାର୍ଯ୍ୟ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹33.92 ଲକ୍ଷ, **EMD** (ଟଙ୍କାରେ): ₹ 67,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 3,540/-, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) :** ତା.04.12.2019 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

**ଦ୍ରଷ୍ଟବ୍ୟ :** ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ **http://www.ireps.gov.in** ରେ ଉପଲବ୍ଧ ହେବ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍

PR-521/K/19-20



ନିଜର ସ୍ୱପ୍ନକୁ ହାତ ପାହାନ୍ତାରେ ପାଇସାରିଥିବା ମହିଳାମାନେ ଅନ୍ୟ ମହିଳାଙ୍କୁ ସଶକ୍ତ କରିବା ଓ ସେମାନଙ୍କ ସ୍ୱପ୍ନକୁ ସାକାରକରିବା ଲାଗି ସହଯୋଗ କରିବା ଆବଶ୍ୟକ।
-ଶ୍ରଦ୍ଧା କପୁର,
ବଲିଉଡ୍ ଅଭିନେତ୍ରୀ



# ବୟଫ୍ରେଣ୍ଡଙ୍କୁ ବିବାହ ଲାଗି ୬ ମାସ ନିଅନ୍ତି ଯୁବତୀ

ଚିକାଗୋ : ବିବାହ ଜୀବନର ଏକ ନୂଆ ଅଧ୍ୟାୟ ବୋଲି କୁହାଯାଏ। ତେବେ ଯେଉଁ ଯୁବତୀଙ୍କର ବୟଫ୍ରେଣ୍ଡ୍ ବା ପୁରୁଷ ବନ୍ଧୁ ଥାଆନ୍ତି ଓ ସେମାନେ ତାଙ୍କୁ ବିବାହ କରିବାକୁ ଚାହାନ୍ତି ସେଥିପାଇଁ ସେମାନେ ବେଶ୍ କିଛି ସମୟ ଚିନ୍ତା କରନ୍ତି ବୋଲି ଗବେଷକମାନେ କହିଛନ୍ତି। ନିକଟରେ ଚିକାଗୋ ବିଶ୍ୱବିଦ୍ୟାଳୟରେ କରାଯାଇଥିବା ଏକ ଗବେଷଣାରୁ



ଏହା ଜଣାପଡିଛି। ଗବେଷକଙ୍କ ମତରେ ଯେଉଁମାନେ ସିଙ୍ଗଲ୍ ଥାଆନ୍ତି ସେମାନେ ୨୧୦ ଦିନ ସମୟ ନେଇ ଭାବନ୍ତି ବୟଫ୍ରେଣ୍ଡଙ୍କୁ ବିବାହ କରିବେ ନା ନାହିଁ। କିନ୍ତୁ ଯେଉଁମାନେ ରିଲେସନଶିପ୍‌ରେ ଥାଆନ୍ତି, ସେମାନେ ବିବାହ କରିବାକୁ ଅତିକମ୍‌ରେ ୧୭୨ ଦିନ ଅବା ପ୍ରାଖାପାଖି ୬ ମାସ ସମୟ ନିଅନ୍ତି ବୋଲି ଗବେଷଣାରେ ଉଲ୍ଲେଖ କରାଯାଇଛି। ଗବେଷକଙ୍କ କହିବା କଥା ହେଲା, ପ୍ରେମରେ ପଡିଲେ ପ୍ରଥମ ୩ ମାସ ହନିମୁନ ଭଳି ଲାଗେ। ଏଥିରେ ପରସ୍ପରର କଥା କିଛି ଅଡୁଆ ଲାଗି ନ ଥାଏ। କିନ୍ତୁ ୩ ମାସ ପରେ ଧିରେ ଧିରେ ଜଣେ ବ୍ୟକ୍ତିଙ୍କ ଅସଲ ଗୁଣଗୁଡିକ ଜଣାପଡିଥାଏ। ଅର୍ଥାତ୍ ତାଙ୍କୁ କ'ଣ ପସନ୍ଦ କ'ଣ ପସନ୍ଦ ନୁହେଁ ଇତ୍ୟାଦି। ତେଣୁ ଏହାପରେ ହିଁ ଜଣେ ଯୁବତୀ ତାଙ୍କ ବୟଫ୍ରେଣ୍ଡଙ୍କୁ ବିବାହ କରିବାକୁ ସ୍ଥିର କରିଥାଆନ୍ତି। ଆହୁରି ମଧ୍ୟ ଯଦି ପ୍ରଥମରୁ ବିବାହ ପାଇଁ ହଁ ଭରିଦିଅନ୍ତି ଏହାକୁ କାର୍ଯ୍ୟକାରୀ କରିବାକୁ ମଧ୍ୟ ପାଖାପାଖି ୧୭୨ ଦିନ ସମୟ ଲାଗେ ବୋଲି ଗବେଷକମାନେ କହିଛନ୍ତି। ଯଦି ପ୍ରଥମରୁ କେହି ବୟଫ୍ରେଣ୍ଡଙ୍କୁ ବିବାହ କରନ୍ତି, ତେବେ ଅଧିକାଂଶ କ୍ଷେତ୍ରରେ ଏହି ସମ୍ପର୍କ ଦୀର୍ଘସ୍ଥାୟୀ ହୋଇ ନ ଥାଏ ବୋଲି ଗବେଷଣାରେ ଉଲ୍ଲେଖ କରାଯାଇଛି।

# ସଙ୍କଳ୍ପର ଦିନଟିଏ

## ସାର୍ବଜନୀନ ଶିଶୁ ଦିବସ



୨୦ ନଭେମ୍ବର ଏକ ଗୁରୁତ୍ୱପୂର୍ଣ୍ଣ ଦିନ। ୧୯୫୯ରେ ଏହି ଦିନ ଜାତିସଂଘ ସାଧାରଣ ପରିଷଦ ଶିଶୁ ଅଧିକାର ଘୋଷଣାନାମାକୁ ଗ୍ରହଣ କରିଥିଲା। ୧୯୮୯ରେ ଠିକ୍ ଏହି ଦିନ ମଧ୍ୟ ଜାତିସଂଘ ସାଧାରଣ ପରିଷଦ ଶିଶୁ ଅଧିକାର ସମ୍ମିଳନୀକୁ ସ୍ୱୀକୃତି ଦେଇଥିଲା। ଏଣୁ ୨୦ ନଭେମ୍ବରରେ ସାର୍ବଜନୀନ ଶିଶୁ ଦିବସ ପାଳନ କରାଯାଉଛି। ବିଶ୍ୱସ୍ତରରେ ଶିଶୁମାନଙ୍କ ଅଧିକାର ସମ୍ବନ୍ଧରେ ସଚେତନତା ଆଣିବା ତଥା ଏକତା ବଢାଇବା ଲକ୍ଷ୍ୟରେ ଏହାକୁ ପାଳନ କରାଯାଉଛି। ପିଲାମାନଙ୍କ ପାଇଁ ବିଭିନ୍ନ ଦେଶରେ ଲାଗୁ କରାଯାଇଥିବା ଭିନ୍ନ ଭିନ୍ନ କଲ୍ୟାଣକାରୀ ଯୋଜନାକୁ ଆଗକୁ ନେବାରେ ଏହି ଦିବସର ପ୍ରମୁଖ ଭୂମିକା ରହିଛି। ଏହି ଦିବସ ସମାଜ, ରାଷ୍ଟ୍ର ତଥା ଗୋଷ୍ଠୀ ଲାଗି ବହୁ ଉପଯୋଗୀ ସାବ୍ୟସ୍ତ ହୋଇଛି। ମତାପିତା,ଶିକ୍ଷକ,ନର୍ସ ଏବଂ ଡାକ୍ତର,ସରକାର, ସାମାଜିକ କର୍ମୀ,ଧାର୍ମିକ ଗୁରୁ, ବ୍ୟବସାୟୀ, ଗଣମାଧ୍ୟମ, ଯୁବକ ତଥା ଶିଶୁମାନେ ଏହି ଦିବସରେ ମୁଖ୍ୟ ଭୂମିକା ନର୍ବାହ କରିଆସୁଛନ୍ତି। ଶିଶୁମାନଙ୍କ ଲାଗି ଏକ ସୁନ୍ଦର ବିଶ୍ୱ ନିର୍ମାଣ କରିବା ପାଇଁ ଏହି ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ଅୟୋଜନ କରାଯାଏ। ଚଳିତ ବର୍ଷ ଶିଶୁ ଅଧିକାର ସମ୍ମିଳନୀର ୩୦ତମ ପ୍ରତିଷ୍ଠା ଦିବସ ପାଳନ କରାଯାଉଛି। ଏହା ପାଳନ କରାଯିବା ସହ ଶିଶୁ ଅଧିକାର କାର୍ଯ୍ୟକାରୀ କରିବା ଲାଗି ଦାବି କରିବାର ଏକ ସୁବର୍ଣ୍ଣ ସୁଯୋଗ ଓ ଉପଯୋଗୀ ସମୟ ବୋଲି ବିଚାର କରାଯାଏ। ବର୍ଷର ଭିନ୍ନ ଭିନ୍ନ ତାରିଖରେ ବିଭିନ୍ନ ଦେଶରେ ଶିଶୁ ଦିବସ ପାଳନ କରାଯାଉଥିଲେ ସାର୍ବଜନୀନ ଶିଶୁ ଦିବସ ୨୦ ନଭେମ୍ବରରେ ପାଳନ କରାଯାଉଛି। ୨୦୧୫ ସୁଦ୍ଧା ଏଚ୍ଆଇଭି/ ଏଡ୍ସ ସଂକ୍ରମଣ ବନ୍ଦ କରିବା ପାଇଁ ସହସ୍ରାବ୍ଦ ବିକାଶ ଲକ୍ଷ୍ୟ ବିଶ୍ୱ ନେତାମାନେ ସ୍ଥିର କରିଥିଲେ। ଏହାର ୮ଟି ଲକ୍ଷ୍ୟରୁ ୬ଟି ଯାହା ୧୯୮୯ରେ ମାନାବାଧିକାର ଚୁକ୍ତିରେ ଲିପିବଦ୍ଧ ହୋଇଥିବା ମୌଳିକ ଅଧିକାର ମଧ୍ୟରେ ପିଲାଙ୍କ ଅଧିକାର ଲାଗି ଅଭିପ୍ରେତ ତାହାକୁ ହାସଲ କରିବା ଲାଗି ୟୁନିସେଫ୍ ଜୋର ଦେଇଛି। ଏହା ମଧ୍ୟ ଶିଶୁଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଲାଗି ନୀତି ନିର୍ଦ୍ଧାରକଙ୍କ ସହଯୋଗରେ ଆଗେଇ ନେଉଛି। କେବଳ ସାର୍ବଜନୀନ ଶିଶୁ ଦିବସ ଏକ ଦିବସ ଭାବେ ପାଳନ କରାଯାଉନି , ବରଂ ଏହା ଶିଶୁମାନଙ୍କ ଉପରେ ହେଉଥିବା ନିର୍ଯାତନା,ଶୋଷଣ , ବାଛବିଚାର ତଥା ଶିଶୁ ଶ୍ରମିକ ବିରୋଧରେ ସଚେତନତା ସୃଷ୍ଟି କରିବାରେ ପ୍ରୟାସରତ। ଏବେ ସୁଦ୍ଧା ବିଶ୍ୱରେ ୫ରୁ ୧୪ ବର୍ଷ ବୟସ ମଧ୍ୟରେ ୧୫୩ ମିଲିୟନ ଶିଶୁଙ୍କୁ ଜୋର ଜବରଦସ୍ତ ଶ୍ରମିକ କରାଯାଉଛି। ଏହାକୁ ଶେଷ କରିବା ଲାଗି ୧୯୯୯ରେ ବିଶ୍ୱ ଶ୍ରମିକ ସଂଗଠନ ଏଥିପାଇଁ ଆଇନ ପ୍ରଣୟନ କରିଥିଲା। ଶିଶୁଙ୍କ ସୁରକ୍ଷା ଲାଗି ବିଶ୍ୱରେ ଗ୍ରହଣ କରାଯାଉଥିବା ସମସ୍ତ ଆଇନ ଓ ସେମାନଙ୍କ ବିକାଶ ପାଇଁ ଲାଗୁ କରାଯାଉଥିବା ଯୋଜନାକୁ ଆଗକୁ ନେବା ଲାଗି ଏହି ଦିବସ ସ୍ମରଣ କରାଇଦିଏ। ଏହି ଦିନ ଶିଶୁଙ୍କ ବିକାଶ ଲଗି ସଂକଳ୍ପ ନେବାର ଦିନଟିଏ ବୋଲି ଗ୍ରହଣ କରିବା ଚାହି।

# ଜୀବନ ଲାଗି ଯାତ୍ରା ୩ ଘଣ୍ଟା ୩୦ ମିନିଟ୍



ଫରିଦାବାଦ: ନଭେମ୍ବର ୧୮ ରାତି ଅନ୍ୟମାନଙ୍କ ପାଇଁ ସମାନ୍ୟ ରହିଥିବାବେଳେ ୧୮ ବର୍ଷ ବୟସର ଜଣେ ଯୁବକଙ୍କ ଲାଗି ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଫରିଦାବାଦର ସର୍ବୋଦୟ ହସ୍ପିଟାଲ ଆଣ୍ଡ୍ ରସର୍ଚ୍ଚ ସେଣ୍ଟର୍‌ରେ ଅକ୍ୟୁଟ ଲିମ୍ଫୋସାଇଟିକ୍ ଲ୍ୟୁକୋମିଆ(ଏଏଲ୍ଏଲ୍)ରେ ପୀଡିତ ଯୁବକଙ୍କୁ ମିଳିଲା ନୂଆ ଜୀବନ। ବୋନ୍ ମ୍ୟାରୋ ସେଲ୍ ଅନ୍ୟ ସ୍ଥାନରୁ ଅଣାଯାଇ ଏହି ହସ୍ପିଟାଲରେ ପ୍ରଥମେ ପ୍ରତିରୋପଣ କରାଯାଇଛି। ପୂର୍ବରୁ ବୋନ୍‌ମ୍ୟାରୋ ରୋଗୀଙ୍କ ସମ୍ପର୍କୀୟଙ୍କଠାରୁ ଗ୍ରହଣ କରାଯାଇ ପ୍ରତିରୋପଣ କରାଯାଉଥିଲା। କିନ୍ତୁ ଏହି କ୍ଷେତ୍ରରେ ରୋଗୀ ଓ ଡୋନର୍‌ଙ୍କ ମଧ୍ୟରେ କୌଣସି ସମ୍ପର୍କ ନାହିଁ। ଅହମଦାବାଦସ୍ଥିତ ଆପୋଲ ହସ୍ପିଟାଲରୁ ୩ ଘଣ୍ଟା ୩୦ ମିନଟରେ ଏହାକୁ ଆଣି ସର୍ବୋଦୟ ହସ୍ପିଟାଲରେ ପହଞ୍ଚା ଯାଇଥିଲା। ଏହି ପ୍ରତିରୋପଣରେ ଡୋନର ସଂସ୍ଥା, ଆପୋଲ ହସ୍ପିଟାଲ ଓ ଏୟାରପୋର୍ଟ ଏବଂ ଟ୍ରାଫିକ ପୋଲିସଙ୍କର ପ୍ରମୁଖ ଭୂମିକା ରହିଥିଲା। ଏକ୍ସ-ରେ ଦ୍ୱାରା ବୋନ୍ ମ୍ୟାରୋ ଅଧିକ ପ୍ରଭାବିତ ହେବାର ଆଶଙ୍କା ରହିଥିବାରୁ ସବୋଦୟ ହସ୍ପିଟାଲର କ୍ୟାନ୍‌ସର ଏବଂ ବୋନ୍‌ମ୍ୟାରୋ ବିଭଗର ମୁଖ୍ୟ ଡା.ସୁମନ୍ତ ଗୁପ୍ତାଙ୍କ ନେତୃତ୍ୱରେ ଏକ ଟିମ ଏହାକୁ ଖୁବ୍ ସତର୍କତାର ସହ ଅଣି ରାତି ୧୨ଟା ୫୪ ମିନିଟରେ ପହଞ୍ଚିବା ପରେ ପ୍ରତିରୋପଣ କରାଯାଇଥିଲ। ରୋଗୀଙ୍କ ଜୀବନ ବଞ୍ଚାଇବା ଲାଗି ସଫଳ ଯାତ୍ରା ଓ ସଫଳ ପ୍ରତିରୋପଣ ପରେ ଉଭୟ ରୋଗୀ ଓ ଡୋନର୍‌ଙ୍କ ନାମ ଗୁପ୍ତ ରଖାଯାଇଛି।

## ୫୦୦ ବର୍ଷ ପରେ

# ପଗଡ଼ି ବାନ୍ଧିବେ, ଚମଡ଼ା ଜୋତା ପିନ୍ଧିବେ

ଅଯୋଧ୍ୟା: ରାମ ଜନ୍ମଭୂମି ବାବ୍ରି ମସଜିଦ ମାମଲାର ଚୂଡାନ୍ତ ରାୟ ପ୍ରକାଶ ପାଇବା ପରେ ଅଯୋଧ୍ୟାରେ ଏକ ବିଚିତ୍ର ପରମ୍ପରାର ଅବସାନ ଘଟିବାକୁ ଯାଉଛି। ଅଯୋଧ୍ୟା ନିକଟସ୍ଥ ପୂରା ବଜାର ଓ ଏହାର ଆଖପାଖ ୧୦୫ଟି ଗାଁର ସୂର୍ଯ୍ୟବଂଶୀ କ୍ଷତ୍ରିୟ ପରିବାର ୫୦୦ ବର୍ଷ ପରେ ମୁଣ୍ଡରେ ପଗଡ଼ି ବାନ୍ଧିବା ସହ ଚମଡା ଜୋତା ପିନ୍ଧିବେ। ରାମ ମନ୍ଦିର ନିର୍ମାଣର ସଂକଳ୍ପ ଏବେ ପୂରଣ ହୋଇଥିବାରୁ ସେମାନେ ଏହା ପାଳନ କରିବେ। ରାମ ମନ୍ଦିର ଉପରେ ଆକ୍ରମଣ ହେବା ପରେ ଯେ ପର୍ଯ୍ୟନ୍ତ ମନ୍ଦିରି ପୁଣି ନିର୍ମାଣ କରା ନ ଯାଇଛି ସେବେଯାଏ ସେମାନେ ଜୋତା ପିନ୍ଧିବେନି କି ପଗଡି ବାନ୍ଧିବେନି ବୋଲି ଶପଥ ନେଇଥିଲେ। ଅଯୋଧ୍ୟା ସମେତ ବସ୍ତି ଜିଲାର ୧୦୫ଟି ଗାଁରେ ସୂର୍ଯ୍ୟବଂଶୀ କ୍ଷତ୍ରିୟ ସମୁଦାୟର ପ୍ରାୟ ଦେଢ ଲକ୍ଷ ଲୋକ ରହିଛନ୍ତି। ଦୀର୍ଘ ବର୍ଷ ହେବ ଏମାନେ ବାହାଘରରେ ପଗଡି ବାନ୍ଧିନାହାନ୍ତି। କିନ୍ତୁ ବାହାଘର ସମୟରେ କନ୍ୟା ମଥାରେ ଏକ ଛୋଟ ପଗଡି ବାନ୍ଧିଦିଆଯାଏ। ଜୋତା କିମ୍ବା ଚପଲ ନ ପିନ୍ଧିବା ପାଇଁ ଏମାନଙ୍କ ପୂର୍ବପିଢି ଯେବେଠୁ ଶପଥ ନେଇଥିଲେ ସେବେଠାରୁ ଚମଡା ପୂରା ବନ୍ଦ କରାଯାଇଥିଲା। ଏଥିପାଇଁ ସେମାନେ କଠଉ ପିନ୍ଧୁଥିଲେ। ବିନା ଚମଡା ଜୋତା କିମ୍ବା ଚପଲରେ ଲୋକଙ୍କୁ ଦେଖିଲେ ସେମାନେ ସୂର୍ଯ୍ୟବଂଶୀ ବୋଲି ଲୋକେ ଜାଣିପାରନ୍ତି। ଏବେ ଏଠହି ଗାଁଗୁଡିକରେ ସାଧାରଣ ସଭାମାନ ଆୟୋଜିତ କରାଯିବା ସହ ଲୋକମାନଙ୍କୁ ପଗଡ଼ି ବାଣ୍ଟିବା କାର୍ଯ୍ୟ ଆରମ୍ଭ ହୋଇଛି। ବର୍ତ୍ତମାନ ସୁଦ୍ଧା ୪୦୦ ପଗଡ଼ି ବଣ୍ଟାଗଲାଣି। କୋର୍ଟଙ୍କ ଫଇସଲାରେ ଖୁସି ହେବା ସହ ଭବ୍ୟ ମନ୍ଦିର ନିର୍ମାଣ ଅପେକ୍ଷାରେ ରହିଛନ୍ତି ସୂର୍ଯ୍ୟବଂଶୀ ବଂଶଧର।



# ସ୍କୁଲରେ ଶିକ୍ଷୟିତ୍ରୀଙ୍କ ପାଇଖାନା ଚିନ୍ତା



କହିବା ଓ କରିବା ମଧ୍ୟରେ ଆକାଶପାତାଳ ପ୍ରଭେଦ ରହିଛି। କିନ୍ତୁ କାର୍ଯ୍ୟ କରିବାର ପ୍ରଭାବ ସମସ୍ତଙ୍କୁ ଛୁଇଁପାରେ ଯାହା କରି ଦେଖାଇଛନ୍ତି ଜଣେ ଶିକ୍ଷୟିତ୍ରୀ। ତାଙ୍କ ନାଁ ଲକ୍ଷ୍ମୀ ପୋଡ୍ରୀ। ମଧ୍ୟପ୍ରଦେଶ ଶାହପୁର ଅନ୍ତର୍ଗତ ସହଜପୁର ହାଇସ୍କୁଲ୍‌ର ପ୍ରଧାନ ଶିକ୍ଷୟିତ୍ରୀ ଭାବେ ସେ କାର୍ଯ୍ୟ କରୁଛନ୍ତି। ୨୦୧୨ରୁ ସେ ଏହି ସ୍କୁଲ୍‌ରେ ରହିଛନ୍ତି। ସ୍କୁଲକୁ ଆସିବା କ୍ଷଣି ପରିବେଶ ଓ ପାଇଖାନା ଚିନ୍ତା କରୁଛନ୍ତି। ସରକାରୀ ସ୍କୁଲର ଅବସ୍ଥା କେମିତି ରହେ ତାହା ସମସ୍ତେ ଜାଣନ୍ତି। ମୁଖ୍ୟତଃ ଗ୍ରାମାଞ୍ଚଳ ସ୍କୁଲ୍‌ଗୁଡିକରେ ଶିକ୍ଷକଙ୍କ ଅଭାବ ସାଙ୍ଗକୁ ସ୍କୁଲ୍‌ର ଅନ୍ୟ କାର୍ଯ୍ୟ କରିବା ଲାଗି ଷ୍ଟାଫ୍ ନ ଥାନ୍ତି। ଏହି ବ୍ୟବସ୍ଥା ମଧ୍ୟରେ ସ୍କୁଲକୁ ସଫାସୁତୁରା ରଖିବା ମୁସ୍କିଲ। କିନ୍ତୁ ଲକ୍ଷ୍ମୀ ପ୍ରତିଦିନ ସ୍କୁଲ୍‌କୁ ଆସିବା କ୍ଷଣି ପ୍ରଥମେ ପାଇଖାନା ସଫା କରୁଛନ୍ତି। ସ୍କୁଲ୍ ପରିସରକୁ ଝାଡୁ କରୁଛନ୍ତି। ତାଙ୍କର ଏହି କାର୍ଯ୍ୟ ଦେଖି ସ୍କୁଲ୍ ପିଲା, ଶିକ୍ଷକ ତଥା ଗ୍ରାମବାସୀମାନେ ବି ଝାଡୁ ଧରି ସଫାରେ ଲଗି ପଡୁଛନ୍ତି।

ଲକ୍ଷ୍ମୀଙ୍କ କାର୍ଯ୍ୟ ସ୍ୱଚ୍ଛତାରେ ସୀମିତ ରହିନାହିଁ। ପିଲାମାନେ ଆଉ ମଧ୍ୟାହ୍ନଭୋଜନ ତଳେ ବସି ଖାଉନାହାନ୍ତି। ଏହାର ବିକଳ୍ପ ଭାବେ ବେଞ୍ଚ– ଟେବୁଲ ବ୍ୟବସ୍ଥା ମଧ କରାଯାଇଛି। ନିଜ ଦରମାରେ ଲକ୍ଷ୍ମୀ ଏହାକୁ କିଣିଛନ୍ତି। ଛାତ୍ରୀମାନଙ୍କ ସୁରକ୍ଷା ଲାଗି ସ୍କୁଲ୍‌ରେ ୪ଟି କ୍ୟାମେରା ମଧ ଲଗାଇଛନ୍ତି।

# ନ୍ୟୁୟର୍କରେ ଛୁଟି କାଟୁଛନ୍ତି ସାରା



ମୁମ୍ବାଇ: ବଲିଉଡ୍‌ର ପପୁଲାର୍ ଷ୍ଟାର୍-କିଡ୍‌ଙ୍କ ମଧ୍ୟରୁ ସାରା ଅଲୀ ଖାନ୍ ଅନ୍ୟତମ। କେବଳ ଷ୍ଟାର୍-କିଡ୍ ଭାବେ ନୁହେଁ, ଭଲ ବ୍ୟବହାର ସାଙ୍ଗକୁ ଦମଦାର୍ ଅଭିନୟ ଏବଂ ନିଜର ସ୍ୱତନ୍ତ୍ର ଷ୍ଟାଇଲ୍ ପାଇଁ ମଧ୍ୟ ସାରା ସବୁବେଳେ ଚର୍ଚ୍ଚାରେ ରହିଆଆନ୍ତି। ଏହାସହ ଆକ୍ଟର କାର୍ତ୍ତିକ ଆର୍ୟନଙ୍କ ସହ ତାଙ୍କ ରିଲେଶନଶିପ୍‌କୁ ନେଇ ମଧ ଅନେକ ସମୟ ପର୍ଯ୍ୟନ୍ତ ସାରା ଚର୍ଚ୍ଚାରେ ଥିଲେ। ହେଲେ ନିକଟରେ ଉଭୟଙ୍କ ମ୍ୟୁଚୁଆଲ୍ ବ୍ରେକ୍‌ଅପ୍ ହୋଇଯାଇଥିବା ଜଣାପଡ଼ିଛି। ସାରାଙ୍କୁ ଯୁବପିଢ଼ି ବହୁତ ପସନ୍ଦ କରିଥାନ୍ତି। ଏଥିପାଇଁ ସୋସିଆଲ ମିଡିଆରେ ସେ ସବୁବେଳେ ରୁହନ୍ତି ଅପଡେଟ୍। ତେବେ ନୱାବ୍ ପରିବାରର ତନୟା ସାରା ଆଜିକାଲି ନ୍ୟୁୟର୍କରେ ଛୁଟି କାଟୁଛନ୍ତି। ଭାରତ ପରେ ନ୍ୟୁୟର୍କରେ ସମୟ କାଟିବାକୁ ସେ ଅଧିକ ପସନ୍ଦ କରନ୍ତି। କାରଣ ସେଠାରେ ହିଁ ସାରା ନିଜ ପାଠପଢ଼ା ସାରିଛନ୍ତି। ନିଜ ନ୍ୟୁୟର୍କ ଟ୍ରିପ୍‌ର ଫଟୋଗୁଡ଼ିକୁ ସାରା ସୋସିଆଲ୍ ମିଡିଆରେ ଶେୟାର କରିଛନ୍ତି, ଯାହାକୁ ଲୋକ ପସନ୍ଦ ମଧ କରୁଛନ୍ତି। ଫଟୋଗୁଡ଼ିକରୁ ସେ ଖୁବ୍ ମସ୍ତି କରୁଥିବା ଜଣାପଡୁଛି। ଏହି ଭେକେଶନ୍ ଟ୍ରିପ୍‌ରେ ସେ କେବଳ ପାର୍ଟି କରୁନାହାନ୍ତି ବରଂ ନିଜ ଜିମ୍ ସେଡ୍ୟୁଲ୍ ମଧ ନିୟମିତ ରଖିଛନ୍ତି। ସେଠାକାର ଲୋକାଲ୍ କାଫେ, ପବ୍ସ୍, ପିଜ୍ଜା ଜଏଣ୍ଟସ୍ ଆଦି ସ୍ଥାନକୁ ବୁଲିଯାଇ ଫଟୋ ଶେୟାର କରିଛନ୍ତି। ଏହାସହ ନ୍ୟୁୟର୍କ ସହରର ରାସ୍ତାରେ ବୁଲୁଥିବା ସମୟର ଫଟୋ ମଧ ଶେୟାର କରିଛନ୍ତି, ଯେଉଁଥିରେ ସେ ଏକ ସ୍ଲିଙ୍ଗ୍ ବ୍ୟାଗ୍ ଧରିଥିବାବେଳେ ବ୍ଲାକ୍ ଡେନିମ୍, ପିଙ୍କ୍ ୱିନ୍‌ଟର ଜ୍ୟାକେଟ୍, ପିଙ୍କ ଟି-ଶାର୍ଟ, ଲାଇଟ୍ ପିଙ୍କ୍ ସ୍କାର୍ଫ୍ ଆଉ ବ୍ଲାକ୍ ବୁଟ୍ ପିନ୍ଧିଥିବା ଦେଖିବାକୁ ମିଳିଛି। ଏହି ଲୁକ୍‌ରେ ସେ ଖୁବ୍ ଷ୍ଟାଇଲିସ୍ ଦେଖାଯାଉଛନ୍ତି।

# ବାଇସପ୍‌ରେ ଭର୍ତ୍ତି କରିଦେଲେ ୬ ଲିଟର ଭେସ୍‌ଲିନ୍

## ବଡିବିଲ୍ଡିଂ ମାନିଆ



ମସ୍କୋ: ସମସ୍ତଙ୍କୁ ଲୋଡ଼ା ଆକର୍ଷଣୀୟ ଚେହେରା। ଏଥିପାଇଁ ସୁଠାମ ଶରୀର ଗଠନ ନିଶାରେ ପଡ଼ିଛନ୍ତି ଯୁବପିଢ଼ି। ହେଲେ ପରିଶ୍ରମ ନୁହେଁ, ବରଂ କମ୍‌ଦିନରେ ନିଜର ମାଂସପେଶୀ ସୁଦୃଢ଼ କରିବାକୁ ସହଜ ସୁବିଧା ଉପାୟ ଖୋଜୁଛନ୍ତି ସେମାନେ। ହେଲେ କାର୍ଟୁନ କାରେକ୍ଟର ପୋପେୟାଙ୍କ ଭଳି ରାତାରାତି ବଡି ଗଠନ ନିଶାରେ ବାଇସପ୍‌ରେ ୬ଲିଟର ଭେସ୍‌ଲିନ୍ ଭର୍ତ୍ତି କରି ଜୀବନକୁ ବିପଦ ମୁହଁକୁ ଠେଲିଦେଇଛନ୍ତି ଜଣେ ରୁଷୀୟ ଯୁବକ। ଶରୀରରେ ମାତ୍ରାଧିକ ଭେସ୍‌ଲିନ୍ ମୃତ୍ୟୁର କାରଣ ହୋଇପାରେ ବୋଲି ଡାକ୍ତର ଚେତାବନୀ ଦେବା ପରେ ବାଧ୍ୟ ହୋଇ ସେ ଅପରେଶନ କରାଇଛନ୍ତି। ତଥାପି ତାଙ୍କ ଅବସ୍ଥା ସଙ୍ଗିନ ରହିଛି। ବାଇସପ୍ ପାଇଁ ଏପରି ପାଗଳପଣ କରିଥିବା ଯୁବକ ଜଣକ ହେଲେ ୨୩ବର୍ଷୀୟ କେରିଲ ତେରେଶିନ। କାରିଲ ଜଣେ ମିକ୍ସଡ ମାର୍ଶଲ ଆର୍ଟ (ଏମଏମ୍ଏ) ଫାଇଟର। ଏହି ମାର୍ଶଲ ଆର୍ଟରେ ଭାଗ ନେଉଥିବା ପ୍ରତିଯୋଗୀଙ୍କ ପାଇଁ ବଡି ଗଠନ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ସେ କଡ଼ା ଅଭ୍ୟାସ ଜାରି ରଖିଥିଲେ। ଏହା ସତ୍ତ୍ୱେ ବାଇସପ୍ ଗଠନକୁ ନେଇ ସନ୍ତୁଷ୍ଟ ନ ଥିଲେ କାରିଲ। ଏହାପରେ ସେ ବାଇସପ୍‌କୁ ଅସ୍ୱାଭାବିକ ଭାବେ ବଢ଼ାଇବା ପାଇଁ ଇଞ୍ଜେକ୍ସନ ସହାୟତାରେ ପେଟ୍ରୋଲିୟମ ଜେଲି (ଭେସ୍‌ଲିନ୍) ଭର୍ତ୍ତି କରିଥିଲେ। ଗୋଟିଏ ବାହୁରେ ୩ କେଜି ଲେଖାଏ ଭେସଲିନ୍ ଭର୍ତ୍ତି କରିବା ପରେ ତାଙ୍କର ବାଇସପ୍ କାର୍ଟୁନ କାରେକ୍ଟର ପୋପେୟାଙ୍କ ଭଳି ଫୁଲିଗଲା ସତ, ହେଲେ ଏହାର ସାଂଘାତିକ କୁପ୍ରଭାବ ପଡ଼ିଲା ତାଙ୍କ ଶରୀର ଉପରେ।

ବାଇସପ୍‌ରୁ ତୁରନ୍ତ ଭେସ୍‌ଲିନ୍ ବାହାର କରା ନ ଗଲେ ତେରେଶିନଙ୍କ ମୃତ୍ୟୁ ହୋଇଯିବ ବୋଲି ଚେତାଇଦେଲେ ଡାକ୍ତର। ଏହା କରିବାକୁ ପ୍ରଥମେ ସେ ଅରାଜି ଥିଲେ। ବହୁ ବୁଝାଶୁଝା ପରେ ତାଙ୍କର ଅସ୍ତ୍ରୋପଚାର କରାଯାଇଛି। ତଥାପି ସେ ସମ୍ପୂର୍ଣ୍ଣ ବିପଦମୁକ୍ତ ନ ଥିବା ଡାକ୍ତର କହିଛନ୍ତି। ବାଇସପ୍‌ରେ ଭର୍ତ୍ତି ହୋଇଥିବା ଭେସ୍‌ଲିନ ଯୋଗୁ ତାଙ୍କର ଟିସ୍ୟୁ ନଷ୍ଟ ହୋଇଯାଇଛି। ହାତର ବିଭିନ୍ନ ସ୍ଥାନକୁ ରକ୍ତ ସଞ୍ଚାଳନ ବନ୍ଦ ହୋଇଯାଇଛି। ତାଙ୍କୁ ପ୍ରବଳ ଜ୍ୱର ହେଉଛି। ଦିନକୁ ଦିନ ସେ ଦୁର୍ବଳ ହୋଇପଡୁଛନ୍ତି। ଭେସ୍‌ଲିନ ଭଳି ବାହ୍ୟ ବ୍ୟବହୃତ କସ୍‌ମେଟିକ୍ ସାମଗ୍ରୀକୁ ଆଭ୍ୟନ୍ତରୀଣ ଅଙ୍ଗରେ ବ୍ୟବହାର କରିବାର ଫଳ ଭୋଗୁଛନ୍ତି ତେରେଶିନ। ସାମୟିକ ଆବେଗରେ ଆସି ଏପରି କାର୍ଯ୍ୟ ନ କରିବାକୁ ଡାକ୍ତରମାନେ ଦେଶର ଯୁବପିଢ଼ିଙ୍କୁ ପରାମର୍ଶ ଦେଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୦ ନଭେମ୍ବର, ୨୦୧୯



ଯିଏ ମୃତ୍ୟୁ ପର୍ଯ୍ୟନ୍ତ ମଧ କିଛି ଦାନ ନ କରେ,
ତାହାଠାରୁ ବଳି ହତଭାଗ୍ୟ ଆଉ କେହି ନାହାନ୍ତି।
- ସେକ୍ସପିୟର



## ସଂକ୍ଷେପରେ

### ଆମ୍ବୁଲାନ୍ସକୁ ଧକ୍କାଦେଲା ଟ୍ରକ୍, ୩ ଗୁରୁତର

କୋରେଇ,୧୯।୧୧(ସ୍ୱ.ପ୍ର.)- ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ହାଟସାହି ଛକ ନିକଟରେ ମଙ୍ଗଳବାର ଏକ ଘରୋଇ ଆମ୍ବୁଲାନ୍ସ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଏଥିରେ ଆମ୍ବୁଲାନ୍ସରେ ଥିବା ରୋଗୀଙ୍କ ସହ ୨ ଜଣ ଗୁରୁତର ହୋଇଛନ୍ତି। ପାଣିକୋଇଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଅନ୍ୟ ଏକ ଆମ୍ବୁଲାନ୍ସରେ କଟକ ପଠାଇବା ସହ ଗାଡ଼ି ୨ଟିକୁ ଜବତ କରିଛି। ପ୍ରକାଶ ଯେ, କଟକରୁ ଉକ୍ତ ଘରୋଇ ଆମ୍ବୁଲାନ୍ସ (ଓଡ଼ି୦୧ଜେ୬୨୪୪) ଅପରେଶନ ହୋଇଥିବା ଏକ ରୋଗୀଙ୍କୁ ଚେକଅପ୍ ସାରି ବାଲେଶ୍ୱର ଫେରୁଥିଲା। ହାଟସାହି ଛକ ନିକଟରେ ଏକ ଟ୍ରକ (ଓଆର୦୪ଏଚ୧୩୩୫) ଆମ୍ବୁଲାନ୍ସକୁ ଧକ୍କା ଦେଇଥିଲା। ଫଳରେ ଆମ୍ବୁଲାନ୍ସରେ ଥିବା ରୋଗୀ ତାଙ୍କ ଆତ୍ମୀୟ ଓ ଆଟେଣ୍ଡାଣ୍ଟ ଗୁରୁତର ହୋଇଥିଲେ।

### ବିକ୍ରମତିରଣ ପଞ୍ଚାୟତ ସରପଞ୍ଚ ପଦବୀ ଉପନିର୍ବାଚନ ପୂର୍ବରୁ ହିଂସା
### ଜଣେ ଆହତ, ୨ମାମଲା ରୁଜୁ

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୧୯।୧୧(ଡି.ଏନ୍.ଏ): ବଡ଼ଚଣା ବ୍ଲକ ଅନ୍ତର୍ଗତ ବିକ୍ରମତିରଣ ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ଆସନ୍ତା ୨୭ତାରିଖରେ ଉପନିର୍ବାଚନ ହେବ। ତେବେ ଏହି ଉପନିର୍ବାଚନ ପୂର୍ବରୁ ରାଜନୈତିକ ହିଂସା ଦେଖିବାକୁ ମିଳିଛି। ଏଥିରେ ବରଦା ଗ୍ରାମର ଅସିତ୍ କୁମାର ସାମଲ ଆହତ ହୋଇଛନ୍ତି। ଏ ସମ୍ପର୍କରେ ବାଲିଚନ୍ଦ୍ରପୁର ପୋଲିସ ୨ଟି ମାମଲା(ନଂ.୨୮୦/୧୯ ଓ ୨୮୧/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏପରି କି ପରିସ୍ଥିତି ନିୟନ୍ତ୍ରଣ ପାଇଁ ଘଟଣାସ୍ଥଳରେ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ସୁଚନା ଥାଉକି ରବିବାର ବିକ୍ରମତିରଣ ପଞ୍ଚାୟତର ଉପନିର୍ବାଚନକୁ ନେଇ ସର୍ବେଶ୍ୱର ସାମଲ କିଛି ପ୍ରଚାର ପତ୍ର ବାଣ୍ଟିଥିଲେ। ଏହାକୁ ନେଇ ରବିବାର ସର୍ବେଶ୍ୱର ଓ ଅନନ୍ତ ନାରାୟଣ ଧଳଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ସୋମବାର ଏହି ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦିଆଠାରେ ଛକରେ ବସିଥିବାବେଳେ ଉଭୟଗୋଷ୍ଠୀ ମଧ୍ୟରେ ପୁନର୍ବାର ପାଟିତୁଣ୍ଡ ହୋଇଥିଲା। ଏହି ପାଟିତୁଣ୍ଡକୁ ଆଧାର କରି ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହାକୁ ନେଇ ଅସିତ୍ ସାମଲ ୫ଜଣଙ୍କ ନାମରେ ବାଲିଚନ୍ଦ୍ରପୁର ଥାନାରେ ଏକ ଅଭିଯୋଗ କରିଥିବାବେଳେ ଅନ୍ୟଗୋଷ୍ଠୀର ଗୌତମ ମଲିକ ତିନି ଜଣଙ୍କ ନାମରେ ଅଭିଯୋଗ କରିଛନ୍ତି। ଉଭୟପକ୍ଷର ଅଭିଯୋଗକୁ ଆଧାର କରି ଦୁଇଟି ମାମଲା ରୁଜୁ ହୋଇଥିବା ବାଲିଚନ୍ଦ୍ରପୁର ଥାନା ଅଧିକାରୀ ସୁକାନ୍ତ କୁମାର ପାତ୍ର ସୁଚନା ଦେଇଛନ୍ତି। ଅଧିକ ଗଣ୍ଡଗୋଳ ହେବାର ଆଶଙ୍କା କରି ସେଠାରେ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ମୃତୟନ କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।

# ଉପେକ୍ଷିତ ସମବାୟ ଶୀତଳଭଣ୍ଡାର

ଯାଜପୁର ଅଫିସ,୧୯।୧୧



**ଯାଜପୁର ଜିଲା**
- ରାଜ୍ୟରେ ୧୮, ଯାଜପୁରରେ ଶୂନ
- ବେସରକାରୀସ୍ତରରେ ରହିଛି ମାତ୍ର ଗୋଟିଏ
- ଉପକୃତ ହେଉନାହାନ୍ତି ଜିଲାର ପନିପରିବା ଚାଷୀ

ଗତ ୫ବର୍ଷ ମଧ୍ୟରେ ରାଜ୍ୟରେ ସମବାୟ ବିଭାଗ ଅଧୀନରେ କୌଣସି ଶୀତଳ ଭଣ୍ଡାର ନିର୍ମାଣ ହୋଇ ନାହିଁ। ପୂର୍ବରୁ ସମବାୟ ବିଭାଗ ଅଧୀନରେ ରାଜ୍ୟରେ ସମୁଦାୟ ୧୮ଗୋଟି ସମବାୟ ଶୀତଳ ଭଣ୍ଡାର ରହିଛି। ସେଥିରୁ ମାତ୍ର ୪ଟି କାର୍ଯ୍ୟକ୍ଷମ। ହେଲେ ବିଡ଼ମ୍ବନା ଯେ, ପନିପରିବା ଚାଷ ପାଇଁ ପ୍ରସିଦ୍ଧ ଯାଜପୁର ଜିଲାରେ ଗୋଟିଏ ବି ସମବାୟ ଭିତ୍ତିକ ଶୀତଳ ଭଣ୍ଡାର ନିର୍ମାଣ ହୋଇ ପାରିନାହିଁ। ଏଥିରୁ ଯାଜପୁର ଜିଲାର କୃଷି ଓ କୃଷକଙ୍କୁ କିଭଳି ଭାବରେ ଉପେକ୍ଷା କରାଯାଉଛି ତାହା ସ୍ପଷ୍ଟ ଅନୁମେୟ। ଅନ୍ୟପକ୍ଷେ ଗତ ୫ବର୍ଷ ମଧ୍ୟରେ ରାଜ୍ୟରେ ୨୧ଗୋଟି ଶୀତଳ ଭଣ୍ଡାର ବେସରକାରୀସ୍ତରରେ ନିର୍ମାଣ କରାଯାଇଛି। ଏଥିମଧ୍ୟରୁ ଯାଜପୁର ଜିଲାର ଯାଜପୁର ଓ କଟକ ସୀମାନ୍ତ ଛତିଆ ନିକଟରେ ୪୯୦୦ଏମ୍‌ଟି କ୍ଷମତା ବିଶିଷ୍ଟ ବଂଶୀଧର କୋଲ୍ଡ ଷ୍ଟୋରେଜ ନାମରେ ଏକ ଶୀତଳ ଭଣ୍ଡାର ନିର୍ମାଣ ହୋଇଛି।

ଯାଜପୁର ଜିଲାରେ ପ୍ରାୟ ୧୮ହଜାର ହେକ୍ଟର ଜମିରେ ପନିପରିବା ଚାଷ ହେଉଛି। ଏହି ଜିଲାର ପନିପରିବା ବାହାର ଜିଲା ସମେତ ଦେଶ ବାହାରକୁ ରପ୍ତାନୀ ହେଉଛି। କିନ୍ତୁ ସମବାୟ ବିଭାଗ ଏବଂ ଜିଲା କୃଷି ଓ ଉଦ୍ୟାନ ବିଭାଗର ଦୂରଦର୍ଶିତା ଓ ଆନ୍ତରିକତା ଅଭାବରୁ ଗତ ୫ବର୍ଷ ମଧ୍ୟରେ ଶୀତଳ ଭଣ୍ଡାର ୧ ରୁ ୨କୁ ଛୁଇଁ ପାରିନାହିଁ। ଯାଜପୁର ଓ କଟକ ଜିଲା ସୀମାନ୍ତ ଛତିଆରେ ଏକମାତ୍ର ବଂଶୀଧର ଶୀତଳ ଭଣ୍ଡାର ରହିଛି। ଜିଲାର ଚାଷୀଙ୍କ ଠାରୁ ତାହା ଦୂର ହେଉଥିବାରୁ ନିଜ କଷ୍ଟୋପାର୍ଜିତ ପନିପରିବାକୁ ଅତି କମ୍ ଦରରେ ଦଲାଲ ହାତରେ ଟେକି ଦେଇ ବହୁ କ୍ଷତିର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାର ଏଭଳି ଭାବରେ କୃଷିକୁ କିପରି ଉଜାଡି ଦେବାରେ ଲାଗିଛନ୍ତି ତାହାର ନଗ୍ନ ଉଦାହରଣ ପାଲଟିଛି ଯାଜପୁର ଜିଲା। ଏହାସହ ପନିପରିବା ଚାଷ ପାଇଁ ଅନେକ ଯୋଜନା ରହିଥିଲେ ହେଁ ତାହା କେବଳ କାଗଜକଲମରେ ସୀମିତ ରହୁଛି। ସ୍ୱତନ୍ତ୍ର ଅର୍ଥନୈତିକ ଜୋନ ଆଳରେ ବିଭିନ୍ନ ଘରୋଇ କମ୍ପାନୀ ଓ ଶିଳ୍ପ ସଂସ୍ଥାକୁ ବିପୁଳ ପରିମାଣର ଭୂଖଣ୍ଡ ସୁବିଧାରେ ସରକାର ଶିଳ୍ପପତିଙ୍କୁ ଅଧିଶ୍ୱର କରାଇବାରେ ଲାଗିଛନ୍ତି। କିନ୍ତୁ କୃଷି ଓ କୃଷକଙ୍କ ବିକାଶ ପାଇଁ ଜଳସେଚନ କିମ୍ବା ଶୀତଳ ଭଣ୍ଡାର ନିର୍ମାଣ କରିବାରେ ସରକାରଙ୍କ ପଛଘୁଞ୍ଚା କୃଷି କ୍ଷେତ୍ରକୁ ବହୁଳ ମାତ୍ରାରେ ପ୍ରଭାବିତ କରୁଛି। ରାଜ୍ୟରେ ଥିବା ୧୮ଟି ସମବାୟ ଭିତ୍ତିକ ଶୀତଳ ଭଣ୍ଡାର ମଧ୍ୟରୁ ମାତ୍ର ସାତଶଙ୍ଖ, ନିମାପଡ଼ା, ପଟିଆ, ଜଗତପୁର ସମବାୟ ଶୀତଳ ଭଣ୍ଡାର ସଚଳ ରହିଛି। ତେବେ ଏହିସବୁ ଶୀତଳ ଭଣ୍ଡାର ବହୁ ଦୂରରେ ଥିବାରୁ ଯାଜପୁର ଜିଲା ଚାଷୀଙ୍କ ପାଇଁ କିଛି କାମକୁ ନାହିଁ। ଅନ୍ୟପକ୍ଷେ ଗତ ୫ ବର୍ଷ ମଧ୍ୟରେ ରାଜ୍ୟରେ ସମୁଦାୟ ୯୪ ହଜାର ୬୦୦ ମେଟ୍ରିକଟନ ବିଶିଷ୍ଟ ୨୧ ଗୋଟି ବେସରକାରୀ ସ୍ତରରେ ଶୀତଳ ଭଣ୍ଡାର ନିର୍ମାଣ ହୋଇଛି। ଏଥିପାଇଁ ୨୧ ଜଣ କୃଷି ଉଦ୍ୟୋଗୀ ବ୍ୟାଙ୍କରୁ ଋଣ ନେଇଛନ୍ତି ଏବଂ ସରକାରଙ୍କଠାରୁ ରିହାତି ପାଇଛନ୍ତି ବୋଲି ସୂଚନା ମିଳିଛି। ଏହି ୨୧ଟି ଶୀତଳ ଭଣ୍ଡାର ବାଲେଶ୍ୱର ଜିଲାରେ ୨ଟି, ଭଦ୍ରକ ଜିଲାରେ ୨ଟି, କଟକ, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କୋରାପୁଟ, ନବରଙ୍ଗପୁର ଓ ପୁରୀ ଜିଲାରେ ଗୋଟିଏ ଲେଖାଏ, ଖୋର୍ଦ୍ଧା ଜିଲାରେ ୩ଟି, ସମ୍ବଲପୁର ଜିଲାରେ ୩ଟି ଓ ସୁନ୍ଦରଗଡ ଜିଲାରେ ୩ଟି ଶୀତଳ ଭଣ୍ଡାର ବେସରକାରୀସ୍ତରରେ ନିର୍ମାଣ ହୋଇଛି। ଗତ ୫ ବର୍ଷ ହେବ ପାଣିକୋଇଲି ନିକଟରେ ୫ ହଜାର ଏମ୍‌ଟି କ୍ଷମତା ବିଶିଷ୍ଟ ନିର୍ମାଣାଧିନ ଶୀତଳ ଭଣ୍ଡାର ଅଧାରେ ଅଟକିଛି। ପ୍ରଶାସନିକ ସହଯୋଗ ଓ ବ୍ୟାଙ୍କର ଆବଶ୍ୟକ ସହାୟତା ଅଭାବରୁ ଏହି ଶୀତଳଭଣ୍ଡାର ଅଧାପନ୍ତରିଆ ଅବସ୍ଥାରେ ଅଟକି ଥିବା କୁହାଯାଉଛି। ଯଦ୍ୱାରା ଜିଲାର ଚାଷୀ ବର୍ଷର ଅଧିକାଂଶ ସମୟରେ ଅଭାବି ବିକ୍ରିର ଶିକାର ହୋଇଥାନ୍ତି। ଜିଲାର ଧର୍ମଶାଳା, ରସୁଲପୁର, ବଡ଼ଚଣା, ସୁକିନ୍ଦା, ଦଶରଥପୁର, ବିଞ୍ଝାରପୁର ବ୍ଲକରେ ସର୍ବାଧିକ ପନିପରିବା ଚାଷ ହେଉଛି। ଜିଲାର ବାରବାଟୀ ବଜାର ପନିପରିବା ହାଟ ପାଇଁ ପ୍ରସିଦ୍ଧି ରହିଛି। ବିଭିନ୍ନ ଯୋଜନା ସମେତ ପରିବା ସଂରକ୍ଷଣ ପାଇଁ ପ୍ୟାକିଂ ଗୃହ ନିର୍ମାଣ, ୩୦ମେଟ୍ରିକଟନ କ୍ଷମତା ବିଶିଷ୍ଟ ଶୀତଳିକରଣ ଗୃହ, ୬ ଟନ କ୍ଷମତା ବିଶିଷ୍ଟ ପ୍ରାକ୍ ଶୀତଳିକରଣ ପ୍ରକଳ୍ପ, ସମନ୍ୱିତ ପ୍ୟାକିଂ ଗୃହ, ଭ୍ରାମ୍ୟମାଣ ପ୍ରାଥମିକ ଶୀତଳିକରଣ ପ୍ରକଳ୍ପ, ସର୍ବାଧିକ ୫ହଜାର ମେଟ୍ରିକଟନ କ୍ଷମତା ବିଶିଷ୍ଟ ଶୀତଳ ଭଣ୍ଡାର ନିର୍ମାଣ/ପ୍ରଶସ୍ତିକରଣ/ଉନ୍ନତିକରଣ ପ୍ରଭୃତି ଯୋଜନା ରହିଛି। ହେଲେ ଏହିସବୁ ଯୋଜନା ଯାଜପୁର ଜିଲାରେ କେବଳ କାଗଜକଲମରେ ସୀମିତ ରହୁଛି। ଏ ସଂକ୍ରାନ୍ତରେ ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ ଲୋକନାଥ ଜେନାଙ୍କ ମତାମତ ନେବାକୁ ତାଙ୍କ ମୋବାଇଲ ନମ୍ବର ୮୭୬୩୮୬୧୪୭୧କୁ ମଙ୍ଗଳବାର ସନ୍ଧ୍ୟାରେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ କଲ ଉଠାଇ ନ ଥିଲେ।

### ସ୍ୱାମୀଙ୍କୁ ଜାଳିଦେବା ଘଟଣା: ସ୍ତ୍ରୀ, ଶାଶୁ କୋର୍ଟ ଚାଲାଣ

ଧର୍ମଶାଳା,୧୯।୧୧(ଡି.ଏନ୍.ଏ.)

ଧର୍ମଶାଳା ଥାନା ଅନ୍ତର୍ଗତ କଣ୍ଟିଗଡ଼ିଆ ଗ୍ରାମରେ ନିତ୍ୟାନନ୍ଦ ରଣାଙ୍କୁ ସ୍ତ୍ରୀ ସହଯୋଗୀଙ୍କ ସହ ମିଶି କିରୋସିନ ଢାଳି ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ମଙ୍ଗଳବାର ପୋଲିସ ନିତ୍ୟାନନ୍ଦଙ୍କ ସ୍ତ୍ରୀ ବୀଣାପାଣି ରଣା(୩୦) ଓ ଶାଶୁ ଗୁଲି ରଣା(୬୦)ଙ୍କୁ କୋର୍ଟ ଚାଲାଣ କରିଛି। ଏହି ଥାନା ଅନ୍ତର୍ଗତ କୁମାରୀ ଗ୍ରାମର ନିତ୍ୟାନନ୍ଦ କଣ୍ଟିଗଡିଆ ଗ୍ରାମର ବୀଣାପାଣିଙ୍କୁ ଗତ ୯ମାସ ତଳେ ବିବାହ କରିଥିଲେ। ବିବାହ ପରେ ଉଭୟଙ୍କ ମଧ୍ୟରେ ବିଭିନ୍ନ କାରଣ ନେଇ ଝଗଡ଼ା ଲାଗି ରହିଥିଲା। ଏହାର ବହୁବାର ସମାଧାନ ସତ୍ତ୍ୱେ ବି ବାରମ୍ବାର ଝଗଡା ହେବାରୁ ବୀଣାପାଣି ଗତ ୪ ମାସ ହେବ ନିଜ ବାପ ଘରେ ରହୁଥିଲେ। ରବିବାର ତାଙ୍କୁ ନେଇ ଯିବା ପାଇଁ ବୀଣା ଫୋନ୍‌ରେ କହିବା ପରେ ନିତ୍ୟାନନ୍ଦ ଶ୍ୱଶୁରଘରକୁ ଯାଇଥିଲେ। ହେଲେ ଶ୍ୱଶୁର ଘରେ ପହଞ୍ଚିବା ପରେ ବୀଣା, ଶାଶୁ ଗୁଲି ଓ କୁନା ନାମକ ଯୁବକ ହଠାତ ନିତ୍ୟାନନ୍ଦଙ୍କ ଉପରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିବା ତାଙ୍କ ମା' ସାରିଆ ରଣା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୫୩୫/୧୯) ରୁଜୁକରି ବୀଣା ଓ ଶାଶୁଙ୍କୁ ଅଟକରଖି ପଚରା ଉଚରା କରିଥିଲା। ଏଥିସହ କଟକ ମେଡିକାଲ ଯାଇ ନିତ୍ୟାନନ୍ଦଙ୍କ ବୟାନ ରେକର୍ଡ କରିଥିଲା।

**ମଧ୍ୟାହ୍ନଭୋଜନ ଖାଇ ଛାତ୍ରୀଛାତ୍ର ଅସୁସ୍ଥ ଘଟଣା**

### ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନିଲମ୍ବିତ

ଧର୍ମଶାଳା,୧୯।୧୧(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ ଶ୍ରୀବନ୍ତପୁର ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଖାଇ ଗତ ୧୬ ତାରିଖରେ ଛାତ୍ରୀଛାତ୍ର ଅସୁସ୍ଥ ହୋଇଥିଲେ। ଏହି ଘଟଣାରେ ମଙ୍ଗଳବାର ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ବେହେରା ଶ୍ରୀବନ୍ତପୁର ସ୍କୁଲରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ତଦନ୍ତ ପରେ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଅବହେଳା କରିଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦଙ୍କୁ ପତ୍ର ସଂଖ୍ୟା ୨୪୮୭ ତା.୧୯।୧୧।୧୯ରେ ନିଲମ୍ବନତ କରିଥିବା ଗଣମାଧ୍ୟମକୁ ସୂଚନାଦେଇଛନ୍ତି।

ପ୍ରକାଶ ଯେ, ଗତ ୧୬ ତାରିଖରେ ବିଦ୍ୟାଳୟରେ ପ୍ରସ୍ତୁତ ମଧ୍ୟାହ୍ନଭୋଜନରେ ଝିଟିପିଟି ପଡିଥିବା ଅଭିଯୋଗ ହୋଇଥିଲା। ଏହାକୁ ଖାଇ ୪୦ ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣ ଗୁରୁତର ହୋଇଥିଲେ। ଅଭିଯୋଗ ପାଇ ଯାଜପୁର ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ ଓ ବିଇଓ ପ୍ରଫୁଲ୍ଲ କୁମାର ବେହେରା ଡାକ୍ତରଖାନାରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ। ଏଥିସହ ଘଟଣାର ତଦନ୍ତ ପାଇଁ ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହିପରି ସୋମବାର ଏହି ବ୍ଲକ ଅନ୍ତର୍ଗତ ବମ୍ଫୁ ମଙ୍ଗରାଜପୁର ନୋଡାଲ ଉପ୍ରା ବିଦ୍ୟାଳୟର ମଧ୍ୟାହ୍ନଭୋଜନ ପରିଚାଳନରେ ତ୍ରୁଟି ପାଇଁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କିରଣମୟୀ ଦେବତାଙ୍କୁ ବିଇଓ ବେହେରା ସୋମବାର ନିଲମ୍ବନ କରିଥିଲେ। ଏଥିସହ ସହକାରୀ ଶିକ୍ଷୟିତ୍ରୀ ପୁଷ୍ପାରାଣୀ କରଙ୍କ ନଭେମ୍ବରର ଦରମା ବନ୍ଦ କରିବା ସହିତ ୩ଦିନ ମଧ୍ୟରେ ଉତ୍ତର ରଖିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ଶନିବାର ମଧ୍ୟାହ୍ନଭୋଜନରେ ପଚା ଅଣ୍ଡା ଖାଇ ୬ ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇଥିଲେ। ସେମାନଙ୍କ ମଧ୍ୟରୁ ବିଚିତ୍ର କୁମାର ମଲ୍ଲିକ(୧୦) ଓ ଶୁଭମ ମଲ୍ଲିକ(୧୦) ଗୁରୁତର ହୋଇପଡିଥିଲେ। ସେମାନଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଚିକିତ୍ସା ହୋଇ ସୁସ୍ଥ ହେବା ପରେ ଘରକୁ ଫେରିଥିବା ବିଇଓ ବେହେରା ସୂଚନା ଦେଇଛନ୍ତି।

**ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସମ୍ପର୍କିତ ବ୍ଲକସ୍ତରୀୟ ଜନଶୁଣାଣି ଶିବିର**

# ୮କୋଟି ଧାର୍ଯ୍ୟ ଲକ୍ଷ୍ୟ ହାସଲ ନେଇ ମାନସ ମନ୍ଥନ

ରସୁଲପୁର,୧୯।୧୧(ଡି.ଏନ୍.ଏ.)



ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀବୃନ୍ଦ।

ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ବ୍ଲକସ୍ତରୀୟ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଆଇନ (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଜନଶୁଣାଣି ଶିବିର ରସୁଲପୁର ବିଡିଓ ଉମାକାନ୍ତ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶବିରରେ ଯାଜପୁର ଜିଲା ଭାରପ୍ରାପ୍ତ ଜିଲାପାଳ ମହିର ପ୍ରସାଦ ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗଦେଇ ବ୍ଲକ ଅଞ୍ଚଳରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜରିଆରେ ବିଭିନ୍ନ ପ୍ରକଳ୍ପରେ ବ୍ୟୟ ଅର୍ଥର ସମୀକ୍ଷା କରିଥିଲେ। ବ୍ଲକ ଅଞ୍ଚଳରେ କେଉଁ ସବୁ ପ୍ରମୁଖ ପ୍ରକଳ୍ପ କାର୍ଯ୍ୟକରୀ ହୋଇଛି। ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ କ'ଣ ରହିଛି। ସେ ସମ୍ପର୍କରେ ପଞ୍ଚାୟତୱାରୀ ତଥ୍ୟ ଜାଣିବାକୁ ଚାହିଁଥିଲେ। ଏକାଧିକ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ସନ୍ତୋଷଜନକ ନ ଥିଲା। ଏହାଛଡ଼ା ପଞ୍ଚାୟତରେ କାର୍ଯ୍ୟରତ ଗ୍ରାମ୍ୟରୋଜଗାର ସେବକ, ଗ୍ରାମ୍ୟ ସମ୍ଭଳ ଅଧିକାରୀ, ବ୍ଲକ ସାମାଜିକ ସମୀକ୍ଷକଙ୍କ ସହ ଆଲୋଚନା କରିଥିଲେ। ତେବେ ସେମାନଙ୍କ ମତାମତ ସନ୍ତୋଷଜନକ ନ ଥିଲା। କେବଳ ପ୍ରଧାନମନ୍ତ୍ରୀ ଆବାସ ଯୋଗୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା ବଞ୍ଚି ରହିଛି ବୋଲି ଜଣାପଡିଥିଲା।

**ଏକାଧିକ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ସନ୍ତୋଷଜନକ**

ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବଳରେ ୨୬୪ଟି ଯୋଜନା କାର୍ଯ୍ୟକାରୀ ହେଉଛି। ମାତ୍ର ଯାଜପୁର ଜିଲାରେ ସମସ୍ତ ଯୋଜନା କାର୍ଯ୍ୟକାରୀ ହେବାକୁ ଭିତ୍ତିଭୂମୀ ନ ଥିବାରୁ କେବଳ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍‌ଏୱାଇ), ରିଚାର୍ଜ ପିଟ୍, କମ୍ପୋଷ୍ଟ ପିଟ୍, ଖତଗାଡ଼ିଆ, ମାଛ ଚାଷ ପାଇଁ ପୋଖରୀ ଖନନ, ସ୍ୱଚ୍ଛ ଭାରତ ମିଶନ ଜରିଆରେ ଘରୋଇ ପାଇଖାନା ନିର୍ମାଣ, ନୂତନ ରାସ୍ତା ନିର୍ମାଣ, ଖେଳ ପଡ଼ିଆ, ଅନୁନ୍ନତ ଜମିରେ ଉନ୍ନତିକରଣ ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଜରିଆରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅର୍ଥ ବ୍ୟୟ କରିବାକୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ଚଳିତ ୨୦୧୯-୨୦ ଆର୍ଥିକ ବର୍ଷରେ ବ୍ଲକକୁ ୮କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବା ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜରିଆରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହାକୁ କେମିତି ଖର୍ଚ୍ଚ କରାଯିବ ଏବଂ କେଉଁ ଦିଗପ୍ରତି ଦୃଷ୍ଟି ଦିଆଯିବ ସେ ନେଇ ବିଶଦ ଭାବରେ ଆଲୋଚନା ହୋଇଥିଲା। ବିଶେଷକରି ସରପଞ୍ଚ, ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆର୍‌ଏସ୍, ଭିଆରସିଙ୍କ ମିଳିତ ସହଯୋଗରେ ଏହା ସମ୍ଭବ ହୋଇପାରିବ। ସରକାରୀ କର୍ମଚାରୀମାନେ କେବଳ ପିଏମ୍‌ଏୱାଇକୁ ଗୁରୁତ୍ୱ ନ ଦେଇ ଅନ୍ୟ ପ୍ରକଳ୍ପକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅତିରିକ୍ତ ଯୋଜନା ଅଧିକାରିଣୀ ସୁଚିସ୍ମିତା ଜେନା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ନମିତା ହାଁସଦା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବ୍ଲକ ସାମଜିକ ସମୀକ୍ଷକ ଅଂଶୁମାନ୍ ମହାନ୍ତି ବିଭିନ୍ନ ପଞ୍ଚାୟତର ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ଏବିଡିଓ ଉପେନ୍ଦ୍ର କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରସୁଲପୁର ବ୍ଲକ ଅଧିନସ୍ଥ ୨୮ଗୋଟି ପଞ୍ଚାୟତରୁ ଜନପ୍ରତିନିଧି, ଯନ୍ତ୍ରୀ, ନିର୍ବାହୀ ଅଧିକାରୀ, ଜିଆର୍‌ଏସ୍, ଭିଆରସି ପ୍ରମୁଖ ଯୋଗଦଇ ଥିଲେ।

### ବିରଜାକ୍ଷେତ୍ର ପରିକ୍ରମା ଯାତ୍ରା ଆରମ୍ଭ

ଯାଜପୁର ଟାଉନ,୧୯।୧୧(ଡି.ଏନ୍.ଏ.)

ପ୍ରାକ୍ ମହାଭାରତୀୟ ଯୁଗୀୟ ସଭ୍ୟତା ଗଦାକ୍ଷେତ୍ର ଯାଜପୁର ତାର ସାଂସ୍କୃତିକ, ଆଧ୍ୟାତ୍ମିକ ଐତିହ୍ୟକୁ ମଣ୍ଡନ କରି ପୂଣ୍ୟତୋୟା ପରମ ପାବନି ବୈତରଣୀ ନଦୀ ପବିତ୍ର ବିରଜାତୀର୍ଥର ମହାତ୍ମ୍ୟକୁ ବହୁଗୁଣିତ କରିଆସୁଛି। ବିଶ୍ୱର ସର୍ବପ୍ରାଚୀନ ଏହି ଶକ୍ତି କ୍ଷେତ୍ରର ମାନ୍ୟତା ସମ୍ପର୍କରେ ଅଧିକ ପ୍ରଚାରପ୍ରସାର କରିବା ଏବଂ ବିରଜା ସଂସ୍କୃତିକୁ ଉଜ୍ଜିବିତ କରିବା ରଖିବା ଉଦ୍ଦେଶ୍ୟରେ ମଙ୍ଗଳବାର ଶ୍ରୀଶ୍ରୀ ବିରଜାକ୍ଷେତ୍ର ବା ଗଦାକ୍ଷେତ୍ର ପରିକ୍ରମା ଯାତ୍ରା ଉଦ୍‌ଘାଟିତ ହୋଇଛି। ଏହି ପରିକ୍ରମା ଉତ୍ସବ ବିଲେଶ୍ୱର ପୀଠରୁ ଆରମ୍ଭ ହୋଇଥିବାବେଳେ ମା' ବିରଜା ପୂଜକମଣ୍ଡଳୀର ସଭାପତି ପଣ୍ଡିତ ସୁବାଷ ଚନ୍ଦ୍ର ପାଣି ଏହାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଉତ୍ସବର ଆବାହକ ସ୍ୱାମୀ ଉଦୟାନନ୍ଦ ପର୍ବତ ମହାରାଜ, ସଚ୍ଚିଦା ନନ୍ଦ ଦାସ ମହାରାଜ ଉକ୍ତ ପରିକ୍ରମାର ନେତୃତ୍ୱ ନେଇଥିବା ବେଳେ ପରିକ୍ରମା ଯାତ୍ରାର ସଂଯୋଜକ ପ୍ରଭାତ କୁମାର ରାଉତରାୟ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ବିରଜା ସଂସ୍କୃତି ପ୍ରଚାର ସମିତିର ଅଧ୍ୟକ୍ଷ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଯାତ୍ରାରମ୍ଭ ପୂର୍ବରୁ ଆହୁତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ବୈତରଣୀ କୁମ୍ଭମେଳା ସମିତିର ସଭାପତି ଆଡଭୋକେଟ ବିବେକାନନ୍ଦ ମହାନ୍ତି, ଦକ୍ଷିଣ ବ୍ରହ୍ମବେଦୀ ଭାଗବତ ପ୍ରଚାର ସମିତି ବ୍ୟାସ ସୁଧିର ପଣ୍ଡା, ବେଲେଶ୍ୱର ଉନ୍ନୟନ କମିଟି ସଭାପତି ଅକ୍ଷୟ କୁମାର ମହାନ୍ତି, ରୁଦ୍ରଯଜ୍ଞର କର୍ମକର୍ତ୍ତା ମହେନ୍ଦ୍ର ଧଳ, ହରିବୋଲ ମହାରାଜ, ସମାଜସେବୀ ଚନ୍ଦ୍ରମଣୀ ସାହୁ, କେଶବ ରାଉତ, ଲକ୍ଷ୍ମୀଧର ମହାନ୍ତି, ପୂଜକ ନୀଳମଣୀ ଦାସ, ନବ କିଶୋର ପଣ୍ଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସଂପର୍କରେ ଆଲୋଚନା କରିଥିଲେ। ଏହାପରେ ପରିକ୍ରମା ଯାତ୍ରା ଆରମ୍ଭ ହୋଇଥିଲା।



**ଯାଜପୁର ଜିଲାରେ ନିମ୍ନମାନର ଛତୁଆ ଯୋଗାଣ ମାମଲା**

# କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କୁ ଅପେକ୍ଷା

ଯାଜପୁର ଅଫିସ,୧୯।୧୧

**ବଡ଼ଧରଣର ମୂଲଚାଲ ହୋଇଥିବା ନେଇ ଚର୍ଚ୍ଚା**

**କୌଣସି ପ୍ରକାର ରଫାଦଫାକୁ ପ୍ରଶ୍ରୟ ଦିଆଯିବ ନାହିଁ: ଡିଏସ୍‌ଡବ୍ଲ୍ୟୁଓ**

ଯାଜପୁର ଜିଲାରେ ଗର୍ଭବତୀ ମହିଳା ଓ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଛତୁଆ ଯୋଗାଣରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳୁଛି। ଏଥିଯୋଗୁ ପୁଷ୍ଟିହୀନତାରେ ଶିକାର ହୋଇ ଅନେକ ଶିଶୁଙ୍କ ଜୀବନ ଯାଉଥିବା ମଧ୍ୟ ଜିଲାରେ ନଜିର ରହିଛି। ଏହି ସମ୍ବେଦନଶୀଳ ମାମଲା ଉପରେ କେହି ଗୁରୁତ୍ୱ ଦେଉ ନ ଥିଲେ ହେଁ ଚଳିତ ମାସର ପ୍ରଥମ ସପ୍ତାହରେ ଜିଲା ସମାଜ କଲ୍ୟାଣ ଅଧିକାରୀ(ଡିଏସ୍‌ଡବ୍ଲ୍ୟୁଓ) ଏକ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରିଥିଲେ। ଛତୁଆ ପ୍ରସ୍ତୁତି ଦାୟିତ୍ୱରେ ଥିବା ବଡ଼ଚଣା ବ୍ଲକ ଅଞ୍ଚଳର ସାଇବାବା ସ୍ୱୟଂ ସହାୟିକା ଗୋଷ୍ଠୀର ସଭାପତି/ସମ୍ପାଦିକାଙ୍କୁ ନିମ୍ନମାନର ଛତୁଆ ବଣ୍ଟନ କରୁଥିବା ନେଇ କାରଣଦର୍ଶାଅ ନୋଟିସ (ପତ୍ରସଂଖ୍ୟା ୨୦୭୩/୪।୧୧।୨୦୧୯)ଜାରି କରିଥିଲେ। ହେଲେ ଇତିମଧ୍ୟରେ ୨ସପ୍ତାହରୁ ଉର୍ଦ୍ଧ୍ୱସମୟ ଅତିକ୍ରାନ୍ତ କରିଥିଲେ ହେଁସମ୍ପୃକ୍ତ ଗୋଷ୍ଠୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ବିଭାଗୀୟ ଅଧିକାରୀ ଓ ଛତୁଆ ନିର୍ମାଣକାରୀ ସଂସ୍ଥା କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏକ ବଡ଼ଧରଣର ମୂଲଚାଲ କରାଯାଇ ପ୍ରଥମେ କାରଣ ଦର୍ଶାଅ ନୋଟିସ ଓ ପରେ ରଫାଦଫା ହୋଇଯାଇଥିବା ନେଇ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ଜିଲାପାଳ ତାଲିମ ଗ୍ରହଣ କରି ଫେରିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି।

ଯାଜପୁର ଜିଲାର ୨୦ଟି ଗୋଷ୍ଠୀ ଜରିଆରେ ଛତୁଆ ତିଆରି କରାଯାଇ ଗର୍ଭବତୀ ମହିଳା ଓ ଶିଶୁଙ୍କୁ ଅଙ୍ଗନ୍ୱାଡି କେନ୍ଦ୍ର ଜରିଆରେ ବଣ୍ଟନ କରାଯାଉଛି। ପୁଷ୍ଟିହୀନତା ତଥା ରକ୍ତହୀନତା ରୋଗ ହ୍ରାସ କରିବା ଏହାର ଲକ୍ଷ୍ୟ। ଶିଶୁ ପୁଷ୍ଟିକର ଖାଦ୍ୟ ଅଭାବ ହେତୁ ରକ୍ତହୀନତା ଭଳି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। କାହାର ଗୋଡହାତ କ୍ଷୀଣ ହୋଇ ଯାଉଛି ତ କାହାର ପେଟ ଫୁଲି ଯାଉଛି। ଆଉ କାହାର ଶରୀର ତୁଳନାରେ ମୁଣ୍ଡ ବଡ଼ ଦିଶୁଛି। ଏମାନଙ୍କୁ ସହଜରେ ସୁଷମ ଖାଦ୍ୟ ଯୋଗାଇଦେବାକୁ ରାଜ୍ୟରେ ଡାଲି ଦୁର୍ନୀତି ପରେ ଗତ ୮ ବର୍ଷ ହେଲା ପ୍ରଣୀତ ଟିଏଚ୍‌ଆର(ଟେକ ହୋମ ରାଶନ) ଯୋଜନାରେ ଛତୁଆ ବଣ୍ଟନ ମଧ୍ୟ ଦୁର୍ନୀତି ଅଣାୟତ୍ତ ହେବାରେ ଲାଗିଛି। ଏହି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ୫-ଟି ଆଇନ ଯଦି ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହୁଏ ତେବେ ଜିଲାରେ ପୁଷ୍ଟିହୀନତା ସମ୍ପୂର୍ଣ୍ଣ ଭାବେ ଦୂର ହେବାର ସମ୍ଭାବନା ରହିଛି ବୋଲି ମତପ୍ରକାଶ ପାଇଛି।

ଏଠାରେ ସୂଚନାଯୋଗ୍ୟ ଯେ, ଯାଜପୁର ଜିଲା ବଡ଼ଚଣା ଶିଶୁ ବିକାଶ ପ୍ରକଳ୍ପ ଅନ୍ତର୍ଗତ କୁନ୍ଦଳ ଓ ଦାଣ୍ଡ ହରିପୁର ଅଙ୍ଗନୱାଡି କେନ୍ଦ୍ରରେ ଛତୁଆ ବଣ୍ଟନ ସମୟରେ ୧।୧୧।୨୦୧୯ ତାରିଖରେ ଡିଏସ୍‌ଡବ୍ଲ୍ୟୁଓ ପରିଦର୍ଶନରେ ଯାଇଥିଲେ। ଏହି ସମୟରେ ସେ ନିମ୍ନମାନର ଛତୁଆ ପ୍ରସ୍ତୁତ ସହ ବଣ୍ଟନରେ ବିଭିନ୍ନ ତ୍ରୁଟି ହେଉଥିବା ଦେଖିବାକୁ ପାଇଥିଲେ। ହଳଦିଆ ପ୍ୟାକେଟରେ ନେଟ ଓଜନ ପରିମାଣ ୨ କେଜି ୨୦୫ ଗ୍ରାମ ପରିବର୍ତ୍ତେ ୨ କେଜି ୧୨୫ ଗ୍ରାମ ଦର୍ଶାଯାଇଥିଲା। ଶିଶୁମାନଙ୍କୁ ହାଲୁଆ ପାଇଁ ଦିଆଯାଉଥିବା ପ୍ୟାକେଟରେ କେବଳ ସୁଜି ଓ ଚିନି ରହିଥିଲା। ସେଥିରେ ବେସନ କିମ୍ବା ତେଲ ମଧ୍ୟ ନ ଥିଲା। ବାଦାମ ଲଡୁ ମଧ୍ୟ ଉପଯୁକ୍ତ ମାନର ନ ଥିଲା। ଡିଏସଡବ୍ଲୁଓଙ୍କ ଦ୍ୱାରା ୨୩।୯।୨୦୧୯ ତାରିଖରେ ହୋଇଥିବା ପରିଦର୍ଶନରେ ମଧ୍ୟ ଟିଏଚଆର ପ୍ଲାଣ୍ଟର ଖାତାପତ୍ର ଠିକ ନ ଥିଲା ଓ ସନ୍ତୋଷଜନକ ଭାବେ ଆବଶ୍ୟକ କାଗଜପତ୍ର ଦର୍ଶାଇ ପାରି ନ ଥିଲେ। ଏହାବାଦ ଛତୁଆ ମିଶ୍ରଣ କାର୍ଯ୍ୟ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାଙ୍କ ଦ୍ୱାରା କରା ନ ଯାଇ ଅନ୍ୟମାନଙ୍କ ଦ୍ୱାରା ହେଉଥିଲା। ଏହିସବୁ ତ୍ରୁଟି ଅନୁଧ୍ୟାନ କରିବା ପରେ ସଂପୃକ୍ତ ସାଇବାବା ସ୍ୱୟଂ ସହାୟକ ଗୋଷ୍ଠୀକୁ ଡିଏସ୍‌ଡବ୍ଲ୍ୟୁଓ ଜବାବ ତଲବ କରିଥିଲେ। ଏହାବାଦ ଛତୁଆ ପ୍ୟାକେଟ ପ୍ରସ୍ତୁତି ସମୟରେ ଶିଶୁ ବିକାଶ ଯୋଜନା ଅଧିକାରୀ(ସିଡିପିଓ) ଓ ପରିଦର୍ଶୀକାମାନେ ଉପସ୍ଥିତ ରହି ତଦାରଖ କରିବାକୁ ନିର୍ଦ୍ଦେଶ ରହିଛି। କିନ୍ତୁ ସଂପୃକ୍ତ ଅଧିକାରୀମାନେ ଠିକ ଭାବେ ତଦାରଖ କରୁ ନ ଥିବାର ଡିଏସ୍‌ଡବ୍ଲ୍ୟୁଓ ଜାଣି ପାରିଥିଲେ। ତେଣୁ ସେମାନେ କାହିଁକି ଏହାର ଖିଲାପ କରିଛନ୍ତି ସେମାନଙ୍କୁ ମଧ୍ୟ ଜବାବ ତଲବ କରାଯାଇଛି। ହେଲେ ଅନୁପସ୍ଥିତ ଜିଲାପାଳଙ୍କୁ ଅପେକ୍ଷା ବାହାନାରେ ସଂପୃକ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅଧିକାରୀଙ୍କୁ ଘଣ୍ଟ ଘୋଡ଼ା ଯାଉଥିବା ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ଡିଏସ୍‌ଡବ୍ଲ୍ୟୁଓ ବିଜୟଲକ୍ଷ୍ମୀ ପଣ୍ଡାଙ୍କୁ ପଚାରିବାରେ ସେ କହିଛନ୍ତି କାରଣ ଦର୍ଶାଅ ନୋଟିସ ଉପରେ ସଂପୃକ୍ତ ସ୍ୱୟଂ ସହାୟିକା ଗୋଷ୍ଠୀ ତାଙ୍କର ଉତ୍ତର ରଖିଛନ୍ତି। ଜିଲାପାଳ ଆସିବା ପରେ ଉତ୍ତର ଉପରେ ନୀରିକ୍ଷଣ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ତେବେ ଏଥିରେ କୌଣସି ପ୍ରକାର ରଫାଦଫାକୁ ସେ ପ୍ରଶ୍ରୟ ଦେବେ ନାହିଁ ବୋଲି କହିଛନ୍ତି।



ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର,
ସେ ହିଁ ସଂକ୍ଷେପରେ କହିଦେଇପାରେ।
- ବ୍ୟାସକବି ଫକୀରମୋହନ



## ସଂକ୍ଷେପରେ

### ନିଶାସକ୍ତ ବାଇକ୍ ଚାଳକ କୋର୍ଟ ଚାଲାଣ

ଧର୍ମଶାଳା,୧୯।୧୧(ଡି.ଏନ୍.ଏ.)- ଧର୍ମଶାଳା ବ୍ଲକ ଜେନାପୁର ଥାନା ପୋଲିସ ମଙ୍ଗଳବାର ୨ ଜଣ ନିଶାସକ୍ତ ବାଇକ୍ ଚାଳକଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଅଞ୍ଜିରା ପଞ୍ଚାୟତ ଅଳସଗଣ୍ଡ ଗ୍ରାମର ଅଟଳ ବିହାରୀ ଦାସ ଓ ଚଢ଼େଇଧରା ଗ୍ରାମର ମନୋଜ ସାମଲ। ସୋମବାର ରାତିରେ ପୋଲିସ ପାଟ୍ରୋଲିଂ ବେଳେ ଥାନା ଅନ୍ତର୍ଗତ ୫୩ ନଂ ଜାତୀୟ ରାଜପଥ ଚଢ଼େଇଧରା ଛକଠାରେ ମଦ ପିଇ ବାଇକ ଚଳାଇ ଆସୁଥିବା ବେଳେ ଏମାନେ ଧରାପଡିଥିଲେ।

### ଓଟିପିଏଲ ପାଇଁ ସେକ୍ ଫରମାନ ମନୋନୀତ

ରସୁଲପୁର,୧୯।୧୧(ଡିଏନଏ)- ରସୁଲପୁର ବ୍ଲକ ବ୍ରହ୍ମବରଦା ଅଞ୍ଚଳର ୧୪ବର୍ଷିୟ ନବମ ଶ୍ରେଣୀ ଛାତ୍ର ସେକ୍ ଫରମାନ ଓଡ଼ିଶା ଟେନିସ ପ୍ରିମଅର ଲିଗ୍ (ଓଟିପିଏଲ) ଖେଳିବା ପାଇଁ ମନୋନୀତ ହୋଇଛନ୍ତି। ତାଙ୍କ ସଫଳତା ପାଇଁ ସମଗ୍ର ବ୍ରହ୍ମବରଦା ଅଞ୍ଚଳରେ ଖୁସିର ଲହରି ଖେଳି ଯାଇଛି। ତାଙ୍କ କୃତିତ୍ୱ ପାଇଁ ବିଦ୍ୟାଳୟ ହାଜିରହିମିଆଁ ନୋଡାଲ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଫରମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। କ୍ରିକେଟ ପ୍ରିମୟମ ଲିଗ୍ ପରେ କବାଡି ପ୍ରିମୟମ ଲିଗକୁ ନେଇ ଖୁବ୍ ଚର୍ଚ୍ଚା ଚାଲିଛି। ଏହି ଅବସରରେ ୪ବର୍ଷ ଧରି ଓଡିଶାରେ ଟେନିସ ପ୍ରିମିୟମ ଲିଗ୍ ଆରମ୍ଭ ହୋଇଛି। ଚଳିତବର୍ଷ ଏହି ଲିଗ୍ ଡିସେମ୍ବର ୪ରୁ ଆରମ୍ଭ ହେଉଛି। ଏଥିରେ ପ୍ରଥମ ଥର ପାଇଁ ଯାଜପୁରରୁ ସୁଟର୍ସ ନାମକ ଏକ ଟେନିସ ଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ସ୍ଥିର ହୋଇଛି। ଏହି ଦଳରେ ଫରମାନ ଖେଳିବା ପାଇଁ ମନୋନୀତ ହୋଇଛନ୍ତି। ଉକ୍ତ ଦଳ ପାଇଁ ବିଭିନ୍ନ ପ୍ରତିଭା ଖେଳାଳିଙ୍କୁ ଚୟନ କରାଯିବା ସହ ନିଲାମ କରାଯାଉଛି। ଏହି ପ୍ରକ୍ରିୟାରେ ଫରମାନ ସାମିଲ ହୋଇପାରିଥିବାରୁ ସେ ଖୁସି ପ୍ରକଟ କରିଛନ୍ତି। ପ୍ରିମିୟମ ଲିଗ୍ ତାଙ୍କ ପାଇଁ ଏକ ବଡ ପ୍ଲାଟଫର୍ମ ବୋଲି କହିବା ସହ ଏହି ପ୍ରତିଯୋଗିତା ଜରିଆରେ ସେ ତାଙ୍କର ଦକ୍ଷତାର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବେ ବୋଲି ମତ ରଖିଛନ୍ତି।

### କୋରେଇ ଶିକ୍ଷାମଣ୍ଡଳର ୩ବର୍ଷର ଜାତୀୟ ମେଧାବୃତି ପରୀକ୍ଷା ଫଳ ପ୍ରକାଶ

କୋରେଇ,୧୯।୧୧(ସ୍ୱ.ପ୍ର.)- କୋରେଇ ବ୍ଲକ ଶିକ୍ଷାମଣ୍ଡଳର ୩ ବର୍ଷର ଜାତୀୟ ମେଧାବୃତ୍ତି (ଏନ୍‌ଆରଟିଏସ୍)ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି। ଏହି ଶିକ୍ଷାମଣ୍ଡଳ ପକ୍ଷରୁ ଆୟୋଜିତ ୨୦୧୫,୧୬ ଓ ୧୮ ପରୀକ୍ଷା ଫଳ ଏକା ସାଙ୍ଗରେ ପ୍ରକାଶ ପାଇଛି। ଜାତୀୟ ମେଧାବୃତି (ଏନଆରଟିଏସ) ୨୦୧୫ ଓ ୨୦୧୬ ୭ଶ୍ରେଣୀ ପିଲାଙ୍କ ମଧରେ ହୋଇଥିଲା ବେଳେ ୨୦୧୮ ରେ ପ୍ରାଥମିକ ବିଦ୍ୟାଳୟରେ ସାମିଲ ହୋଇଥିବା ୮ମ ଶ୍ରେଣୀ ପିଲାଙ୍କ ମଧରେ ହୋଇଥିଲା। ପ୍ରତିବର୍ଷରୁ ଶିକ୍ଷାମଣ୍ଡଳସ୍ତରରେ ୧୦ଜଣ ଲେଖାଏଁ ୩ ବର୍ଷର ମୋଟ ୩୦ଜଣ ବୃତିପାଇବା ପାଇ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ମେଧାବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ଛାତ୍ରୀଛାତ୍ର ମାସିକ ୨୫୦ଟଙ୍କା ଲେଖାଏଁ ୩ ବର୍ଷ ଯାଏ ପାଇବେ । ସମୟ ଅତିବାହିତ ହୋଇଯାଇଥିବା ୨୦୧୫ ଓ ୧୬ର ଯୋଗ୍ୟ ପିଲାମାନଙ୍କୁ ଏକାଥରକେ ବୃତି ଅର୍ଥରାଶି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ପ୍ରଦାନ କରାଯିବା ସହ ୨୦୧୮ର ପିଲାଙ୍କୁ ମାସିକ ଭିତିରେ ଦିଆଯିବ ବୋଲି ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ବିଶ୍ୱଜୟ ନୃତ୍ୟ ଉତ୍ସବର ଷଷ୍ଠ ସଂସ୍କରଣ

ଯାଜପୁର ରୋଡ୍,୧୯।୧୧(ନି.ପ୍ର.)- ଯାଜପୁର ରୋଡ୍ ସହରର ଅଗ୍ରଣୀ ବିଶ୍ୱଜୟ ନୃତ୍ୟ ଉତ୍ସବର ଷଷ୍ଠ ସଂସ୍କରଣ ରବିବାର ବ୍ୟାସଦେବ ଟାଉନ୍ ହଲ୍‌ରେ ଅନୁଷ୍ଠିତ ହୋଇଛି। ଏହି ସଂସ୍କରଣରେ ଯୁବକ ମାନେ କୃଷି ପ୍ରତି ଆଗ୍ରହ ପ୍ରକାଶ କରିବା ଓ ପରିବେଶକୁ ସୁସ୍ଥ ରଖିବା ସମ୍ପର୍କରେ ଆଲୋଚନା କରାଯାଇଛି। ଏଥିସହ କୃଷକ ଦେଶର ମାନଦଣ୍ଡ, କୃଷୀର ଉନ୍ନତି ନ ହେଲେ ଦେଶର ବିକାଶ ଅସମ୍ଭବ, ଶିକ୍ଷିତ ଯୁବତୀଯୁବକ ଚାକିରି ପଛରେ ନ ଗୋଡାଇ ଉନ୍ନତ ଧରଣର ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରିବା ପାଇଁ ଆହ୍ୱାନ ଦିଆଯାଇଛି। ପରିବେଶକୁ ସୁସ୍ଥ ଓ ସ୍ୱଚ୍ଛ ରଖିବା ବିଷୟରେ ଅଧାପକ ଶିବ ଚରଣ ମାଝୀ, ସତ୍ୟଜିତ ସାମଲ, ବିଭୂତି ଭୂଷଣ ନାୟକ, ଅଭିଲାଷ ବୋଇତାଇ ଓ ମନୋଲିଷା ବଳ ଅବଗତ କରିଥିଲେ। ବାଇଧର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଯାଜପୁର ତହସିଲରେ ୪.୯୪ କୋଟି ଟଙ୍କାର ଦୁର୍ନୀତି ମାମଲା

# ଭିଜିଲାନ୍ସ ଡିଏସ୍‌ପିଙ୍କୁ ହାଜର ନିର୍ଦ୍ଦେଶ

**ଲୋକାୟୁକ୍ତଙ୍କ ରାୟ ପ୍ରକାଶ**
- ଡିସେମ୍ବର ୧୦ରେ ପରବର୍ତ୍ତୀ ତାରିଖ
- ପ୍ରାସଙ୍ଗିକ କାଗଜପତ୍ର ଦାଖଲ କରିବେ ଜିଲାପାଳ, ଉପଜିଲାପାଳ

ଯାଜପୁର ଅଫିସ,୧୪।୧୧

ଯାଜପୁର ତହସିଲରେ ବହୁଚର୍ଚ୍ଚିତ ୪.୯୪କୋଟି ଟଙ୍କାର ଅନିୟମିତତା ସଂକ୍ରାନ୍ତରେ ଓଡ଼ିଶା ଲୋକାୟୁକ୍ତ ପୁଣି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ମାମଲା ନଂ ୩୭୧/୨୦୧୯ର ଶୁଣାଣି କରି ୧୮।୧୧।୨୦୧୯ରେ ଲୋକାୟୁକ୍ତ ଯାଜପୁର ଜିଲାପାଳ ଓ ଉପଜିଲାପାଳଙ୍କୁ ତହସିଲ ଦୁର୍ନୀତି ଅଭିଯୋଗ ସଂକ୍ରାନ୍ତରେ ପ୍ରାସଙ୍ଗିକ କାଗଜପତ୍ର ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ସମ୍ପୂର୍ଣ୍ଣ ହେବାରେ ଏହା ସହାୟକ ହେବ ବୋଲି ଲୋକାୟୁକ୍ତ ପରାମର୍ଶ ଦେଇଛନ୍ତି। ଏହାବାଦ ଏହି ଦୁର୍ନୀତି ସଂକ୍ରାନ୍ତରେ କଟକ ଭିଜିଲାନ୍ସ କେଶ ନମ୍ବର ୧୯/୧୮।୭।୨୦୧୯ର ତଦନ୍ତକାରୀ ଅଧିକାରୀ ଭିଜିଲାନ୍ସ ଡିଏସ୍‌ପି ବନବାଳି ଧଳଙ୍କୁ ପରବର୍ତ୍ତୀ ତାରିଖରେ ଉପସ୍ଥିତ ରହିବାକୁ କଟକ ଭିଜିଲାନ୍ସ ଡାଇରେକ୍ଟର ନିର୍ଦ୍ଦେଶ ଦେଇପାରିବେ ବୋଲି ରାୟରେ କୁହାଯାଇଛି। ପରବର୍ତ୍ତୀ ତାରିଖ ଆସନ୍ତା ୧୦।୧୨।୨୦୧୯ରେ କରିବାକୁ ଲୋକାୟୁକ୍ତ ନିର୍ଦ୍ଦେଶ ଜାରି କରିଛନ୍ତି।

ଯାଜପୁର ତହସିଲ ଘୋଟାଲା ସଂକ୍ରାନ୍ତରେ ଲୋକାୟୁକ୍ତଙ୍କ ପକ୍ଷରୁ ୯।୧୦।୨୦୧୯ରେ କଟକ ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ୬ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଏହାପରେ ୯।୧୧।୨୦୧୯ରେ କଟକ ଭିଜିଲାନ୍ସ ଡାଇରେକ୍ଟରଙ୍କ ଦ୍ୱାରା ତଦନ୍ତ ରିପୋର୍ଟ ଲୋକାୟୁକ୍ତଙ୍କ ନିକଟରେ ଦାଖଲ ହୋଇଥିଲା। ଭିଜିଲାନ୍ସ ତଦନ୍ତ ରିପୋର୍ଟରେ ଦର୍ଶାଯାଇଛି ଯେ, ଅଭିଯୋଗ ଅନୁସାରେ ତଦନ୍ତ ସମ୍ପନ୍ନ ହୋଇଛି। ଏହିକ୍ରମରେ ଯାଜପୁରର ପୂର୍ବତନ ତହସିଲଦାର ଓ ନାଜିରଙ୍କ ବିରୋଧରେ ଭିଜିଲାନ୍ସ ମାମଲା ରୁଜୁ କରାଯାଇ ତଦନ୍ତ ପ୍ରକ୍ରିୟା ଗ୍ରହଣ କରାଯାଇଛି। ଅଭିଯୋଗରେ ଅନ୍ୟ ଅଂଶ(ଓଦର ପାର୍ଟ) ଅନୁସାରେ ୨୦୦୬ ରୁ ୨୦୧୨ ମଧ୍ୟରେ ହୋଇଥିବା ଆତ୍ମସାତକରଣ ଉପରେ ଜିଲାପାଳ ଓ ଉପଜିଲାପାଳଙ୍କ ଆବଶ୍ୟକ କାଗଜପତ୍ର ଯୋଗାଇ ଦେବେ ବୋଲି ଲୋକାୟୁକ୍ତ ତାଙ୍କ ରାୟରେ ପ୍ରକାଶ କରିଛନ୍ତି। ଏହାପରେ ଯାଜପୁର ତହସିଲ ଦୁର୍ନୀତିର ପର୍ଦ୍ଦାଫାସ ହୋଇପାରିବା ନେଇ ଆଶା କରାଯାଉଛି। ଅନ୍ୟପକ୍ଷେ ୨୦୧୭-୧୮ରେ ହୋଇଥିବା ଅଡିଟ ରିପୋର୍ଟରେ ୨୦୦୬-୦୭ ଆର୍ଥିକ ବର୍ଷରୁ ୨୦୧୫-୧୬ ବର୍ଷ ମଧ୍ୟରେ ୪.୯୪ କୋଟି ଟଙ୍କାର ରାଜସ୍ୱ ଆଦାୟ ଲୁଟ ହୋଇଛି। ଏଥିରେ ୧୦ଜଣ ତହସିଲଦାର, ୯ଜଣ ମୁଖ୍ୟ କିରାଣୀ ଓ ୪ ଜଣ ନାଜିର ସମ୍ପୃକ୍ତ ଥିବାର ଅଡିଟ ରିପୋର୍ଟରେ ଦର୍ଶାଯାଇଛି। କିନ୍ତୁ ଏହି ଅଡିଟ ରିପୋର୍ଟକୁ ବିଭାଗୀୟ ଅଧିକାରୀମାନେ ଅନୁପାଳନ ନ କରି ଘଣ୍ଟଘୋଡ଼ାଇବାରେ ବ୍ୟସ୍ତ ରହିଛନ୍ତି। ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ସୂଚନା ଅଧିକାର ଆଇନ (ଆରଟିଆଇ) ବଳରେ ପାଇଥିବା ଯାଜପୁର ତହସିଲର ସ୍ୱତନ୍ତ୍ର ଅଡିଟ ରିପୋର୍ଟ ଆଧାରରେ ଏହି ଅଡିଟ କାର୍ଯ୍ୟ ୫।୪।୨୦୧୬ ରୁ ୩୧।୮।୨୦୧୬ ତାରିଖ ପର୍ଯ୍ୟନ୍ତ ହୋଇଥିଲା । ଅଡିଟ ରିପୋର୍ଟ ସରକାରଙ୍କ ପାଖରେ ଦାଖଲ ହେବା ପରେ ଏହି ଅନିୟମିତା ଧରାପଡ଼ିଥିଲା। ଅଡିଟ ରିପୋର୍ଟରେ ସଂପୃକ୍ତ ଅଧିକାରୀଙ୍କ ବିରୋଧରେ ବିଭାଗୀୟ ପ୍ରୋସିଡିଂ କରିବାକୁ ପରାମର୍ଶ ଦିଆଯାଇଥିଲା। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବାପରେ ତହସିଲର ନାଜିର ରଜତ କୁମାର ରାଉତରାୟଙ୍କୁ ନିଲମ୍ବନ କରାଯାଇଥିଲା। ଏହାପରେ ଏହି ମହାଦୁର୍ନୀତିର ତଦନ୍ତ ଭାର ଭିଜିଲାନ୍ସ ଉପରେ ନ୍ୟସ୍ତ କରାଯାଇଥିଲା। କିନ୍ତୁ ଦେଢ ବର୍ଷରୁ ଊର୍ଦ୍ଧ୍ୱ କାଳ ପର୍ଯ୍ୟନ୍ତ ଭିଜିଲାନ୍ସ ମାମଲା ରୁଜୁ କରି ନୀରବି ଯାଇଥିଲା। ଏହାପରେ ସାମାଜିକ କର୍ମୀ ବେହୁରା ୨୬।୯।୨୦୧୯ରେ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ। ଇତିମଧ୍ୟରେ ମୁଖ୍ୟ ଅଭିଯୁକ୍ତ କୁହାଯାଇଥିବା ନାଜିର ଫେରାର ଅଛନ୍ତି । କିନ୍ତୁ ଜିଲା ପ୍ରଶାସନ କିମ୍ବା ଭିଜିଲାନ୍ସ ତାଙ୍କୁ ଠାବ କରିବାରେ ବିଫଳ ହୋଇଛନ୍ତି । ନାଜିରଙ୍କ ଆକାଉଣ୍ଟ କିମ୍ବା ଘର ଉପରେ କୌଣସି ପ୍ରକାର ନୀତିଗତ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଇ ପାରିନାହିଁ । ଏଥିରୁ ତଦନ୍ତରେ ସ୍ୱଚ୍ଛତା ନେଇ ସନ୍ଦେହ ପ୍ରକାଶ ପାଇଛି।

### ନଗଡ଼ାରେ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କଲେ ଅତିରିକ୍ତ ଜିଲାପାଳ

କାଳିଆପାଣି,୧୯।୧୧(ଡି.ଏନ୍.ଏ.)

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ନଗଡ଼ା ଅଞ୍ଚଳରେ ବ୍ଲକ ପଞ୍ଚାୟତ ସମିତି ପକ୍ଷରୁ କରାଯାଇଥିବା ବିଭିନ୍ନ ଉନ୍ନୟନ ମୂଳକକାର୍ଯ୍ୟ ମଙ୍ଗଳବାର କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ତଦାରଖ କରିଛନ୍ତି। ତାଙ୍କ ନେତୃତ୍ୱରେ ଏକ ଟିମ୍ ତଳ, ମଝି ଓ ଉପର ନଗଡ଼ାରେ ପହଞ୍ଚି ୬୦ ପରିବାରକୁ ବିଜୁ ପକ୍କାଗୃହ, କଂକ୍ରିଟ ରାସ୍ତା, ପାଇପ୍ ଯୋଗେ ଯୋଗାଣ ହେଉଥିବା ପାନୀୟଜଳ ଓ ଶୌଚାଳୟ ବୁଲି ଦେଖିଥିଲେ। ତେବେ ନଗଡ଼ାରେ ନିର୍ମିତ ହୋଇଥିବା ଶୌଚାଳୟଗୁଡ଼ିକ ନଗଡ଼ାବସୀ ବ୍ୟବହାର କରୁ ନ ଥିବା ଜାଣିବାକୁ ପାଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏଥିସହ ଲୋକଙ୍କୁ ସଚେତନତା ପାଇଁ ନିଯୁକ୍ତି ପାଇଥିବା ୨ ସେଚ୍ଛାସେବୀ ସଂସ୍ଥାକୁ ତାଗିଦ କରିଥିଲେ। ଭାଙ୍ଗିଯାଇଥିବା ପାନୀୟ ଜଳ ଷ୍ଟାଣ୍ଡପୋଷ୍ଟକୁ ତୁରନ୍ତ ମରାମତି କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଏହି ଗସ୍ତରେ ଅତିରିକ୍ତ ଜିଲାପାଳଙ୍କ ସହ ପୂର୍ତ୍ତ ଓ ନିର୍ମାଣ ବିଭାଗ ସହ ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ମହାପାତ୍ର, ଯନ୍ତ୍ରୀ ମନୋଜ ମାଝୀ ଏବଂ ସୁକିନ୍ଦା ବ୍ଲକର ସମସ୍ତ ବିଭାଗ ଯନ୍ତ୍ରୀ ସାମିଲ ହୋଇଥିଲେ।

## ଟାଟା ଷ୍ଟିଲ କଳିଙ୍ଗନଗର ୪ର୍ଥ ବାର୍ଷିକ ଉତ୍ସବ

କଳିଙ୍ଗନଗର,୧୯।୧୧(ଡି.ଏନ୍.ଏ.)

ଟାଟା ଷ୍ଟିଲ୍ ପକ୍ଷରୁ କଳିଙ୍ଗନଗର ଇସ୍ପାତ କାରଖାନା ଲୋକାର୍ପଣର ୪ର୍ଥ ଜନ୍ମ ବାର୍ଷିକୀଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ କାରଖାନା ପରିସରରେ ଟେକ୍‌ଏକ୍ସ ୪.୦ ପ୍ରଦର୍ଶନୀକୁ ଓ ଟେକ୍ ୪.୦ ବକ୍ତୃତା ଆୟୋଜନ କରାଯାଇଥିଲା। 'ଏକ ଡିଜିଟାଲ ଆସନ୍ତାକାଲିର ନିର୍ମାଣ' ଶୀର୍ଷକ ବିଷୟ ବସ୍ତୁଉପରେ ଆଧାରିତ ଉକ୍ତ ପ୍ରଦର୍ଶନିକୁ ଟାଟାଷ୍ଟିଲ କଳିଙ୍ଗନଗର ଅପରେଶନ ବିଭାଗ ମହା ପ୍ରବନ୍ଧକ କର୍ମବୀର ସିଂହ, କର୍ପୋରେଟ ବିଭାଗ ମହାପ୍ରବନ୍ଧକ ଆର୍. ଆର୍. ଶତପଥୀ ଓ ପ୍ରକଳ୍ପ ବିଭାଗ ମହା ପ୍ରବନ୍ଧକ ଅଜିତ ଡି କୋଠାରୀ ଉଦ୍‌ଘାଟନ କରିଥିଲେ। ଉକ୍ତ ଦିବସ ପାଳନ ଅବସରରେ ଆୟୋଜିତ ଟେକ୍‌ଏକ୍ସ ୪.୦ ପ୍ରଦର୍ଶନୀରେ ଟାଟାଷ୍ଟିଲ କଳିଙ୍ଗନଗର ଓ ଟାଟାଷ୍ଟିଲ ଡିଜିଟାଲ ଯାତ୍ରାକୁ ପ୍ରଦର୍ଶିତ କରାଯାଇଛି। ଅନ୍ୟତମ ଆକର୍ଷଣଭାବେ ଧାତୁ ଓ ଖନନ ଶିଳ୍ପରେ ଡିଜିଟାଲ ପ୍ରଯୁକ୍ତିର ପ୍ରଗତି ଉପରେ ଟେକ୍ ୪.୦ ନାମକ ବକ୍ତୃତା ଆୟୋଜିତ ହୋଇଥିଲା। ମେକିନ୍ସ ଓ କମ୍ପାନୀର ଏନ୍‌ଗେଜ୍‌ମେଣ୍ଟ ପ୍ରବନ୍ଧକ ପ୍ରତୀକ ଗୋୟେଲ, ଆସେନ୍‌ଚର ଷ୍ଟ୍ରାଟେର୍ଜୀର ସିନିୟର ଶାହଲିନ ଚାଭଦା ଏବଂ ମୃଣାଳକାନ୍ତି ପାଲଟା ଯୋଗଦେଇଥିଲେ। ୨୦୧୯ ବର୍ଷ ଟାଟାଷ୍ଟିଲ କଳିଙ୍ଗନଗର ଇତିହାସରେ ଏକ ମାଇଲଖୁଣ୍ଟ, କାରଣ ଏହି ବର୍ଷ କମ୍ପାନୀକୁ ଏହାର ପ୍ରକ୍ରିୟାକରଣ ଓ ସେବାରେ ଆଧୁନିକ ଡିଜିଟାଲ ପ୍ରଯୁକ୍ତିର ପ୍ରୟୋଗ ଓ ୨୬ ବତିଘର ବିଶ୍ୱନେଟୱର୍କରେ ସାମିଲ ହେବା ପାଇଁ ଭାରତର ପ୍ରଥମ ତଥା ଏକ ମାତ୍ର ଉତ୍ପାଦନକାରୀ କାରଖାନାଭାବେ ବିଶ୍ୱ ଅର୍ଥନୈତିକ ମଞ୍ଚ ଦ୍ୱାରା 'ନିର୍ମାଣକାରୀ ବତିଘର (ମନ୍ୟୁଫ୍ୟାକଚରିଂ ଲାଇଟ୍‌ହାଉସ୍)'ଭାବେମାନ୍ୟତା ପ୍ରଦାନ କରାଯାଇଛି। ଉଚ୍ଚ ଉତ୍ପାଦନ କ୍ଷମତା ଓ ପରିବେଶ ଉପରେ କମ୍ ପ୍ରଭାବକୁ ସୁନିଶ୍ଚିତ କରିବା ପାଇଁ ଟାଟାଷ୍ଟିଲ କଳିଙ୍ଗନଗର ପକ୍ଷରୁ ଶ୍ରେଷ୍ଠ କୌଶଳର ପ୍ରୟୋଗ କରାଯାଉଛି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୫ ନଭେମ୍ବର ୧୮ରେ କାରଖାନାକୁ ରାଜ୍ୟବାସୀଙ୍କ ଉତ୍ସର୍ଗ କରିଥିଲେ।



ଟାଟାଷ୍ଟିଲ ଚତୁର୍ଥ ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିଙ୍କ ସହ ଅନ୍ୟମାନେ ।

### ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ୪ ଶିଶୁ ହସ୍ତାନ୍ତର

ଯାଜପୁର ରୋଡ୍,୧୯।୧୧(ନି.ପ୍ର.)

ଯାଜପୁରରୋଡ୍ ସ୍ଥିତ ଷ୍ଟେଶନ ବଜାର ନିକଟରେ ଥିବା ଏକ ଦୋକାନ ବାରଣ୍ଡାରୁ ଶନିବାର ରାତିରେ ୪ଜଣ ଶିଶୁଙ୍କ ଚେତାଶୁନ୍ୟ ଅବସ୍ଥାରେ ଉଦ୍ଧାର କରାଯାଇଥିଲ। କ୍ଲବ ଦି ୟୁଥ୍ ମାସ୍‌ର ସମ୍ପାଦକ ରାଜେସ କୁମାର ରାଉତ ସେମାନଙ୍କୁ ଉଦ୍ଧାର କରି ଯାଜପୁରରୋଡ ଡାକ୍ତରଖାନାରେ ଚିକିତ୍ସା କରିଥିଲେ। ଏଥିସହ ଯାଜପୁର ରୋଡ ଥାନା ଅଧିକାରୀଙ୍କୁ ଜଣାଇବା ପରେ ସେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ସେମାନେ ସୁସ୍ଥ ହେବାପରେ ରବିବାର ପୋଲିସ ସହାୟତାରେ ଯାଜପୁର ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି ।

### ନକଲି ଜର୍ଦ୍ଦା ପ୍ରସ୍ତୁତକାରୀଙ୍କ ଘରେ ଚଢ଼ାଉ

## ସାମଗ୍ରୀ ଜବତ, ଅଭିଯୁକ୍ତ କୋର୍ଟ ଚାଲାଣ

କୋରେଇ,୧୯।୧୧(ସ୍ୱ.ପ୍ର.)

ପାଣିକୋଇଲି ପୋଲିସ ସୋମବାର ରାତିରେ ପାଣିକୋଇଲି ଗ୍ରାମରେ ନକଲି ପାନ ମସଲା (ଜର୍ଦ୍ଦା) ପ୍ରସ୍ତୁତ କରାଯାଉ ଥିବା ଖବର ପାଇ ଚଢାଉ କରିଥିଲା। ଚଢାଉବେଳେ ପାନ ମସଲାରେ ବ୍ୟବହୃତ ସାମଗ୍ରୀ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ଜଣଙ୍କ ହେଲେ ପାଣିକୋଇଲି ମୁସଲିମ ବସ୍ତିର ମଜୁବିର ରହେମାନ ଓରଫ ମଜୋ (୪୮)। ଏ ନେଇ ମଙ୍ଗଳବାର ପୋଲିସ ଏକ ମାମଲା (ନଂ. ୨୨୫/୧୯) ରୁଜୁକରି ତାଙ୍କୁ କୋର୍ଟ ଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ରହେମାନଙ୍କୁ ରଗଡି ଜେଲ୍ ପଠାଯାଇଥିବା ଜଣାପଡିଛି। ପ୍ରକାଶ ଯେ, ରେହମାନ ଭଦ୍ରକରୁ ଜର୍ଦ୍ଦା ଆଣି ବିଭିନ୍ନ ପୁରୁଣା ଜର୍ଦ୍ଦା ଡବା ଓ ଖୋଳରେ ଅନୁରୂପଭାବେ ପ୍ୟାକିଂକରି ସ୍ଥାନୀୟ ସାହାପୁର ହାଟ ଅଞ୍ଚଳରେ ବିକ୍ରି କରୁଥିଲେ। ଏ ନେଇ କୌଣସି ସୂତ୍ରରୁ ଖବର ପାଇ ସୋମବାର ରାତିରେ ପୋଲିସ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ପୋଲିସ ୭ କେଜି ଜର୍ଦ୍ଦା ପତି, ନକଲି ପ୍ରସ୍ତୁତି ସାମଗ୍ରୀ, କେମିକାଲ ବକ୍ସ, ଗ୍ଲିସରିନ ୨ ବୋତଲ, ବିଭିନ୍ନ ରଙ୍ଗର ଜରି, ତମାଖୁ ପ୍ୟାକିଂ ଜରି, ଓଜନ କଣ୍ଟା, ୨ବସ୍ତା ପୁରୁଣା ଗୋପାଳ, ବାବା ଜର୍ଦ୍ଦା ଡବା, ଖୋଳ, ଫେଭିକଲ, ସେଲୋଟେପ, ଷଣ୍ଢୁଆସି ଟିଣ ବାକ୍ସ, ପେଚକସ ଆଦି ଜବତ କରିଥିଲା। ଏଥିସହ ରହେମାନଙ୍କୁ ଗିରଫ କରିଥିଲା।

## ଶ୍ମଶାନ ଜବର ଦଖଲ ନେଇ ଜିଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

ଯାଜପୁରଟାଉନ,୧୯।୧୧(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ତଥା ବ୍ରହ୍ମବରଦା ଗ୍ରାମପଞ୍ଚାୟତ ଅଧିନସ୍ଥ ୧୫ ନଂ ୱାର୍ଡର ବେଲବୁଡି ଓ ୧୬ ନଂ ୱାର୍ଡର ଚାରିଗାରପୁର ବାସିନ୍ଦା ବ୍ୟବହାର କରୁଥିବା ଶ୍ମଶାନକୁ ସ୍ଥାନୀୟ ଜଣେ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ ପୂର୍ବକ ଗାଡ ଖୋଳି ମାଟି ଇଟା ନିର୍ମାଣ କରୁଥିବା ଅଭିଯୋଗ ହୋଇଛି । ସମ୍ପୃକ୍ତ ବ୍ୟକ୍ତି ନିଜ ଗୃହ ନିର୍ମାଣ କରିବା ପାଇଁ ଶ୍ମଶାନ ଜମିରେ ୩୦ଫୁଟ୍ ଲମ୍ବ ଓ ୪୦ ଫୁଟ୍ ଚଉଡାର ଏକ ଖାଲ କରି ସେଥିରୁ ମାଟି ଉଠାଇ ଇଟା ନିର୍ମାଣ କରୁଛନ୍ତି। ଏନେଇ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ବ୍ୟକ୍ତିଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ସେ ଲୋକଙ୍କ କଥାକୁ ଭୃକ୍ଷେପ କରି ନ ଥିଲେ । ଉପରୋକ୍ତ ବ୍ୟକ୍ତିଙ୍କ ଏପରି କାର୍ଯ୍ୟ ଯୋଗୁ ଶ୍ମଶାନ ଜମି ସଂକୁଚିତ ହେବାରେ ଲାଗିଛି। ବିଡମ୍ବନାର ବିଷୟ ହେଲା ସ୍ଥାନୀୟ ରାଜସ୍ୱ ନୀରିକ୍ଷକ ମଧ୍ୟ ଏହି ଘଟଣାର ପ୍ରତିବାଦ କରିନାହାନ୍ତି । ଫଳରେ ମଙ୍ଗଳବାର ଗ୍ରାମର ବୁଦ୍ଧିଜୀବୀ ଗଣେଶ୍ୱର ଖୁଣ୍ଟିଆ, ଉମେଶ ବଟ, ଭାଗ୍ୟଧର ବାରିକ, ଅଜୟ ଓଝା, ନୃସିଂହ ବାରିକ, ଦୀପକ ଓଝା, ଉପେନ୍ଦ୍ର ବାରିକ, ଶ୍ରୀଧର ବାରିକ, ଅଶୋକ ଓଝା, ଶରତ ବେହେରା, ନିକୁଞ୍ଜ ବେହେରା, ରାଜେନ୍ଦ୍ର ବେହେରା, କମଳାକାନ୍ତ ବେହେରାଙ୍କ ସମେତ ୩୦ରୁ ଅଧିକ ଗ୍ରାମବାସୀ ଯାଜପୁରର ଭାରପ୍ରାପ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତିଙ୍କୁ ଭେଟି ଦାବୀପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ଏହି ଇଟା ଖନନ କାର୍ଯ୍ୟ ଓ ଜବରଦଖଲକୁ ବନ୍ଦ କରିବା ସହିତ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଦାବି ରଖିଛନ୍ତି।

## ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସାରିବାକୁ ଜିଲା ପ୍ରଶାସନର ନିର୍ଦ୍ଦେଶ

ଯାଜପୁର ଟାଉନ, ୧୯।୧୧(ଡି.ଏନ୍.ଏ.)

ସରକାରଙ୍କ ଜନକଲ୍ୟାଣ ଯୋଜନାକୁ ଶତପ୍ରତିଶତ ସଫଳ କରିବା ପାଇଁ ଯାଜପୁର ଜିଲା ପ୍ରଶାସନ ବଦ୍ଧପରିକର ବୋଲି ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣୀ ନାୟକ କହିଛନ୍ତି। ବିଶେଷକରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯୋଗାଇ ଦେଉଥିବା ଅନୁଦାନକୁ ଠିକଣା ସମୟରେ ଖର୍ଚ୍ଚ କରି ବିଭିନ୍ନ ପ୍ରକଳ୍ପଗୁଡିକୁ ସମ୍ପୂର୍ଣ୍ଣ କରିବାକୁ ଅନୁଷ୍ଠିତ ବୈଠକରେ ଦୃଢ ନିଷ୍ପତ୍ତି ନିଆଯାଇଛି ବୋଲି ନାୟକ କହିଛନ୍ତି। ଭାରାପ୍ରାପ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତିଙ୍କ ଅଧକ୍ଷତା କ୍ରମେ ଜିଲାପରିଷଦ ସଭାଗୃହରେ ଆହୁତ ବୈଠକରେ ସରକାରଙ୍କର ସ୍ୱଚ୍ଛ ଭାରତ ମିଶନରେ ଜିଲାର ପ୍ରତ୍ୟେକ ବ୍ୟକ୍ତିଙ୍କ ଘରେ କିଭଳି ପାଇଖାନା ନିର୍ମିତ ହେବ ତାହା ଲକ୍ଷ୍ୟ ରଖାଯାଇ ଚଳିତ ଡିସେମ୍ବର ସୁଦ୍ଧା ସେସବୁକୁ ସମ୍ପୂର୍ଣ୍ଣ କରାଯିବାକୁ ବିଭିନ୍ନ ବ୍ଲକ ପ୍ରଶାସନ ଏବଂ ସଂପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନେ ପାଇଖାନା ପାଇଛନ୍ତି ସେମାନେ କିଭଳି ତାହାକୁ ବ୍ୟବହାର ଉପଯୋଗୀ କରୁଛନ୍ତି କି ନାହିଁ ସେଥିପାଇଁ ଏକ କମିଟି ଗଠନ କରାଯାଇଛି। ଏହି କମିଟିର ସଦସ୍ୟମାନେ ଗାଁ ଗାଁ ବୁଲି ପାଇଖାନା ନିର୍ମାଣ ସମ୍ପର୍କରେ ତଦାରଖ କରିବେ। ସେହିପରି ଧାର୍ଯ୍ୟଲକ୍ଷ୍ୟ ୨୫ହଜାର ମଧ୍ୟରୁ ଏଯାବତ୍ ମାତ୍ର ୩ ହଜାର ରୁରାଲ ହାଉସିଂ ଯୋଜନାର ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଅବଶିଷ୍ଟ ୨୨ହଜାର ଗୃହ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସାରିବା ପାଇଁ ଭାରାପ୍ରାପ୍ତ ଜିଲାପାଳ ମହାନ୍ତି ଓ ପ୍ରକଳ୍ପ ନିର୍ଦ୍ଦେଶକ ନାୟକ ଉପସ୍ଥିତ ବିଡିଓ ଏବଂ ଅନ୍ୟଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଗ୍ରାମାଞ୍ଚଳରେ ସ୍କୁଲଛାତ୍ରଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକେ ଯେଭଳି ସ୍ୱଚ୍ଛତା ରକ୍ଷା କରନ୍ତି ଏବଂ ନିଜେ ସ୍ୱଚ୍ଛ ରୁହନ୍ତି ସେଥିପାଇଁ ଏକ ଟିମ୍ ସାଧାରଣ ଜନତାଙ୍କୁ ଏସମ୍ପର୍କରେ ଅବଗତ କରାଇବେ। ଅନ୍ୟପକ୍ଷରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅନ୍ତର୍ଗତ ବିଭିନ୍ନ ଗୋଷ୍ଠୀଗତ ପ୍ରକଳ୍ପ ଯଥା ପୋଖରୀ, ରାସ୍ତା, ଅଙ୍ଗନୱାଡି କେନ୍ଦ୍ର, କମ୍ୟୁନିଟି ହଲ୍‌ଗୁଡିକ କ୍ଷେତ୍ରରେ ୧୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ମିଶନ-୧୦୦ କୋଟି ଲକ୍ଷ୍ୟ ରଖାଯାଇ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ପ୍ରକଳ୍ପ ସବୁ ସମ୍ପୂର୍ଣ୍ଣ କରାଯିବାକୁ ଧାର୍ଯ୍ୟଲକ୍ଷ୍ୟ କରାଯାଇଛି।

## ଦୁଗ୍ଧ ଜାତୀୟ ଦ୍ରବ୍ୟ ଉତ୍ପାଦନ ପାଇଁ ତାଲିମ

ରସୁଲପୁର,୧୯।୧୧(ଡିଏନଏ)

କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର(ଆତ୍ମା) ପକ୍ଷରୁ ବିଭିନ୍ନ ଶିବିର କରାଯାଇ ସରକାରୀ ସହାୟତା ସମ୍ପର୍କରେ ସଚେତନ କରାଯାଉଛି। ରସୁଲପୁର ବ୍ଲକ ଆତ୍ମା ପକ୍ଷରୁ ପୂର୍ବରୁ କୁକୁଡା ଚାଷୀଙ୍କୁ ତାଲିମ ଦିଆଯିବା ସହ ସେମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ବାହରକୁ ପରିଦର୍ଶନରେ ପଠାଯାଇ ଚାଷ ପ୍ରଣାଳୀ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ସେହିଭଳି ସୋମବାର ବଡକଇଁଚି ପଞ୍ଚାୟତ ପାଳ ସାହିରେ ଆତ୍ମା ଆନୁକୂଲ୍ୟରେ ଏକ ଦିନିକିଆ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିର ଜରିଆରେ ମହିଳାଙ୍କୁ ରୋଜଗାରକ୍ଷମ କରିବା ସହ ଦୁଗ୍ଧ ଜାତୀୟ ଦ୍ରବ୍ୟ ଉତ୍ପାଦନ ପ୍ରଣାଳୀ ଓ ସେଗୁଡିକ ବିକ୍ରି କରିବା ସକାଶେ ଉପଯୁକ୍ତ ବଜାର ସୃଷ୍ଟି କରିବା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ରସୁଲପୁର ବ୍ଲକ ସହକାରୀ ପଶୁ ଚିକିତ୍ସା ଅଧିକାରୀ ରଞ୍ଜନ କୁମାର ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ସରୋଜ କୁମାର ସାହୁ, ସମ୍ମାନିତ ଅତିଥିଭାବେ ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ସଚ୍ଚିଦାନନ୍ଦ ପଣ୍ଡା, ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ସୁନାକର ସାମଲ ପ୍ରମୁଖ ସମ୍ବଳ ଅଧିକାରୀଭାବେ ଯୋଗଦେଇ କ୍ଷୀର ଅମଳ ପ୍ରକ୍ରିୟାଠାରୁ ଆରମ୍ଭ କରି ଦୁଗ୍ଧ ଜାତୀୟ ଦ୍ରବ୍ୟ ଉତ୍ପାଦନ କରିବା ପର୍ଯ୍ୟନ୍ତ ବିଭିନ୍ନ ଦିଗ ସମ୍ପର୍କରେ ବୁଝାଇ କହିଥିଲେ। ଉତ୍ପାଦିତ ଦ୍ରବ୍ୟକୁ ବିକ୍ରି କରିବା ପାଇଁ ବଜାରର ଆବଶ୍ୟକତା ଉପରେ ଆଲୋଚନା କରାଯାଇଥିଲା। ଏ ଦିଗରେ ଆତ୍ମା ପକ୍ଷରୁ ବିନା ସୁଧରେ ୧୦ହଜାର ଟଙ୍କା(ରିଭଲଭିଂ ଫଣ୍ଡ) ଯୋଗାଇ ଦିଆଯିବାର ସୁବିଧା ରହିଛି। ଏହି ଅର୍ଥକୁ ମହିଳାମାନେ ୬ମାସରେ ଫେରସ୍ତ କରିବାକୁ କୁହାଯାଇଛି। ଦୁଗ୍ଧ ଜାତୀୟ ଦ୍ରବ୍ୟ ଉତ୍ପାଦନରେ ଅଗ୍ରଣୀ ଲାଭ କରିଥିବା ମହିଳା ଝୁନୁଲତା ସାହୁ ନିଜର ଅନୁଭୂତି ଶିବିରାର୍ଥୀଙ୍କ ସହ ବାଣ୍ଟିଥିଲେ। ଏହି ଉପାୟରେ ତାଙ୍କର ମାସିକ ରୋଜଗାର ଓ ପରିବାର ପ୍ରତିପୋଷଣ କରୁଥିବା ନେଇ ସେ ସୂଚନା ଦେଇଥିଲେ। ତାଙ୍କର ଅନୁଭୂତି ମହିଳାଙ୍କୁ ପ୍ରଭାବିତ କରିଥିଲା। ଉକ୍ତ ଶିବିରରେ ୭ଟି ଗୋଷ୍ଠୀରୁ ୩୦ରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ବ୍ଲକ ପଶୁ ଚିକିତ୍ସା କେନ୍ଦ୍ରର ପଶୁ ନିରୀକ୍ଷକ ବୁଦ୍ଧଦେବ ବାଉଳ, ସହକାରୀ ସୁଜାତା ସାମଲ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ରାଜ୍ୟସ୍ତରୀୟ ସଞ୍ଜିତ ମେମୋରିଆଲ କ୍ରିକେଟ

## ଓଡ଼ିଶା ହାଇକୋର୍ଟ ବାର ଓ ବୋର୍ଡ଼ ଅଫ୍ ରେଭିନ୍ୟୁ ବିଜୟୀ

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୧୯।୧୧(ଡି.ଏନ.ଏ)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଗୁଲଜାରନଗର ପାଟଣା ଖେଳ ପଡ଼ିଆରେ ଆୟୋଜିତ ରାଜ୍ୟସ୍ତରୀୟ ସଞ୍ଜିତ୍ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟରେ ମଙ୍ଗଳବାର ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ପ୍ରଥମେ କଟକ କ୍ରିମିନାଲ ବାର ଆସୋସିଏଶନ ଓ ବୋର୍ଡ଼ ଅଫ୍ ରେଭନ୍ୟୁ ମଧ୍ୟରେ ଖେଳା ଯାଇଥିଲା। ପ୍ରଥମେ କ୍ରିମିନାଲ ବାର ୧୫ ଓଭରରେ ୭ ୱିକେଟ୍ ହରାଇ ୧୦୯ ରନ୍ କରିଥିଲା। ବୋର୍ଡ଼ ଅଫ୍ ରେଭିନ୍ୟୁ ଏହାର ପିଛା କରି ୯.୪ ଓଭରରେ କୌଣସି ୱିକେଟ୍ ନ ହରାଇ ୧୧୧ ରନ୍ କରି ବିଜୟୀ ହୋଇଥିଲା। ସୁମନ୍ତ ନାୟକ ସର୍ବାଧିକ ୭୧ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ହାସଲ କରିଥିଲେ। ସେହିଭଳି ଦ୍ୱିତୀୟ ପାଳିରେ ହାଇକୋଟ ବାର ବନାମ୍ ଭୁବନେଶ୍ୱର ବାର ଆସୋସିଏଶନ ମଧ୍ୟରେ ଖେଳ ହୋଇଥିଲା। ଭୁବନେଶ୍ୱର ବାର ଆସୋସିଏଶନ ପ୍ରଥମେ ବ୍ୟାଟିଂ କରି ୧୪ ଓଭରରେ ୪ ୱିକେଟ୍ ହରାଇ ୧୨୨ ରନ୍ କରିଥିଲା। ଏହାର ପିଛା କରି ହାଇକୋର୍ଟ ବାର ଆସୋସିଏଶନ ୧୩.୧ ଓଭରରେ ୩ ୱିକେଟ୍ ହରାଇ ୧୨୩ ରନ୍ କରି ବିଜୟୀ ହୋଇଥିଲା। ହାଇକୋର୍ଟ ବାର ଆସୋସିଏଶନର ବିଶ୍ୱନାଥ ସ୍ୱର୍ଣ୍ଣକାରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା।



ଅତିଥିମାନେ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।



ଆଇଆଇଟି ଏବଂ ଏନ୍ଆଇଆଇଟିଗୁଡ଼ିକ ପ୍ରଦୂଷଣ ସମସ୍ୟାର ସମାଧାନ କରିପାରିବେ ବୋଲି ବିଶ୍ୱାସ।

-ରାମନାଥ କୋବିନ୍ଦ, ରାଷ୍ଟ୍ରପତି



## ସଂକ୍ଷେପରେ

### ୪ ଜେଇଏମ୍ ଆତଙ୍କବାଦୀ ଗିରଫ

**ଶ୍ରୀନଗର, ୧୯।୧୧(ପି.ଟି.) :** ଜମ୍ମୁ-କଶ୍ମୀରର ପୁଲଓ୍ୱାମାରେ ଆତଙ୍କବାଦୀ ବିସ୍ଫୋରଣ କରିଥିବା ଜୈଶ-ଇ-ମହମ୍ମଦ(ଜେଇଏମ୍) ଆତଙ୍କବାଦୀ ସଙ୍ଗଠନର ୪ ସହଯୋଗୀଙ୍କୁ ଗିରଫ କରାଯାଇଛି। ଗତ ଜୁଲାଇରେ ଆରିହଲ୍ ଅଞ୍ଚଳରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ମାମଲାର ତଦନ୍ତ କରାଯାଉଥିବାବେଳେ ଏମାନଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି। ବିଦେଶରୁ ଆତଙ୍କବାଦୀଙ୍କୁ ଆଣୁଥିବା ମାଷ୍ଟରମାଇଣ୍ଡ ଶାରିକ୍ ଅହମଦଙ୍କୁ ଧରିବା ପରେ ଅନ୍ୟ ୩ ଜଣ ଜେଇଏମ୍ ସଦସ୍ୟ ଆକିବ୍ ଅହମଦ, ଆଦିଲ୍ ଅହମଦ ଓ ଓ୍ୱାଇସ୍ ଅହମଦଙ୍କୁ ପୋଲିସ କାବୁ କରିବାରେ ସଫଳ ହୋଇଛି। ଆରିହଲ୍ ଅଞ୍ଚଳରେ ମଧ୍ୟ ଏମାନେ ବିସ୍ଫୋରଣ କରିଥିବା ଜଣାପଡ଼ିଛି। ଏମାନଙ୍କଠାରୁ ଅନେକ ବିସ୍ଫୋରକ ଓ ଆପତ୍ତିଜନକ ଜିନିଷ ଜବତ କରାଯାଇଛି। ଏନେଇ ଅଧିକ ପୋଲିସ ତଦନ୍ତ ଜାରି ରହିଥିବା ପ୍ରକାଶ।

### ୩ ମାସ ପରେ କଶ୍ମୀରରେ ଖୋଲିଲା ସ୍କୁଲ

**ଶ୍ରୀନଗର, ୧୯।୧୧(ପି.ଟି.) :** ଦୀର୍ଘ ୩ ମାସ ପରେ ପୁଣି କଶ୍ମୀରରେ ମଙ୍ଗଳବାର ସ୍କୁଲ ଖୋଲିଛି। ୩୭୦ ଅନୁଚ୍ଛେଦ ହଟାଇ ଦିଆଯିବା ପରେ ପରିସ୍ଥିତିକୁ ଦେଖି ଅଘୋଷିତ ଭାବେ ଏଠାକାର ସ୍କୁଲଗୁଡ଼ିକୁ ବନ୍ଦ କରିଦିଆଯାଇଥିଲା। ଏବେ ସ୍ଥିତି ସାମାନ୍ୟ ହେବାରେ ଲାଗିଛି। ଅନେକ ଘରୋଇ ସ୍କୁଲ ମଙ୍ଗଳବାର କଶ୍ମୀରରେ ଖୋଲିଥିବା ଜଣାପଡ଼ିଛି। ସେହିପରି ଯାତ୍ରୀ ପରିବହନ ବ୍ୟବସ୍ଥାରେ ମଧ୍ୟ ସୁଧାର ଆସିଛି। ସ୍କୁଲଗୁଡ଼ିକ ପୂର୍ବାହ୍ନ ୧୦ଟାରୁ ୧ଟା ପର୍ଯ୍ୟନ୍ତ ଖୋଲିଥିବାବେଳେ ବିନା ୟୁନିଫର୍ମରେ ପିଲାଙ୍କୁ ଆସିବା ଲାଗି କୁହାଯାଇଛି। ଗତ ରବିବାର ଶ୍ରୀନଗରରୁ ବନିହାଲ ରେଳ ଚଳାଚଳ କରିଥିଲା।

**ଇତିହାସର ଆଇନାରେ**

### ନଭେମ୍ବର ୨୦ର ପ୍ରମୁଖ ଘଟଣା

#### ଅଗ୍ନିକାଣ୍ଡରେ ୪୧ ମୃତ

୧୯୯୬ ନଭେମ୍ବର ୨୦ରେ ହଂକଂର ଏକ ୧୬ ମହଲା କମର୍ସିଆଲ ବିଲ୍ଡିଂରେ ଅଗ୍ନିକାଣ୍ଡ ଘଟିବାରୁ ୪୧ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିଲା। ନିଆଁର ପ୍ରକୋପରେ ୮୧ ଗୁରୁତର ହୋଇପଡ଼ିଥିଲେ। ତଳ ୩ ମହଲା ଓ ଉପର ୨ ମହଲା ଏହାଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଥିଲା। ନିଆଁ ଲିଭାଇବା ଲାଗି ୨୦୦ ଅଗ୍ନିସମ ବିଭାଗର କର୍ମଚାରୀ ଓ ୩୫ ଇଞ୍ଜିନିୟର ନିୟୋଜିତ ହୋଇଥିଲେ।

#### କୋଇଲା ଖଣିରେ ବିସ୍ଫୋରଣ

୧୯୬୮ ନଭେମ୍ବର ୨୦ରେ ପଶ୍ଚିମ ଭିର୍ଜିନିଆର ଫାର୍ମିଂଟନସ୍ଥିତ ଏକ କୋଇଲା କାରଖାନାରେ ବିସ୍ଫୋରଣ ହେବାରୁ ୭୮ କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା। ବିସ୍ଫୋରଣ ବେଳେ ଖଣି ଭିତରେ ୯୯ ଶ୍ରମିକ କାର୍ଯ୍ୟରତ ଥିଲେ। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ୧୯ ମୃତକଙ୍କୁ ଚିହ୍ନି ହେଉ ନ ଥିଲା।



ଅହମଦାବାଦରେ 'ପ୍ରାଣୀଙ୍କୁ ସୁରକ୍ଷା ଓ ସମ୍ମାନ' ଶୀର୍ଷକ ଏକ ଅଭିଯାନ ଆରମ୍ଭ ହୋଇଛି। ଏଥିରେ ଭାଗନେଇଥିବା ପ୍ରାଣୀଙ୍କ ପ୍ରତି କ୍ରୁରତା ନିବାରଣ ପାଇଁ ସୋସାଇଟି (ଏସ୍‌ପିସିଏ) କର୍ମକର୍ତ୍ତାମାନେ ହାତୀଙ୍କୁ ଖାଦ୍ୟ ଖୁଆଉଛନ୍ତି।



ଚେନ୍ନାଇରେ ଆଦିବାସୀ ସାଂସ୍କୃତିକ ଉତ୍ସବ 'ପାଲାଙ୍ଗୁଡ଼ି ନାଥମ୍' ପାଳନ ଅବସରରେ ମୁଣ୍ଡରେ ଗୋଧିକୁ ବସାଇ କୌଶଳ ପ୍ରଦର୍ଶନ କରୁଛନ୍ତି ଜଣେ କଳାକାର।




ଦିଲ୍ଲୀର ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ଛାତ୍ରୀଛାତ୍ରଙ୍କୁ କୁଳପତିଙ୍କ ବ୍ୟବହାର ଏବଂ ପୋଲିସର ଲାଠି ଚାର୍ଜ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ଅଧ୍ୟାପକମାନେ।

## ମହାରାଷ୍ଟ୍ର ରାଜନୀତି: ଶିବସେନା ସୂତ୍ରରୁ ପ୍ରକାଶ

# ପାଓ୍ୱାରଙ୍କୁ 'ରାଷ୍ଟ୍ରପତି' ଲୋଭ ଦେଖାଇଛି ଭାଜପା

**ମୁମ୍ବାଇ,୧୯।୧୧**

ରାଷ୍ଟ୍ରପତି ଶାସନ ଜାରି ହୋଇଥିବା ମହାରାଷ୍ଟ୍ରରେ ଭାଜପା ଯଦି ୫୦:୫୦ ସୂତ୍ରକୁ ଗ୍ରହଣ କରିବ ତେବେ ଶିବସେନା ପୁନର୍ବାର ମେଣ୍ଟକୁ ଫେରିବ। ମୁଖ୍ୟମନ୍ତ୍ରୀ ପଦ ପାଇଁ ଅଡ଼ିବସିବା ପରେ ଭାଜପା ସହ ୩ ଦଶନ୍ଧିର ସମ୍ପର୍କ ଛିନ୍ନ କରିଥିବା ଶିବସେନା ପକ୍ଷରୁ ମଙ୍ଗଳବାର ଏଭଳି ସଙ୍କେତ ଦିଆଯାଇଛି। କାରଣ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଏବଂ କଂଗ୍ରେସକୁ ଧରି ଶିବସେନାର ସରକାର ଗଠନ ସ୍ୱପ୍ନ ମଉଳିଯାଇଛି। ଏନ୍‌ସିପି ମୁଖ୍ୟ ଶରଦ ପାଓ୍ୱାରଙ୍କୁ ଭାଜପା ରାଷ୍ଟ୍ରପତି ପଦ ଲୋଭ ଦେଖାଇଥିବାରୁ ସେ ସରକାର ଗଠନ ପାଇଁ ସମର୍ଥନ ଘୋଷଣା କରୁ ନ ଥିବା ଶିବସେନା ପକ୍ଷରୁ କୁହାଯାଇଛି।

ମହାରାଷ୍ଟ୍ରରେ କୌଣସି ଦଳକୁ ସଂଖ୍ୟାଗରିଷ୍ଠତା ନ ମିଳିବା ପରେ ବିଚିତ୍ର ସ୍ଥିତି ସୃଷ୍ଟି ହୋଇଛି। ଫିଫ୍ଟି ଫିଫ୍ଟି ଫର୍ମୁଲାରେ ସରକାର ଗଠନ ଦାବିକୁ ଭାଜପା ପ୍ରତ୍ୟାଖ୍ୟାନ କରିଦେବାରୁ ଶିବସେନା ଅଲଗା ହୋଇଯାଇଛି। ଏନ୍‌ସିପି ଏବଂ କଂଗ୍ରେସ ସହ ମିଶି ସରକାର ଗଠନ କରିବାକୁ ଉଦ୍ଧବ ଠାକ୍‌ରେଙ୍କ ଦଳ ଚାହୁଁଛି। କିନ୍ତୁ ବିରୋଧୀ ଏନ୍‌ସିପି-କଂଗ୍ରେସ ମେଣ୍ଟ ପକ୍ଷରୁ ସବୁଜ ସଙ୍କେତ ମିଳୁନାହିଁ। ଏନ୍‌ସିପି ମୁଖ୍ୟ ଶରଦ ପାଓ୍ୱାର ସୋମବାର କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଭେଟି ପ୍ରାୟ ଘଣ୍ଟାଏ ଧରି କଥାବାର୍ତ୍ତା ହେବା ପରେ ମହାରାଷ୍ଟ୍ରରେ ସରକାର ଗଠନ ପାଇଁ ଅଧିକ ଆଲୋଚନା ଆବଶ୍ୟକ ବୋଲି କହିଥିଲେ। ଏହାକୁ ନେଇ ମଙ୍ଗଳବାର ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ଶିବସେନା ଏମ୍‌ପି ସଞ୍ଜୟ ରାଉତ୍ କହିଛନ୍ତି, ପାଓ୍ୱାରଙ୍କ ସହ ଆମ ମେଣ୍ଟକୁ ନେଇ ଚିନ୍ତା କରିବା ଅନୁଚିତ। ଖୁବ୍‌ଶୀଘ୍ର ଅର୍ଥାତ୍ ଡିସେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଶିବସେନା ନେତୃତ୍ୱରେ ଏକ ସ୍ଥିର ସରକାର ଗଠନ ହୋଇଯିବ। ଅନ୍ୟପକ୍ଷରେ ଶିବସେନାର ଅନ୍ୟ ନେତାମାନେ ସ୍ୱୀକାର କରିଛନ୍ତି ଯେ, ମହାରାଷ୍ଟ୍ରରେ ସରକାର ଗଢ଼ିବା ଦୌଡ଼ରୁ ଶିବସେନାକୁ ବାଦ୍ ଦେବା ପାଇଁ ଚାହୁଁଥିବା ଭାଜପା ଏନ୍‌ସିପିକୁ ଧରି ଖେଳ କରିବା ପାଇଁ ଉଦ୍ୟମ ଚଳାଇଛି। ମହାରାଷ୍ଟ୍ର ସରକାରରେ ବଡ଼ ଭୂମିକା ଦିଆଯିବ ବୋଲି ପାଓ୍ୱାରଙ୍କ ଦଳକୁ ବୁଝାଶୁଝା କରୁଛି। କେବଳ ଏତିକି ନୁହେଁ, ପାଓ୍ୱାରଙ୍କୁ ଭାରତର ରାଷ୍ଟ୍ରପତି କରିବା ପାଇଁ ମଧ୍ୟ ଭାଜପା ଲୋଭ ଦେଖାଇଛି। ଏଥିପାଇଁ ଶିବସେନାକୁ ସମର୍ଥନ ଦେବା ପାଇଁ ପୂର୍ବରୁ ରାଜି ହୋଇଥିବା ଏନ୍‌ସିପି ଏବେ ସମର୍ଥନ ଘୋଷଣା କରୁନାହିଁ। ଶିବସେନାର ଦାବି ହେଉଛି ଏନ୍‌ସିପି-କଂଗ୍ରେସ ସହ ଗୋଟିଏ ସର୍ତ୍ତରେ ମେଣ୍ଟ ସରକାର ଗଠନ କରାଯିବ। ତାହା ହେଉଛି ସମ୍ପୂର୍ଣ୍ଣ ୫ ବର୍ଷ ପାଇଁ ଶିବସେନା ପାଖରେ ମୁଖ୍ୟମନ୍ତ୍ରୀ ପଦ ରହିବ। କିନ୍ତୁ ଭାଜପା ସହିତ ମେଣ୍ଟ କଲେ ୫୦:୫୦ ସୂତ୍ର ଏବେ ବି ଗ୍ରହଣୀୟ ବୋଲି ଶିବସେନା ସୂତ୍ରରୁ ପ୍ରକାଶ। ସୂଚନାଯୋଗ୍ୟ, ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଅକ୍ଟୋବର ୨୧ରେ ହୋଇଥିବାବେଳେ ଫଳାଫଳ ୨୪ ତାରିଖରେ ଆସିଥିଲା। ସରକାର ଗଠନ ପାଇଁ କୁହୁକ ସଂଖ୍ୟା ୧୪୫ ହୋଇଥିବାବେଳେ ଭାଜପାକୁ ୧୦୫ ଆସନରେ ସଫଳତା ମିଳିଛି। ଶିବସେନା ୫୬ ଆସନ ଦଖଲ କରିବା ପରେ ପ୍ରଥମ ଅଢ଼େଇ ବର୍ଷ ମୁଖ୍ୟମନ୍ତ୍ରୀ ପଦ ନିଜେ ରଖିବା ପାଇଁ ଭାଜପା ନିକଟରେ ଦାବି ରଖିଥିଲା, ଯାହାକି ଅଗ୍ରାହ୍ୟ ହୋଇଯାଇଛି। ବିରୋଧୀ ଏନ୍‌ସିପିକୁ ୫୪ ଓ କଂଗ୍ରେସକୁ ୪୪ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ରୁ ଶିବସେନା ଓହରିବା ପୂର୍ବରୁ ତାକୁ ସମର୍ଥନ କରିବା ନେଇ ଏନ୍‌ସିପି ପକ୍ଷରୁ ଯେତିକି ତତ୍ପରତା ପ୍ରକାଶ ପାଉଥିଲା, ଏବେ ସେଭଳି ଦେଖିବାକୁ ମିଳୁନାହିଁ। ଇତିମଧ୍ୟରେ ପାର୍ଲାମେଣ୍ଟର ଶୀତ ଅଧିବେଶନର ପ୍ରଥମ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନ୍‌ସିପିକୁ ପ୍ରଶଂସା କରିଥିଲେ। ଏନ୍‌ସିପି ଏବଂ ବିଜେଡିଠାରୁ ଅନ୍ୟ ଦଳଗୁଡ଼ିକ ଶୃଙ୍ଖଳା ଶିଖିବା ଉଚିତ ବୋଲି ମୋଦି କହିଥିଲେ। ଏହି ସବୁ ସମୀକରଣକୁ ଦେଖିଲେ ପାଓ୍ୱାରଙ୍କୁ ରାଷ୍ଟ୍ରପତି ପଦ ଯଚାଯିବା ନେଇ ହେଉଥିବା ଚର୍ଚ୍ଚା ଅମୂଳକ ନୁହେଁ ବୋଲି କେତେକ ମହଲରେ କୁହାଯାଉଛି।



ଶରଦ ପାଓ୍ୱାର

**ପାର୍ଲାମେଣ୍ଟରେ ଏନ୍‌ସିପିକୁ ପ୍ରଶଂସା କରିଥିଲେ ପ୍ରଧାନମନ୍ତ୍ରୀ**

## ଜେଏନ୍‌ୟୁ ଛାତ୍ରୀଛାତ୍ରଙ୍କ ବିରୋଧରେ ମାମଲା ରୁଜୁ

**ନୂଆଦିଲ୍ଲୀ, ୧୯।୧୧(ପି.ଟି.)**

ବିକ୍ଷୋଭରତ ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ) ଛାତ୍ରୀଛାତ୍ରଙ୍କ ବିରୋଧରେ ମଙ୍ଗଳବାର ପୋଲିସ ମାମଲା ରୁଜୁକରିଛି। ହଷ୍ଟେଲ ଫି ବୃଦ୍ଧିକୁ ନେଇ ଏମାନେ ପ୍ରତିବାଦ ସ୍ୱରୂପ ବିକ୍ଷୋଭ କରୁଥିବାବେଳେ ସୋମବାର ଏମାନଙ୍କ ଉପରେ ପୋଲିସ ଲାଠିଚାର୍ଜ କରିଥିଲା। ଏବେ ଆଇପିସିର ଧାରା ୧୮୬, ୩୫୩, ୩୩୨, ୧୮୮, ୧୪୭, ୧୪୯ ଆଦି ଲଗାଯାଇ ପୋଲିସ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବିକରିଛି। କିଷନଗଡ଼ ପୋଲିସ ଷ୍ଟେଶନ ଓ ଲୋଧି କଲୋନୀ ପୋଲିସ ଷ୍ଟେଶନରେ ଏହି ମାମଲା ରୁଜୁ କରାଯାଇଥିବା ଡିସିପି(ସାଉଥ୍) ଅତୁଲ୍ କୁମାର ଠାକୁର ପ୍ରକାଶ କରିଛନ୍ତି। ସରକାରୀ ସମ୍ପତ୍ତି ନଷ୍ଟକରିବା, ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟିକରିବା, ଦଙ୍ଗା ଓ ବିଶୃଙ୍ଖଳା କରି ଏକାଠି ହେବା ଭଳି ଅନେକ ସଙ୍ଗିନ ଅଭିଯୋଗ ଛାତ୍ରୀଛାତ୍ରଙ୍କ ବିରୋଧରେ ଲଗାଯାଇଛି। ସୋମବାର ଶତାଧିକ ଛାତ୍ରୀଛାତ୍ର ଦିଲ୍ଲୀରେ ବିକ୍ଷୋଭକରିବା ସହ ଫି ବୃଦ୍ଧିକୁ ବିରୋଧ କରି ମାର୍ଚ୍ଚ କରିଥିଲେ। ପୋଲିସ ଅଟକାଇବାରୁ ସଂଘର୍ଷ ହୋଇଥିଲା। ଛାତ୍ରୀଛାତ୍ରଙ୍କୁ ଦମନ କରିବା ଲାଗି ପୋଲିସ ଲାଠିଚାର୍ଜ କରିଥିବା ଅଭିଯୋଗ ହୋଇଥିବାବେଳେ ବରିଷ୍ଠ ପୋଲିସ ଅଧିକାରୀମାନେ ଏହାକୁ ଅସ୍ୱୀକାର କରିଥିଲେ। ସଂଘର୍ଷରେ ୩୦ ପୋଲିସ ଓ ୧୫ ଛାତ୍ରୀଛାତ୍ର ଆହତ ମଧ୍ୟ ହୋଇଥିଲେ। ୮ ଘଣ୍ଟା ଧରି ଅଞ୍ଚଳ ରଣକ୍ଷେତ୍ର ପାଲଟିଥିଲା। ଏଥିରେ ଦିଲ୍ଲୀର ଅନ୍ୟ ବିଶ୍ୱବିଦ୍ୟାଳୟର ହଜାର ହଜାର ଛାତ୍ରୀଛାତ୍ର ମଧ୍ୟ ସାମିଲ ଥିଲେ। ବ୍ୟାରିକେଡ୍ ଭାଙ୍ଗି ଛାତ୍ରୀଛାତ୍ରମାନେ ଆଗକୁ ମାଡ଼ିବାରୁ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ଜେଏନ୍‌ୟୁ ଛାତ୍ର ସଂଘ ସଭାପତି ଏ.ଘୋଷ୍, ସମ୍ପାଦକ ସତୀଶ୍ ଚନ୍ଦ୍ର ଯାଦବଙ୍କ ସମେତ ଶତାଧିକ ଛାତ୍ରୀଛାତ୍ରଙ୍କୁ ପୋଲିସ ଅଟକ ରଖିଥିଲା।

### 'ଆଇନଗତ ପଦକ୍ଷେପ ନିଆ ନ ଯାଉ'

**ନୂଆଦିଲ୍ଲୀ, ୧୯।୧୧(ପି.ଟି.)**

ବିକ୍ଷୋଭରତ ଛାତ୍ରୀଛାତ୍ରଙ୍କ ବିରୋଧରେ କୌଣସି ପ୍ରଶାସନିକ କିମ୍ବା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଉ ବୋଲି ଜେଏନ୍‌ୟୁ ଛାତ୍ରସଂଘ ପକ୍ଷରୁ ଦାବି କରାଯାଇଛି। ଛାତ୍ରସଂଘ ସଭାପତି ଏ. ଘୋଷ୍ କହିଛନ୍ତି, ମାନବସମ୍ବଳ ମନ୍ତ୍ରଣାଳୟର ଯୁଗ୍ମ ସଚିବଙ୍କ ସହ ଆଲୋଚନା କରାଯାଇ ଛାତ୍ରୀଛାତ୍ରଙ୍କ ବିରୋଧରେ କୌଣସି ଆଇନଗତ ପଦକ୍ଷେପ ନିଆ ନ ଯିବା ଲାଗି ଅନୁରୋଧ କରାଯାଇଛି। ଇ-ମେଲ୍ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ନୋଟିସ ପଠାଯାଇଥିଲେ ହେଁ କେହି ଟଙ୍କାଟିଏ ବି ଜରିମାନା ଦେବେନାହିଁ। ମଧ୍ୟସ୍ଥତା ଲାଗି ମନ୍ତ୍ରଣାଳୟ ଦ୍ୱାରା ନିଯୁକ୍ତ ପ୍ୟାନେଲ ସହ ଆଲୋଚନା କରିବାକୁ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ମନା କରିଦେବା ଉଚିତ ନ ଥିଲା। ଏହା ଦ୍ୱାରା ଛାତ୍ର ଅଶାନ୍ତି ବୃଦ୍ଧି ପାଇବ। ଛାତ୍ରୀଛାତ୍ରଙ୍କ ଦାବି ପୂରଣ ନ ହେବା ଓ ଫି ବୃଦ୍ଧି ପ୍ରତ୍ୟାହାର କରା ନ ଯିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରିରହିବ ବୋଲି ଛାତ୍ରସଂଘ ପକ୍ଷରୁ କୁହାଯାଇଛି।

### ପୋଲିସ ଦମନଲୀଳାକୁ ନେଇ ଗୃହରେ ତାତି

**ନୂଆଦିଲ୍ଲୀ, ୧୯।୧୧(ପି.ଟି.) :** ଫି ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ କରୁଥିବା ଜେଏନ୍‌ୟୁ ଛାତ୍ରୀଛାତ୍ରଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନର ତାତି ମଙ୍ଗଳବାର ପାର୍ଲାମେଣ୍ଟରେ ଦେଖିବାକୁ ମିଳିଛି। କେନ୍ଦ୍ରକୁ ଏନେଇ ବିରୋଧୀ ସମାଲୋଚନା କରିଛନ୍ତି। ଏଏପି ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ ନିରୀହ ଛାତ୍ରୀଛାତ୍ରଙ୍କ ଉପରେ ପୋଲିସର କାର୍ଯ୍ୟାନୁଷ୍ଠାନ ସହରୀ ମାଓବାଦୀ କାର୍ଯ୍ୟକଳାପ ସହ ସମାନ ବୋଲି ମତ ଦେଇଛନ୍ତି। ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା ପୋଲିସର ଦମନଲୀଳାକୁ ଲଜ୍ଜାଜନକ ପଦକ୍ଷେପ ଭାବେ ଅଭିହିତ କରିଛନ୍ତି। ବିରୋଧୀ ସଦସ୍ୟମାନେ ଏଥିରେ ସ୍ୱରମିଳାଇ ରାଜ୍ୟ ସଭାରେ ହଟ୍ଟଗୋଳ କରିବାରୁ ଗୃହକାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା।

## ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ପିଡିପି ଏମ୍‌ପିଙ୍କ ଚିଠି

# ରାଜନୈତିକ ବନ୍ଦୀଙ୍କୁ ମୁକ୍ତ କରାଯାଉ

**ନୂଆଦିଲ୍ଲୀ, ୧୯।୧୧(ପି.ଟି.)**

ଜମ୍ମୁ-କଶ୍ମୀରର ୩ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସହ ଗୃହବନ୍ଦୀ ଥିବା ରାଜ୍ୟର ସମସ୍ତ ରାଜନେତାମାନଙ୍କୁ ତୁରନ୍ତ ମୁକ୍ତକରିବା ଲାଗି ପିଡିପିର ରାଜ୍ୟ ସଭା ଏମ୍‌ପି ମହମ୍ମଦ ଫୟାଜ୍ ମିର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ସେ ଲେଖିଛନ୍ତି, ଜମ୍ମୁ-କଶ୍ମୀରରେ ଯୋଗାଯୋଗ ସମ୍ପୂର୍ଣ୍ଣ ଠପ୍ ହୋଇଯିବା ଫଳରେ ରାଜ୍ୟବାସୀ ନାହିଁ ନ ଥିବା ସମସ୍ୟା ଭୋଗକରୁଛନ୍ତି। ନେତାଶୂନ୍ୟ ହୋଇପଡ଼ିଥିବା ଏହି ଅଞ୍ଚଳର ଲୋକେ ଭୟର ବାତାବରଣ ମଧ୍ୟରେ ଅଛନ୍ତି। ତେଣୁ ୩୭୦ ଅନୁଚ୍ଛେଦ ହଟାଯିବା ପରେ ଅଗଷ୍ଟ ୫ରୁ ଅଟକ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି, ଫାରୁକ୍ ଅବଦୁଲ୍ଲା ଓ ଓମାର ଅବଦୁଲ୍ଲାଙ୍କ ସହ ସମସ୍ତ ରାଜନେତା ଓ କର୍ମୀଙ୍କୁ ତୁରନ୍ତ ମୁକ୍ତ କରାଯାଉ। ଉପତ୍ୟକାରେ ଗଣତାନ୍ତ୍ରିକ ବ୍ୟବସ୍ଥା ଜାରି ରଖିବା ଲାଗି ରାଜନୈତିକ ବନ୍ଦୀଙ୍କୁ ମୁକ୍ତ କରାଯିବା ଜରୁରୀ ବୋଲି ପିଡିପି ନେତା ଦର୍ଶାଇଛନ୍ତି। ଗତ ୧୦୯ ଦିନ ହେବ କଶ୍ମୀରରେ ଭୟ ଓ ରାଜନୈତିକ ସଙ୍କଟ ଲାଗିରହିଛି। ଅଞ୍ଚଳରେ ସେନା ଛାଉଣୀ ଲାଗିରହିଛି। ମାନବାଧିକାର କ୍ଷୁଣ୍ଣ ହେବାରେ ଲାଗିଛି ବୋଲି ମଧ୍ୟ ସେ ଚିଠିରେ ଉଲ୍ଲେଖ କରିଛନ୍ତି।

### ଆଟେନ୍‌ବରୋଙ୍କୁ ଇନ୍ଦିରା ଗାନ୍ଧୀ ଶାନ୍ତି ପୁରସ୍କାର

**ନୂଆଦିଲ୍ଲୀ, ୧୯।୧୧(ପି.ଟି.)**

ବିଶିଷ୍ଟ ପ୍ରକୃତିବାଦୀ ତଥା ପ୍ରସାରକ ଭାବେ ଜଣାଶୁଣା ବ୍ରିଟେନର ସାର୍ ଡେଭିଡ୍ ଆଟେନ୍‌ବରୋଙ୍କୁ ୨୦୧୯ ବର୍ଷର ଇନ୍ଦିରା ଗାନ୍ଧୀ ଶାନ୍ତି, ନିରସ୍ତ୍ରୀକରଣ ଓ ବିକାଶ ପୁରସ୍କାର ପ୍ରଦାନ କରାଯିବ। ତାଙ୍କ ନାମକୁ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ନେତୃତ୍ୱରେ ଗଠିତ ଅନ୍ତର୍ଜାତୀୟ ବିଚାରକମଣ୍ଡଳୀ ଓ ଇନ୍ଦିରା ଗାନ୍ଧୀ ମେମୋରିଆଲ୍ ଟ୍ରଷ୍ଟ ଦ୍ୱାରା ମନୋନୀତ କରାଯାଇଛି।

## ଶିଶୁଙ୍କ ବିରୋଧରେ ଯୌନ ହିଂସା

# ତଦନ୍ତ, ଶୁଣାଣି ସ୍ଥିତି ଚିନ୍ତାଜନକ

**ନୂଆଦିଲ୍ଲୀ,୧୯।୧୧(ପି.ଟି.)**

ଦେଶରେ ଶିଶୁଙ୍କ ବିରୋଧରେ ଯୌନ ହିଂସା ବଢ଼ିବାରେ ଲାଗିଥିବାରୁ ଏହାକୁ ନେଇ ସୁପ୍ରିମକୋର୍ଟ ଚିନ୍ତାବ୍ୟକ୍ତ କରିଛନ୍ତି। ଶିଶୁଙ୍କୁ ଯୌନ ଉତ୍ପୀଡ଼ନ କ୍ଷେତ୍ରରେ ତଦନ୍ତ ଓ ଶୁଣାଣି ସ୍ଥିତି ଅଚମ୍ଭିତ କରିଦେବା ଭଳି ବୋଲି ସର୍ବୋଚ୍ଚ ଅଦାଲତ ଟିପ୍ପଣୀ ଦେଇଛନ୍ତି। ଏହାସହ ଏଭଳି ମାମଲାଗୁଡ଼ିକର ତଦନ୍ତ ତୁରନ୍ତ କରାଇ ଶୁଣାଣି ସମ୍ପୂର୍ଣ୍ଣ କରାଇବା ସକାଶେ କେନ୍ଦ୍ର ଓ ସମସ୍ତ ରାଜ୍ୟ ସରକାରଙ୍କୁ ଅଧିକ ତତ୍ପରତା ଦେଖାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଶିଶୁ ବଳାତ୍କାର ମାମଲା ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଥିବାବେଳେ ସୁପ୍ରିମକୋର୍ଟ ଏହାକୁ ନେଇ ନିଜଆଡୁ ବିଚାର ଆରମ୍ଭ କରିଛନ୍ତି। ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ପୋକ୍ସୋ ଆଇନ ବଳରେ ୧୦୦ରୁ ଅଧିକ ମାମଲା ରୁଜୁ ହୋଇଥିବା ଜିଲାଗୁଡ଼ିକରେ କେନ୍ଦ୍ର ସରକାରଙ୍କ ପାଣ୍ଠିରେ ଗୋଟିଏ ଲେଖାଏ ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା କରିବା ସମେତ କେତେକ ନିର୍ଦ୍ଦେଶନାମା ଏହା ପୂର୍ବରୁ ଜାରି କରିଥିଲେ। ସୁପ୍ରିମକୋର୍ଟ ରେଜିଷ୍ଟ୍ରାର ସୁରିନ୍ଦର ଏସ୍. ରାଠିଙ୍କ ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟକୁ ଗତ ୧୩ ତାରିଖରେ ତତ୍କାଳୀନ ସିଜେଆଇ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଗ୍ରହଣ କରିଥିଲେ। ଉକ୍ତ ରିପୋର୍ଟରୁ ଚକିତ କରିଦେବା ଭଳି ତଥ୍ୟ ମିଳିଛି। ଶୁଣାଣି ସମ୍ପର୍କରେ ନ କହିବା ଭଲ। ବର୍ଷକରେ ମାତ୍ର ୨୦% ମାମଲାର ବିଚାର ହୋଇପାରିଛି। ପୀଡ଼ିତାଙ୍କୁ ସହାୟତା ଦେବା ପାଇଁ କାହାକୁ ଦାୟିତ୍ୱ ଦିଆଯାଇ ନାହିଁ କିମ୍ବା ସେମାନଙ୍କୁ କ୍ଷତିପୂରଣ ମଧ୍ୟ ମିଳିନାହିଁ। ପ୍ରାୟ ଦୁଇ-ତୃତୀୟାଂଶ ମାମଲା ବର୍ଷାଧିକ ସମୟ ଧରି ପଡ଼ିରହିଛି। ତେଣୁ ପୋକ୍ସୋ ଆଇନ ଅନୁସାରେ ଶିଶୁଙ୍କ ବିରୋଧରେ ଯୌନ ଅପରାଧ ମାମଲାଗୁଡ଼ିକର ଶୁଣାଣି ବର୍ଷକ ମଧ୍ୟରେ ଶେଷ କରିବାକୁ ଜଷ୍ଟିସ୍ ଦୀପକ ଗୁପ୍ତା ଓ ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କ ନେଇ ଗଠିତ ଖଣ୍ଡପୀଠ କହିଥିଲେ।



# ହତ୍ୟାର ତୃତୀୟ କାରଣ ପ୍ରେମ

**ନୂଆଦିଲ୍ଲୀ,୧୯।୧୧**

ଭାରତରେ ହତ୍ୟାର ତୃତୀୟ ବଡ଼ କାରଣ ହେଉଛି ପ୍ରେମ ବ୍ୟାପାର। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ତଥ୍ୟାନୁସାରେ ୨୦୦୧ରୁ ୨୦୦୭ ମଧ୍ୟରେ ପ୍ରେମକୁ ନେଇ ହତ୍ୟାକାଣ୍ଡ ସବୁଠୁ ବେଶି ବୃଦ୍ଧି ପାଇଛି। ବିଶ୍ୱର ଅଧିକାଂଶ ଦେଶ ଭଳି ଭାରତରେ ମଧ୍ୟ ହତ୍ୟାର ହାର ବିଗତ କିଛି ବର୍ଷ ମଧ୍ୟରେ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। କିନ୍ତୁ ଯେତିକି ହତ୍ୟାକାଣ୍ଡ ଘଟୁଛି ତା' ପଛରେ ତୃତୀୟ ମୁଖ୍ୟ କାରଣ ସାଜିଛି ପ୍ରେମ ବ୍ୟାପାର। ନିକଟରେ ଜାରି ହୋଇଥିବା ଏନ୍‌ସିଆର୍‌ବି ତଥ୍ୟରୁ ଜଣାପଡ଼ିଛି ଯେ, ୨୦୦୧ରେ ୩୬,୨୦୨ ହତ୍ୟା ମାମଲା ରୁଜୁ ହୋଇଥିଲା। କିନ୍ତୁ ୨୦୧୭ ବେଳକୁ ଏହି ସଂଖ୍ୟା ୨୮,୬୫୩କୁ ଖସିଯାଇଥିଲା। ଅର୍ଥାତ୍ ଏହି ଅବଧି ମଧ୍ୟରେ ହତ୍ୟା ମାମଲା ୨୧% ହ୍ରାସ ପାଇଥିଲା। ଏହି ହତ୍ୟାକାଣ୍ଡଗୁଡ଼ିକ ପଛର କାରଣ ବ୍ୟକ୍ତିଗତ ଶତ୍ରୁତା ୪.୩% ଏବଂ ସମ୍ପତ୍ତି ବିବାଦ ୧୨% ଦାୟୀ। ସେହିପରି ପ୍ରେମ ବ୍ୟାପାର ଓ ଅନୈତିକ ସମ୍ପର୍କ ଯୋଗୁ ୨୮% ହତ୍ୟାକାଣ୍ଡ ଘଟିଥିବା ଏନ୍‌ସିଆର୍‌ବି ରିପୋର୍ଟର ବିଶ୍ଳେଷଣରୁ ଜଣାପଡ଼ିଛି।



### ୧୪ ରାଜ୍ୟରେ ନଂ.୧ ହତ୍ୟାକାରୀ ପ୍ରେମ

୨୦୧୭ରେ ଅବିଭକ୍ତ ଆନ୍ଧ୍ରପ୍ରଦେଶରେ ହାରାହାରି ୩୮୪ ଲୋକ ପ୍ରେମଜନିତ ହିଂସା କାରଣରୁ ହତ୍ୟାର ଶିକାର ହୋଇଛନ୍ତି। ଅର୍ଥାତ୍ ଆନ୍ଧ୍ର ଓ ତେଲଙ୍ଗାନାରେ ଦିନକୁ ଅନ୍ୟୂନ ଜଣଙ୍କ ଜୀବନ ପ୍ରେମ ଯୋଗୁ ଯାଉଛି।

### ସବୁଠୁ ଆଗରେ ଉତ୍ତରପ୍ରଦେଶ

ପ୍ରେମଜନିତ ହତ୍ୟାକାଣ୍ଡରେ ଦେଶରେ ସବୁଠୁ ଆଗରେ ରହିଛି ଉତ୍ତରପ୍ରଦେଶ। ଏହା ପଛକୁ ରହିଛି ତାମିଲନାଡୁ, କର୍ଣ୍ଣାଟକ ଓ ଦିଲ୍ଲୀ। ଅଧିକାଂଶ ରାଜ୍ୟରେ ପ୍ରେମ ବ୍ୟାପାର ହତ୍ୟା ପଛର ତୃତୀୟ କିମ୍ବା ଚତୁର୍ଥ ବଡ଼ କାରଣ। ଏହି ରାଜ୍ୟଗୁଡ଼ିକ ମଧ୍ୟରେ ରହିଛି ଛତିଶଗଡ଼, ଓଡ଼ିଶା, ମଧ୍ୟପ୍ରଦେଶ, ହରିୟାଣା, ରାଜସ୍ଥାନ, ବିହାର, ଝାଡ଼ଖଣ୍ଡ ଓ ଆସାମ।

### କେରଳ, ପଶ୍ଚିମବଙ୍ଗରେ ସବୁଠୁ କମ୍

କେରଳ ଓ ପଶ୍ଚିମବଙ୍ଗରେ ଯେତିକି ହତ୍ୟାକାଣ୍ଡ ଘଟୁଛି ତା'ର ଟପ୍ ୫ କାରଣ ମଧ୍ୟରେ ପ୍ରେମ ରହିଛି। ଏହାସତ୍ତ୍ୱେ ଏହି ଦୁଇ ରାଜ୍ୟରେ ସବୁଠୁ କମ୍ ପ୍ରେମଜନିତ ହତ୍ୟାକାଣ୍ଡ ଘଟିଛି।

### ଅନର୍ କିଲିଂ: ୨୦୧୬ରେ ୭୧, ୨୦୧୭ରେ ୯୨

ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ସୂଚନା ମୁତାବକ ପ୍ରେମକୁ ନେଇ ହତ୍ୟାର ମୁଖ୍ୟ କାରଣ ହେଉଛି ତ୍ରିକୋଣୀୟ ପ୍ରେମ ବା ଅନୈତିକ ସମ୍ପର୍କ। ସେହିପରି ଅନର୍ କିଲିଂ ମଧ୍ୟ ଏହାର ଅନ୍ୟତମ ପ୍ରମୁଖ କାରଣ। ୨୦୧୬ରେ ସମ୍ମାନ ପାଇଁ ୭୧ ଜଣଙ୍କୁ ହତ୍ୟା କରାଯାଇଥିବାବେଳେ ୨୦୧୭ରେ ଅନରକିଲିଂ ଯୋଗୁ ୯୨ ଜଣଙ୍କ ଜୀବନ ଯାଇଥିଲା। ଭିନ୍ନ ଜାତି, ବର୍ଗ ଓ ଧର୍ମରେ ବିବାହ ଯୋଗୁ ପ୍ରେମୀ ଯୁଗଳ ପରିବାର ଏବଂ ସମ୍ପର୍କୀୟ ଲୋକଙ୍କ ହତ୍ୟାର ଶିକାର ହେଉଛନ୍ତି।

## ସଂକ୍ଷେପରେ

### ବାଲିତୁଠ, ବଡ଼ବୁଦା ନଦୀବନ୍ଧ ପୁନରୁଦ୍ଧାର ଦାବି

**ଏରସମା,୧୯।୧୧(ସ୍ୱ.ପ୍ର.):** ଏରସମା ବ୍ଲକ ଅନ୍ତର୍ଗତ ବାଲିତୁଠ ପଞ୍ଚାୟତସ୍ଥିତ ବାଲିତୁଠ ଓ ବଡ଼ବୁଦା ନଦୀ ବନ୍ଧ ପୁନରୁଦ୍ଧାର ପାଇଁ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ନିକଟରେ ଦାବି କରାଯାଇଛି। ବାଲିତୁଠ ଓ ବଡବୁଦା ଗ୍ରାମ ଦୁଇଟି ଜଟାଧାର ମୁହାଣ ନିକଟରେ ଅବସ୍ଥିତ। ପ୍ରକୃତିକ ବିପର୍ଯ୍ୟୟ ସମୟରେ ଏହି ଦୁଇ ରାଜସ୍ୱ ଗ୍ରାମର ଅଧିବାସୀ ଆତଙ୍କିତ ହୋଇପଡନ୍ତି। ପ୍ରତିବର୍ଷ ବର୍ଷା ଋତୁରେ ଜଟାଧାର ଜଳ ପତନ ବୃଦ୍ଧି ହେବା ଯୋଗୁ ଗ୍ରାମବାସୀ ପ୍ରଭବିତ ହୋଇଥାନ୍ତି। ଅପରପକ୍ଷରେ ପାଣି ମାଡ଼ଦ୍ୱାରା ବନ୍ଧ ମଧ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ଲୁଣା ପାଣି ବନ୍ଧ ଡେଇଁ ଧାନ ଜମିରେ ପଶିବାରୁ ଚାଷୀ କ୍ଷତି ସହୁଛନ୍ତି। ବାଲିତୁଠ ନିମ୍ବବେଲରୀଠାରୁ ବଡବୁଦା ହାଡୁଆ ପୋଲ ପର୍ଯ୍ୟନ୍ତ ବନ୍ଧ ମରାମତି ଆବଶ୍ୟକ ହେଉଛି। ଅତଡା ଖାଇ ଯାଉଥିବାରୁ ଯାତାୟାତରେ ମଧ ବାଧା ସୃଷ୍ଟି ହେଉଛି। ତେଣୁ ତୁରନ୍ତ ଏହାର ପୁନରୁଦ୍ଧାର ପାଇଁ କୃଷକ ନେତା ଶିଶିର ରଞ୍ଜନ ଦାସ, ଉମାକାନ୍ତ ପରିଡା, ରବୀନ୍ଦ୍ରନାଥ ବେହେରା, କରୁଣାକର ଦାସ ଓ ନକୁଳ ମୁଦୁଲି ପ୍ରମୁଖ ଦାବି କରିଛନ୍ତି।

### ବରିଷ୍ଠ ନାଗରିକ ମଞ୍ଚ ବୈଠକ

**ତିର୍ତ୍ତୋଲ,୧୯।୧୧(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ଗରାମ ପଞ୍ଚାୟତ ଶ୍ରୀହରିହର ଗାଦୀବହ୍ମପୀଠ ବ୍ରହ୍ମପୁରରେ ବାପୁଜୀ ବରିଷ୍ଠ ନାଗରିକ ମଞ୍ଚ ଅଲଣା ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ତିର୍ତ୍ତୋଲ ବ୍ଲକ ସଂଯୋଜକ ରାଜକିଶୋର ଦାଶଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ବୈଠକରେ ନିରଞ୍ଜନ ବେଉରା ସଭାପତିତ୍ୱ କରିଥିଲେ। ବ୍ଲକ ସଂଯୋଜକ ଦାଶ ତାଙ୍କ ବକ୍ତବ୍ୟରେ ବରିଷ୍ଠ ନାଗରିକଙ୍କ ପାଇଁ ସରକାରଙ୍କ ତରଫରୁ ମିଳୁଥିବା ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା କରିବା ସହ ବରିଷ୍ଠ ନାଗରିକଙ୍କ ପ୍ରମାଣ ପତ୍ର ହାସଲ ନିମିତ୍ତ ସୂଚନା ଦେଇଥିଲେ। ପ୍ରତି ମାସର ୧୨ ତାରିଖରେ ଏହି ବୈଠକ କରିବା ପାଇଁ ସ୍ଥିରିକୃତ ହୋଇଥିଲା। ବୈଠକରେ ଶରତ ଚନ୍ଦ୍ର ତାରେଣିଆ, ବାବାଜୀ ଚରଣ ମଲ୍ଲିକ, ସହଦେବ କୁଅଁର, ଚିତ୍ତରଞ୍ଜନ ଦାସ, ନିକୁଞ୍ଜ କିଶୋର ଶତପଥୀ, ଯଦୁନାଥ ଜେନା, ଭାଗବତ ପ୍ରସାଦ କର, ନିଳମଣୀ ଲେଙ୍କାଙ୍କ ସମେତ ବହୁ ବରିଷ୍ଠ ନାଗରିକ ଯୋଗଦେଇ ନିଜସ୍ୱ ମତ ପ୍ରଦାନ କରିଥିଲେ। ଦୁର୍ଯ୍ୟୋଧନ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

### ୪ ଶିଶୁ ଶ୍ରମିକ ଉଦ୍ଧାର

**ପାରାଦୀପ,୧୯।୧୧(ସ୍ୱ.ପ୍ର.):** ଜିଲା ଶ୍ରମ ବିଭାଗ ଓ ସିଡବ୍ଲ୍ୟୁସି(ଚାଇଲ୍ଡ ୱେଲ ଫେୟାର କମିଟି)ପକ୍ଷରୁ ମଙ୍ଗଳବାର ପାରଦୀପର ବିଭିନ୍ନ ସ୍ଥାନରେ ଚଡ଼ାଉ କରାଯାଇ ୪ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ସେମାନେ ଫୁଲ ଦୋକାନ, ହୋଟେଲ ଓ ଗ୍ୟାରେଜ୍‌ରେ କାମ କରୁଥିଲେ। ଉଦ୍ଧାର ପରେ ଡିସିପିୟୁ(ଡିଷ୍ଟ୍ରିକ୍ଟ୍ ଚାଇଲ୍ଡ ପ୍ରୋଟେକ୍ସନ୍ ୟୁନିଟ୍)କୁ ହସ୍ତାନ୍ତର କରାଯାଇଥିଲା। ଏହାପରେ ସେମାନଙ୍କୁ ଶିଶୁଯତ୍ନ ଅନୁଷ୍ଠାନରେ ଥଇଥାନ କରାଯାଇଛି ବୋଲି ଜିଲା ଶ୍ରମ ଅଧିକାରୀ ବାବା ଆନନ୍ଦ ରଞ୍ଜନ ଦାସ କହିଛନ୍ତି। ୪ ନାବାଳକଙ୍କ ମଧରେ ୩ଜଣ ୧୪ ବର୍ଷରୁ ଉର୍ଦ୍ଧ୍ୱ ଓ ଜଣେ ୧୪ ବର୍ଷରୁ କମ ରହିଛନ୍ତି। ୧୪ ବର୍ଷରୁ କମ ନାବାଳକଙ୍କୁ କାମରେ ନିୟୋଜିତ କରିବା ଅପରାଧ ହୋଇଥିବାରୁ ସମ୍ପୃକ୍ତ ନିଯୁକ୍ତିଦାତାଙ୍କ ନାମରେ ମାମଲା ରୁଜୁ ହୋଇଛି ବୋଲି ଦାସ କହିଛନ୍ତି।

### ଠିକାଦାର ସଂଘର ନୂତନ କର୍ମକର୍ତ୍ତା

**ପାରାଦୀପ,୧୯।୧୧(ସ୍ୱ.ପ୍ର.):** ପାରଦୀପ ଉପକଣ୍ଠ ଲୋକନାଥ ମନ୍ଦିରରେ ଶ୍ରୀଶ୍ରୀ ଲୋକନାଥ ଠିକାଦାର ମହାସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିସହ ପରବର୍ତ୍ତୀ କାର୍ଯ୍ୟପନ୍ଥା ଉପରେ ଖସଡ଼ା ପ୍ରସ୍ତୁତ କରାଯାଇଛି। ଏହି ଅବସରରେ ସଂଘର କର୍ମକର୍ତ୍ତା ଚୟନ କରାଯାଇଛି। ସେମାନେ ହେଲେ ସଭାପତି ଧୀରେନ୍ଦ୍ର ସାମଲ, ଉପସଭାପତି ମହେନ୍ଦ୍ର ସାମଲ, ଶାରଦା ପ୍ରସନ୍ନ ଦାସ, ସମ୍ପାଦକ ସୌଭାଗ୍ୟ ବିଶ୍ୱାଳ, ସହସମ୍ପାଦକ ଚିତ୍ତରଞ୍ଜନ ଚୌଧୁରୀ, ସୂର୍ଯ୍ୟମଣି ତ୍ରିପାଠୀ, ପ୍ରଶାନ୍ତ ମଲ୍ଲିକ ଓ କୋଷାଧକ୍ଷ ଅଜୟ ଦାସ ବୋଲି ସଂଘ ପକ୍ଷରୁ ସୂଚନା ମିଳିଛି। ଏଥିସହ ପରାମର୍ଶଦାତା ଭାବେ ୪ ଜଣ ଓ ଜଣେ ଆଇନ ପରାମର୍ଶ ଦାତା ଭାବେ ସ୍ଥାନ ପାଇଛନ୍ତି।

## ମୋ ସ୍କୁଲ ଅଭିଯାନ ଅଧକ୍ଷାଙ୍କ ଦିନିକିଆ ଜଗତ୍‌ସିଂହପୁର ଗସ୍ତ

# ପୁରାତନ ଛାତ୍ରୀଛାତ୍ରଙ୍କୁ ଯୋଡ଼ିବାକୁ ଉଦ୍ୟମ

**ଜଗତ୍‌ସିଂହପୁର ଅଫିସ/ରଘୁନାଥପୁର (ଡି.ଏନ.ଏ.), ୧୯।୧୧**


ମୋ ସ୍କୁଲ ଅଭିଯାନ ଅଧକ୍ଷା ସୁସ୍ମିତା ବାଗ୍‌ଚୀ ରଘୁନାଥପୁର ବ୍ଲକର ହରେକୃଷ୍ଣ ନୋଡାଲ ବିଦ୍ୟାପୀଠରେ ପହଞ୍ଚି ଆଲୋଚନା କରୁଛନ୍ତି।

ରାଜ୍ୟ ସରକାରଙ୍କ ମୋ ସ୍କୁଲ ଅଭିଯାନ ଏକ ଉତ୍ତମ ଅଭ୍ୟାସ। ଏହା କେବଳ ସ୍କୁଲର ପାଣ୍ଠି ବୃଦ୍ଧି ପାଇଁ ହୋଇନାହିଁ। ବରଂ ପୁରାତନ ଛାତ୍ରୀଛାତ୍ରଙ୍କୁ ସ୍କୁଲ ସହ ଯୋଡିବାକୁ ପ୍ରୟାସ କରାଯାଇଛି । ଏଭଳି କରାଯିବାର ଉଦ୍ଦେଶ୍ୟ ହେଉଛି ବିଦ୍ୟାଳୟ ଭିତ୍ତିଭୂମିର ବିକାଶରେ ପୁରାତନ ଛାତ୍ରୀଛାତ୍ରଙ୍କ ପ୍ରମୁଖ ଭୂମିକା ରହିବ। ଏଥିସହ ଶୌଚାଳୟ ପ୍ରତିଷ୍ଠା, ସ୍କୁଲ ବଗିଚା, ଖେଳ ପଡିଆର ଉନ୍ନତିକରଣ, ପରୀକ୍ଷାଗାର ଓ ପାଠାଗାରର ଉନ୍ନତି ଆଦି ସମ୍ଭବ ହେବ। ମୋ ସ୍କୁଲ ଅଭିଯାନ ଅଧକ୍ଷା ସୁସ୍ମିତା ବାଗ୍‌ଚୀ ଦିନିକିଆ ଜଗତ୍‌ସିଂହପୁର ଜିଲା ଗସ୍ତରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ସମୀକ୍ଷା କରିବା ଅବସରରେ ଏହା କହିଛନ୍ତି। ସେ ଏକଥା ମଧ କହିଥିଲେ, ବିଦ୍ୟାଳୟଗୁଡିକରେ ପାଠପଢି ପ୍ରତିଷ୍ଠିତ ହୋଇଥିବା ପୁରାତନ ଛାତ୍ରୀଛାତ୍ର ସେମାନଙ୍କ କ୍ୟାରିୟର ବିଷୟରେ ଛାତ୍ରୀଛାତ୍ରଙ୍କୁ କାଉନ୍‌ସେଲିଂ କଲେ ତାହା ବେସ୍ ଫଳପ୍ରଦ ହେବ। ପିଲାମାନେ ପ୍ରେରଣା ପାଇବା ସାଙ୍ଗକୁ ଉଚ୍ଚାଭିଳାସୀ ହେବେ। ଯେଉଁମାନେ ବିଦ୍ୟାଳୟର ଉନ୍ନତି ନିମନ୍ତେ ସହାୟତା ପ୍ରଦାନ କରୁଛନ୍ତି ସେମାନଙ୍କୁ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଜଣାଇବା ଉଚିତ ବୋଲି ବାଗ୍‌ଚୀ ସ୍ପଷ୍ଟ କରିଥିଲେ।

ବୈଠକରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଶିକ୍ଷାର ଗୁଣାତ୍ମକ ବିକାଶରେ ଅଭିଯାନର ଭୂମିକା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରୀଛାତ୍ରଙ୍କ ଜୀବନ ଗଢିବାରେ ଶିକ୍ଷକଙ୍କର ପ୍ରେରଣା ଓ ଆଦର୍ଶ ରହିଛି। ଶିକ୍ଷକମାନେ କେବଳ ସରକାରୀ ଚାକିରିଆ ବୋଲି ଭାବିବା ଉଚିତ ନୁହେଁ। ପ୍ରଧାନଶିକ୍ଷକଙ୍କର କର୍ତ୍ତବ୍ୟହେଉଛି ପୂର୍ବତନ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ଉନ୍ନତିରେ ସାମିଲ କରିବା। ପ୍ରତିଷ୍ଠିତ ପୂର୍ବତନ ଛାତ୍ରୀଛାତ୍ରଙ୍କ ଗାଁ ମାଟି ଓ ସ୍କୁଲ ପ୍ରତି ଦରଦ ଥାଏ। ଠିକ ନେତୃତ୍ୱ ହିଁ ପରିବର୍ତ୍ତନ ଆଣିପାରେ। ପୂରାତନ ଛାତ୍ରୀଛାତ୍ରଙ୍କ ଡାଟବେସ୍ ପ୍ରସ୍ତୁତ କରିବା, ହ୍ୱାଟ୍ସଆପ୍ ଗ୍ରୁପ୍ ମାଧମରେ ସେମାନଙ୍କୁ ଅବଗତ କରାଇବା ଓ ସ୍କୁଲ ଆଲୁମିନି ଆସୋସିଏଶନ୍ ସଙ୍ଗେ ସମ୍ପର୍କ ଯୋଡିବା ଆଦି କ୍ଷେତ୍ରରେ ବିଦ୍ୟାଳୟଗୁଡିକ ଦାୟିତ୍ୱବାନ ହେବା ଉଚିତ। ବୈଠକରେ ଭିତ୍ତିଭୂମି ନିର୍ମାଣ ଓ ଅନ୍ୟାନ୍ୟ କାର୍ଯ୍ୟ ଜିଏସ୍‌ଟି ପରିସରଭୁକ୍ତ ହେବ ବୋଲି ମୋ ସ୍କୁଲ ଅଭିଯାନ ଓଏସ୍‌ଡି ଅମରଜିତ ଜେନା କହିଥିଲେ। ଏହି ଅବସରରେ ଜିଲାର ପୂରାତନ ଛାତ୍ରୀଛାତ୍ର ଯୋଗାଇଥିବା ପାଣ୍ଠି ଓ ସରକାରଙ୍କ ପ୍ରଦତ୍ତ ଅନୁଦାନ, ପ୍ରକଳ୍ପ ନିର୍ମାଣର ଅଗ୍ରଗତି ସମ୍ପର୍କରେ ପାୱାର ପଏଣ୍ଟ ମାଧମରେ ତଥ୍ୟ ପ୍ରଦର୍ଶନ କରାଯାଇଥିଲା। ବୈଠକରେ ଯୋଗଦେଇ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ କହିଥିଲେ, ମୋ ସ୍କୁଲ ଅଭିଯାନକୁ ଜିଲାରେ ବ୍ୟାପକ କରିବା ପାଇଁ ଉଦ୍ୟମ ଜାରି ରହିଛି। ପ୍ରଧାନଶିକ୍ଷକଙ୍କ ଠାରୁ ଅଭିମତ ସଂଗ୍ରହ ସହ ଯୋଜନା ପ୍ରସ୍ତୁତ କରାଯାଇ ରାଜ୍ୟକୁ ପଠାଯାଇଛି। ଜିଲାରେ ସବୁଦିନ ସ୍କୁଲ ଯିବା କାର୍ଯ୍ୟକ୍ରମରେ ଅଧିକ ଉପସ୍ଥାନ ଏବଂ ବହି ମୋର ସାଥୀ କାର୍ଯ୍ୟକ୍ରମ ମାଧମରେ ପଢିବା ପାଇଁ ପ୍ରୟାସ ଜାରି ରହିଥିବା ସୂଚନା ଦେଇଥିଲେ। ଜିଲା ବିଜ୍ଞାନ ପରିଦର୍ଶକ ସୁଭାଷ ଚନ୍ଦ୍ର ରାଉତ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସେ କହିଥିଲେ, ଜିଲାରୁ ୯ଟି ପର୍ଯ୍ୟାୟରେ ୧୬୯ ସ୍କୁଲର ପୁରାତନ ଛାତ୍ରୀଛାତ୍ରଙ୍କ ଅଂଶଦାନ ଥିଲା ୭୩, ୪୧,୧୩୩ ଟଙ୍କା । ଏହାକୁ ହିସାବକୁ ନେଇ ରାଜ୍ୟ ସରକାର ୧,୪୬,୩୨,୨୬୬ ଟଙ୍କା ଅନୁଦାନ ଯୋଗାଇ ଦେଇଛନ୍ତି। ମୋଟ ଉପରେ ଜିଲାରେ ୨,୨୦,୨୩,୩୯୯ ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏଥିମଧ୍ୟରୁ ୧୧୧ ସ୍କୁଲର କାର୍ଯ୍ୟା ଆରମ୍ଭ ହୋଇଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଶିକ୍ଷା ଅଧିକାରୀ ଓ ପ୍ରଧାନ ଶିକମାନେ ସେମାନଙ୍କ ଅନୁଭୂତି ବଖାଣିଥିଲେ। ବୈଠକରେ ବିଇଓ, ପ୍ରଧାନଶିକ୍ଷକ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକ ପରେ ବାଗ୍‌ଚୀ ରଘୁନାଥପୁର ବ୍ଲକର ହରେକୃଷ୍ଣ ନୋଡାଲ ବିଦ୍ୟାପୀଠ, ବର୍ତ୍ତି ସ୍କୁଲ ପରିଦର୍ଶନ କରି ଅଭିଯାନ ଠିକ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ତାହା ପଚାରି ବୁଝିଥିଲେ। ଅନ୍ୟପଟେ ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ସଭାମୂଳର ବେନୁବାବା ବିଦ୍ୟାପୀଠ ପରିଦର୍ଶନ କରିଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସେବାସଂଘର ବାର୍ଷିକ ସମ୍ମିଳନୀ

**ରାହାମା,୧୯।୧୧(ଡି.ଏନ.ଏ.)**

କୁଜଙ୍ଗ ବ୍ଲକ ଅଧୀନ ବାଲିକଣିଠାରେ ଅବସରପ୍ରାପ୍ତ କର୍ମଚାରୀ ସେବା ସଂଘର ୮ମ ବାର୍ଷିକ ସମ୍ମିଳନୀ ସତ୍ୟନାରାୟଣ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମହାସଂଘ ରାଜ୍ୟ ସଙ୍ଗଠନ ସମ୍ପାଦକ ବାବୁରାମ ଚୌଧୁରୀ ଯୋଗଦେଇ ବରିଷ୍ଠଙ୍କ ପାଇଁ ଚକିତ୍ସା, ଭତ୍ତା, ସର୍ବନିମ୍ନ ପେନ୍‌ସନ୍, ୨୦୧୭ରୁ ଉଠାଇ ଦିଆଯାଇଥିବା ସାଧାରଣ ଅଭିଯୋଗ ଓ ପେନ୍‌ସନ ବିଭାଗର ପୁନଃସ୍ଥାପନ, ପେ ମାଟ୍ରିକ୍ସକୁ ସଂଶୋଧନ କରି ଫିକ୍‌ସ୍‌ମେଣ୍ଟରେ ସମତା ରକ୍ଷା ବିଷୟରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ସଂଗଠନର ଦିବଂଗତ ୧୨ ସଭ୍ୟଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଶିକ୍ଷାବିତ୍ ଅନଙ୍ଗ ମହାପାତ୍ର ବରିଷ୍ଠଙ୍କ ସମସ୍ୟା ନେଇ ଆଲୋଚନା କରିବା ସହ ବହୁ ପ୍ରସ୍ତାବ ଦେଇଥିଲେ। ସଂଘ ସମ୍ପାଦକ ରବୀନ୍ଦ୍ର ମହାପାତ୍ର ବାର୍ଷିକ ବବରଣୀ ପାଠ କରିଥିଲେ। ସନ୍ତୋଷ ମହାନ୍ତି, ଧନେଶ୍ୱର ସାମନ୍ତରାରୟ ପ୍ରମୁଖ ବକ୍ତବ୍ୟ ଦେଇଥିବା ବେଳେ ସଭାପତି ଚୌଧୁରୀ ସଭା ପରିଚାଳନା କରିଥିଲେ। ଉପସଭାପତି ଈଶ୍ୱର ଚନ୍ଦ୍ର ପାଣି, ପ୍ରଶାନ୍ତ ଦାସ, ମୋହିନୀ ମୋହନ ପଲାଇ, ବିଜୟା ନନ୍ଦ ପଟ୍ଟନାୟକ, ବିଜୟ ରାଉତ, ସନ୍ତୋଷ ପରିଡ଼ା, ନିରୋଦ ଦାସ ଓ ରବିନାରାୟଣ ଦାସ ଉପସ୍ଥିତ ଥିଲେ।

## ପିପିଏଲ୍ ସହ ୟୁନିସେଫ୍ ସାମିଲ

# ଶିଶୁଙ୍କ ବିକାଶ ପାଇଁ କାର୍ଯ୍ୟ କରିବେ

**ପାରାଦୀପ,୧୯।୧୧(ସ୍ୱ.ପ୍ର.)**

ପାରାଦୀପ ଫସ୍‌ଫେଟସ ଲିମିଟେଡ୍ (ପିପିଏଲ୍) ସହ ଅନ୍ତର୍ଜାତୀୟ ସଂଗଠନ (ୟୁନିସେଫ) ୟୁନାଇଟେଡ୍ ନେଶନସ୍ ଇଣ୍ଟର ନ୍ୟାଶନାଲ ଚିଲ୍‌ଡ୍ରେନ୍‌ସ ଏମର୍ଜେନ୍ସି ଫଣ୍ଡ ସୋମବାର ସାମିଲ୍ ହୋଇଛି। ଏହି ଅବସରରେ ପ୍ରଥମ କରି ପାରାଦୀପ ନିକଟସ୍ଥ ବଗଦିଆ ଗ୍ରାମରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରକୁ 'ନବରତ୍ନ ବାଲ୍ୟଗୃହ'କରାଯାଇଛି। ପିପିଏଲ୍‌ର ସିଏସ୍‌ଆର୍ ଅର୍ଥ ଓ ୟୁନିସେଫ୍ ମିଶି ଏକ ହର୍ଷ ଟ୍ରଷ୍ଟ ଗଠନ କରିଛନ୍ତି। ଏହି ଟ୍ରଷ୍ଟ ଜରିଆରେ ଅଙ୍ଗନୱାଡ଼ି କେନ୍ଦ୍ରର ନବୀକରଣ କରାଯିବ। ଶିଶୁଙ୍କ ପାଇଁ ଉପଯୁକ୍ତ ଘର, ସ୍ୱଚ୍ଛ ପାଣି, ପାଠ୍ୟ ଉପକରଣ, ସୁଷମ ଖାଦ୍ୟ ଆଦି ଯୋଗାଇ ତାଙ୍କର ବିକାଶ କରାଯିବ। ସେହିଭଳି ନିକଟସ୍ଥ ୪ଟି ପଞ୍ଚାୟତର ୨୫ ଅଙ୍ଗନୱାଡି କେନ୍ଦ୍ରକୁ ନବରତ୍ନ ବାଲ୍ୟଗୃହ କରାଯିବ ବୋଲି ହର୍ଷ ଟ୍ରଷ୍ଟ ପକ୍ଷରୁ ଘୋଷଣା କରାଯାଇଛି। ସେହି ପଞ୍ଚାୟତଗୁଡ଼ିକ ହେଲା କୋଠୀ, ବଗଦିଆ, ଫତେପୁର ଓ ମଙ୍ଗରାଜପୁର। ବଗଦିଆ ଗ୍ରାମରେ ନବରତ୍ନ ବାଲ୍ୟଗୃକୁ ଉଦ୍‌ଘାଟନ କରିଥିଲେ ୟୁନିସେଫ୍‌ର ମୁଖ୍ୟ ମୋନିକା ନେଲସନ୍ ଓ ପିପିଏଲ୍ ୟୁନିଟ୍ ମୁଖ୍ୟ ରଣଜିତ ସିଂ ଚୁଗ୍। ଏହି ୨୫ କେନ୍ଦ୍ରରେ ୮୬୯ ଶିଶୁ ସୁବିଧା ପାଇବେ। ପରବର୍ତ୍ତୀ ସମୟରେ ଏହାକୁ ବୃଦ୍ଧି କରାଯାଇପାରେ ବୋଲି କୁହାଯାଇଛି। ସୂଚନାଯୋଗ୍ୟ ଯେ, ଏହି ୪ ପଞ୍ଚାୟତରେ ଥିବା ସ୍କୁଲ ମଧରୁ ୫୦ ପ୍ରତିଶତ ସ୍କୁଲରେ ପିପିଏଲ୍ ପକ୍ଷରୁ ଶୌଚାଳୟ ଓ ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ରହିଛି। ଯେଉଁଥି ପାଇଁ ୟୁନିସେଫ୍ ଭଳି ସଂସ୍ଥା ଏଥିରେ ପ୍ରଥମକରି ସାମିଲ୍ ହୋଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିର ଅପମାନକୁ ବିରୋଧ

**ନାଉଗାଁ,୧୯।୧୧(ସ୍ୱ.ପ୍ର.)**

ଦିଲ୍ଲୀ ଜେଏନୟୁ ବିଶ୍ୱବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ପ୍ରତି ହୋଇଥିବା ଅପମାନକୁ ନାଉଗାଁ ଇନ୍ଦିରା ସ୍ମାରକୀ ଯୁବକ ସଂଘ ଓ କମନ ପିପୁଲ ସୋସିଆଲ ଫାଉଣ୍ଡେଶନ ପକ୍ଷରୁ ବିରୋଧ କରାଯାଇଛି। ସଂଘର ସଦସ୍ୟମାନେ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବଜାର ପରିକ୍ରମା କରିବା ସହିତ ପ୍ରତିମୂର୍ତ୍ତି ପ୍ରତି ହୋଇଥିବା ଅପମାନକୁ ବିରୋଧ କରିଥିଲେ। କାର୍ଯ୍ୟକ୍ରମରେ ସଂଘ ସଭାପତି ରାଜେଶ ବେହୁରା, କୋଷାଧକ୍ଷ ଦେବଦତ ତ୍ରିପାଠୀ, ସହସମ୍ପାଦକ ଶ୍ରୀକାନ୍ତ ସ୍ୱାଇଁ, ସଚିନ ବେହୁରା, ଶ୍ରୀମୟ ଶ୍ରୀକାନ୍ତ ବିଶ୍ୱାଳ, ରବିନାରାୟଣ ଷଡଙ୍ଗୀ ଓ କରୁଣା କର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ନୂଆଖିଆରେ ବିଭ୍ରାଟ ଯୋଗୁ ଶାରଳା ମନ୍ଦିରରେ ପ୍ରସ୍ତୁତ ପ୍ରସାଦ ନଷ୍ଟ ହୋଇଥିଲା। ମଙ୍ଗଳବାର ସେସବୁକୁ ଟ୍ରାକ୍ଟର ଯୋଗେ ମନ୍ଦିରରୁ ନିଆଯାଉଛି।

## ୧୬ ଗୋରୁ ଉଦ୍ଧାର, ୩ ଗାଡ଼ି ଜବତ

**ଜଗତ୍‌ସିଂହପୁର ଅଫିସ, ୧୯।୧୧**

ମଙ୍ଗଳବାର ଭୋର ପାଖାପାଖି ୫ଟା ବେଳେ ସ୍ଥାନୀୟ ହାଟ ପୋଲ ନିକଟରୁ ୩ଟି ୪ ଚକିଆ ଯାନରେ ଯାଉଥିବା ୧୬ ଗୋରୁଙ୍କୁ ଜଗତ୍‌ସିଂହପୁର ପୋଲିସ ଉଦ୍ଧାର କରିଛି। ଏଥିସହିତ ଗାଡି ୩ଟି ଜବତ କରାଯିବା ସହ ସେଥିରେ ଥିବା ୫ ଜଣଙ୍କୁ ଗିରଫ କରାଯାଇଛି। ଏ ସମ୍ପର୍କରେ ଆଇଆଇସି ରଜନୀକାନ୍ତ ମିଶ୍ର କହିଛନ୍ତି, ପାଟ୍ରୋଲିଂ ଗାଡି ବୁଲୁଥିବା ବେଳେ ହାଟ ପୋଲ ନିକଟରେ ୩ଟି ଚାରି ଚକିଆ ଯାନରେ ୧୫ଟି ଗାଈ ଓ ୧ଟି ବଳଦ ଯାଉଥିବା ଦେଖାଯାଇଥିଲା। ତନଖି ପରେ ଏହି ଗାଈ, ବଦଳଙ୍କୁ ଯେଉଁଭଳି ନିଆଯାଉଥିଲା ତାହା ଯନ୍ତ୍ରଣାଦାୟକ। ତେଣୁ ଏହି ଗାଡି ୩ଟି (ସଂଖ୍ୟା–ଓଡି–୦୫–ବି–୫୧୭୭, ଓଡି–୦୫–ୱାଇ–୬୮୦୮, ଓଡି–୦୨–ଏପି–୩୪୧୧) ଜବତ କରାଯାଇଛି।

**୫ ଅଭିଯୁକ୍ତ ଗିରଫ**

ଗିରଫ ଅଭିଯୁକ୍ତ ହେଲେ କଟକ ଜିଲା ନିଆଳି ଥାନା ଅନ୍ତର୍ଗତ ବଳାସୁଣୀ ନିକଟ ଅଡଙ୍ଗର ନୂରନ୍ ସା ଓରଫ କୁନା(୨୫), ମେହେବୁବ ସା (୩୪), ଜଗତ୍‌ସିଂହପୁର ଥାନା ଓହଳର ମିର୍ଜା କାବୁଲ ବେଗ୍ (୫୦), ମିର୍ଜା ସକିଲ ବେଗ୍ (୨୦) ଓ ପୁରୀ ଜିଲା ନିମାପଡ଼ା ଥାନା ଅଧିନ ତୁଳସୀପୁରର ଓହିଦ୍ ଖାଁ ଓରଫ ନୁନୁ (୨୨)। ଏମାନେ ନିଆଳି ଅଞ୍ଚଳରୁ ଗାଈବଳଦ ଧରି ଜଗତ୍‌ସିଂହପୁର ଯାଉଥିଲେ। ଏସ୍‌ଆଇ ଆର୍ ଏନ୍ ବେହେରାଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ସଂଖ୍ୟା ୧୦୫/୧୯ ରୁଜୁ କରିଛି।

## ଚୋରାମଦ, ଜୁଆଆଡ୍ଡା ଯୁବଗୋଷ୍ଠୀଙ୍କୁ କରିଛି ପଥଭ୍ରଷ୍ଟ

**ରଘୁନାଥପୁର, ୧୯।୧୧ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ତଥା ତିର୍ତ୍ତୋଲ ଥାନା ଅନ୍ତର୍ଗତ ଛପଡା ପଞ୍ଚାୟତର ୨, ୩, ୧୭ ନଂ. ୱାର୍ଡ ଏବଂ ଛପଡା ରେଳ ଫାଟକ ନିକଟରେ ବ୍ୟାପକ ଭାବେ ଚୋରାମଦ କାରବାର ଚାଲିଛି। ସେହିଭଳି ଏରଡଙ୍ଗା ପଞ୍ଚାୟତ ବ୍ରାହ୍ମଣବାଡିରେ ଦିନ ଦିପ୍ରହରରେ ଖୁଲମଖୁଲା ଜୁଆଆଡ୍ଡାର ଆସର ଜମୁଛି। ଫଳରେ ଯୁବପିଢି ମଦ ପିଇ ଜୁଆ ଖେଳି ସର୍ବସ୍ୱାନ୍ତ ହେଉଥିବା ଅଭିଭାବକଙ୍କ ପକ୍ଷରୁ ଅଭିଯୋଗ ହେଉଛି। ନିଶା ସେବନ ଦ୍ୱାରା ଯୁବକମାନେ ନିଜର ହିତାହିତ ଜ୍ଞାନ ହରାଇ ପରିବାରରେ ଟଙ୍କା ପାଇଁ ଗଣ୍ଡଗୋଳ କରୁଛନ୍ତି। ଘରର ଆସବାବପତ୍ର ବିକ୍ରି କରି ଦେଉଥିବା ବେଳେ ଚୋରି କରିବାକୁ ପଛାଉ ନାହାନ୍ତି। ଏଥିଯୋଗୁ ପରିବାରରେ ଶାନ୍ତି ଭଙ୍ଗ ହେଉଛି। ୨ରୁ ୩ କିମି ବ୍ୟବଧାନରେ ସହଜରେ ଚୋରା ଦେଶୀ ଓ ବିଦେଶୀ ମଦ ମିଳିଯାଉଛି ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଜଇପୁରରୁ ଜଗତ୍‌ସିଂହପୁର ରାସ୍ତା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଚୋରାମଦ ବିକ୍ରି ଓ ଜୁଆଆଡ୍ଡାର ଆସର ପ୍ରତ୍ୟହ ଚାଲିଛି। ଅବକାରୀ ବିଭାଗ ଓ ପୋଲିସ କିଭଳି ଜାଣି ପାରୁନାହାନ୍ତି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଅନେକ ବ୍ୟକ୍ତି ଏହାର ବିରୋଧ କରିବାକୁ ପଛଘୁଞ୍ଚା ଦେଉଛନ୍ତି। କାରଣ ପଥଭ୍ରଷ୍ଟ ହୋଇଥିବା ଯୁବକମାନେ ବିରୋଧ କରୁଥିବା ବ୍ୟକ୍ତିଙ୍କୁ ଭୟଭୀତ କରିବା ସହ ଜୀବନରୁ ମାରି ଦେବାକୁ ଧମକ ଦେଉଛନ୍ତି। ଏଥିପ୍ରତି ଅବକାରୀ ବିଭାଗ ଓ ପୋଲିସ ଦୃଷ୍ଟି ଦେବାକୁ ଅଭିଭାବକମାନେ ଦାବି କରିଛନ୍ତି। ଏ ନେଇ ଅବକାରୀ ବିଭାଗ ଏସ୍‌ପି ରତିକାନ୍ତ ପଣ୍ଡାଙ୍କୁ ପଚାରିବାରେ ଚୋରାମଦ କାରବାର ସମ୍ପର୍କ ଆମ ପାଖରେ କୌଣସି ଖବର ନ ଥିଲା। ଯଦି ଏଭଳି ମଦ ବିକ୍ରି କରାଯାଉଛି ବିଭାଗ ପକ୍ଷରୁ ତୁରନ୍ତ ଚଢାଉ କରାଯିବ ବୋଲି ସେ କହିଛନ୍ତି।

## ଜଲସାରେ ଶାନ୍ତିର ବାର୍ତ୍ତା

**ପାରାଦୀପ,୧୯।୧୧(ସ୍ୱ.ପ୍ର.)**

ମହମ୍ମଦଙ୍କ ଜନ୍ମଦିନ ଉପଲକ୍ଷେ ପାରାଦୀପ ବଡ଼ପଡ଼ିଆ ଜାମା ମସ୍‌ଜିଦ୍ ପକ୍ଷରୁ 'ଜଲ୍‌ସା' ଅନୁଷ୍ଠିତ ହୋଇଛି। ଏଥିରେ ସ୍ୱନାମଧନ୍ୟ ମୌଲାନାମାନେ ସାମିଲ ହୋଇ ସାୟରୀ ମାଧମରେ ଶାନ୍ତିବାର୍ତ୍ତା ଦେଇଥିଲେ। ଇସଲାମ୍ ଧର୍ମର ପବିତ୍ର କୋରାନରେ ବିଶ୍ୱର ଶାନ୍ତି ବାର୍ତ୍ତା ରହିଛି। ଏହାକୁ ପାଠକରି ସମସ୍ତେ ହିଂସାଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଏଥିରେ ପ୍ରମୁଖ ମୌଲାନା ଭାବେ ଉତ୍ତରପ୍ରଦେଶର ହଜରତ୍ ଆଲମି ମୁରିର, ମୌଲାନା ଇଜ୍‌ହାର ହକ୍କାନୀ, ଇସଲାମ୍ ଜମ୍‌ଜମ୍ ସାୟରୀ ସମସ୍ ଡବରେଜ୍ (ଝାଡ଼ଖଣ୍ଡ), ଆଲାମଗିରୀ ସାହାବ ହଜରତ୍ ମହମ୍ମଦ ଅବରାର, ଉତ୍ତରପ୍ରଦେଶର ଏମ୍‌ପି ହଜରତ ଆଲାମା ମୌଲାନା ଗୁଲାମ୍, ରସୁଲ ବଲୟାନି ପ୍ରମୁଖ ଯୋଗଦେଇ ସାୟରୀ କହିଥିଲେ। ପାରାଦୀପର ଦୁଇ ମସ୍‌ଜିଦ୍‌ରକୁ ନେଇ ସୃଷ୍ଟ ସଂଗଠନ ଆଜାଦ୍ ଭାର ମେମୋରିଆଲ ଟ୍ରଷ୍ଟ ସଭାପତି ଶେଖ୍ ଇନ୍ତେକାମ ଆଲାମ, ଉପସଭାପତି ଶେଖ ଜାଫର, ସମ୍ପାଦକ ସାଜିକ୍ ମୁସ୍ତାଫା ଅନସାରୀ, ସଉଦ୍ ଖାନ୍, ଫଜଲୁଲ ହକ୍ ପ୍ରମୁଖ ସହାୟତା କରିଥିଲେ। ଜାମା ମସଜିଦ୍‌ର ସଭାପତି ଶେଖ ରମ୍‌ଜାନ୍, ଅବଦୁଲ ତାହିରଖାନ୍, ସିକନ୍ଦର ବକ୍ସ, ଅବଦୁଲ୍ ଆବିଦ୍ ଖାନ୍ ପ୍ରମୁଖ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

## ରାଜ୍ୟସ୍ତରୀୟ ସୁରଭି: ଚିତ୍ରାଙ୍କନରେ ସ୍ୱପ୍ନା ପ୍ରଥମ


ଅତିଥି କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

**ନାଉଗାଁ,୧୯।୧୧(ସ୍ୱ.ପ୍ର.)**

ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭିର ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଲଣାହାଟ ଉଚ୍ଚ ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରୀ ସ୍ୱପ୍ନା ଦାସ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ଅବସରରେ ତାଙ୍କୁ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ ସାହୁ ଓ ବିଦ୍ୟାଳୟ ଏବଂ ଗଣଶିକ୍ଷା ମନ୍ତ୍ରୀ ସମୀର ଦାସ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଅଲଣାହାଟର ରବି ନାରାୟଣ ଦାସ ଓ ଗିତାଞ୍ଜଳି ଦାସଙ୍କ ଝିଅ ସ୍ୱପ୍ନାଙ୍କ ଏହି ସଫଳତା ପାଇଁ ନାଉଗାଁ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଓଷ୍ଟା ଶିକ୍ଷକ ସଂଘ ନାଉଗାଁ ବ୍ଲକ ସଭାପତି ହିମାଂଶୁ ମହାନ୍ତି, ବିଶ୍ୱସନାତନ ଯୁବ ସେବା ସଙ୍ଘ ସମ୍ପାଦକ ତ୍ରିଲୋଚନ ପାଢୀ, ପାରାଦୀପ ପୋର୍ଟର ପୂର୍ବତନ ଟ୍ରଷ୍ଟି ପ୍ରତାପ ମିଶ୍ର, ସୋସିଆଲ୍ ମିଶନ ୱାଲର୍ଡର ସମ୍ପାଦକ ସର୍ବେଶ୍ୱର ମହାରଣା ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଉତ୍ତୋରତ୍ତର ଉନ୍ନତି କାମନା କରିଛନ୍ତି।

## ଚେଲିତୋଳ ବାଲିଯାତ୍ରା ମହୋତ୍ସବ ଉଦ୍‌ଯାପିତ

# ଆସନ୍ତା ବର୍ଷରୁ ୧୦ ଦିନ ହେବ


ବାଲିଯାତ୍ରା ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥି।

**ତିର୍ତ୍ତୋଲ,୧୯।୧୧(ଡି.ଏନ.ଏ.)**

ତିର୍ତ୍ତୋଲ ଚେଲିତୋଳ ବାଲିଯାତ୍ରା ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ତିର୍ତ୍ତୋଲ ବିଧାୟକ ତଥା ବାଲିଯାତ୍ରା ମହୋତ୍ସବ କମିଟି ସଭାପତି ବିଷ୍ଣୁଚରଣ ଦାସ ସଭାପତିତ୍ୱ କରି ଏହି ବାଲିଯାତ୍ରା ଆସନ୍ତା ବର୍ଷଠାରୁ ୭ଦିନ ପରିବର୍ତ୍ତେ ୯ କିମ୍ବା ୧୦ ଦିନ ଧରି ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ମୁଖ୍ୟ ଅତିଥିଭାବେ ରାଜସ୍ୱମନ୍ତ୍ରୀ ସୁଦାମ ମାର୍ଣ୍ଡି ଯୋଗଦେଇ ପ୍ରାଚୀନ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ସ୍ମୃତିଚାରଣ କରିଥିଲେ। ମୁଖ୍ୟବକ୍ତା ପ୍ରିୟବ୍ରତ ମାଝି, ସମ୍ମାନିତ ଅତିଥି ଭାଦବ ହାଂସଦା, ଚେଲିତୋଳ ସାଂସ୍କୃତିକ ପରିଷଦ ସମ୍ପାଦକ ଇଂ ସୁଶୀଲ ମହାପାତ୍ର, ସାମାଜିକ କର୍ମୀ ନରହରି ମିଶ୍ର, ଇଂ. ବାବାଜୀ ବେହେରା, ତିର୍ତ୍ତୋଲ ଏସଡିପିଓ ଦୀପକ ଜେନା, ବ୍ଲକ ଆତ୍ମା ଅଧକ୍ଷ ବସନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ପ୍ରାଚୀନ ଉତ୍କଳର ସାଧବ ପୁଅଙ୍କ ଦୁଃସାହସିକ ନୌବାଣିଜ୍ୟ କିପରି ଓଡିଶାକୁ ସମୃଦ୍ଧଶାଳୀ କରିପାରିଥିଲା ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିମଳ ମହାପାତ୍ର, ବିନୟ ମହାପାତ୍ର, ରବିନ୍ଦ୍ର ସେଠୀ, ସାରଦା ପୃଷ୍ଟି ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

ଏହିଅବସରରେ ଚେଲିତୋଳ ବାଲିଯାତ୍ରା ସ୍ମରଣିକା ଉନ୍ମୋଚିତ ହୋଇଥିଲା। ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟଅତିଥି ବାଲିଯାତ୍ରା କମିଟି ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମମତା ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବ୍ଲକ ଅଧକ୍ଷା ସୁଜାତା ମହାନ୍ତି ଧନ୍ୟବାଦ ଦେଇଥିଲେ।

# ବାଚସ୍ପତି ନିରପେକ୍ଷ ହେବା ଜରୁରୀ: ବିରୋଧୀ ଦଳ ନେତା

ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)

- ଭୁଲ ସ୍ୱୀକାର କଲେ ସୂର୍ଯ୍ୟନାରାୟଣ
- ମୋଦିଙ୍କ ବିଜେଡିକୁ ପ୍ରଶଂସା ପରେ ଭାଜପା ଚୁପ୍
- ସ୍ମିତାରାଣୀ ମୃତ୍ୟୁ ରହସ୍ୟ
- ଭାଜପାର ଅଭିଯୋଗ: ୪ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଉଛି କିଏ



ଯାଜପୁର ଜିଲା ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ (ପିଇଓ) ସ୍ମିତାରାଣୀଙ୍କ ମୃତ୍ୟୁକୁ ନେଇ ଭାଜପା ଚଳିତ ଅଧିବେଶନ ଆରମ୍ଭରୁ ତୁମ୍ବିତୋଫାନ କରୁଥିଲା। ସୋମବାର ବାଚସ୍ପତି ଏ ପ୍ରସଙ୍ଗରେ ଆଲୋଚନା କରିବାକୁ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକଙ୍କୁ ସୁଯୋଗ ଦେଇ ନ ଥିଲେ। ପଏଣ୍ଟ ଅଫ ଅର୍ଡର ଜରିଆରେ ସେ କହିବା ଆରମ୍ଭ କରିବା ମାତ୍ରେ ବାଚସ୍ପତି ଗୃହକୁ ତୁରନ୍ତ ମୁଲତବୀ ଘୋଷଣା କରି ଦେଇଥିଲେ। ବାଚସ୍ପତିଙ୍କ ଗୃହ ପରିଚାଳନାରେ ତୀବ୍ର ଅସନ୍ତୋଷ ପ୍ରକାଶ କରି ପ୍ରଦୀପ୍ତ ମଙ୍ଗଳବାର ସନ୍ଧ୍ୟାରେ ଗୃହ ଚଳାଇ ଦେବେ ନାହିଁ ବୋଲି ଚେତାବନୀ ଦେଲେ। ହେଲେ ରାତି ପାହିବା ବେଳକୁ ସବୁ କିଛି ଓଲଟା। ବିରୋଧୀ ଦଳ ନେତାଙ୍କର ଆଉ ସେ ଟାଣ ନ ଥିଲା କି ଭାଜପା ସଦସ୍ୟମାନଙ୍କର ବିରୋଧ ବି ନ ଥିଲା। ଗୃହ କାର୍ଯ୍ୟରେ ଭାଜପା ସଦସ୍ୟମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ମଧ୍ୟ ନିଜର ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ କରିଥିଲେ। ବିରୋଧୀ ଦଳ ନେତାଙ୍କୁ କହିବାକୁ ସୁଯୋଗ ଦେଇ ନ ଥିବାରୁ ଭୁଲ ହୋଇଥିବା ସ୍ୱୀକାର କରିଥିଲେ। ଏହାକୁ ନେଇ ଉଭୟ ଭାଜପା ଓ ବିଜେଡିକୁ କଂଗ୍ରେସ ସମାଲୋଚନା କରିଛି।

ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ ବାଚସ୍ପତି କଂଗ୍ରେସ ଦଳ ନେତା ନରସିଂହ ମିଶ୍ରଙ୍କୁ କହିବାକୁ ସୁଯୋଗ ଦେଇଥିଲେ। ଏହା ପରେ ବିରୋଧୀ ଦଳ ନେତାଙ୍କୁ କହିବାକୁ ଡାକିଥିଲେ। ବିରୋଧୀ ଦଳ ନେତା କହିବା ପୂର୍ବରୁ ବାଚସ୍ପତି ନିଜର ଭୁଲ ସ୍ୱୀକାର କଲେ। ସେ କହିଲେ ଗତକାଲି ଗୃହରେ ସୂଚିତ କାର୍ଯ୍ୟକ୍ରମ ଶେଷ ହେବା ପୂର୍ବରୁ ଗୃହ କାର୍ଯ୍ୟକ୍ରମ ବନ୍ଦ କରି ଦେଇଥିଲି। ପଏଣ୍ଟ ଅଫ୍ ଅର୍ଡର ଜରିଆରେ ବିରୋଧୀ ଦଳ ନେତା କିଛି କହିବାକୁ ଚେଷ୍ଟା କରିଥିଲେ। ତାଙ୍କ ମନୋଭାବ ଠିକ୍‌ରେ ମୁଁ ବୁଝିପାରି ନ ଥିଲି। ମୋର ଭୁଲ ହୋଇଥିଲା। କହିବାକୁ ସୁଯୋଗ ନ ଦେବା ମୋର ଉଦ୍ଦେଶ୍ୟ ନ ଥିଲା ବୋଲି ବାଚସ୍ପତି କହିଥିଲେ। ଏହି ସମୟରେ ବିଜେଡି ସଭ୍ୟ ପ୍ରଦୀପ ମହାରଥୀ କହିଲେ ସାର୍ ଆପଣ ଭୁଲ ମାଗିଲେ। ବାଚସ୍ପତି କହିଲେ ଭୁଲ ହୋଇଥିଲେ ସ୍ୱୀକାର କରିବାରେ କିଛି ଅସୁବିଧା ନାହିଁ।

ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ କହିଥିଲେ ଯେ ପାର୍ଲାମେଣ୍ଟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ବିରୋଧୀ ଦଳରେ ଥିବାବେଳେ ତତ୍କାଳୀନ ଲୋକ ସଭା ବାଚସ୍ପତି ବଳରାମ ଝାକର ତାଙ୍କୁ ସୁଯୋଗ ଦେଇ ନ ଥିଲେ। ସେହି ସମୟରେ ବାଜପେୟୀ କହିଥିଲେ, ଶାସକ ଦଳ ସଂଖ୍ୟା ବଳରେ ସରକାର ଚଳାଇପାରିବେ। ମାତ୍ର ବିରୋଧୀଙ୍କୁ ଅଣଦେଖା କରି ଗୃହ ଚଳାଇପାରିବେ ନାହିଁ। ମୁଁ ଗତକାଲି ମୋର ବକ୍ତବ୍ୟ ଆରମ୍ଭ କରୁ କରୁ ବାଚସ୍ପତି ଗୃହକୁ ବନ୍ଦ କରିଥିଲେ। କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ବିଧାନସଭା ଚାଲିଛି। ଗୃହ କାର୍ଯ୍ୟରେ ବିଭ୍ରାଟ ନ ହେବା ପାଇଁ ଆମେ ଗାନ୍ଧୀମୂର୍ତ୍ତି ତଳେ ବସି ନୀରବ ପ୍ରତିବାଦ କରିଥିଲୁ। ପୂର୍ବତନ ଲୋକ ସଭା ବାଚସ୍ପତି ସୋମନାଥ ଚାଟାର୍ଜୀ ନିଜ ନିରପେକ୍ଷତା ପାଇଁ ଦଳକୁ ଛାଡିଥିଲେ। ବାଚସ୍ପତି କୌଣସି ଦଳର ନୁହନ୍ତି, ଗୃହର ସମସ୍ତ ସଦସ୍ୟଙ୍କ ପାଇଁ ନିରପେକ୍ଷତା ଅବଲମ୍ବନ କରିଥାଆନ୍ତି। ମାତ୍ର ଆପଣ କେବଳ ନିଜ ଦଳୀୟ ମନୋଭାବ ରଖୁଛନ୍ତି। ଏହାକୁ ଆମେ ନିନ୍ଦା କରୁଛୁ। ଗୃହରେ ମୋର ଯେତିକି କହିବାର ଅଧିକାର, ନରସିଂହ ବାବୁ ଏବଂ ଲକ୍ଷ୍ମଣ ମୁଣ୍ଡାଙ୍କର ମଧ୍ୟ ସେତିକି ଅଧିକାର ଅଛି। ନରସିଂହ ମିଶ୍ର, ଭୂପିନ୍ଦର ସିଂ, ବିଜୁ ପଟ୍ଟନାୟକ ଏବଂ ଜାନକୀ ବଲ୍ଲଭ ପଟ୍ଟନାୟକ ବିରୋଧୀ ଦଳର ନେତା ଥିଲେ। ମୋତେ କମ୍ ବୟସରେ ସେହି ସୁଯୋଗ ମିଳିଛି। ସ୍ମିତାରାଣୀଙ୍କ ରହସ୍ୟଜନକ ମୃତ୍ୟୁ ସମ୍ପର୍କରେ ଉଲ୍ଲେଖ କରି ପ୍ରଦୀପ୍ତ କହିଲେଯେ, ଏହି ଘଟଣାରେ ଜଡ଼ିତ ୫ଜଣଙ୍କ ମଧ୍ୟରୁ ମାତ୍ର ଜଣଙ୍କୁ ଗିରଫ କରାଯାଇଛି। ଦୁଇଜଣ ସମିତି ସଭ୍ୟ, ଜଣେ ଜିଲା ପରିଷଦ ସଭ୍ୟ ଏବଂ ରାମ୍‌କୋ ସିମେଣ୍ଟ କମ୍ପାନୀର ଜଣେ ଅଧିକାରୀଙ୍କୁ ଏ ପର୍ଯ୍ୟନ୍ତ କାହିଁକି ଗିରଫ କରାଯାଇ ନାହିଁ। ଆତ୍ମହତ୍ୟା ପରେ ରୂପେଶ ଭଦ୍ରାଙ୍କୁ ହସ୍ପିଟାଲ ନେବା ପାଇଁ କିଏ ଅନୁମତି ଦେଇଥିଲେ। ଆତ୍ମହତ୍ୟା ବେଳେ କବାଟ ବନ୍ଦ ଥିଲା କି ନାହିଁ ତାହା ତଦନ୍ତ ହେବା ଦରକାର। ଯାଜପୁର ଏସ୍‌ପି ମୃତକଙ୍କ ନାମରେ ଆପତ୍ତିଜନକ ମନ୍ତବ୍ୟ ଦେଲେ। ସେହି ଏସ୍‌ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କାହିଁକି ନିଆଯାଉନାହିଁ। ରାଜ୍ୟ ମହିଳା କମିଶନର ସ୍ମିତାରାଣୀଙ୍କ ପରିବାର ସଦସ୍ୟଙ୍କୁ ନ ପଚାରି ହତ୍ୟା ଅଭିଯୁକ୍ତଙ୍କୁ ଯାଇ କାହିଁକି ଭେଟିଲେ। ପଦ୍ମପୁରଠାରୁ ଆରମ୍ଭ କରି କୁନ୍ଦୁଲି, ପିପିଲି ସମସ୍ତ ଘଟଣାକୁ ଚାପି ଦିଆଯାଇଛି। ନାବାଳିକାଙ୍କୁ ବଳାତ୍କାର କରାଯାଉଛି। ଆଇନ ତା ବାଟରେ ଯିବ ବୋଲି କହୁଛନ୍ତି। ଆଇନ କେଉଁ ବାଟରେ ଯାଉଛି। ଅଭିଯୁକ୍ତଙ୍କୁ ୩୦୨ ଦଫାରେ ଗିରଫ କରା ନ ଯାଇ ୩୦୬ରେ କରାଯାଉଛି। କଂଗ୍ରେସ ସରକାର ଦୁର୍ନୀତିଗ୍ରସ୍ତ ହୋଇଥିଲେ ମଧ୍ୟ ଏଭଳି ଘଟଣା କେବେ ଘଟି ନ ଥିଲା। ଅଞ୍ଜନା ପାଇଁ କଂଗ୍ରେସ ଶାସନରୁ ଚାଲିଗଲା। ଏତେ ଘଟଣା ପରେ ବିଜେଡିକୁ ଲୋକମାନେ କିପରି ଭୋଟ ଦେଉଛନ୍ତି ତାହା ବୁଝାପଡୁ ନାହିଁ। ସ୍ମିତାରାଣୀ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ବିଜେଡି ସଭ୍ୟ ଅମର ଶତପଥୀ ଗୃହ ପରିଚାଳନାରେ ବିରୋଧୀ ଦଳଙ୍କ ଭୂମିକା ସମ୍ପର୍କରେ ସୂଚନା ଦେଇ କହିଲେ ଯେ ଚଳିତ ପାର୍ଲାମେଣ୍ଟ ଅଧିବେଶନ ପୂର୍ବରୁ ପ୍ରଧାନମନ୍ତ୍ରୀ ସର୍ବଦଳୀୟ ବୈଠକ ଡାକିଥିଲେ। ବିଜେଡି ବିରୋଧୀ ଦଳରେ ଥିଲେ ମଧ୍ୟ ଗୃହ ମଧ୍ୟରେ ହୋହାଲ୍ଲା କରିନାହିଁ। ସେଥିପାଇଁ ପ୍ରଧାନମନ୍ତ୍ରୀ ବିଜେଡିକୁ ପ୍ରଶଂସା କରିଛନ୍ତି। କେବଳ ପ୍ରଶଂସା କରିନାହାନ୍ତି, ବିରୋଧୀ ଦଳର ଭୂମିକା କେମିତି ହେବା ଦରକାର ସେନେଇ ମଧ୍ୟ ସୂଚାଇଛନ୍ତି। ପ୍ରଶ୍ନ ବାହାରେ ଅନେକ ଆଲୋଚନା ହେଉଥିବାରୁ ନୂଆ ବିଧାୟକମାନେ କହିବାକୁ ସୁଯୋଗ ପାଉନାହାନ୍ତି। ଏଥିପ୍ରତି ଦୃଷ୍ଟି ଦେବାକୁ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିରୋଧୀ ଦଳର ଉପନେତା ବିଷ୍ଣୁଚରଣ ସେଠୀ ଅମରଙ୍କୁ ଆକ୍ଷେପ କରି କହିଲେ ଯେ ବିଗତ ଅଧିବେଶନରେ ଆପଣ ମଧ୍ୟ ବାଚସ୍ପତିଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ। ଗୃହ ଯେମିତି ପରିଚାଳନା ହେଉଛି, ତାହା ସମସ୍ତେ ଜାଣନ୍ତି। ଗୃହ କାର୍ଯ୍ୟ ନଷ୍ଟ ନ ହେବ ବୋଲି ଆମେ ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଇଥିଲୁ। ପ୍ରଧାନମନ୍ତ୍ରୀଙ୍କ କଥାକୁ ନେଇ ବିଜେଡି ସାର୍ଟିଫିକେଟ୍ ଗୋଟାଉ ବୋଲି ସେ କହିଥିଲେ। କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା କହିଲେଯେ, ପ୍ରଧାନମନ୍ତ୍ରୀ ବିଜେଡିକୁ ପ୍ରଶଂସା କରିବା ପରେ ଏତେ ଚିତ୍କାର କରୁଥିବା ଭାଜପା ସଦସ୍ୟମାନେ ପୂରା ଚୁପ ହୋଇ ଯାଇଛନ୍ତି।



## ଜିଲା ଟିଠି
## ଯାଜପୁର

### ଉପୁରିଆ ବିକାଶ

ପ୍ରକୃତି ଦତ୍ତ ନଦୀ, ନାଳ ପ୍ରଭୃତି ଜଳଉତ୍ସ ଯାଜପୁରରେ ଭରପୂର ରହିଛି। ଜିଲାର ସୁକିନ୍ଦା, ଦାନଗଦୀ, ଧର୍ମଶାଳା, ରସୁଲପୁର, ବରୀ ଓ ଯାଜପୁର ବ୍ଲକ ଦେଇ ବ୍ରାହ୍ମଣୀ ଓ ଖରସ୍ରୋତା, କୋରେଇ, ଯାଜପୁର, ଦଶରଥପୁର ଓ ବିଞ୍ଝାରପୁର ବ୍ଲକ ଦେଇ ବୈତରଣୀ ଓ ଏହାର ଶାଖା ନଦୀ ପ୍ରବାହିତ ହେଉଛି। ବାକି ବଡ଼ଚଣା ବ୍ଲକକୁ ବିରୂପା ଓ କେଲୁଅ, କୁଶେଇ ଆଦି ନଦୀ ଲାଗିଛି। ଏହାବାଦ ଛୋଟବଡ଼ ଝରଣା ପ୍ରବାହିତ ହେଉଛି। ବ୍ରିଟିଶ ଅମଳରୁ ନିର୍ମିତ ବୈତରଣୀ-ବୁଢ଼ା ଆନିକଟ ଦ୍ୱାରା ଯାଜପୁର, ଦଶରଥପୁର ଓ ବିଞ୍ଝାରପୁର ବ୍ଲକର ମାତ୍ର ୧୩,୦୯୯ ହେକ୍ଟର ଜମିରେ ଜଳସେଚନ ହୋଇ ଆସୁଥିବା ଦାବି କରାଯାଉଛି। ଏହାବାଦ ଜଗତପୁର-ଜେନାପୁର କେନାଲ ସାହାଯ୍ୟରେ ୯,୦୭୪ ହେକ୍ଟର ଜମିରେ ଖରିଫ ଋତୁରେ ପାଣି ମାଡିଥାଏ। ଜିଲାର ୧,୪୫,୪୫୦ ହେକ୍ଟର ଚାଷ ଉପଯୋଗୀ ଜମି ମଧ୍ୟରୁ ଖରିଫ ଋତୁରେ ୬୬,୬୧୩ ହେକ୍ଟର ଏବଂ ରବି ଋତୁରେ ୩୮,୦୫୪ ହେକ୍ଟର ଜମିରେ ଜଳସେଚନ ସୁବିଧା ରହିଥିବା ପ୍ରଶାସନ ପକ୍ଷରୁ କୁହାଯାଉଛି। ହେଲେ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ। ଶତାଧିକ କ୍ଷୁଦ୍ର ଜଳସେଚନ ଓ ଉଠାଜଳସେଚନ ପ୍ରକଳ୍ପ କାମରେ ଆସୁନାହିଁ। ଜଳସେଚନ କ୍ଷେତ୍ରକୁ ଅବଲୋକନ କଲେ ଏହା କେବଳ ଉପୁରିଆ ବିକାଶ ବୋଲି ସହଜେ ଅନୁମେୟ। କୋର ନେଟୱାର୍କ ହିସାବରେ ଯାଜପୁର ଜିଲାର ମୋଟ ୧୬୮୧ ରୁ ୧୩୩ଟି ଗ୍ରାମକୁ ଅଦ୍ୟାବଧି ସଡକ ସଂଯୋଗ କରିବା ପାଇଁ ବାକି ଅଛି। ଯେଉଁ ଅଞ୍ଚଳର ଗମନାଗମନ ଯେତେ ସୁଦୃଢ ସେହି ଅଞ୍ଚଳ ସେତେ ଉନ୍ନତ ବୋଲି ବିଶ୍ୱାସ ରହିଛି। କିନ୍ତୁ ଦୁର୍ବଳ ନେତୃତ୍ୱ ତଥା ଠିକାଦାରି ରାଜନୀତି ବିକାଶର ଧାରାକୁ ପଛକୁ ପକାଇ ଦେଇଥିବାବେଳେ ଉପୁରିଆ ବିକାଶ କଥା କହି ବାହୁସ୍ଫୋଟ ମାରିବା ଏଠାରେ ସାର ହେଉଛି। ଫଳରେ ଏବେବି ଜିଲାର ଅଧିକାଂଶ ଅଞ୍ଚଳରେ ଲୋକଙ୍କ ଜୀବନଧାରଣ ମାନରେ ସେତେଟା ଉନ୍ନତି ପରିଲକ୍ଷିତ ହୋଇନାହିଁ। ଜିଲାର ପ୍ରତିନିଧିତ୍ୱ କରୁଥିବା ରାଜନୈତିକ ନେତୃବର୍ଗ ଏବଂ ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଓ ଆନ୍ତରିକତା ଅଭାବ ଯୋଗୁ ଜିଲାର ବିକାଶ ପରାହତ ହେଉଛି। ଦାୟିତ୍ୱରେ ଥିବା ଅଧିକାଂଶ ଅଧିକାରୀ ଓ କର୍ମଚାରୀ ଦୁର୍ନୀତିରେ ବୁଡି ରହିଛନ୍ତି। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ସରକାରଙ୍କ ୫-ଟି ଆଇନ ସେଭଳି ଢଙ୍ଗରେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଫଳରେ ଉପୁରିଆ ବିକାଶ କଥା ଆଳରେ ବାସ୍ତବ ବିକାଶର ଧାରା ପଛକୁ ଠେଲି ହୋଇ ଯାଉଛି।

- ହର୍ଷବର୍ଦ୍ଧନ ବେହେରା

# ଆଜି ପ୍ରଥମାଷ୍ଟମୀ, ପୋଢୁଆଁ ହେବେ ମହାପ୍ରଭୁ

ପୁରୀ ଅଫିସ/ନିଆଳି (ଡି.ଏନ୍.ଏ.) ୧୯।୧୧

ବୁଧବାର ପ୍ରଥମାଷ୍ଟମୀ। ପୋଢୁଆଁ ହେବେ ମହାପ୍ରଭୁ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ନିଆଳି ମାଧବ ମନ୍ଦିରରୁ ଆସିଛି ପୋଢୁଆଁ ଭାର। ତେବେ ଏହାକୁ ନେଇ ଏବେ ଦ୍ୱିମତ ପ୍ରକାଶ ପାଇଛି। ମହାପ୍ରଭୁଙ୍କ ମାମୁଘର ନିଆଳି ମାଧବାନନ୍ଦ ଜୀଉ ବୋଲି ଦର୍ଶାଯାଇ ସେଠାରୁ ଏହି ଭାର ଆସିଥିବାବେଳେ ଶ୍ରୀମନ୍ଦିର ପ୍ରଶାସନ କିନ୍ତୁ ଏହାକୁ ଭକ୍ତଙ୍କ ଦାନ ଆକାରରେ ଗ୍ରହଣ କରିଛି। ଫଳରେ ମହାପ୍ରଭୁଙ୍କ ମାମୁଘରକୁ ନେଇ ପୁଣି ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

ମଙ୍ଗଳବାର ନିଆଳି ମାଧବ ମନ୍ଦିରରୁ ଏହି ପୋଢୁଆଁ ଭାର ଆସିଥିଲା। ଏହି ଭାର ସହ ଶୋଭାଯାତ୍ରାରେ ସଂକୀର୍ତ୍ତନ ଦଳ, ରାଧା-କୃଷ୍ଣ ନୃତ୍ୟ ଦଳ, ରାସ ଦଳ, ଗବେଷକ, ପ୍ରବାଚକ, ଜଗତ୍‌ସିଂହପୁରସ୍ଥିତ ଶ୍ରୀଜଗନ୍ନାଥ ଚେତନା ସୁରକ୍ଷା ପରିଷଦ, ନିଆଳି ମାଧବଜୀଉ ବିକାଶ ପରିଷଦ, ମାଧବାନନ୍ଦ ଜୀଉ ଟ୍ରଷ୍ଟ ବୋର୍ଡର ଶତାଧିକ ଭକ୍ତ ଅପରାହ୍ନରେ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରେ ଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ, ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନ ଓଡ଼ିଶା ରାଜ୍ୟ ସଭାପତି ବଦ୍ରି ମିଶ୍ର ଏମାନଙ୍କୁ ସ୍ୱାଗତ କରିଥିଲେ। ନିଆଳି ମାଧବ ମନ୍ଦିର ସେବାୟତ ତ୍ରିଲୋଚନ ପୁଷ୍ପାଳକ, ଅଶୋକ ପୁଷ୍ପାଳକ ଓ ସରୋଜ ନାୟକଙ୍କ ନେତୃତ୍ୱରେ ଗବେଷକ ଧୃତିଧର ଦାଶ, ଅରୁଣ ଆଚାର୍ଯ୍ୟ, ଆର୍ତ୍ତତ୍ରାଣ ପତି, ଶଶିଭୂଷଣ ପରିଡ଼ା, ବିଦ୍ୟାଧର ରାଉତ, ନ୍ୟାୟବ୍ରତ ରାଉତଙ୍କ ପରିଚାଳନାରେ ଏହି ଭାର ସିଂହଦ୍ୱାରଠାରେ ପହଞ୍ଚିଥିଲା। ଏ ସମ୍ପର୍କରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ନିଆଳି ମାଧବ ମନ୍ଦିର ମହାପ୍ରଭୁଙ୍କ ମାମୁଘର ବୋଲି ଦର୍ଶାଯାଇ ପ୍ରଥମାଷ୍ଟମୀରେ ପୋଢୁଆଁ ବସ୍ତ୍ର ଓ ସାମଗ୍ରୀ ଗ୍ରହଣ କରିବା ଲାଗି ମନ୍ଦିର ପ୍ରଶାସନକୁ ଅନୁରୋଧ କରାଯାଇଥିଲା। ସେମାନଙ୍କ ଅନୁରୋଧକୁ ରକ୍ଷା କରି ଏହାର ତର୍ଜମା କରାଯାଇଥିଲା। ମହାପ୍ରଭୁଙ୍କ ମାମୁଘର ନିଆଳି ମାଧବ ବୋଲି ସେମିତି କୌଣସି ରେକର୍ଡ କିମ୍ବା ତଥ୍ୟ ନାହିଁ। ସେମାନେ ଆଜି ଯାହା ଆଣିଛନ୍ତି ତାହା ସାଧାରଣ ଭକ୍ତଙ୍କଠାରୁ ଯେଉଁଭଳି ଭାବେ ଦାନ ଗ୍ରହଣ କରାଯାଏ ସେହିଭଳି ଦାନ ଆକାରରେ ଗ୍ରହଣ କରାଯାଇଛି। ପୋଢୁଆଁ ସହିତ ଏହାର କୌଣସି ସମ୍ପର୍କ ନାହିଁ।

- ନିଆଳି ମାଧବ ମନ୍ଦିରରୁ ଆସିଥିବା ଭାରକୁ ନେଇ ଦ୍ୱିମତ
- ଭକ୍ତଙ୍କ ଦାନ ଆକାରରେ ଗ୍ରହଣ କରାଯାଇଛି: ନୀତି ପ୍ରଶାସକ



କଟକ ନିଆଳିର ମାଧବ ମନ୍ଦିରରୁ ଶୋଭାଯାତ୍ରାରେ ଅଣାଯାଇଥିବା ପୋଢୁଆଁ ଭାର।

ସୂଚନାଥାଉ କି, ନିଆଳିର ମାଧବାନନ୍ଦ ଜୀଉ ମନ୍ଦିର ମହାପ୍ରଭୁଙ୍କର ମାମୁଘର ବୋଲି ଦର୍ଶାଯାଇ ପ୍ରଥମାଷ୍ଟମୀରେ ପୋଢୁଆଁ ବସ୍ତ୍ର ଓ ସାମଗ୍ରୀ ଗ୍ରହଣ କରିବା ନିମନ୍ତେ ଶ୍ରୀ ଶ୍ରୀମାଧବାନନ୍ଦ ଜୀଉ ଦେବୋତ୍ତର କାର୍ଯ୍ୟାଳୟ ପକ୍ଷରୁ ପୂର୍ବରୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ଅନୁରୋଧ କରାଯାଇଥିଲା। ଅନୁରୋଧପତ୍ରରେ ଦର୍ଶାଯାଇଥିଲା ଯେ, ମାଧବାନନ୍ଦ ଜୀଉ ମନ୍ଦିର ମହାପ୍ରଭୁଙ୍କ ମାମୁଘର ବୋଲି ଆମ ସଂସ୍କୃତିରେ ପରିଚିତ ଏବଂ ଉଚ୍ଚାରିତ। ଶ୍ରୀମନ୍ଦିର ନୀତିକାନ୍ତିରେ ମାମୁଘର ପରମ୍ପରାର ପୁନଃ ପ୍ରଚଳନର ଗୁରୁତ୍ୱ ରହିଛି। ଜଗନ୍ନାଥ ସଂସ୍କୃତିର ଆଦ୍ୟ କାଳରୁ ମାଧବାନନ୍ଦ ଜୀଉ ମନ୍ଦିର ତରଫରୁ ପ୍ରତିବର୍ଷ ମାର୍ଗଶିର କୃଷ୍ଣପକ୍ଷ ଅଷ୍ଟମୀ ଦିନ ପୋଢୁଆଁ ଭାର ଶ୍ରୀମନ୍ଦିରକୁ ପଠାଯାଏ। ସେଥିଲାଗି ମାଧବାନନ୍ଦଙ୍କ ମନ୍ଦିରରେ ସ୍ୱତନ୍ତ୍ର ମହୋତ୍ସବ ହୁଏ। କାଳକ୍ରମେ ମୋଗଲମାନେ ଶ୍ରୀମନ୍ଦିର ଆକ୍ରମଣ କରିବା ଯୋଗୁ ଠାକୁରମାନେ ବାରମ୍ବାର ଶ୍ରୀମନ୍ଦିର ଛାଡ଼ି ଦୀର୍ଘ ସମୟ ବାହାରେ ରହିଥିଲେ। ଫଳରେ ସେବେଠାରୁ ପ୍ରଥମାଷ୍ଟମୀ ପ୍ରଥା ବନ୍ଦ ହୋଇଯାଇଥିଲା। ସେହି ପ୍ରଥାକୁ ପୁନଃ ପ୍ରଚଳନ କରିବା ନିମନ୍ତେ ମନ୍ଦିର ପ୍ରଶାସନକୁ ଅନୁରୋଧ କରାଯାଇଥିଲା।

■ କୁନ୍ଦୁଲି ଗଣବଳାତ୍କାର ମାମଲା

# ଏସ୍‌ଆଇଟି ତଦନ୍ତ ଉପରେ ଭରସା କରିପାରୁନାହାନ୍ତି ପରିବାର ଲୋକେ

ଜୟପୁର, ୧୯।୧୧(ନି.ପ୍ର)

କୁନ୍ଦୁଲି ଗଣବଳାତ୍କାର ମାମଲା ଆଜକୁ ୨ ବର୍ଷରୁ ଅଧିକ ସମୟ ବିତିଲାଣି। ହେଲେ ଏହାର ସତ୍ୟତା ଆଜିବି ଲୋକ ଲୋଚନକୁ ଆସିପାରିନାହିଁ। ଏହି ମାମଲାର ତଦନ୍ତ କରିବାକୁ ଏସ୍‌ଆଇଟି ଗଠନ କରାଯାଇଛି। ହେଲେ ଏହି ଏସଆଇଟି ଉପରେ ଭରସା ନାହିଁ ବୋଲି ମଙ୍ଗଳବାର ପୀଡ଼ିତାଙ୍କ ଖୁଡ଼ୀ ରାଧିକା ଖାତି ପ୍ରକାଶ କରିଛନ୍ତି। ଦୀର୍ଘ ଦିନ ହେଲାଣି ଆମେ ସିବିଆଇ ତଦନ୍ତ ଦାବି କରି ଆସୁଛୁ। ପୀଡ଼ିତା ବଞ୍ଚିଥିବା ବେଳେ ତତ୍କାଳୀନ ଡିଆଇଜି ଏହି ଘଟଣାର ତଦନ୍ତ କରିଥିଲେ। ବର୍ତ୍ତମାନ ଝିଅ ଆତ୍ମହତ୍ୟା କରିଛି। ବାହାର ୩ ଜଣ ଡିଆଇଜି ଆସି ଆଉ ଅଧିକ କ'ଣ ତଦନ୍ତ କରିବେ ବୋଲି ସେ ଓଲଟା ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ସରକାରଙ୍କ ଲାଗି ଆମ ଝିଅର ଜୀବନ ଗଲା। ଝିଅ ବଞ୍ଚିଥିବା ବେଳେ ସରକାର ଚାହିଁଥିଲେ ସତ ବାହାରକୁ ଆଣି ପାରିଥାନ୍ତେ। ଇତିମଧ୍ୟରେ ଝିଅର ମୃତ୍ୟୁ ୨ ବର୍ଷ ବିତିଥିଲେ ମଧ୍ୟ ଏହାର ସତ୍ୟତା ପଦାକୁ ଆସୁ ବୋଲି ସରକାର ଚାହୁଁ ନାହାନ୍ତି। ରାଜ୍ୟ ସରକାର କ୍ରାଇମବ୍ରାଞ୍ଚ ତଦନ୍ତ କରିଥିଲେ, ଯାହାକୁ ଆମେ ଆରମ୍ଭରୁ ହିଁ ବିରୋଧ କରୁଥିଲୁ। ଉକ୍ତ ତଦନ୍ତକୁ ମଧ୍ୟ ହାଇକୋର୍ଟ ଠିକ୍ ହୋଇଥିବା ସ୍ପଷ୍ଟ କରିଥିଲେ। ହାଇକୋର୍ଟର ମୁଖ୍ୟ ବିଚାରପତି ମାମଲାର ଶୁଣାଣି କରି ଏସଆଇଟି ଗଠନ କରିବାକୁ ରାଜ୍ୟ ସରକାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉପଯୁକ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରି ପୀଡ଼ିତାଙ୍କ ଭାଇ ଭଗବାନ ପ୍ରଥମେ ସୁପ୍ରିମ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଘଟଣାର ସିବିଆଇ ତଦନ୍ତ ଲାଗି ପୂର୍ବତନ ଏମ୍‌ପି ଖାରବେଳ ସ୍ୱାଇଁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ୨୦୧୭ ଅକ୍ଟୋବର ୧୦ରେ କୁନ୍ଦୁଲିଠାରେ ଜଣେ ନବମଶ୍ରେଣୀ ଛାତ୍ରୀଙ୍କୁ ୪ ଜଣ ଦୁର୍ବୃତ୍ତ ଯବାନ ପୋଷାକରେ ଗଣବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ସାରା ରାଜ୍ୟରେ ନିଆଁ ଜଳିଥିଲା। ବିରୋଧୀ କଂଗ୍ରେସ ଓ ଭାଜପା ସରକାରଙ୍କୁ ଘେରିଥିବା ବେଳେ ବିଭିନ୍ନ ସାମାଜିକ ସଂଗଠନ ଓ ସ୍ୱେଚ୍ଛାସେବୀ ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ ଆନ୍ଦୋଳନକୁ ଓହ୍ଲାଇଥିଲେ। ମୁଖ୍ୟମନ୍ତ୍ରୀ ମଧ୍ୟ ଘଟଣାକୁ ନିନ୍ଦା କରିବା ସହିତ ତ୍ୱରିତ ନ୍ୟାୟ ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ଚାକିରି କରାଇଦେବାକୁ କହି ୪୮ ଲକ୍ଷ ଟଙ୍କା ଠକେଇ

ରଣପୁର, ୧୯।୧୧(ସ୍ୱ.ପ୍ର.)

- ନକଲି ଭିସା, ଫ୍ଲାଇଟ୍ ଟିକେଟ ଦେଇ ଫସିଲେ ୩ କର୍ମଚାରୀ
- ଏୟାରପୋର୍ଟରୁ ୩ କର୍ମଚାରୀଙ୍କୁ ଉଠାଇନେଲେ ଯୁବକ

ମାଲେସିଆରେ ଚାକିରି କରାଇଦେବାକୁ କହି ୪୮ ଲକ୍ଷ ଟଙ୍କା ଠକେଇ ହୋଇଛି। ନୟାଗଡ଼ ଜିଲା ରଣପୁର ବ୍ଲକ, ଖୋର୍ଦ୍ଧା ଜିଲା ବାଣପୁର, ବାଲୁଗାଁ ଅଞ୍ଚଳର ପ୍ରାୟ ୬୦ ଜଣ ଯୁବକ ଏହି ଠକେଇର ଶିକାର ହୋଇଛନ୍ତି। ନକଲି ଭିସା ଓ ଫ୍ଲାଇଟ୍ ଟିକେଟ ଦେଇ ଖସିଯାଉଥିବା ୩ କର୍ମଚାରୀଙ୍କୁ ବେକାର ଯୁବକମାନେ ଭୁବନେଶ୍ୱର ଏୟାରପୋର୍ଟରୁ ଉଠାଇଆଣି ରଣପୁର ଅଞ୍ଚଳରେ ଅଟକ ରଖିଛନ୍ତି। ହେଲେ ଏ ନେଇ ରଣପୁର ଥାନା ପୋଲିସ କିମ୍ବା କମିଶନରେଟ ପୋଲିସ ପାଖରେ ଖବର ନାହିଁ। ଧରପଗଡକୁ ଆଖିଆଗରେ ରଖି ବେକାର ଯୁବକମାନେ ଅଟକ ୩ କର୍ମଚାରୀଙ୍କ ବାରମ୍ବାର ସ୍ଥାନ ବଦଳାଉଥିବା ଜଣାପଡିଛି।

ପ୍ରାପ୍ତ ସୂଚନା ଅନୁସାରେ ରଣପୁର ବ୍ଲକର ୧୭, ନୟାଗଡ଼ ବ୍ଲକର ୧୫, ବାଣପୁର, ବାଲୁଗାଁ ଅଞ୍ଚଳର ୨୮ ଏପରି ମୋଟରେ ୬୦ ଜଣ ଯୁବକ ମାଲେସିଆରେ ଚାକିରି କରିବା ପାଇଁ ୮୦ ହଜାର ଟଙ୍କା ଲେଖାଏ ନୟାଗଡ଼ର ଜଣେ ଦଲାଲଙ୍କୁ ଦେଇଥିଲେ। ସୋମବାର ରାତିରେ ଏହି ଯୁବକମାନେ ଫ୍ଲାଇଟ୍‌ରେ ମାଲେସିଆ ଯିବାର ଥିଲା। ଏଣୁ ଯୁବକମାନେ ଭୁବନେଶ୍ୱର ଏୟାରପୋର୍ଟରେ ପହଞ୍ଚିଥିଲେ। ରାତି ପ୍ରାୟ ୧୦ଟାରେ ସେମାନଙ୍କୁ ସମ୍ପୃକ୍ତ ଦଲାଲଙ୍କ ୩ଜଣ କର୍ମଚାରୀ ଭେଟି ଭିସା ଓ ଫ୍ଲାଇଟ ଟିକେଟ୍ ଦେଇଥିଲେ। ତେବେ ଭିସାକୁ ଦେଖି କେତେଜଣ ଯୁବକଙ୍କ ସନ୍ଦେହ ହୋଇଥିଲା। ସେହିପରି ରାତି ୧ଟାରେ ଯେଉଁ ଫ୍ଲାଇଟ୍ ଟିକେଟ କରାଯାଇଥିଲା ତାହା ମଧ୍ୟ ସନ୍ଦେହଘେରକୁ ଆସିଥିଲା। ସେ ସମୟରେ ମାଲେସିଆକୁ କୌଣସି ଫ୍ଲାଇଟ୍ ଯାଉ ନ ଥିଲା। ଭିସା ଓ ଫ୍ଲାଇଟ ଟିକେଟ ନକଲି ବୋଲି ଜଣାପଡିବା ପରେ ବେକାର ଯୁବକମାନେ ଉତ୍ତେଜିତ ହୋଇ ନୟାଗଡ ଅଞ୍ଚଳର ମ୍ୟାନେଜର, ସେଲସ୍ ମ୍ୟାନ ଓ ଆକାଉଣ୍ଟାଣ୍ଟ ପ୍ରମୁଖ ୩ କର୍ମଚାରୀଙ୍କୁ ଉଠାଇ ନେଇଥିଲେ। ସୋମବାର ବିଳମ୍ବିତ ରାତିରୁ ଏହି ୩ ଯୁବକ ଅଟକ ଅଛନ୍ତି। ଘଟଣାର ୧୮ ଘଣ୍ଟା ବିତିଯାଇଥିଲେ ମଧ୍ୟ ପରିବାର ସଦସ୍ୟ ଓ ପୋଲିସ ଅନ୍ଧାରରେ ଅଛନ୍ତି। ଅନ୍ୟପକ୍ଷେ ଚାକିରି ପାଇବା ଆଶାରେ କିଏ ଜମି ବିକିଛି ତ ଆଉ କିଏ ସ୍ତ୍ରୀଙ୍କ ଗହଣା ବିକି ଟଙ୍କା ଦେଇଛି। କେତେଜଣ କରଜ କରି ଟଙ୍କା ଦେଇଥିବା କହିଛନ୍ତି। ଠକେଇର ଶିକାର ହେବା ପରେ ସେମାନେ ବାଧ୍ୟ ହୋଇ ୩ କର୍ମଚାରୀଙ୍କୁ ଅଟକ ରଖିଛନ୍ତି ବୋଲି ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ନୟାଗଡ଼ ଏସ୍‌ପି ଶଶିଭୂଷଣ ଶତପଥୀ କୁହନ୍ତି, ଲିଖିତ ଅଭିଯୋଗ ହୋଇନି। ତେବେ ଅଟକ କର୍ମଚାରୀଙ୍କୁ ଉଦ୍ଧାର କରାଯିବା ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ, ଗୁଜୁରାଟ
9157012447, 9157312448

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱର ରେ ଘରୋଇ ଗାଡି ଚଲାଇବା ନିମନ୍ତେ ଡ୍ରାଇଭର ଆବଶ୍ୟକ
ମାସିକ ଦରମା ୧୨୦୦୦/-
Ph : 7894458655
(Call Timing : 12.00-6.00 ମଧ୍ୟରେ)

REQUIRED
A LEADING DETERGENT COMPANY
of Kanpur requires experience Sales Officer and Sales Executive for all District of Odisha.
Mail - psenterprise97@gmail.com
Contact : 9437004176, 7289899143

REQUIRED
For Accountant Qualification - Graduation in Commerce with PGDCA and 2 years Experienced in Accounts.
Age - 22 years on words
Contact No. 8249808851 7978388286

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above.
Monthly Salary Rs.27,000/-.
Part Time / Full Time
Contact: 9938676412

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

REQUIREMENT
Sales Manager - 4 Nos.
For Bhubaneswar with Good Salary
Contact : 9778239557

ଆବଶ୍ୟକ "ଡିମାଣ୍ଡ ମସଲା" ଏବଂ "ଡିମାଣ୍ଡ ବଜାର" କମ୍ପାନୀ ପାଇଁ ଜିଲା/ବ୍ଲକ/ପଞ୍ଚାୟତ ସ୍ତରୀୟ ଉଭୟ ପୁରୁଷ/ମହିଳା Stockist, Distributor, Business Development Manager, Sales Officer ଆବଶ୍ୟକ। ଦରମା: ଟ. ୧୦,୦୦୦/- ରୁ ଟ.୨୦,୦୦୦/- + ବୋନସ୍। ଶିକ୍ଷାଗତ ଯୋଗ୍ୟତା: ମ୍ୟାଟ୍ରିକ୍ ପାସ୍/ଫେଲ୍, +୨, +୩, BCA, BBA, MBA ତଦୂର୍ଦ୍ଧ୍ୱ।
9938826988, 7064545450, 8338055696

WALK-IN-INTERVIEW
ଭୁବନେଶ୍ୱରସ୍ଥିତ ପେଟ୍ରୋଲ ପମ୍ପରେ ତେଲ ପକାଇବା ନିମନ୍ତେ ବ୍ୟକ୍ତି ଆବଶ୍ୟକ। ଦରମା - ମୋଟ ୧୨,୨୦୦/- ମାସିକ
ଯୋଗାଯୋଗ ସ୍ଥାନ - Indian Oil Petrol Pump, ଡମଣା ଛକ ଓ ପଟିଆ ଛକ ମଧ୍ୟରେ, (ଦିବା ୧୨ ରୁ ସନ୍ଧ୍ୟା ୬ ମଧ୍ୟରେ) ଯୋଗାଯୋଗ ବ୍ୟକ୍ତି - ଶ୍ରୀ ପ୍ରଦୀପ କୁମାର ନାୟକ ଓ ପ୍ରଶାନ୍ତ କୁମାର ଜେନା

ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି ପାଇଁ
ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ ଆବଶ୍ୟକ।
ଯୋଗ୍ୟତା - ୧୦ମ ରୁ ଊର୍ଦ୍ଧ୍ୱ
ଦରମା - ୭୫୦୦/- ରୁ ୪୨୫୦୦/-
7894509327

RAILWAY JOB
• SUPERVISORS (+2,+3) : Rs.15000/-
• SITE INCHARGE (+2,+3) : Rs.17000/-
• GOOD GUARD (10th) : Rs.9000/-
Posting- Bhubaneswar, Raygada, Jharsuguda, Rourkela, Dhamara Talcher, Ganjam, Paradeep, Joda
7327065424, 8895725158

GANDHI INSTITUTE OF TECHNOLOGY AND MANAGEMENT (GITAM)
BHUBANESWAR
Saraswati vihar, Gramadiha; Gangapada.
Khurda - 752054, Ph 0674 - 2113255, web: gitam.ac.in
Email : caa@gitam.ac.in
APPOINTMENTS
Interested candidates may apply for the following posts with their complete resume to the e-mail provided within seven days of this advertisement.
• Principal : PhD. with 15 years of Experience.
• Associate Prof. /Asst. Prof. in ( MECH,CSE, CIVIL,EE, EEE, Science & Humanities ( Mathematics, Physics, Chemistry, English, MBA)
• Laboratory Demonstrator : MECH / CSE / ECE / EEE / EE / CIVIL
• System Administrator :
• Hostel Superintendent • Yoga Instructor • Music and Dance Trainer • Public Relation Officer • Supporting staff
• Horticulturist • Security Guard • Welder
NB: Educational qualification should be as per AICTE norms and conditions.

URGENTLY REQUIRED
A 4 wheeler automobile dealership requires Cashier, Floor Manager, Sales Consultant, HR Executive and Driver.
Contact: 09556202934 Email: edp.bhubaneswar@renault-india.com, siddharth9909@gmail.com

STAFF REQUIRED
For Kalpataru Nuts Pvt. Ltd.
Pvt. Ltd. Company Based in Berhampur.
Posts : Accounts Manager (Male / Female), MBA with 3+ Year experience for Berhampur Office. Factory Manager required for below 3 units.
Experience 10+ Years
Prayagi (Ganjam)
Keshpur (Ganjam)
Angargoan (Ganjam)
Accountant and Account Manager, Location - Ballipada (Male / Female)
Tally with 3 + years experience
Contact : 9937426666
kpnutspvtltd@gmail.com

ନୋଟିସ୍
ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

See Career Appointment on every Wednesday & Saturday



## ଗୋଲାପ ଗଛର କାଣ୍ଟ-ଛାଣ୍ଟ ନ କଲେ...

ଗୋଲାପ ଚାଷରେ କାଣ୍ଟଛାଣ୍ଟ ଏକ ପ୍ରଧାନ ପ୍ରକ୍ରିୟା। ପ୍ରତିବର୍ଷ ଗୋଲାପ ଗଛରୁ ଅନେକ ଗୁଡିଏ ନୂଆଡାଳ ବାହାରେ ଓ ଗଛ ଝଙ୍କାଳିଆ ହୋଇଯାଏ। ଏଗୁଡିକ କାଟି ନ ଦେଲେ ଫୁଲର ଆକାର ଛୋଟ ହୁଏ ଏବଂ ପରେ ଫୁଲ ଅମଳ କମିଯାଏ। ଗଛକୁ କାଣ୍ଟଛାଣ୍ଟ କରି ଅଳ୍ପ କେତେକ ସୁସ୍ଥ ସବଳ ଡାଳ ରଖିଲେ ଏହା ବଡ ତଥା ଉଚ୍ଚମାନର ଫୁଲ ଉତ୍ପନ୍ନ କରେ। ସାଧାରଣତଃ କାଣ୍ଟଛାଣ୍ଟ କରାଯିବାର ୬-୮ ସପ୍ତାହ ମଧ୍ୟରେ ପ୍ରଥମ ଫୁଲ ଆସିଥାଏ। କାଣ୍ଟଛାଣ୍ଟ କରିବା ସମୟରେ ବୁଦା ପ୍ରତି ୬-୧୦କେଜି ସଢ଼ା ଗୋବର ଖତ ପ୍ରୟୋଗ କରନ୍ତୁ। ଖତ ପ୍ରୟୋଗ ପରେ ବୁଦା ମୂଳରେ ଯଥେଷ୍ଟ ପାଣି ଦିଅନ୍ତୁ। କାଣ୍ଟଛାଣ୍ଟ କରିବାର ୭-୧୦ଦିନ ପରେ ବୁଦା ପ୍ରତି ୧୦୦ଗ୍ରାମ୍ ହିସାବରେ ସାର ପ୍ରୟୋଗ କରନ୍ତୁ।

## ଧନିଆ କିସମ



ସାଧାରଣତଃ ଧନିଆ ଅକ୍ଟୋବରରୁ ନଭେମ୍ବର ମାସ ପର୍ଯ୍ୟନ୍ତ ଏହାକୁ ଚାଷ କରାଯାଏ। ସି.ଓ -୧,ସି.ଓ-୨,ସିଓ-୩,ସ୍ୱାତୀ ,ସାଧନା,ଲାମସିଲେକ୍ସନ,ଓ ୟୁଡି ଆଦି କିସମ ବ୍ୟବହାର କରନ୍ତୁ। ଜମିକୁ ଭଲଭାବରେ ଚାଷ କରି ମାଟିଗୁଣ୍ଡକରି ଶେଷ ଓଡ ଚାଷରେ ଏକର ପ୍ରତି ୧ଟନ୍ ସଢ଼ା କମ୍ପୋଷ୍ଟ ଖତ ପ୍ରୟୋଗ କରନ୍ତୁ। ଏହା ସହିତ ଏକର ପ୍ରତି ୪କିଗ୍ରା ଯବକ୍ଷାରଜାନ ଓ ୧୬କିଗ୍ରା ଫସଫରସ ସାର ମାଟିରେ ମିଶାନ୍ତୁ। ୧୫ବର୍ଗ ମିଟର ଛୋଟ ପଟାଳି କରି ଚାରିପଟେ ପାଣି ନାଳି ଛାଡନ୍ତୁ। ଏକର ପ୍ରତି ୬କିଗ୍ରା ବିହନକୁ ଥିରାମ ବା କାପଟାନ୍‌ରେ ବିଶୋଧନ କରି ୧୦-୧୨ଘଣ୍ଟା ପାଣିରେ ଭିଜାଇ ଛୋଟ ଛୋଟ ପଟାଳି ରେ ୨୫ରୁ ୩୦ସେ.ମି ବ୍ୟବଧାନରେ ଧାଡିରେ ବୁଣନ୍ତୁ।

## ବାମନ କଦଳୀ

ଶୁଖିଲା ପାଗ ଓ ଉପଯୁକ୍ତ ତାପମାତ୍ରା ଯୋଗୁ ନଭେମ୍ବର ମାସ ହେଉଛି ବାମନ କଦଳୀ ଲଗାଇବାର ପ୍ରକୃଷ୍ଟ ସମୟ। କ୍ୟାଭେଣ୍ଡିସ ଓ ରୋବେଷ୍ଟା ଆଦି କିସମ ଲଗାନ୍ତୁ। ୨x୨ମିଟର ଦୂରତାରେ ୦.୫x୦.୫x୦.୫ ମିଟର ଗାତକରି ଗଛ ଲଗାନ୍ତୁ। ବଳିଷ୍ଟ ଖଣ୍ଡାପୁଆ (୩ରୁ ୪ମାସିଆ)୩୦୦ରୁ ୪୦୦ଗ୍ରାମ୍ ଓଜନର ରୋଗ ବିହୀନ ପୁଆ କିମ୍ବା ଟିସୁ କଲଚର ପୁଆ ଲଗାନ୍ତୁ।



# ସୋରିଷ ଚାଷର ସଫଳ ଉପାୟ



ଚୌଧୁରୀ ବିଚିତ୍ରାନନ୍ଦ ପ୍ରହରାଜ





ଭାରତୀୟ ରନ୍ଧନ ପ୍ରକ୍ରିୟାରେ ସୋରିଷର ଏକ ବିଶେଷ ଅବଦାନ ରହିଛି। ସୋରିଷ ତେଲ ରନ୍ଧା ତେଲ ହିସାବରେ ବ୍ୟବହୃତ ହେଉଥିବାବେଳେ ଗୋଟା ସୋରିଷ ଫୁଟଣ ହିସାବରେ, ବଟା ସୋରିଷ ମସଲା ହିସାବରେ ଏବଂ ସୋରିଷଗୁଣ୍ଡ ଆଚାରରେ ବ୍ୟବହୃତ ହୋଇଥାଏ। ବିଭିନ୍ନ ଅଞ୍ଚଳରେ ସୋରିଷ ଶାଗକୁ ପରିବା ହିସାବରେ ଖିଆଯାଉଥିଲାବେଳେ ସୋରିଷ ପିଡ଼ିଆ ଗୋଖାଦ୍ୟ ଓ ଖତ ରୂପେ ବ୍ୟବହୃତ ହୋଇଥାଏ। ଏହାଛଡ଼ା ସୋରିଷର ଅନେକ ଔଷଧୀୟ ଗୁଣ ମଧ୍ୟ ରହିଛି।

ଭାରତରେ ରାଜସ୍ଥାନ, ଗୁଜରାଟ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ହରିୟାଣା ଏବଂ ଆସାମରେ ବହୁଳ ଭାବେ ସୋରିଷ ଚାଷ ହେଉଥିଲେ ମଧ୍ୟ ଆମ ରାଜ୍ୟର କେତେକ ଅଞ୍ଚଳରେ ଚାଷୀମାନେ ସୋରିଷ ଚାଷ କରିଥାନ୍ତି। ରବିଋତୁରେ ସୋରିଷ ଚାଷ କରାଯାଇଥାଏ। ଅକ୍ଟୋବର ଶେଷଭାଗ ଏବଂ ନଭେମ୍ବର ମାସ ସୋରିଷ ବୁଣିବା ପାଇଁ ପ୍ରକୃଷ୍ଟ ସମୟ। ବାଲିଆ ଦୋରସା ଏବଂ ହାଲୁକା ମଟାଳ ମାଟିରେ ସୋରିଷ ଫସଲ ଭଲ ହୁଏ। ଶୁଷ୍କ ଏବଂ ଥଣ୍ଡା ଜଳବାୟୁ ସୋରିଷ ଚାଷ ପାଇଁ ଉପଯୁକ୍ତ। ୧୫ରୁ ୨୫ ଡିଗ୍ରୀରୁ ଆରମ୍ଭ କରି ୩୦ଡିଗ୍ରୀ ସେଣ୍ଟିଗ୍ରେଡ ତାପମାତ୍ରାରେ ମଧ୍ୟ ସୋରିଷ ଚାଷ ହୋଇପାରିବ। ସୋରିଷ ଫସଲ ପାଇଁ ମାଟିକୁ ୨ରୁ ୩ ଓଡ଼ ଚାଷ କରି ଗୁଣ୍ଡ କରନ୍ତୁ ଏବଂ ମଇ ଦେଇ ଜମିକୁ ସମତୁଲ କରନ୍ତୁ। ୧ କି.ଗ୍ରା. ମଞ୍ଜିକୁ ବୁଣିବା ପୂର୍ବରୁ ୩ ଗ୍ରାମ ଥିରାମ ବା ୧ ଗ୍ରାମ୍ ଭିଟାଭାକ୍ସ ଗୋଳାଇ ବିଶୋଧନ କରନ୍ତୁ। ଯଦି ଜମିରେ ଖାଲି ସୋରିଷ ଚାଷ ହେଉଥିବ ତାହାହେଲେ ଏକର ପିଛା ୨ରୁ ୨.୫କି.ଗ୍ରା. ସୋରିଷ ବିହନ ବ୍ୟବହାର କରନ୍ତୁ। ଯଦି ସୋରିଷ ମିଶ୍ରିତ ଫସଲ ହିସାବରେ ଚାଷ କରାଯାଉଥାଏ ତା'ହେଲେ ଏକର ପିଛା ଅଧକିଲୋରୁ ଏକ କିଲୋ ମଞ୍ଜି ବ୍ୟବହାର କରନ୍ତୁ। ସୋରିଷକୁ ଧାଡ଼ି ବା ଛଟାବୁଣା କରି ଲଗାଯାଇ ପାରେ। ସୋରିଷକୁ ଧାଡ଼ିରେ ବୁଣିଲେ ସୂର୍ଯ୍ୟାଲୋକ ଠିକ୍ ମିଳୁଥିବାରୁ ଅଧିକ ଅମଳ ମିଳେ। ସୋରିଷ ଦୁଇ କିସମର। ତୋରିଆ ଓ ରାଇ। ଅଣ ଜଳସେଚିତ ତୋରିଆ ଫସଲରେ ଏକର ପ୍ରତି ୧୬ କେ.ଜି. ଯବକ୍ଷାରଜାନ, ୮କେ.ଜି. ପଟାସ ଏବଂ ୮କେ.ଜି. ଫସଫରସ୍ ସାର ଆବଶ୍ୟକ ହୁଏ। ଅଣ ଜଳସେଚିତ ରାଇ ଫସଲରେ ଏକର ପିଛା ୨୦କି.ଗ୍ରା. ଯବକ୍ଷାରଯାନ, ୧୦କି.ଗ୍ରା. ପଟାସ ଏବଂ ୨୦ କି.ଗ୍ରା. ଫସଫରସ୍ ସାର ଦରକାର। ଜଳସେଚିତ ତୋରିଆ ଫସଲରେ ୨୦କି.ଗ୍ରା. ଯବକ୍ଷାରଯାନ, ୧୦କି.ଗ୍ରା. ପଟାସ ଏବଂ ୨୦ କି.ଗ୍ରା. ଫସଫରସ୍ ସାର ଆବଶ୍ୟକ ହୁଏ। ଜଳସେଚିତ ରାଇ ଫସଲରେ ୩୨କି.ଗ୍ରା. ଯବକ୍ଷାରଯାନ, ୧୬କେ.ଜି. ପଟାସ ଏବଂ ୧୬କି.ଗ୍ରା. ଫସ୍‌ଫରସ ସାର ଏକର ପିଛା ଆବଶ୍ୟକ ହୋଇଥାଏ। ଅଣଜଳସେଚିତ ଫସଲରେ ସମସ୍ତ ସାର ମଞ୍ଜି ବୁଣିବା ପୂର୍ବରୁ ପ୍ରୟୋଗ ହୁଏ। ଜଳସେଚିତ ଫସଲରେ ସମଗ୍ର ଯବକ୍ଷାରଯାନ, ପଟାସ, ଫସଫରସ ସାରର ଅଧା ମୂଳ ସାର ହିସାବରେ ପ୍ରୟୋଗ ହେଉଥିଲାବେଳେ ଅବଶିଷ୍ଟ ସାର ବୁଣିବାର ୩ ସପ୍ତାହ ପରେ ଘାସ ବାଛି ପ୍ରୟୋଗ କରାଯିବା ଉଚିତ। ସଲଫର ଓ ବୋରନ ଅଭାବ ଥିବା ମାଟିରେ ଏକର ପିଛା ୮କି.ଗ୍ରା. ସଲଫର ଏବଂ ୪୦୦ ଗ୍ରାମ ବୋରନ ପ୍ରୟୋଗ କରିବା ଉଚିତ।

ବହଳିଆ ଗଛ ଉଠିଥିଲେ ଗଛକୁ ପତଳା କରି ଠିକ୍ ଦୂରତା ରଖିବା ଆବଶ୍ୟକ। ଜଳସେଚିତ ଫସଲ ହୋଇଥିଲେ ଗଛ ଉଠିବାର ୨୫ଦିନ ପରେ ପ୍ରଥମ ଓ ଫଳ ଧରିବା ଅବସ୍ଥାରେ ଦ୍ୱିତୀୟ ଥର ପାଇଁ ଜଳସେଚନ କରନ୍ତୁ। ସୋରିଷ ଫସଲରେ ଜଉପୋକ, କରତିଆ ମାଛି, ଚିତ୍ରିତ ବଗ୍‌ପତ୍ର, ସୁଢ଼ଙ୍ଗୀ ପୋକ ଇତ୍ୟାଦି ଦେଖାଯାଇଥାନ୍ତି। ଅନ୍ୟାନ୍ୟ ପୋକ ପାଇଁ କ୍ଲୋରୋପାଇରିଫସ୍ ଏବଂ ଜଉପୋକ ପାଇଁ ୨% ଡାଇମିଥୋଏଟ୍ ସିଞ୍ଚନ କରି ପୋକ ନିୟନ୍ତ୍ରଣ କରିହେବ। ସେହିଭଳି ପତ୍ରପୋଡ଼ା, ପତ୍ରଦାଗ, ଧଳାଫିମ୍ପି ଏବଂ ପାଉଁଶିଆ ଫିମ୍ପି ରୋଗ ପାଇଁ ମାନ୍‌କୋଜେବ ଏବଂ ସଲଫର-୭୫ ଗୁଣ୍ଡର ୫ ପ୍ରତିଶତ ଦ୍ରବଣ ସିଞ୍ଚନ କରି ରୋଗ ଦାଉରୁ ସୋରିଷ ଫସଲକୁ ରକ୍ଷା କରାଯାଇଥାଏ।

ଗଛରେ ଛୁଇଁଗୁଡ଼ିକ ହଳଦିଆ ପଡ଼ିଗଲେ ଏବଂ ଗଛରୁ ପତ୍ର ଝଡ଼ିବା ଅବସ୍ଥାରେ ସୋରିଷ ଗଛଗୁଡ଼ିକୁ କାଟନ୍ତୁ। ଗଛ କାଟିଲା ପରେ ସେଗୁଡ଼ିକୁ ବିଡ଼ା ବାନ୍ଧି ୫ରୁ ୬ଦିନ ଟାଣ ଖରାରେ ଶୁଖାନ୍ତୁ। ଶୁଖିଯାଇଥିବା ସୋରିଷ ବିଡ଼ାଗୁଡ଼ିକ ପିଟି କିମ୍ବା ବାଡ଼ିରେ ପିନ୍ଧି ସୋରିଷ ଅମଳ କରନ୍ତୁ ଏବଂ ମଞ୍ଜିକୁ ଭଲଭାବରେ ପାଛୁଡ଼ି ଶୁଖାଇ ରଖନ୍ତୁ। ଉତ୍ତମ ତୋରିଆ ଚାଷରେ ଏକର ପିଛା ୩ରୁ ୪ କୁଇଣ୍ଟାଲ ଅମଳ ମିଳିଥାଏ ଏବଂ ରାଇସୋରିଷରୁ ତୋରିଆ ଅପେକ୍ଷା ଅଧିକ ଅମଳ ମିଳିଥାଏ।

ଆମ ରାଜ୍ୟରେ ଏମ-୨୭, ପିଟି-୩୦୩ , ପିଟି ୫୦୭, ବିନୟ, ପାର୍ବତୀ, ଅନୁରାଧା ଓ ଅଧିକ ଅମଳକ୍ଷମ ତୋରିଆ ସୋରିଷ ଚାଷ କରାଯାଉଥିଲାବେଳେ ପୁଷା ବାହାର, ପୁଷାଜୟ କିଷାନ, ବରୁଣ, କ୍ରିଷ୍ଣା ଓ ଲକ୍ଷ୍ମୀ ଆଦି ଉନ୍ନତ ରାଇ ବିହନ କିସମଗୁଡ଼ିକ ଚାଷ କରାଯାଇଥାଏ। ତୋରିଆ ବିହନଗୁଡ଼ିକ ଅଢ଼େଇମାସରୁ ୩ ମାସ ମଧ୍ୟରେ ଅମଳ ହୁଏ ଏବଂ ରାଇ ବିହନ କିସମଗୁଡ଼ିକ ସାଢ଼େ ତିନିମାସରୁ ସାଢ଼େ ଚାରିମାସ ମଧ୍ୟରେ ଅମଳ ହୋଇଥାଏ।

*ମୋ: ୭୮୯୪୩୩୫୩୭୧*

## ଲାଖଚାଷ ସମ୍ପର୍କରେ...

(ଦ୍ୱିତୀୟ ଭାଗ)

କେଉଁ ଗଛରୁ ଓ କେତେ ଜମିରୁ କେତେ ଫସଲ ମିଳିବ ତାହା ଠିକ୍ ଭାବରେ କହିବା ସମ୍ଭବ ନୁହେଁ । କାରଣ ଏହା ଅଧିକ ମାତ୍ରାରେ ବାହ୍ୟ ପରିବେଶ ଉପରେ ନିର୍ଭର କରେ ଯଥା- ଜଳବାୟୁ, ଉତ୍ତାପର ପରିମାଣ, ଫସଲ ସମୟରେ ବୃଷ୍ଟି, ଶତ୍ରୁକୀଟ, ନିୟମିତ ବୃକ୍ଷ ସଂସ୍କରଣ, ଆଶ୍ରୟ ବୃକ୍ଷ, ବିହନ ଲାଖର ମାନ ଇତ୍ୟାଦି । କୁସୁମୀ ଲାଖ (ଅଘାନୀ ଏବଂ ଜେଠୁଇ) ବିହନ ସଞ୍ଚରଣ ୫/୬ ମାସ ପରେ ଅମଳ ମିଳିଥାଏ । ରଙ୍ଗିଣୀ ଲାଖ, କାର୍ତ୍ତିକି ଫସଲରେ ବିହନ ସଞ୍ଚରଣ ୪ ମାସରେ ଏବଂ ବୈଶାଖୀରେ ୮ ମାସରେ ଅମଳ ମିଳିଥାଏ । ଅମଳର ପରିମାଣ ବିହନ ପରିମାଣର ପ୍ରାୟ ୩ ଗୁଣ ଏବଂ ବେଳେବେଳେ ୫/୭ ଗୁଣ ପର୍ଯ୍ୟନ୍ତ ହୋଇଥାଏ । ଗୋଟିଏ ମଧ୍ୟମ ଆକୃତିର ପଳାଶ ଗଛରେ ୨-୩ କେଜି, ବରକୋଳି ଗଛରେ ୬-୭ କେଜି, କୁସୁମ ଗଛରେ ୫୦-୬୦ କେଜି ଲାଖ ଉତ୍ପାଦନ ହୁଏ ।

**ଲାଖ ନଷ୍ଟ ହେବାର ମୁଖ୍ୟ କାରଣ:** -ପ୍ରବଳ କୁହୁଡି, -କୁଆ ପଥର, -ଭୀଷଣ ଓ କ୍ରମାଗତ ବର୍ଷା, -ଅଧିକ ଗରମ ବା ଥଣ୍ଡା, -ଶତ୍ରୁକୀଟ, -ପକ୍ଷୀ, ବାଦୁଡି, ମାଙ୍କଡ, ଗୁଣ୍ଡୁଚିମୂଷା ଓ ମୂଷା ଏବଂ ଜଙ୍ଗଲରେ ନିଆଁ ଇତ୍ୟାଦି। ବାସ୍ତବରେ ପାରମ୍ପରିକ ଚାଷ କରି ଅନେକ କୃଷକ ଭାଇ ନିଜ ନିଜର ଗୁଜୁରାଣ ମେଣ୍ଟାଇବାରେ ଅସମର୍ଥ ହେଉଥିବା ବେଳେ ଲାଖ ଚାଷ ପରି ଏକ ଅଭିନବ ତଥା ଅଧିକ ରୋଜଗାର ପ୍ରଦାନ କରୁଥିବା ଚାଷକୁ ପ୍ରସାର ଏବଂ ଆଦୃତ କରାଇବାରେ ଭୂମିକା ଗ୍ରହଣ କରିବା ଆବଶ୍ୟକ । ଉପଯୁକ୍ତ ଜ୍ଞାନକୌଶଳ ଗ୍ରହଣ କରି ଆମ ରାଜ୍ୟର ଚାଷୀଭାଇମାନେ ଲାଖ ଚାଷ ଦ୍ୱାରା ଅଧିକ ଲାଭବାନ ହେବା ସହିତ ପରିବେଶକୁ ରକ୍ଷା କରିବାର ପଦକ୍ଷେପ ନେଇପାରିବେ ।

-ଗୟାଧର ଶିଅଳ

-ଉମାଶଙ୍କର ନାୟକ



# ପିଜୁଳି ଫସଲରେ ଫଳବିନ୍ଧା ମାଛି ଦମନ



ଡ. ବିଷ୍ଣୁଚରଣ ଜେନା



ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପନିପରିବା, ଖାଦ୍ୟ ସାମଗ୍ରୀ ସହିତ ଫଳ ଖାଇବା ଆବଶ୍ୟକ। ସମସ୍ତ ଫଳ ମଧ୍ୟରେ ପିଜୁଳି ଅତି ଉପକାରୀ। ଏପରିକି ମଧୁମେହ ରୋଗୀମାନେ ଏହି ଫଳକୁ ଖାଇବାକୁ ଡାକ୍ତରମାନେ ପରାମର୍ଶ ଦିଅନ୍ତି। ତେବେ ପିଜୁଳି ଫସଲକୁ ଆକ୍ରମଣ କରୁଥିବା ୮୦ ପ୍ରଜାତିର ପୋକ ମଧ୍ୟରୁ ଫଳବିନ୍ଧା ମାଛି ଅତ୍ୟନ୍ତ କ୍ଷତିକାରକ। ପିଜୁଳି ଫସଲକୁ ଆକ୍ରମଣ କରିବା ସହିତ ଏହା କଦଳୀ, ଲେମ୍ବୁ, ଜାମୁକୋଳି, ଆମ୍ବ, ତରଭୁଜ ଓ ଅମୃତଭଣ୍ଡା ଫସଲକୁ ଆକ୍ରମଣ କରେ। ଏହି ପୋକ ପ୍ରାୟ ୧ରୁ ୨ କିଲୋମିଟର ପର୍ଯ୍ୟନ୍ତ ଉଡିଯାଇ ଫସଲକୁ ଆକ୍ରମଣ କରନ୍ତି। ଫଳରେ ଫଳଗୁଡିକ ବଜାରରେ ବିକ୍ରି ହେବା ପାଇଁ ଉପଯୁକ୍ତ ହୁଏ ନାହିଁ।

ଏହି ପୋକଟି ବର୍ଷତମାମ ଫସଲକୁ ଆକ୍ରମଣ କରେ। ଗ୍ରୀଷ୍ମ ଋତୁରେ ଏହି ପୋକଗୁଡିକ କଖାରୁ ଜାତୀୟ ପରିବାରେ ନିଜର ବଂଶ ବିସ୍ତାର କରି ଶୀତ ଋତୁରେ ଫଳ ବଗିଚାରେ ପ୍ରବେଶ କରନ୍ତି। ପୂର୍ଣ୍ଣାଙ୍ଗପ୍ରାପ୍ତ ମାଛିଗୁଡିକ ଜଉପୋକରୁ ନିର୍ଗତ ହେଉଥିବା ମଧୁ କଣିକାକୁ ଖାଇ ବଞ୍ଚନ୍ତି। ଅତ୍ୟଧିକ ଥଣ୍ଡା ସମୟରେ ପୂର୍ଣ୍ଣାଙ୍ଗ ପ୍ରାପ୍ତ ପୋକଗୁଡିକ ନିଷ୍କ୍ରିୟ ହୁଅନ୍ତି ଏବଂ ବସନ୍ତ ଋତୁରେ ସକ୍ରିୟ ହୁଅନ୍ତି।

**କ୍ଷତି କରିବାର ଲକ୍ଷଣ :** ସ୍ତ୍ରୀ ପୋକଟି ପାଚିଲା ଫଳର ଅତି କୋମଳ ଅଂଶରେ ଅଣ୍ଡାଦିଏ। ଅଣ୍ଡାରୁ ଛୁଆ ବାହାରି ଫଳର ଭିତର ଅଂଶକୁ ଯାଇ ଏହାର ମାଂସଳ ଅଂଶକୁ ଖାଏ। ଆକ୍ରାନ୍ତ ଫଳରେ ଖାଲ ଅଂଶ ଦେଖାଯାଏ ଓ ଏଥିରେ ଗାଢ ସବୁଜ ରଙ୍ଗର ଛିଦ୍ରମାନ ଦେଖାଯାଏ। ଆକ୍ରାନ୍ତ ଫଳକୁ କାଟିଲେ ସେଥିରେ ମାଗଟ ବା ଛୁଆମାନେ ଫଳକୁ ଖାଉଥିବାର ଦେଖାଯାଏ। ପରବର୍ତ୍ତୀ ଅବସ୍ଥାରେ ଆକ୍ରାନ୍ତ ଫଳଟି ବିକୃତ ରୂପ ଧାରଣ କରେ ଏବଂ କ୍ରମଶଃ ଶଢିଯାଇ ନଷ୍ଟ ହୁଏ ଓ ତଳେ ପଡିଯାଏ। ପୂର୍ଣ୍ଣାଙ୍ଗ ମାଗଟ ଫଳରୁ ବାହାରି ଆସି ମାଟିତଳେ କୋଷାରେ ପରିଣତ ହୁଏ। ମାଟିତଳେ ୭ରୁ ୧୩ ଦିନ ରହିବା ପରେ ପୂର୍ଣ୍ଣାଙ୍ଗ ପୋକ ହୁଏ।

**ଦମନ ପ୍ରଣାଳୀ :** ଆକ୍ରାନ୍ତ ଫଳଗୁଡିକୁ ଗଛରୁ ଏବଂ ତଳୁ ସଂଗ୍ରହ କରି ପୋଡି ଦିଅନ୍ତୁ। ବଗିଚାର ମାଟିକୁ ଚାଷ କରି ସେଥିରୁ କୋଷା ସଂଗ୍ରହ କରି ପୋଡ଼ନ୍ତୁ। ମିଥାଇଲ ୟୁଜିନୋଲ ଯନ୍ତା ବଗିଚାରେ ରଖି ଫଳବିନ୍ଧା ମାଛି ସଂଗ୍ରହ କରି ମାରିଦେବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଉଛି। ଫଳଗୁଡିକ ପାକଳ ହେବା ଓ ପାଚିବା ପୂର୍ବରୁ ଗଛରୁ ତୋଳି ଦିଅନ୍ତୁ। ଫଳ ପାଚିବା ପୂର୍ବରୁ ଏକଲିଟର ପାଣିରେ ୨ ମିଲିଲିଟର ମାଲାଥିୟନ ୫୦ ପ୍ରତିଶତ ସହିତ ଏକ ଗ୍ରାମ ଗୁଡ ମିଶାଇ ୧୫ ଦିନ ବ୍ୟବଧାନରେ ଫଳ ଗଛକୁ ସମ୍ପୂର୍ଣ୍ଣ ରୂପେ ସିଞ୍ଚନ କରନ୍ତୁ।

*-ପୂର୍ବତନ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, କୀଟତତ୍ତ୍ୱ ବିଭାଗ, ଓୟୁଏଟି, ଭୁବନେଶ୍ୱର*

## ଆଖୁ ଚାଷ ଲାଗି ଜମି ପ୍ରସ୍ତୁତି

ଆମ ରାଜ୍ୟର ଜଳବାୟୁ ଦୃଷ୍ଟିରୁ ନଭେମ୍ବର ଠାରୁ ଫେବୃଆରୀ ମାସ ଶେଷ ପର୍ଯ୍ୟନ୍ତ ଆଖୁ ଲଗାଇବା ପାଇଁ ଉପଯୁକ୍ତ ସମୟ। ମନ୍ଦା ପ୍ରଣାଳୀ ଆଖୁ ଚାଷ ନିଗିଡା, ନିଶ୍ଚିତ ଜଳସେଚନ ସୁବିଧା ଥିବା ମଧ୍ୟମ କିସମ ଜମିରେ କରନ୍ତୁ। ମନ୍ଦା ପ୍ରଣାଳୀରେ ସମସ୍ତ କ୍ଷେତକୁ ଚାଷ କରିବା ଦରକାର ନାହିଁ। ତେଣୁ ଏକ ଫୁଟ ଲମ୍ବ,ଏକ ଫୁଟ ଓସାର ଓ ଏକ ଫୁଟ ଗଭୀରରେ ମନ୍ଦା ଖୋଳନ୍ତୁ। ମନ୍ଦାକୁ ମନ୍ଦା ଦୁଇ ଫୁଟ ଓ ଧାଡିକୁ ଧାଡି ଚାରି ଫୁଟ ବ୍ୟବଧାନ ରଖନ୍ତୁ। ପ୍ରତି ମନ୍ଦାର ଅଧା ପର୍ଯ୍ୟନ୍ତ ଖତ ଓ ଗୁଣ୍ଡ ମାଟିର ମିଶ୍ରଣ ପୂରଣ କରନ୍ତୁ। ଉଇ ଆକ୍ରମଣର ରକ୍ଷାପାଇଁ କ୍ଲୋରୋପାଇରିଫସ୍ ଗୁଣ୍ଡ କିମ୍ବା ତରଳ ପ୍ରୟୋଗ କରନ୍ତୁ। ଲଗାଇବା ବେଳେ ଗାତ ପିଛା ୧୫ଗ୍ରାମ ଡିଏପି ସାର ଭଲଭାବରେ ମାଟିରେ ମିଶାଇ ଦିଅନ୍ତୁ। ଆଠ ମାସିଆ ରୋଗ ପୋକ ଲାଗି ନ ଥିବା ଆଖୁ ବିହନ ଲାଗି ସଂଗ୍ରହ କରନ୍ତୁ। ଯଦି ଆଖୁ ଫସଲ ୮ମାସରୁ ଅଧିକ ହୋଇଥାଏ ତେବେ ଆଖୁ ଗଛର ଉପର ଦୁଇ ତୃତୀୟାଂଶକୁ ବିହନ ପାଇଁ ବ୍ୟବହାର କରିପାରିବେ। ଏକ ଆଖିଆ ଆଖୁ ଖଣ୍ଡ ପ୍ରତି ମନ୍ଦାରେ ୩ଟି କରି ଲଗାନ୍ତୁ। ଜମିରେ ବତର ଥିବା ଅବସ୍ଥାରେ ଆଖୁ ଲଗାଇବା ପରେ ହାଲୁକା ଜଳସେଚନ କରନ୍ତୁ।



| Dollar | Sensex | Nifty | Gold | Silver |
|---|---|---|---|---|
| 71.71 (13) | 40,469.70 (185.51) | 11,940.10 (55.60) | 39,029.00 (₹328) | 45,873.00 (₹748) |

ଭାରତରେ ବାଣିଜ୍ୟ ଲାଗି ଉନ୍ନତ ପରିବେଶ ରହିଛି। ମାତ୍ର ନିୟାମକ କ୍ଷେତ୍ରରେ ସ୍ଥିରତା ଆବଶ୍ୟକ।

– ଜେଫ୍ ବେଜୋସ, ଆମାଜନ ପ୍ରତିଷ୍ଠାତା



ବିତ୍ତୀୟ ନିଅଣ୍ଟ ଧାର୍ଯ୍ୟ ଲକ୍ଷ୍ୟକୁ ବଦଳାଇବା ନେଇ ସରକାରଙ୍କ କୌଣସି ଅଭିପ୍ରାୟ ନାହିଁ।

–ଅନୁରାଗ ଠାକୁର, ଅର୍ଥ ରାଷ୍ଟ୍ର ମନ୍ତ୍ରୀ



## ସଂକ୍ଷେପରେ

### ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ୯୫,୭୬୦ କୋଟି ଟଙ୍କାର ଠକେଇ

ନୂଆଦିଲ୍ଲୀ,୧୯-୧୧

୨୦୧୯-୨୦ ଆର୍ଥିକ ବର୍ଷର ୬ ମାସ ମଧ୍ୟରେ ଦେଶ ମଧ୍ୟରେ କାର୍ଯ୍ୟରତ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ୯୫,୭୬୦ କୋଟି ଟଙ୍କାର ଠକେଇ ସାମ୍ନାକୁ ଆସିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ଏପ୍ରିଲ-ସେପ୍ଟେମ୍ବର ସମୟରେ ବ୍ୟାଙ୍କଗୁଡ଼ିକରେ ୫୭୪୩ ଠକେଇ ଘଟଣା ସାମ୍ନାକୁ ଆସିଛି। ବ୍ୟାଙ୍କ ଠକେଇକୁ ରୋକିବା ଦିଗରେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ସୀତାରାମନ କହିଛନ୍ତି। ଭୂତ କମ୍ପାନୀ ବିରୋଧରେ କଟକଣା ମୁତାବକ ୩.୩୮ ଲକ୍ଷ ବ୍ୟାଙ୍କ ଆକାଉଣ୍ଟ ରଦ୍ଦ କରାଯାଇଛି। ଆର୍ଥିକ ଅପରାଧୀଙ୍କ ସମ୍ପତ୍ତି ବାଜ୍ୟାପ୍ତି ଲାଗି ପଦକ୍ଷେପ ଗ୍ରହଣ କରାଯାଇଥିବା ସେ କହିଛନ୍ତି।

### ରେଳ ବୋର୍ଡରୁ ବାଦ୍ ପଡ଼ିବେ ୨୫% ଅଧିକାରୀ

ନୂଆଦିଲ୍ଲୀ,୧୯-୧୧

ରେଳବୋର୍ଡରୁ ୨୫% କର୍ମଚାରୀ ବାଦ ଦେବା ଲାଗି ରେଲୱେ ମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ପଦକ୍ଷେପ ଅନ୍ତର୍ଗତ ରେଲୱେ ୨୫% କର୍ମଚାରୀଙ୍କୁ ଅନ୍ୟତ୍ର ପଠାଇ ଦେବ। ବୋର୍ଡର ସଦସ୍ୟଙ୍କ ସଂଖ୍ୟା ୨୦୦ରୁ ୧୫୦କୁ ହ୍ରାସ କରିବାକୁ ରେଲୱେ ଏଭଳି ଯୋଜନା ହାତକୁ ନେଇଛି। ବୋର୍ଡର ଦକ୍ଷତାକୁ ବୃଦ୍ଧି କରିବା ଲକ୍ଷ୍ୟରେ ଏଭଳି ନିଷ୍ପତ୍ତି ହୋଇଛି। ନିର୍ଦ୍ଦେଶକ ସ୍ତରୀୟ କିମ୍ବା ଏହାଠାରୁ ଉଚ୍ଚ ପଦବୀରେ ଥିବା କର୍ମଚାରୀଙ୍କୁ ଜୋନ ସ୍ତରକୁ ପଠାଇବା ଲାଗି ଯୋଜନା ଧାର୍ଯ୍ୟ ହୋଇଛି। ୫୦ ଅଧିକାରୀଙ୍କ ବଦଳି ନିର୍ଦ୍ଦେଶ ସୋମବାର ଜାରି ହୋଇଥିବା ରେଲୱେ ପକ୍ଷରୁ ସୂଚନା ଦିଆଯାଇଛି। ଆଇଆର୍‌ଏସ୍‌ଇ ଏବଂ ଆଇଆରଟିଏସ୍ ଭଳି କ୍ୟାଡରୁ ୧୦ ଜଣ ଲେଖାଏ, ଆଇଆର୍‌ଏସ୍‌ଏମ୍‌ଇରୁ ୬, ଆଇଆରଏସ୍‌ଇଇ,ଆଇଆର୍‌ଏସ୍ ଏସ୍‌ଇରୁ ୫ ଲେଖାଏ, ଆଇଆର୍‌ଏସ୍‌ଏସ୍ ଏବଂ ଆଇଆର୍‌ପିଏସ୍ ଭଳି ବର୍ଗରୁ ୩ ଜଣ ଲେଖାଏ ବଦଳି ହେବେ। ସେହିଭଳି ଆର୍‌ପିଏଫରୁ ଜଣେ ଲେଖାଏ ବଦଳି ହେବ ବୋଲି ଜଣାପଡ଼ିଛି।

# ଗତ ୨ ବର୍ଷରେ ନିଯୁକ୍ତି ଅଭିବୃଦ୍ଧି ମନ୍ଥର

ନୂଆଦିଲ୍ଲୀ,୧୯-୧୧




ଗତ ୨ ବର୍ଷ ମଧ୍ୟରେ ଦେଶରେ ନିଯୁକ୍ତି ଅଭିବୃଦ୍ଧି ମନ୍ଥରସ୍ଥିତିକୁ ଚାଲି ଆସିଥିବା ଏକ ନୂଆ ରିପୋର୍ଟରେ ପ୍ରକାଶ ପାଇଛି। ୨୦୧୭-୧୮ରେ ନିଯୁକ୍ତି ଅଭିବୃଦ୍ଧି ହ୍ରାସ ଘଟି ୩.୯% ରହିଥିବା ବେଳେ ଏହା ୨୦୧୮-୧୯ରେ ୨.୮%କୁ ଖସିଥିବା କେୟାର ରେଟିଂ ଏଜେନ୍ସି ପକ୍ଷରୁ ମଙ୍ଗଳବାର କୁହାଯାଇଛି। ଦେଶରେ କାର୍ଯ୍ୟ କରୁଥିବା ସମସ୍ତ କ୍ଷେତ୍ରର ପ୍ରାୟ ୧୯୩୮ କମ୍ପାନୀକୁ ନେଇ ହୋଇଥିବା ଅଧ୍ୟୟନ ଦ୍ୱାରା ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଅଧ୍ୟୟନରେ କୁହାଯାଇଛି ଯେ, ୨୦୧୮-୧୯ରେ କମ୍ପାନୀଗୁଡ଼ିକର ଭାଲ୍ୟୁ ସେଲ୍ ବା ବିକ୍ରି ୬୯ ଲକ୍ଷ କୋଟି ଟଙ୍କା ରହିଛି। ଏଥିରେ କର୍ପୋରେଟ ସମେତ ବଡ ବଡ ସୂଚୀଭୁକ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ମଧ୍ୟ ସାମିଲ କରାଯାଇଛି। ସାମ୍ପୁଲରେ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ବିଶେଷ ଭାବେ ବିଚାର କରାଯାଇନାହିଁ।

ଅଧ୍ୟୟନ ଅନୁସାରେ ୨୦୧୪-୧୫ରୁ ୨୦୧୮-୧୯(୪ ବର୍ଷ) ମଧ୍ୟରେ ନିଯୁକ୍ତି ବାର୍ଷିକ ହାରାହାରି ୩.୩% ହାରରେ ବଢ଼ିଛି। ଏହି ସମୟ ମଧ୍ୟରେ ଦେଶର ଜିଡିପି ଅଭିବୃଦ୍ଧି ୭.୫% ହାରରେ ବଢ଼ିଥିଲେ ମଧ୍ୟ ନିଯୁକ୍ତି ବୃଦ୍ଧି ଉପରେ ଏହାର ପ୍ରଭାବ କିଭଳି ରହିଛି ତାହା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହାବାଦ ବାର୍ଷିକ ଭିତ୍ତିରେ ନିଯୁକ୍ତି ବୃଦ୍ଧି କଥା ବିଚାର କଲେ ଏହା ୨୦୧୫-୧୬ରେ ଏହା ୨.୫% ଏବଂ ୨୦୧୬-୧୭ରେ ୪.୧% ରହିଛି। ଏଣୁ ଜିଡିପି ଅଭିବୃଦ୍ଧି ସହ ବାର୍ଷିକ ନିଯୁକ୍ତି ବୃଦ୍ଧିକୁ ତୁଳନା କଲେ ଏହା ପ୍ରାୟ ୪.୨%ର ଭିନ୍ନତା ଦେଖାଯାଉଛି। ଏହି ସମୟରେ ପ୍ରାୟ ଅର୍ଦ୍ଧାଧିକ କମ୍ପାନୀଙ୍କ ନିଯୁକ୍ତି କମିଥିବା ବେଳେ ପ୍ରାୟ ୩୫% ସଂସ୍ଥାଙ୍କର ନିଯୁକ୍ତି ୧୧% ବୃଦ୍ଧି ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଏହି ସଂସ୍ଥାଗୁଡ଼ିକର ନିଯୁକ୍ତି ଅଭିବୃଦ୍ଧି ବାର୍ଷିକ ୩.୩% ରହିଛି।

### ପ୍ରଭାବିତ କୋର ସେକ୍ଟର

ଦେଶର କୋର ସେକ୍ଟର ବା ପ୍ରମୁଖ ଶିଳ୍ପକ୍ଷେତ୍ର ଅଭିବୃଦ୍ଧି ଗତ କିଛି ତ୍ରୈମାସ ଧରି ପ୍ରଭାବିତ ସ୍ଥିତିରେ ରହିଛି। ବ୍ୟାଙ୍କ ଏନ୍‌ପିଏ ବୃଦ୍ଧି ଜିଡିପି ହ୍ରାସ ଭଳି ଦେଶର ବିଭିନ୍ନ ସମସ୍ୟା ଯୋଗୁ ଶିଳ୍ପଗୁଡ଼ିକ ଉପରେ ଏହାର ପ୍ରଭାବ ପଡ଼ିଛି। ଅଶୋଧିତ ତୈଳ କ୍ଷେତ୍ରରେ ମାତ୍ର କିଛି ନିଯୁକ୍ତି ସୃଷ୍ଟି ହୋଇଛି। ଉଚ୍ଚ ହାରରେ ନିବେଶ ହେଉଥିବା ଶିଳ୍ପ ଗୁଡ଼ିକରେ ସ୍ଥିତି ସମାନ ରହିଛି। ଶକ୍ତି ଏବଂ କ୍ୟାପିଟାଲ ଗୁଡ୍‌ସ କ୍ଷେତ୍ର ନକାରାତ୍ମକ ସ୍ଥିତିରେ ଥିବାବେଳେ ଭିତ୍ତିଭୂମି କ୍ଷେତ୍ରରେ ଅଭିବୃଦ୍ଧି ୦.୪% ରହିଛି। ହେଲ୍‌ଥ କେୟାର ଅଟୋମୋବାଇଲ ନିଯୁକ୍ତି ୪.୮% ରହିଛି। ଏଫ୍‌ଏମ୍‌ସିଜି ଏବଂ ବୟନ କ୍ଷେତ୍ରରେ ଏହା ୩.୩%।

## ପାସେଞ୍ଜର ଯାନ ରିଟେଲ ବିକ୍ରି ୧୧% ବୃଦ୍ଧି

ନୂଆଦିଲ୍ଲୀ,୧୯-୧୧

ଚଳିତ ବର୍ଷ ଅକ୍ଟୋବରରେ ପାସେଞ୍ଜର ଯାନର ରିଟେଲ ବିକ୍ରିରେ ୧୧% ବୃଦ୍ଧି ଘଟି ୨.୪୮ ଲକ୍ଷ ୟୁନିଟ ରହିଛି। ଗତବର୍ଷ ସମାନ ସମୟ ତୁଳନାରେ ଯାନ ବିକ୍ରିରେ ଏଭଳି ବୃଦ୍ଧିଥିବା ଜଣାପଡ଼ିଛି। ପାର୍ବଣ ଚାହିଦା ଯୋଗୁ ବିକ୍ରିରେ ଉନ୍ନତି ଆସିଛି। ୨୦୧୮ରେ ଯାନ ବିକ୍ରି ୨.୨୩ ଲକ୍ଷ ୟୁନିଟ ରହିଥିବା ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର ଆସୋସିଏଶନ ପକ୍ଷରୁ ମଙ୍ଗଳବାର ସୂଚନା ରହିଛି। ୨ ଚକିଆ ଯାନ ବିକ୍ରି ୫% ବଢ଼ି ୧୩.୩୪ ଲକ୍ଷ ୟୁନିଟ ରହିଛି। ଏହା ଗତ ବର୍ଷ ସମାନ ସମୟରେ ୧୨.୭୦ ଲକ୍ଷ ୟୁନିଟ ରହିଥିଲା। ଅକ୍ଟୋବର ମାସରେ ବାଣିଜ୍ୟିକ ଯାନ ବିକ୍ରି ୨୩% ହ୍ରାସ ଘଟିଛି। ଏହା ଗତ ବର୍ଷ ୮୭,୬୧୮ ୟୁନିଟ ରହିଥିବାବେଳେ ଚଳିତ ବର୍ଷ ୬୭,୦୬୦ ୟୁନିଟ ରହିଛି। ୩ ଚକିଆ ଯାନ ବିକ୍ରି ୪% ବଢ଼ି ୫୯,୫୬୩ ୟୁନିଟ ଛୁଇଁଛି। ବିଭିନ୍ନ ବର୍ଗରେ ଯାନ ବିକ୍ରି ୪% ବଢ଼ିଛି। ଏହି ବର୍ଷ ଅକ୍ଟୋବରରେ ୧୬.୩୮ ଲକ୍ଷ ୟୁନିଟ ଥିବାବେଳେ ଚଳିତ ବର୍ଷ ସମାନ ସମୟରେ ୧୭.୦୯ ଲକ୍ଷ ୟୁନିଟ ରହିଛି। ପାର୍ବଣ ଯୋଗୁ ଚାହିଦା ଉନ୍ନତ ରହିଥିବା ଫେଡେରେଶନ ଅଫ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ୍ସ(ଫାଡ଼ା) ସଭାପତି ଆଶିଷ ହର୍ସରାଜ କାଲେ କହିଛନ୍ତି।

## ୯.୫ ଲକ୍ଷ କୋଟି ବଜାର ପୁଞ୍ଜୀକରଣ ହାସଲ କଲା ରିଲାଏନ୍ସ

ନୂଆଦିଲ୍ଲୀ,୧୯-୧୧

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ (ଆର୍‌ଆଇଏଲ୍) ଦେଶର ପ୍ରଥମ କମ୍ପାନୀ ହିସାବରେ ୯.୫୦ ଲକ୍ଷ କୋଟି ଟଙ୍କାର ବଜାର ପୁଞ୍ଜୀକରଣ ହାସଲ କରିବାକୁ ସକ୍ଷମ ହୋଇଛି। କମ୍ପାନୀର ମଙ୍ଗଳବାର ପୁଞ୍ଜୀବଜାରରେ କମ୍ପାନୀର ଷ୍ଟକ ଇଣ୍ଟ୍ରା ଡେ କାରବାର ସମୟରେ ୩% ବଢ଼ି ୧୫୦୮.୪୫ ଟଙ୍କା ରହିଥିଲା। ଅକ୍ଟୋବର ୩୧ରେ କମ୍ପାନୀର ଷ୍ଟକ ୧୪୯୦ ଟଙ୍କା ରହିଥିଲା। ୨୦୧୯ କ୍ୟାଲେଣ୍ଡର ବର୍ଷରେ ରିଲାଏନ୍ସର ଷ୍ଟକ ୩୪% ବଢ଼ିଛି। ଏହି ସମୟରେ କମ୍ପାନୀର ବଜାର ପୁଞ୍ଜୀକରଣ ୨.୩ ଲକ୍ଷ କୋଟି ଟଙ୍କା ବଢ଼ିଛି।

## ଇମ୍ଫା ପ୍ରତିଷ୍ଠାତାଙ୍କ ନାମରେ ସ୍ୱର୍ଣ୍ଣପଦକ

ଭୁବନେଶ୍ୱର,୧୯-୧୧



ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଏନ୍‌ଆଇଟି) ରାଉରକେଲାରେ ଇଣ୍ଡିଆନ ମେଟାଲ ଆଣ୍ଡ ଫେରୋଆଲଏଜ (ଇମ୍ଫା)ର ପ୍ରତିଷ୍ଠାତା ସ୍ୱର୍ଗତ ଡ. ବଂଶୀଧର ପଣ୍ଡାଙ୍କ ନାମରେ ଏକ ସ୍ୱର୍ଣ୍ଣପଦକ ସ୍ଥାପନ କରାଯାଇଛି। ଏନେଇ ଉଭୟ ସଂସ୍ଥା ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଇମ୍ଫାର କର୍ପୋରେଟ ବିଭାଗ ଉପସଭାପତି ଅଶୋକ ବେହେରା ଏବଂ ଏନ୍‌ଆଇଟି ରାଉରକେଲା ରେଜିଷ୍ଟ୍ରାର ପ୍ରଫେସର ପ୍ରଦୀପ ଦାସଙ୍କ ମଧ୍ୟରେ ରାଉରକେଲାଠାରେ ଏନେଇ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ମେଟାଲର୍ଜି ଏବଂ ମ୍ୟାଟେରିଆଲ ଇଞ୍ଜିନିୟରିଂ ବିଭାଗରେ ପ୍ରଥମସ୍ଥାନ ଅଧିକାର କରିବାକୁ ଥିବା ବିଦ୍ୟାର୍ଥୀଙ୍କୁ ପ୍ରତ୍ୟେକ ବର୍ଷ ଏହି ପୁରସ୍କାର ପ୍ରଦାନ କରାଯିବ। ୨୦୧୯ ଶିକ୍ଷାବର୍ଷଠାରୁ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ଇମ୍ଫା ପକ୍ଷରୁ କୁହାଯାଇଛି। ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଯୋଗାଇ ଦେବାରେ ଉକ୍ତ ସ୍ୱର୍ଣ୍ଣପଦକ ସହାୟକ ହେବ ବୋଲି ଇମ୍ଫାର ଏମ୍‌ଡି ଶୁଭ୍ରକାନ୍ତ ପଣ୍ଡା କହିଛନ୍ତି।

## ଏଲ୍‌ପିଜି ବିତରଣ ନେଇ ଠକ ପ୍ରସ୍ତାବ ବିରୋଧରେ ସଚେତନତା

ଭୁବନେଶ୍ୱର,୧୯-୧୧

କିଛି ଅଜଣା ବ୍ୟକ୍ତି, ନକଲି ସଂସ୍ଥା ମିଥ୍ୟା ୱେବ୍‌ସାଇଟ ପ୍ରସ୍ତୁତ କରି ଏଲ୍‌ପିଜି ବିତରକ ଏବଂ ରିଟେଲ ଆଉଟଲେଟ ଡିଲରଶିପ ଦେବା ବାହାନାରେ ଲୋକଙ୍କ ଠାରୁ ଅର୍ଥ ଆଦାୟ କରୁଥିବା ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡ଼ିକ ସାମ୍ନାକୁ ଆସିଛି। ସରଳ ଆବେଦନକାରୀଙ୍କୁ ଫସାଇବା ଲାଗି ପ୍ରକୃତ ୱେବ୍‌ସାଇଟର ଏକ ନକଲ ସ୍ୱରୂପ ମିଥ୍ୟା ୱେବ୍‌ସାଇଟ ପ୍ରସ୍ତୁତ କରାଯାଉଥିବା ଏଠାରେ ଏକ ଖବରଦାତା ସମ୍ମିଳନୀରେ କମ୍ପାନୀଗୁଡ଼ିକ ପକ୍ଷରୁ କୁହାଯାଇଛି। ଏଭଳି ଠକ ପ୍ରସ୍ତାବ ବିରୋଧରେ କମ୍ପାନୀଗୁଡ଼ିକ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଭଳି ଠକେଇରୁ ବଞ୍ଚିବା ଲାଗି ଲୋକମାନେ ତୈଳ କମ୍ପାନୀଙ୍କ ନିକଟସ୍ଥ ଶାଖା କାର୍ଯ୍ୟାଳୟ ସହ ସମ୍ପର୍କ କରିପାରିବେ। ଯଦି କୌଣସି ଲୋକ ଏ ନେଇ ସମସ୍ୟା ସାମ୍ନା କରୁଥାନ୍ତି ତେବେ ପୋଲିସର ସାଇବର କ୍ରାଇମ ଶାଖାରେ ଅଭିଯୋଗ କରିପାରିବେ। ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଏଲ୍‌ପିଜି ବିତରକ ଏବଂ ରିଟେଲ ଆଉଟଲେଟ ନିଯୁକ୍ତ କରିବା ଲାଗି ଖବରକାଗଜ ଦ୍ୱାରା ବିଜ୍ଞାପନ ଦେଇଥାନ୍ତି। ଯୋଗ୍ୟ ଆବେଦନକାରୀଙ୍କ ମଧ୍ୟରେ ଡ୍ର ଅଫ୍ ଲଟ୍ସ ମାଧ୍ୟମରେ ଚୟନ ପ୍ରକ୍ରିୟା ଆୟୋଜନ କରାଯାଇଥାଏ ବୋଲି ତୈଳ କମ୍ପାନୀଗୁଡ଼ିକ କହିଛନ୍ତି।

PARADIP PORT TRUST

EM/MM/P/GAS/02/2018/783 Dt.16.11.19

CORRIGENDUM TO E-TENDER CALL NOTICE NO. EM/MM/P/GAS/02/2018/768 DT.22/10/2019, FOR SUPPLY OF INDUSTRIAL OXYGEN AND DISSOLVED ACETYLENE GAS

The due date of submission of Tender & opening of EMD Bid is hereby further extended as below. (1) Last Date of submission of tender up to 5.00 PM of Dt. 03/12/2019. (2) Opening of EMD Bid at 3.30 PM of Dt. 05/12/2019. All other terms and conditions in the original tender remained unaltered. For details, log on to our website https://eprocure.gov.in/eprocure/app or contact the office of the undersigned.

PPT/PR/467/19-20 Date 19.11.2019

Sr. Dy. Materials Manager

CENTRAL ELECTRICITY SUPPLY UTILITY OF ODISHA

IDCO TOWERS ( II nd Floor), Janapath, Bhubaneswar-751 022

Phone : 0674-2541575, Fax : 0674- 2543125

Website : www.cescoorissa.com.

CESU /HQrs/P&S/743/ 2019-20/Vol-I/ 23378 Date: 19.11.2019

No. CAD-599:

TENDER NOTICE

Central Electricity Supply Utility of Odisha (CESU) invites bids from reputed firms to be engaged as an Executor on turnkey basis in two-part bidding system for Turnkey work for conversion of 33 KV over head line to UG cable with associated works inside Nadankanan Zoological Park under BCDD-II, Bhubaneswar. , Estimated Cost : Rs 1,66,96,414.00 , E M D : Rs 1,67,000.00 , Last date & time for submission of bid: 1.00 P.M of 10.12.19 , Date and time of opening of bid: 3.30 P.M of 10.12.19 , Non refundable Cost of Bid document :Rs. 15,000.00 + 12% GST.Pre-bid meeting will be held in the conference hall on 29.11.19 at 11.30 A.M at CESU HQrs, Bhubaneswar. For details please visit our web site : www.cescoorissa.com / www.cesuodisha.com on or after 20.11.19 . The prospective bidders are requested to follow the above CESU website from time to time for any Clarification/ Corrigendum/ Addendum against the referred Tender. The authority reserves the right to accept or reject any or whole of the offers without assigning any reason thereof.

04010/11/0007/1920

Sd/- Chief General Manager (Tech.)

NATIONAL COMPETITIVE BIDDING THROUGH e-Procurement

No. O-526

Tel. No.06752222092, e-mail id-eerwpuri@gmail.com

No:-Online- 05 Date.13.11.2019.

The Executive Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 29 Nos of works for the year 2019-20 in the district of Puri.

1.Total no. of works: 29 Nos.

2 .Tender cost of packages: Varies from Rs.6.19 lakhs to Rs.36.89 lakhs

3.Class of contractor: As per DTCN.

4.Period of completion: 2(Two), 3 (Three) & 4(Four) calendar months.

5. Period of availability of tenders on-line/ Date & time of bidding on-line/ last date of seeking clarification/ Date of opening of tender papers.

| Procurement Officer | Bid identification No. | Availability of tender on-line for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Puri. | Online- 05 | 22.11.2019 at 11.00 A.M. | 02.12.2019 up to 3.00 P.M | 30.11.2019 up to 1.00 P.M | 03.12.2019 at 11.00 A.M. Office of the E.E.,R.W.Division, Puri. |

6. Other details can be seen in the bidding documents, which is available in website "https://tendersodisha.gov.in".

25065/11/0008/1920

Executive Engineer, R.W. Division, Puri.

GOVERNMENT OF ODISHA

DAM REHABILITATION AND IMPROVEMENT PROJECT (DRIP)

World Bank - IBRD LOAN NO-7943-IN AND IDA CREDIT NO-4787-IN

E-PROCUREMENT NOTICE / INVITATIONS FOR BIDS (IFB)

NATIONAL COMPETITIVE BIDDING

ITEM RATE e-TENDER

e_mail = executiveengineereddckd@gmail.com

1. Name of the work : Civil Works.
2. Total No. of Work : 01 No.
3. Estimated Cost : Approx. Estimated Cost Rs. 26.59 Lakhs
4. Bid Security : Rs. 53200/-
5. Period of completion : 06 (Six Calendar) months.
6. Other details:

| Procurement Officer | Bid Identification No | Available of tender on-line for bidding | | Date & time of opening of tender in the office of the Sub-Divisional Officer, Satiguda Irrigation Sub-Division, Malkangiri |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Earth Dam Division, Chitrakonda, Dist. Malkangiri. | EE CKD NCB/02/ORDRIP W- 02/ 2019-20 (On Line) | 21.11.2019 at 13.00 Hours | 30.11.2019 up to 17.00 Hours | 02.12.2019 at 12.30 Hrs. ( at O/o Sub-Divisional Officer, S.I.Sub-Division,Malkangiri. |

Further details can be seen from the e-procurement portal http://tendersorissa.gov.in

32019/11/0003/1920

No. A-394

Sd/- Executive Engineer, Earth Dam Division, Chitrakonda.

CUTTACK DEVELOPMENT AUTHORITY

C.D.A.

Arunodaya Bhawan, Link Road, Cuttack - 753012 (Odisha)

Government of Odisha "e" procurement Notice

Bid Identification No. - EE, CDA, Cuttack - 01 / 2019-20

1. Nature of work : Civil works
2. No. of work : 1 No in NIT
3. Estimated Cost : Rs.7.58 lakhs
4. Tender Paper cost : Rs.4000.00
5. Class of Contractor : D & C Class
6. Available of bid document : From 02.00 P.M. of 21.11.19 to 4.00 PM of 02.12.19
7. Date of Opening of Bid : Dt.05.12.19 at 12.30 PM
8. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum / corrigendum / cancellation of tender can also be seen in the said website.

Executive Engineer

Cuttack Development Autority, Cuttack

WESCO

WESCO UTILITY

Headquarters: At/Po- Burla, Dist.-Sambalpur-768017, Odisha Ph.-0663-2432804

E-mail: purchase@wescoodisha.com / wesco@wescoodisha.com

E-TENDER NOTICE

For and on behalf of WESCO Utility, the undersigned invites tender through E-Tenders mode on two part bidding system from eligible bidders, who comply with the terms and conditions laid in the tender documents for the following materials.

1. TENDER NOTICE NO: WESCO/O&M/Safety Materials/09, Date: 14.11.2019 [ i) 11 KV Rubber Hand Gloves- 1500 ii) 33 KV Rubber Hand Gloves- 500 iii) Lineman Tool Kit – 1500 iv) Earth Discharge Rod-500.]
2. TENDER NOTICE NO: WESCO/SAUBHAGYA/AAAC (55 & 80) SQ MM/11, Dt. 18.11.2019 [ i.) 55 mm2 AAAC- 804.768Km, ii) 80 mm2 AAAC-287.544Km].
3. TENDER NOTICE NO: WESCO/SAUBHAGYA/(3X35+1X25+1X16)mm2 LT XLPE AB CABLE /12, Date: 14.11.2019-[ (3 x 35 + 1 x 25 + 1 x 16) mm2 LT XLPE Cable- 105 Km].

For detailed specification, terms and conditions, EMD. Etc. please visit our website:www.wescoodisha.com/tenders & www.tenderwizard.com/ WESCO.

The eligible bidders are requested to apply through e-tender mode only.

Sd./- General Manager (Purchase)

OFFICE OF THE CHIEF ENGINEER & BASIN MANAGER,

UPPER MAHANADI BASIN, BURLA,

Odisha, PIN-768017

A-396

E-Mail:cebmumbburla@rediffmail.com

Government of Odisha "e" Procurement Notice.

Bid Identification No. UMB-02/2019-20

On Line tenders are invited for EPC Contract (Turn Key Basis) for Gangadhar Meher Lift Irrigation Projects, Bijepur, District Bargarh in the State of Odisha from the only shortlisted bidders for the project"GangadharMeher Lift Irrigation Projects, Bijepur" made by Engineer-in-Chief, Water Resources, Odisha, Bhubaneswar.

1. Name of Work: Execution of GangadharMeher Lift Irrigation Project, Bijepur, Dist- Bargarh.
2. Period of completion: 30(Thirty) calendar months including rainy season.
3. Date & time of availability of bid document in the portal : 21.11.2019, 11.00 AM. to 23.12.2019 upto 5.00 PM.
4. Time and date for Pre-Bid Conference : 03.12.2019 at 11.00 AM .
5. Last date/Time for receipt of bids in the portal : 23.12.2019 upto 5.00 PM.
6. Name & address of the officer inviting Bid : Chief Engineer& Basin Manager Upper Mahanadi Basin, Burla Pin – 768017

Further details can be seen from the e-procurement portal "https://tendersodisha.gov.in"

32048/11/0008/1920

Sd/- Chief Engineer& Basin Manager Upper Mahanadi Basin, Burla

DSPL-153

ODISHA STATE MEDICAL CORPORATION

OSMC

Odisha State Medical Corporation Ltd.

Govt. of Odisha Undertaking

Health & Family Welfare Dept.

WE

ASSURE

QUALITY DRUGS AND

MEDICAL EQUIPMENT



e-Niramaya

10112/13/0017/1920



“ମୁଁ ବଲର ଲେନ୍ଥରେ ପରିବର୍ତ୍ତନ କରିବା ଜାରି ରଖିବି ଯାହା ବ୍ୟାଟ୍ସମ୍ୟାନଙ୍କୁ ଅନୁମାନ କରିବାକୁ ବାଧ କରିବ।
–ମହମ୍ମଦ ଶାମି, ଭାରତୀୟ ଦ୍ରୁତ ବୋଲର

“ଟେଷ୍ଟ କ୍ରିକେଟର ଲୋକପ୍ରିୟତା ଫେରାଇ ଆଣିବା ପାଇଁ ଦିବା ରାତ୍ର ଟେଷ୍ଟ ଏକମାତ୍ର ଉପାୟ ନୁହେଁ। କିନ୍ତୁ ଏହା କରାଯିବାର ଆବଶ୍ୟକତା ରହିଛି ।
–ରାହୁଲ ଦ୍ରାବିଡ୍, ପୂର୍ବତନ ଭାରତୀୟ କ୍ରିକେଟର



# ‘ରିଷ୍ଟ ସ୍ପିନରଙ୍କୁ ଫାଇଦା ମିଳିବ’

ନୂଆଦିଲ୍ଲୀ, ୧୯।୧୧(ପି.ଟି.)



ଭାରତ ଏହାର ସର୍ବପ୍ରଥମ ଦିବାରାତ୍ର କ୍ରିକେଟ ଟେଷ୍ଟ କୋଲକାତାର ଇଡେନ ଗାର୍ଡେନରେ ଖେଳିବାକୁ ଯାଉଛି। ବାଂଲାଦେଶ ବିପକ୍ଷ ଏହି ଟେଷ୍ଟ ପିଙ୍କ୍‌ବଲ୍‌ରେ ଖେଳାଯିବ। ଫ୍ଲଡ୍‌ଲାଇଟ୍‌ରେ ପିଙ୍କ୍‌ବଲର ବ୍ୟବହାର କିପରି ରହିବ ଏହାକୁ ନେଇ ବିଭିନ୍ନ ପ୍ରକାର କଳ୍ପନା ଜଳ୍ପନା ପ୍ରକାଶ ପାଉଛି। ଏହି ଟେଷ୍ଟରେ ଫିଙ୍ଗର ସ୍ପିନରଙ୍କ ଅପେକ୍ଷା ରିଷ୍ଟ ସ୍ପିନର ଅଧିକ ଉପାଦେୟ ସାବ୍ୟସ୍ତ ହେବେ ବୋଲି ଅନୁଭବ କରୁଛନ୍ତି ଟିମ୍ ଇଣ୍ଡିଆ ସିନିୟର ଅଫ୍ ସ୍ପିନର ହରଭଜନ ସିଂ। ରିଷ୍ଟ ସ୍ପିନରଙ୍କୁ ଖେଳିବା ସହଜ ହେବନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

ପିଙ୍କ୍‌ବଲ୍‌ରେ ବ୍ଲାକ୍ ଷ୍ଟିଚ୍ ରହିଥିବାରୁ ଏହାର ସିମ୍ ଧରିବା କଷ୍ଟସାଧ ହେବ। ତେଣୁ ଏ କ୍ଷେତ୍ରରେ ରିଷ୍ଟ ସ୍ପିନରମାନେ ଫାଇଦାରେ ରହିବେ ବୋଲି ସେ କହିଛନ୍ତି। ଭାରତୀୟ ଦଳରେ ଜଣେ ରିଷ୍ଟ ସ୍ପିନର କୁଲଦୀପ ଯାଦବ ରହିଛନ୍ତି। ତେବେ ହରଭଜନ ଚୟନ ପ୍ରକ୍ରିୟା ସମ୍ପର୍କରେ କିଛି କହିବାକୁ ଚାହିଁନାହାନ୍ତି। ‘‘କେଉଁମାନେ ଦଳରେ ଚୟନ ହେବେ ତାହା ଟିମ୍ ମ୍ୟାନେଜମେଣ୍ଟ ସ୍ଥିର କରିବ। ତା’ ଉପରେ ମୁଁ କିଛି ମନ୍ତବ୍ୟଦେବା ଠିକ୍ ହେବନାହିଁ। ତେବେ ସ୍ପିନରମାନେ ସେମାନଙ୍କ ଖେଳ ଦେଖାଇବା ପୂର୍ବରୁ ଦ୍ରୁତ ବୋଲରଙ୍କୁ ସୁହାଉଥିବା ପିଚ୍‌ରେ ବାଂଲାଦେଶ ବ୍ୟାଟ୍ସମ୍ୟାନଙ୍କୁ ଭାରତୀୟ ସିମରଙ୍କୁ ମୁକାବିଲା କରିବାକୁ ପଡ଼ିବ’’ ବୋଲି ହରଭଜନ କହିଛନ୍ତି। ୩ଟା ୩୦ରୁ ୪ଟା ୩୦ ମଧ୍ୟରେ କୋଲକାତାରେ ସୂର୍ଯ୍ୟାସ୍ତ ହୋଇଥାଏ। ଏହି ସମୟରେ ଦ୍ରୁତବୋଲରମାନେ ସର୍ବାଧିକ କ୍ଷତି ଘଟାଇ ଥାଆନ୍ତି। ଭବିଷ୍ୟତରେ ଦିବାରାତ୍ର ଟେଷ୍ଟ ଖେଳିବା ଜାରିରଖିବାକୁ ହେଲେ ଆମକୁ ସ୍ପିନରଙ୍କ ସମ୍ପର୍କରେ ଅଧିକ ଭାବିବାକୁ ପଡ଼ିବ ବୋଲି ସେ କହିଛନ୍ତି।

୨୦୧୬ ଦୁଲିପ ଟ୍ରଫି ପିଙ୍କ୍‌ବଲ୍‌ରେ ଖେଳାଯାଇଥିଲା। ଏଥିରେ କୁଲଦୀପ କିପରି ଘାତକ ସାବ୍ୟସ୍ତ ହୋଇଥିଲେ ତାହାକୁ ମନେ ପକାଇଛନ୍ତି ଏହି ଅଭିଜ୍ଞ ସ୍ପିନର। ‘‘୨୦୧୬ ଦୁଲିପ ଟ୍ରଫିରେ କେହି ଜଣେ ମଧ୍ୟ କୁଲଦୀପଙ୍କ ବୋଲିଂକୁ ଠିକ୍‌ଭାବେ ବୁଝିପାରି ନ ଥିଲେ। ଏହି ସଂସ୍କରଣରେ ଲେଗ୍ ସ୍ପିନରମାନେ ଅଧିକ ଉଇକେଟ ପାଇଥିଲେ। ଜଣେ ଫିଙ୍ଗର ସ୍ପିନର ବୋଲିଂ କଲାବେଳେ ବଲ୍ ସିମ୍ ସହିତ ରିଲିଜ୍ ହୋଇଥାଏ। ତେଣୁ ସେଥିରୁ ଟର୍ନ ଓ ବାଉନ୍ସ ମିଳିଥାଏ। ବୋଲର ଗୁଗ୍‌ଲି ବୋଲିଂ କଲାବେଳେ ସିମ୍ ଧରିବା କଷ୍ଟସାଧ ହୋଇଯାଇଥାଏ। ତେବେ ଫିଙ୍ଗର ସ୍ପିନର ହୋଇଥିଲେ ହେଁ ମୁଥୟା ମୁରଲୀଧରନ ଏ କ୍ଷେତ୍ରରେ ଏକ ବ୍ୟତିକ୍ରମ। ସେ ପିଙ୍କ୍ ବଲ୍‌ରେ ମଧ୍ୟ ସଫଳତା ପାଇଥାନ୍ତି। କାରଣ ସେ ଭିଡ଼ାଓଟରା ହୋଇଯାଇଥିବା ସିମ୍ ସହାୟତାରେ ଅଫ୍ ସ୍ପିନ ଏବଂ ଦୁସ୍‌ରା ବୋଲିଂ କରିପାରନ୍ତି’’ ବୋଲି ସେ କହିଛନ୍ତି।

ପିଙ୍କ୍ ଏସ୍‌ଜି ବଲ୍ ସ୍ପିନରଙ୍କ ପାଇଁ ଚ୍ୟାଲେଞ୍ଜ ସଦୃଶ। କାରଣ ଲାଇଟ୍‌ରେ ଏହା ପରିଷ୍କାର ଦେଖା ଯିବାପାଇଁ ଗାଢ଼ା ରଙ୍ଗର ପ୍ରଲେପ ବ୍ୟବହାର କରାଯାଇଥାଏ। ଗାଢ଼ା ରଙ୍ଗ ଅର୍ଥ ବଲ୍‌ର ଗ୍ରୀପ୍ ଭଲ ରହି ନ ଥାଏ। ଏ କ୍ଷେତ୍ରରେ ଫିଙ୍ଗର ସ୍ପିନରଙ୍କ ହାତରୁ ବଲ୍ ଖସିଯିବାର ସମ୍ଭାବନା ଥାଏ। କାକର ସମୟରେ ଧଳା ବଲ୍ ଓ ପିଙ୍କ୍ ବଲ୍‌ରେ ବୋଲିଂର ପାର୍ଥକ୍ୟ ସମ୍ପର୍କରେ ସେ କହିଲେ ଯେ, ଦିବାରାତ୍ର ଗେମ୍ସରେ ଧଳା ବଲ୍ ହାତରୁ ସାବୁନ ଖଣ୍ଡ ପରି ଖସିଥାଏ ବୋଲି ଅନେକଙ୍କ ଧାରଣା ରହିଛି। ମାତ୍ର ତାହା ଠିକ୍ ନୁହେଁ। ଧଳା ବଲ୍ ହାତରୁ ଖସିଥାଏ ତାହାର କାରଣ ହେଲା ତା ଉପରେ ଥିବା ଆସ୍ତରଣ ଛାଡ଼ି ଯାଇଥାଏ ଏବଂ ବଲ୍ ଓଜନିଆ ହୋଇ ଯାଇଥାଏ। ପିଙ୍କ୍ ବଲ୍‌ରେ ଅତିରିକ୍ତ ଆସ୍ତରଣ ଥିବାରୁ ଏହା ସହଜରେ ଛାଡ଼ି ନ ଥାଏ, ତେଣୁ ବଲ୍ ଓଜନିଆ ହୋଇ ନ ଥାଏ। ମାତ୍ର ଏହାର ଷ୍ଟିଚ୍ ଗୁଡ଼ିକ ଓଦା ହୋଇ ଯାଇଥାଏ, ଯାହାକି ଫିଙ୍ଗର ସ୍ପିନରଙ୍କ ପାଇଁ ସମସ୍ୟା ସୃଷ୍ଟି କରିଥାଏ।

୫୦ କିମ୍ବା ୨୦ ଓଭର ଖେଳରେ ବଲ୍ ଓଦା ହୋଇଗଲେ ଲେନ୍ଥ ପରିବର୍ତ୍ତନ କରି ବ୍ୟାଟ୍ସମ୍ୟାନଙ୍କୁ ବ୍ୟାକ୍‌ଫୁଟ୍‌ରେ ଖେଳିବାକୁ ବାଧ କରାଯାଇପାରେ। ମାତ୍ର ଟେଷ୍ଟରେ ସେପରି ଫିଲ୍ଡ ସେଟିଂ କରାଯାଇପାରିବ ନାହିଁ। ବଲ୍‌କୁ ଠିକ୍‌ଭାବେ ପିଚ୍ କରାଇବାକୁ ପଡ଼ିବ। ଓଦା ସିମ୍‌ରେ ୬ଟି ବଲ୍‌କୁ ଗୋଟିଏ ସ୍ଥାନରେ ପିଚ୍ କରାଇବା ସହଜ କଥା ନୁହେଁ। ଘରୋଇ କ୍ରିକେଟରେ ପିଙ୍କ୍‌ବଲରେ ଅଧିକ ଗେମ୍ କରାଯିବା ଆବଶ୍ୟକ। ଏହା ହେଲେ ସ୍ପିନରମାନେ ପ୍ରଭାବୀ ହୋଇପାରିବେ। ରଣଜୀ ଟ୍ରଫିରେ ଶୀର୍ଷ ସ୍ଥାନୀୟ ଜାତୀୟ ଖେଳାଳିଙ୍କ ପାଇଁ ବିସିସିଆଇ ଏକ ୱିଣ୍ଡୋ ବାହାର କରିପାରିଲେ ସେମାନେ ଅଧିକ ଅଭିଜ୍ଞ ହୋଇପାରିବେ।

**ଦିବାରାତ୍ର ଟେଷ୍ଟ**

## ଗୋଧୂଳି ସମୟ ଗୁରୁତ୍ୱପୂର୍ଣ୍ଣ



ସାଇମନ ଟଫେଲ

**କୋଲକାତା, ୧୯।୧୧ (ପି.ଟି.):** ଦିବାରାତ୍ର ଟେଷ୍ଟରେ ପିଙ୍କ୍ ବଲ୍ ବ୍ୟବହାର ହେଉଥିବାରୁ ଏହା କେବଳ ବ୍ୟାଟ୍ସମ୍ୟାନଙ୍କ ପାଇଁ ନୁହେଁ ଅମ୍ପାୟରଙ୍କ ପାଇଁ ମଧ୍ୟ ଚ୍ୟାଲେଞ୍ଜ ସଦୃଶ ହେବ। ତେଣୁ ନୂଆ ରଙ୍ଗ ସହିତ ଅଭ୍ୟସ୍ତ ହେବାପାଇଁ ଅମ୍ପାୟରମାନେ ମଧ୍ୟ କିଛି ଅଭ୍ୟାସ ସେସନରେ ଯୋଗଦେବା ଆବଶ୍ୟକ ବୋଲି ଅବସରପ୍ରାପ୍ତ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ ସାଇମନ ଟଫେଲ ପ୍ରକାଶ କରିଛନ୍ତି। ଆଡିଲେଡ୍‌ରେ ସର୍ବପ୍ରଥମ ପିଙ୍କ୍‌ବଲ୍ ଟେଷ୍ଟ ହେବା ସମୟରେ ଟଫେଲ ଆଇସିସି ଅମ୍ପାୟର ପରଫରମାନ୍ସ ଆଣ୍ଡ ଟ୍ରେନିଂ ମ୍ୟାନେଜର ଥିଲେ। ସ୍ପଷ୍ଟଭାବେ ଦେଖିବା ପାଇଁ ଅମ୍ପାୟରମାନେ କୃତ୍ରିମ ଲେନ୍ସ ବ୍ୟବହାର କରିବା ଉଚିତ ବୋଲି ସେ କହିଛନ୍ତି।

ବଲ୍‌କୁ ଭିନ୍ନଭାବେ ଦେଖିବା ପାଇଁ ଅମ୍ପାୟରମାନେ କୌଣସି ସ୍ୱତନ୍ତ୍ର ଲେନ୍ସ ବ୍ୟବହାର କରିବେ କି ନାହିଁ ତାହା ତାଙ୍କ ନିଜ ଉପରେ ନିର୍ଭରକରେ। ମାତ୍ର ସେମାନେ ଯଥା ସମ୍ଭବ ଅଧିକ ନେଟ୍ସ ସେସନରେ ଭାଗନେବା ଆବଶ୍ୟକ। ଏହା ହେଲେ ସେମାନଙ୍କ ଆତ୍ମବିଶ୍ୱାସ ବଢ଼ିବ ଏବଂ ଉପଯୁକ୍ତ ସମୟରେ ଠିକ୍ ନିଷ୍ପତ୍ତି ନେଇପାରିବେ ବୋଲି ଟଫେଲ କହିଛନ୍ତି। ଗୋଧୂଳି ସମୟରେ ଆଲୋକ ପରିବର୍ତ୍ତନ ହୋଇଥାଏ। ସେତେବେଳେ ସୂର୍ଯ୍ୟ କିରଣ ଅପେକ୍ଷା କୃତ୍ରିମ ଆଲୋକ ଅତ୍ୟନ୍ତ ଉଜ୍ଜ୍ୱଳ ରହିଥାଏ। ସେତେବେଳେ ବଲ୍ ଉପରେ ନଜର ରଖିବା ବ୍ୟାଟ୍ସମ୍ୟାନଙ୍କ ପାଇଁ ଚ୍ୟାଲେଞ୍ଜ ସଦୃଶ ହେବ। ଅମ୍ପାୟରଙ୍କ କ୍ଷେତ୍ରରେ ମଧ୍ୟ ତାହା ହେବ ବୋଲି ମୁଁ ଭାବୁଛି। ଅମ୍ପାୟରଙ୍କ ପାଇଁ ମଧ୍ୟ ଏହା ଚ୍ୟାଲେଞ୍ଜ ସୃଷ୍ଟି କରିବ ବୋଲି ଟଫେଲ ପ୍ରକାଶ କରିଛନ୍ତି। ନିଜ ପୁସ୍ତକ ‘ଫାଇଣ୍ଡିଂ ଦ ଗ୍ୟାପ୍ସ’ର ପ୍ରମୋଟ କରିବା ପାଇଁ ଟଫେଲ ଏବେ ଭାରତ ଗସ୍ତରେ ଆସିଛନ୍ତି। ସେ ଆଗାମୀ ଦିବାରାତ୍ର ଟେଷ୍ଟ ଦେଖିବା ସମ୍ଭାବନା ରହିଛି। ଦିବାରାତ୍ର ଟେଷ୍ଟ ପାଇଁ ବାଂଲାଦେଶ ଖେଳାଳିଙ୍କୁ ଅଧିକ ସତର୍କ ରହିବାକୁ ପଡ଼ିବ ବୋଲି ସେ କହିଛନ୍ତି। ଭାରତର ଅନେକ ଖେଳାଳି ଘରୋଇ କ୍ରିକେଟରେ ପିଙ୍କ୍‌ବଲ୍‌ରେ ଖେଳିବାରେ ଅଭ୍ୟସ୍ତ ଅଛନ୍ତି। ମାତ୍ର ବାଂଲାଦେଶ ଖେଳାଳଙ୍କର ଏଥିରେ ବିଶେଷ ଅଭିଜ୍ଞତା ନାହିଁ। ୨୦୧୩ରେ ବାଂଲାଦେଶ ଏକ ୪ ଦିନିଆ ଦିବାରାତ୍ର ମ୍ୟାଚ ଖେଳିଥିଲା। ମାତ୍ର ସେତେବେଳେ ଖେଳିଥିବା ଖେଳାଳିମାନେ ବର୍ତ୍ତମାନ ଟିମ୍‌ରେ ନାହାନ୍ତି। ତେଣୁ ବାଂଲାଦେଶ ପାଇଁ ଏହି ଟେଷ୍ଟ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେବ ବୋଲି ଟଫେଲ କହିଛନ୍ତି।

**ସଂକ୍ଷେପରେ**

## କୋହଲିଙ୍କୁ ମିଳୁନି ଛୁଟି

**ନୂଆଦିଲ୍ଲୀ, ୧୯।୧୧:** ଭାରତୀୟ ଅଧିନାୟକ ବିରାଟ କୋହଲି ବିଶ୍ୱର ଅନ୍ୟତମ ଫିଟ୍ କ୍ରିକେଟର। ଏଥିରେ କୌଣସି ଦ୍ୱନ୍ଦ୍ୱ ନାହିଁ। ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ସତ୍ତ୍ୱେ ୩୧ ବର୍ଷୀୟ ବ୍ୟାଟ୍ସମ୍ୟାନ କଦାପି ୱାର୍କଆଉଟ ସେସନ ମିସ୍ କରନ୍ତି ନାହିଁ ଓ ସର୍ବଦା ନିଜ ଡାଏଟ୍‌ରେ ରୁହନ୍ତି। ବାଂଲାଦେଶ ବିପକ୍ଷ ଦିବାରାତ୍ର ଟେଷ୍ଟ ପୂର୍ବରୁ କୋହଲି ଜିମ୍‌ରେ କସରତ କରୁଥିବାବେଳର ଏକ ଭିଡିଓ ଅଫିସିଆଲ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଉକ୍ତ ଭିଡିଓରେ ଭାରତୀୟ ଅଧିନାୟକ ନିଜ ୮ ପ୍ୟାକ ଆବ୍ସ ଦେଖାଇ ପୁଲ ଅପ୍ସ କରୁଛନ୍ତି। ଏହାର କ୍ୟାପଶନରେ ସେ ଲେଖିଛନ୍ତି, ନୋ ଡେଜ ଅଫ୍। ଏହାର ଅର୍ଥ ଛୁଟି ମିଳୁନାହିଁ। ବାଂଲାଦେଶ ବିପକ୍ଷ ଇନ୍ଦୋର ଟେଷ୍ଟ ୩ ଦିନରେ ଶେଷ ହେଲା ପରେ ପିଙ୍କ ବଲ ଟେଷ୍ଟ ଲାଗି ପ୍ରସ୍ତୁତି ଚାଲିଛି। ଏହାସତ୍ତ୍ୱେ କୋହଲି ଜିମ୍‌ରେ ଝାଳ ବୁହାଉଛନ୍ତି।

## ଡେନମାର୍କ, ସୁଇଜରଲାଣ୍ଡକୁ ୟୁରୋ ଯୋଗ୍ୟତା

**ପ୍ୟାରିସ, ୧୯।୧୧(ଏଏଫ୍‌ପି):** ଡେନମାର୍କ ଓ ସୁଇଜରଲାଣ୍ଡ ୟୁରୋ ୨୦୨୦ ଇଭେଣ୍ଟରେ ସ୍ଥାନ ପକ୍କା କରିଛନ୍ତି। ରବର୍ଟୋ ମାନସିନିଙ୍କ ଇଟାଲି ଦଳ ୮ ଗୋଲର ବୃହତ୍ ବିଜୟ ସହ ଯୋଗ୍ୟତା ପର୍ଯ୍ୟାୟ ଅଭିଯାନ ଶେଷ କରିଛି। ଆୟର୍ଲାଣ୍ଡକୁ ୨୪ ଦଳକୁ ନେଇ ଆଗାମୀ ବର୍ଷ ଅନୁଷ୍ଠିତ ହେବାକୁ ଥିବା ୟୁରୋପିଆନ ଚାମ୍ପିୟନଶିପ ଯୋଗ୍ୟତା ଅର୍ଜନ କରିବା ପାଇଁ ଡେନମାର୍କକୁ ହରାଇବାର ଥିଲା। କିନ୍ତୁ ମ୍ୟାଚ ହୋହର୍ଟି(୭୩ତମ ମିନିଟ୍)ଙ୍କ ଗୋଲ ଯୋଗୁ ମ୍ୟାଚ୍‌ରେ ଡେନମାର୍କ ଅଗ୍ରଣୀ ହାସଲ କରିଥିଲା। ମ୍ୟାଚ୍ ୮୫ତମ ମିନିଟ୍‌ରେ ମାର୍ଟିନ ବ୍ରାଥୱେଟ ଗୋଲ ସ୍କୋର କରି ମ୍ୟାଚ୍‌କୁ ବରାବର କରିଥିଲେ। ୧୯୯୨ ସଂସ୍କରଣ ଚାମ୍ପିୟନ ଡେନମାର୍କ ତା’ର ରାଜଧାନୀ କୋପେନ୍‌ହାଗେନଠାରେ ପରବର୍ତ୍ତୀ ମ୍ୟାଚ୍ ଖେଳିବ। ସେଡ୍ରିକ ଇଟେନଙ୍କ ଡବଲ ଗୋଲ ବଳରେ ସୁଇଜରଲାଣ୍ଡ ୬-୧ ଗୋଲରେ ଦୁର୍ବଳ ଗିବ୍ରାଲ୍‌ଟରକୁ ହରାଇ ଦେଇଛି। ସେହିଭଳି ପୂର୍ବରୁ ଗ୍ରୁପ୍ -ଜେ’ରୁ ଯୋଗ୍ୟତା ହାସଲ କରିସାରିଥିବା ଇଟାଲି ୯-୧ର ବୃହତ୍ ବ୍ୟବଧାନରେ ଆର୍ମେନିଆକୁ ପରାସ୍ତ କରିଛି। ବିଜୟୀ ଦଳ ଲାଗି ୭ ଜଣ ଖେଳାଳି ସ୍କୋର କରିଥିଲେ।

## ଚଣ୍ଡିପ୍ରସାଦ ସଭାପତି, ସନ୍ତୋଷ ସମ୍ପାଦକ

**ଭୁବନେଶ୍ୱର, ୧୯।୧୧(ସ୍ପୋର୍ଟ୍ସ ବ୍ୟୁରୋ):** ଭୁବନେଶ୍ୱର ଜିଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଚଣ୍ଡିପ୍ରସାଦ ଦାସ ସଭାପତି, ଶକ୍ତିରଞ୍ଜନ ସ୍ୱାଇଁ ଉପସଭାପତି, ସନ୍ତୋଷ କୁମାର ଚୌଧୁରୀ ସମ୍ପାଦକ, ଦୀପ୍ତି ପଥକାଶ ସୁବୁଦ୍ଧି ଯୁଗ୍ମ ସମ୍ପାଦକ, ଶ୍ରୀମନ୍ତ କୁମାର ମିଶ୍ର କୋଷାଧକ୍ଷ ଏବଂ ପୃଥ୍ୱୀଭଲ୍ଲଭ ପଟ୍ଟନାୟକ ଓ ବିଭାସ କୁମାର ପରିଡ଼ା କାର୍ଯ୍ୟକାରିଣୀ ସଦସ୍ୟ ନିର୍ବାଚିତ ହୋଇଛନ୍ତି।

## ଶାହଦତଙ୍କ ବାସନ୍ଦ ୫ ବର୍ଷ ବଢ଼ିଲା



ଶାହଦତ ହୋସେନ (ମଝି)।

**ଢାକା, ୧୯।୧୧:** ବାଂଲାଦେଶ ଘରୋଇ ଟୁର୍ନାମେଣ୍ଟରେ ସାଥୀ ଖେଳାଳିଙ୍କୁ ଆକ୍ରମଣ କରିଥିବା ଘଟଣାରେ ପୂର୍ବତନ ପେସର ଶାହଦତ ହୋସେନଙ୍କୁ ୫ ବର୍ଷ ବାସନ୍ଦ କରାଯାଇଛି। ଏଥିସହ ଜରିମାନା ବାବଦକୁ ତାଙ୍କୁ ୩ ଲକ୍ଷ ଟାକା ଦେବାକୁ ପଡ଼ିବ। ବୋର୍ଡର ଟେକନିକାଲ କମିଟି ଏହି ଦଣ୍ଡାଦେଶ ଧାର୍ଯ୍ୟ କରିଛି। ଏହି ଘଟଣା ଢାକା ଡିଭିଜନ ଓ ଖୁଲନା ଡିଭିଜନ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ର ଦ୍ୱିତୀୟ ଦିନରେ ଘଟିଥିଲା। ବଲ୍‌କୁ ରିଭର୍ସ ସୁଇଙ୍ଗ୍ କରିବା ପାଇଁ ଶାହାଦତଙ୍କ ଦକ୍ଷତା ଉପରେ ଆରାଫତ ପ୍ରଶ୍ନ ଉଠାଇଥିଲେ। ଏଥିରେ ସେ ଉତ୍ତ୍ୟକ୍ତ ହୋଇ ଉଠିଥିଲେ। ବାଂଲାଦେଶ ପାଇଁ ଶାହାଦତ ୨୦୦୫ରୁ ୨୦୧୫ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ସ୍ତରରେ ଖେଳି ୧୦୦ରୁ ଅଧିକ ଉଇକେଟ ନେଇଛନ୍ତି। ୩୩ ବର୍ଷୀୟ ପେସର ବାଂଲାଦେଶ ପାଇଁ ୩୮ ଟେଷ୍ଟ, ୫୧ ଦିନିକିଆ ଓ ୬ ଟି୨୦ ଖେଳିଛନ୍ତି।

## ଶ୍ରୀଲଙ୍କା ସ୍ପିନରଙ୍କ ଅନଅର୍ଥଡକ୍ସ ବୋଲିଂ ଷ୍ଟାଇଲ ଭାଇରାଲ

**କଲମ୍ବୋ, ୧୯।୧୧:** ଶ୍ରୀଲଙ୍କାରେ ବହୁ ଅନ୍‌ଅର୍ଥଡକ୍ସ ଷ୍ଟାଇଲର ବୋଲର ସୃଷ୍ଟି ହୋଇଛନ୍ତି। ଲସିଥ ମାଲିଙ୍ଗା ଏହାର ସଫଳତମ ଉଦାହରଣ। ବର୍ତ୍ତମାନ ଏହି ତାଲିକାରେ ସାମିଲ ହୋଇଛନ୍ତି ୨୧ ବର୍ଷୀୟ ସ୍ପିନର କେଭିନ କୋଥାଥିଗୋଡା। ଏହି ଗାଲେ ଖେଳାଳିଙ୍କ ବୋଲିଂ ଷ୍ଟାଇଲ ପ୍ରାୟତଃ ପୂର୍ବତନ ଦକ୍ଷିଣ ଆଫ୍ରିକା ସ୍ପିନର ପଲ ଆଡାମ୍ସଙ୍କ ଭଳି। କୋଥାଥିଗୋଡା ଏବେ ଆବୁଧାବି ଟି୧୦ ଲିଗ୍‌ରେ ବାଂଲା ଟାଇଗର୍ସ ପାଇଁ ଖେଳୁଛନ୍ତି। ତାଙ୍କର ଅଜବ ଷ୍ଟାଇଲର ବୋଲିଂ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଯାଇଛି। ବୋଲିଂ କଲାବେଳେ ତାଙ୍କ ମୁହଁ ବ୍ୟାଟ୍ସମ୍ୟାନଙ୍କ ଆଡ଼କୁ ରହିବା ପରିବର୍ତ୍ତେ ଅମ୍ପାୟରଙ୍କ ଆଡ଼କୁ ରହୁଛି। ହାତକୁ ସେ ପିଠି ପଛ ପଟେ ବୁଲାଇ ବଲ ପକାଉଛନ୍ତି। ତେବେ ସେ କଦାପି ଆଡାମ୍ସଙ୍କ ବୋଲିଂ ଷ୍ଟାଇଲ ଦେଖି ନ ଥିବା କହିଛନ୍ତି। ମୁଁ ଆରମ୍ଭରୁ ଏଭଳି ଷ୍ଟାଇଲରେ ବଲ ପକାଉଛି। ଶ୍ରୀଲଙ୍କା ପାଇଁ ୧୩, ୧୫, ୧୭ ଓ ୧୯ ବର୍ଷରୁ କମ୍ ବର୍ଗରେ ମଧ୍ୟ ଖେଳିଛି।

## ମହିଳା ଟ୍ରାପରେ ରାଜେଶ୍ୱରୀଙ୍କ ଜାତୀୟ ରେକର୍ଡ

ନୂଆଦିଲ୍ଲୀ, ୧୯।୧୧(ପି.ଟି.)

ପଞ୍ଜାବର ରାଜେଶ୍ୱରୀ କୁମାରୀ ୬୩ତମ ଜାତୀୟ ଶର୍ଟଗନ ଶୁଟିଂ ଚାମ୍ପିୟନଶିପ୍‌ର ମହିଳା ଟ୍ରାପ ଇଭେଣ୍ଟରେ ଜାତୀୟ ରେକର୍ଡ ଭଙ୍ଗ କରିଛନ୍ତି। ଏ ନେଇ ଭାରତୀୟ ରାଇଫଲ ଆସୋସିଏଶନ (ଏନ୍‌ଆରଏଆଇ) ମଙ୍ଗଳବାର ସ୍ପଷ୍ଟ କରିଛି। ଯୋଗ୍ୟତା ପର୍ଯ୍ୟାୟରେ ମୋଟ ଉପରେ ୧୨୫ରୁ ରାଜେଶ୍ୱରୀ ୧୧୮ ସ୍କୋର କରିଥିଲେ। ୫ ରାଉଣ୍ଡ ବିଶିଷ୍ଟ ଇଭେଣ୍ଟର ପ୍ରାରମ୍ଭିକ ପର୍ଯ୍ୟାୟରେ ପଞ୍ଜାବ ଶୁଟର ଯଥାକ୍ରମେ ୨୪, ୨୩, ୨୪, ୨୪ ଓ ୨୩ ସ୍କୋର କରି ଶୀର୍ଷସ୍ଥାନ ହାତେଇ ଥିଲେ। ସେ ପୂର୍ବ ରେକର୍ଡକୁ ଦୁଇ ପଏଣ୍ଟ ବ୍ୟବଧାନରେ ପଛରେ ପକାଇଛନ୍ତି। ପୂର୍ବରୁ ସୀମା ତୋମାର, ଶ୍ରେୟାସୀ ସିଂ ଓ ମନୀଷ କିର ୧୧୬ ସ୍କୋର କରି ଜାତୀୟ ରେକର୍ଡର ଯୁଗ୍ମ ଅଧିକାରୀ ଥିଲେ। ସୀମା ଓ ଶ୍ରେୟାସୀ ଇଣ୍ଡୋନେସିଆରେ ଅନୁଷ୍ଠିତ ଇଭେଣ୍ଟବେଳେ ରେକର୍ଡ ଅଧିକାରୀ ହୋଇଥିବାବଳେ ମନୀଷ ଜୟପୁର ଜାତୀୟ ଇଭେଣ୍ଟରେ ରେକର୍ଡ ସମକକ୍ଷ ହୋଇଥିଲେ। ସ୍ୱର୍ଣ୍ଣ ପଦକ ହାତଛଡ଼ା କରିଥିଲେ ମଧ୍ୟ ମୁଁ ଜାତୀୟ ରେକର୍ଡ ଅଧିକାରୀ ହୋଇଥିବାରୁ ଗର୍ବିତ। ଏକଦା ଏହାକୁ ମୋ ବାପା ମଧ୍ୟ ହାସଲ କରିଥିଲେ। ବାପାଙ୍କୁ ସଫଳତାର ସହ ଅନୁକରଣ କରିପାରି ଥିବାରୁ ମୁଁ ବହୁତ ଖୁସି ବୋଲି ରାଜେଶ୍ୱରୀ କହିଛନ୍ତି। ଅନ୍ୟ ଭାରତୀୟ ଶୁଟର ଶଗୁନ ଚୌଧାରୀ ମଧ୍ୟ ପୂର୍ବତନ ଜାତୀୟ ରେକର୍ଡ(୧୧୬)ଠାରୁ ଅଧିକ ସ୍କୋର କରିଛନ୍ତି। ସେ ୧୧୭ ପଏଣ୍ଟ ସହ ରାଜେଶ୍ୱରୀଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ।



ରାଜେଶ୍ୱରୀ କୁମାରୀ

## ସେମିରେ ସୁବ୍ରତ-ଅବିନାଶ, କୁନାଲ-ଆଶୁତୋଷ

କଟକ ଅଫିସ, ୧୯।୧୧



ଆଶୁତୋଷ ପାଢ଼ୀ

କଟକ କ୍ଲବଠାରେ ବିଲିୟାର୍ଡସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ ଓଡ଼ିଶା(ବିଏସ୍ଏଓ) ଓ ଓଡ଼ିଶା ମାଇନିଂ କର୍ପୋରେଶନର ମିଳିତ ଆନୁକୂଲ୍ୟରେ ଚାଲିଥିବା ୨୬ତମ ଅଲ ଓଡ଼ିଶା ବିଲିୟାର୍ଡସ ଓ ସ୍ନୁକର ରାଜ୍ୟ ର୍ୟାଙ୍କିଂ ଚାମ୍ପିୟନଶିପର ଦ୍ୱିତୀୟ ଦିବସ ଖେଳ ଶେଷ ହୋଇଛି। ଦ୍ୱିତୀୟ ଦିବସରେ ସିନିୟର ବିଲିୟାର୍ଡସ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏହି ଇଭେଣ୍ଟରେ ସୁବ୍ରତ ଦାସ, ଅବିନାଶ ମହାପାତ୍ର, କୁନାଲ ଅଗ୍ରୱାଲ ଓ ଆଶୁତୋଷ ପାଢ଼ୀ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ସୁବ୍ରତ-ଅବିନାଶ, କୁନାଲ-ଆଶୁତୋଷଙ୍କ ଭିତରେ ସେମି ମୁକାବିଲା ହେବ। ସିନିୟର ବିଲିୟାର୍ଡସର କ୍ୱାର୍ଟର ଫାଇନାଲ ମ୍ୟାଚ ଗୁଡ଼ିକରେ ଆଶୁତୋଷ ୩-୦ ଫ୍ରେମରେ ରୋହିତ ଶର୍ମାଙ୍କୁ, ସୁବ୍ରତ ୩-୦ ଫ୍ରେମରେ ନିଶାନ୍ତ ବିଶ୍ୱାଳଙ୍କୁ, କୁନାଲ ୩-୦ ଫ୍ରେମରେ ସୌଭାଗ୍ୟ ବେହେରାଙ୍କୁ ଓ ଅବିନାଶ ମହାପାତ୍ର ୩-୦ ଫ୍ରେମରେ ସମୀର ଅଲ୍ଲୀଙ୍କୁ ପରାସ୍ତ କରିଥିଲେ। ବୁଧବାର ସିନିୟର ବିଲିୟାର୍ଡସ ଚାମ୍ପିୟନଶିପ ଶେଷ ହେବା ସହ ସିନିୟର ସ୍ନୁକର ଚାମ୍ପିୟନଶିପ ଆରମ୍ଭ ହେବ।

## ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ ପାଇଁ ପାକିସ୍ତାନ ପ୍ରସ୍ତୁତ

ବ୍ରିସ୍‌ବେନ, ୧୯।୧୧(ଏଏଫ୍‌ପି)



ଅଭ୍ୟାସ ଅବସରରେ ଅଷ୍ଟ୍ରେଲିଆ ଅଧିନାୟକ ଟିମ ପେନ।

ସ୍ଥାନୀୟ ବ୍ରିସ୍‌ବେନ କ୍ରିକେଟ ଗ୍ରାଉଣ୍ଡରେ ଅଷ୍ଟ୍ରେଲିଆ ଓ ଭ୍ରମଣକାରୀ ପାକିସ୍ତାନ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଗୁରୁବାର ଖେଳାଯିବ। ଅଷ୍ଟ୍ରେଲିଆ ମାଟିରେ ପାକିସ୍ତାନର ରେକର୍ଡ ସେତେଟା ଭଲ ନାହିଁ। ଥରେ ମାତ୍ର ଅଷ୍ଟ୍ରେଲିଆ ବିପକ୍ଷରେ ପାକିସ୍ତାନ ଟେଷ୍ଟ ସିରିଜ ଡ୍ର ରଖିଥିଲା। ପୁଣି ୧୯୯୫ରେ ପାକିସ୍ତାନ ଶେଷଥର ପାଇଁ ଟେଷ୍ଟ ବିଜୟ ହାସଲ କରିଥିଲା। ମାତ୍ର କେତେଜଣ ଖେଳାଳି ଅଧିନାୟକ ଆଜହାର ଅଲି, ବାବାର ଆଜମ ଓ ଇନ୍-ଫର୍ମ ଆସାଦ ସାଫିକ ଗତ ୨୦୧୬/୧୭ ଅଷ୍ଟ୍ରେଲିଆ ଗସ୍ତରେ ଆସିଥିଲେ। ଏହି ଗସ୍ତରେ ପାକିସ୍ତାନ ୩-୦ରେ ପରାସ୍ତ ହୋଇ ହ୍ୱାଇଟ୍‌ୱାଶ୍‌ର ସମ୍ମୁଖୀନ ହୋଇଥିଲା। ସେତେବେଳର ଅଧିନାୟକ ମିସ୍‌ବା ଉଲ୍ ହକ ଏବେ ଦଳରେ କୋଚ୍ ରହିଛନ୍ତି। ଅଷ୍ଟ୍ରେଲିଆରେ ପୂର୍ବ ରେକର୍ଡ ଭଲ ନ ଥିଲେ ମଧ୍ୟ ଏହା ଆମ ଉପରେ ଚାପ ପକାଇପାରିବ ନାହିଁ ବୋଲି ମିସ୍‌ବା କହିଛନ୍ତି। ଅଷ୍ଟ୍ରେଲିଆ ମାଟିରେ ଆମେ ଭଲ ପ୍ରଦର୍ଶନ କରିବାକୁ ସୁଯୋଗ ପାଇଛୁ। ଭଲ ପ୍ରଦର୍ଶନ କରିବାକୁ ଏହା ଆମକୁ ମୋଟିଭେଟ୍ କରିବ। ଅତୀତରେ ଯାହା କରିପାରି ନ ଥିଲୁ ଏବେ ତାହା କରି ଦେଖାଇବୁ ବୋଲି ସେ କହିଛନ୍ତି। ଯୁବ ଖେଳାଳିଙ୍କୁ ନେଇ ଆମ ଦଳ ଗଠିତ ଓ ସଫଳତା ପାଇଁ ସମସ୍ତେ ବ୍ୟଗ୍ର ଅଛନ୍ତି। ଚ୍ୟାଲେଞ୍ଜ୍ ଗ୍ରହଣ କରିବାକୁ ଓ ଶ୍ରେଷ୍ଠ ପ୍ରଦର୍ଶନ କରବାକୁ ଆମେ ପ୍ରସ୍ତୁତ। ଭଲ କ୍ରିକେଟ ଖେଳି ଜିତିବାକୁ ଆମେ ଚିନ୍ତା କରୁଛି ବୋଲି ସେ କହିଛନ୍ତି। ବାବର ଆଜମ ଓ ଆସାଦ୍ ସାଫିକଙ୍କ ଉପରେ ପାକିସ୍ତାନ ଅଧିକ ନିର୍ଭରଶୀଳ ହୋଇପଡ଼ିଛି। ୩ ବର୍ଷ ତଳେ ଏହି ଦୁଇ ଖେଳାଳି ବ୍ରିସ୍‌ବେନ୍‌ରେ ଶତକ ହାସଲ କରିଥିଲେ। ଅଷ୍ଟ୍ରେଲିଆ ଏ’ ଓ କ୍ରିକେଟ ଅଷ୍ଟ୍ରେଲିଆନ ଏ’ ବିପକ୍ଷରେ ଏମାନେ ମଧ୍ୟ ଶତକ ହାସଲ କରିଛନ୍ତି।

ଗତ ଇଂଲଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆ ୨-୨ରେ ସିରିଜ ଡ୍ର ରଖି ଆଶେସ ବଜାୟ ରଖିଥିଲା। ଗତ ସେପ୍ଟେମ୍ବରରେ ଅଷ୍ଟ୍ରେଲିଆ ୨-୦ରେ ପାକିସ୍ତାନକୁ ଟି୨୦ରେ ହରାଇଥିଲା। ଏହି ଉଇକେଟରେ ଦ୍ରୁତ ବୋଲରଙ୍କ ସ୍ୱର୍ଗ ରୂପେ ଜଣାଅଛି। ତେଣୁ ଦ୍ରୁତ ବୋଲରମାନେ ନିର୍ଣ୍ଣାୟକ ଭୂମିକା ନେବେ ବୋଲି ଆଶା କରାଯାଉଛି। ପ୍ୟାଟ କ୍ୟୁମିନ୍ସ, ମିଚେଲ ଷ୍ଟାର୍କ ଓ ଜୋସ୍ ହାଜେଲଉଡଙ୍କୁ ନେଇ ଅଷ୍ଟ୍ରେଲିଆ ଦ୍ରୁତ ବୋଲିଂ ବିଭାଗ ବେଶ୍ ଦୃଢ଼ ମନେହେଉଛି। ତେବେ ଗାଳିଗୁଲଜ କରି ବାସନ୍ଦ ହୋଇଥିବା ଜେମ୍ସ ପାଟିନସନ ପ୍ରଥମ ଟେଷ୍ଟରୁ ବାଦ୍ ପଡିଛନ୍ତି।

୧୬ ବର୍ଷୀୟ ଟିନଏଜ୍ ଦ୍ରୁତ ବୋଲର ନସୀମ ଶାହ ପାକିସ୍ତାନ ତରଫରୁ ଡେବ୍ୟୁ କରିବେ। ୧୯ ବର୍ଷୀୟ ସାହିନ ଆଫ୍ରିଦି ଓ ମୁସା ଖାଁଙ୍କ ସମେତ ମହମ୍ମଦ ଆବାସ ଓ ଅଭିଜ୍ଞ ଇମ୍ରାନ ଖାଁ ସିନିୟରଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଅଭିଜ୍ଞ ଷ୍ଟିଭେନ୍ ସ୍ମିଥ୍, ଆଶେସରେ ଦୁର୍ବଳ ପ୍ରଦର୍ଶନ କରିଥିବା ଡେଭିଡ ୱାର୍ନର, ମାର୍ନସ ଲାବୁସେନ, ଟ୍ରାଭିସ୍ ହେଡ ଓ ମାଥ୍ୟୁ ହେଡ୍ ଏହି ସିରିଜରେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ଆଡିଲେଡରେ ଖେଳାଯିବ। ଏହା ଦିବାରାତ୍ର ଭିତ୍ତିକ ହେବ।

- **ଅଷ୍ଟ୍ରେଲିଆ ଦଳ:** ଟିମ ପେନ (ଅଧିନାୟକ), କ୍ୟାମେରନ ବ୍ୟାକ୍ରଫ୍ଟ, ଜୋ ବର୍ନ୍ସ, ପ୍ୟାଟ୍ କ୍ୟୁମିନ୍ସ, ଜୋସ ହାଜେଲଉଡ, ଟ୍ରାଭିସ ହେଡ, ମାର୍ନସ ଲାବୁସେନ, ନାଥାନ ଲିୟନ, ମିଚେଲ ନେସେର, ଜେମ୍ସ ପାଟିନସନ, ଷ୍ଟିଭ ସ୍ମିଥ, ମିଚେଲ ଷ୍ଟାର୍କ, ମାଥ୍ୟୁ ୱେଡ ଓ ଡେଭିଡ ୱାର୍ନର।
- **ପାକିସ୍ତାନ ଦଳ:** ଆଝାର ଅଲି (ଅଧିନାୟକ), ଅବିଦ ଅଲି, ଆସାଦ ସାଫିକ, ବାବର ଆଜମ, ହାରିସ୍ ସୋହେଲ, ଇମାମ- ଉଲ- ହକ, ଇମ୍ରାନ ଖାଁ ସିନିୟର, ଇଫ୍‌ତିଖାର ଅହମ୍ମଦ, କାଶିଦ ଭଟ୍ଟି, ମହମ୍ମଦ ଅବାସ, ମହମ୍ମଦ ରିଜୱାନ, ନୁସା ଖାଁ, ନସୀମ ଶାହ, ଶାହିନ ଆଫ୍ରିଦି, ଶାନ ମାସୁଦ ଓ ୟାସିର ଶାହ।

# ୨୪ରୁ ପାରାଦୀପରେ ଲାଗିବ ନୌସେନାର ୨ ଯୁଦ୍ଧ ଜାହାଜ

**ପାରାଦୀପ,୧୯।୧୧(ସ୍ୱ.ପ୍ର.)**

ଆସନ୍ତା ୨୪ରୁ ଦୁଇ ଦିନ ପାଇଁ ଭାରତୀୟ ନୌସେନାର ଦୁଇ ଯୁଦ୍ଧ ଜାହାଜ ପାରାଦୀପ ବନ୍ଦରରେ ଲାଗିବ। ଏହି ୨ ଜାହାଜ ହେଲା ଆଇଏନ୍ଏସ୍ ଐରାବତ୍ ଓ ରଣବୀର। ଦୁଇ ଯୁଦ୍ଧ ଜାହାଜକୁ ସାଧାରଣ ଲୋକେ ଦେଖିପାରିବେ ବୋଲି ନୌସେନା ପକ୍ଷରୁ ସୂଚନା ଦିଆଯାଇଛି। ୨୪ରେ ସ୍କୁଲ ଛାତ୍ରୀଛାତ୍ର ଓ ସାଧାରଣ ଲୋକେ ଦେଖିବେ। ୨୫ରେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥିଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ଚଳିତବର୍ଷ ପୂର୍ବପରି ଡେ ଆର୍ଟ ସି (ସମୁଦ୍ରରେ ଦିନେ) କାର୍ଯ୍ୟକ୍ରମ ହେବ ନାହିଁ ବୋଲି କୁହାଯାଇଛି। ଇଚ୍ଛୁକ ଦର୍ଶକମାନେ ପାରାଦୀପର ଗୋପବନ୍ଧୁ ଷ୍ଟାଡିୟମ୍‌ଠାରେ ପହଞ୍ଚିବେ। ସେଠାରୁ ସ୍ୱତନ୍ତ୍ର ବସ୍ ଯୋଗେ ପୋର୍ଟ ବର୍ଥକୁ ଯାଇ ଜାହାଜ ଦେଖିବାର ସୁଯୋଗ ପାଇବେ। ସୂଚନାଯୋଗ୍ୟ, ୧୯୭୧ ଡିସେମ୍ବର ୫ରେ ନୌସେନା ପାକିସ୍ତାନର କରାଚି ସହର ଉପରେ ଆକ୍ରମଣ କରି ବିଜୟ ହାସଲ କରିଥିଲା। ସେହି ଦିବସକୁ ବିଜୟ ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ନୌସେନା ସାଧାରଣ ଲୋକ ଓ ଛାତ୍ରୀଛାତ୍ରଙ୍କ ପାଇଁ ଏହିଭଳି କାର୍ଯ୍ୟକ୍ରମ କରୁଛି।

## ■ ଆପେଆପେ ଲାଗୁଛି ନିଆଁ

# ଗ୍ରାମବାସୀଙ୍କ ଭୌତିକକାଣ୍ଡ ସନ୍ଦେହ

**ରାହାମା,୧୯।୧୧(ଡି.ଏନ.ଏ.)**

ଆପେ ଆପେ ଲାଗୁଛି ନିଆଁ। ଫଳରେ କୋଠାଘରେ ଥିବା ଆସବାବପତ୍ର ଜଳିପୋଡି ଛାରଖାର ହୋଇଯାଉଛି। ଦେଖଣାହାରିଙ୍କ ଉପସ୍ଥିତିରେ ଲାଗୁଛି ନିଆଁ। ବିଜ୍ଞାନଯୁଗରେ ତନ୍ତ୍ରମନ୍ତ୍ରକୁ ଲୋକେ ବିଶ୍ୱାସକୁ ନେଉ ନ ଥିଲେ ମଧ୍ୟ କୁଜଙ୍ଗ ବ୍ଲକ ଅଧୀନ ସାଇଲୋ ପଞ୍ଚାୟତ ଗଙ୍ଗାଧରପୁର ଗ୍ରାମର କୃଷ୍ଣ ମଲ୍ଲିକଙ୍କ ଘରେ ରବିବାର ଏହି ଘଟଣା ଦେଖିବାକୁ ମିଳିଛି। ସନ୍ଧ୍ୟା ୭ଟାରେ କୃଷ୍ଣଙ୍କ କୋଠାଘରେ ପଡିଥିବା ଖଟ ଗୋଡରେ ପ୍ରଥମେ ନିଆଁ ଲାଗିଥିଲା। ପରେ ଘରେ ଥିବା ଆସବାବ ପତ୍ରରେ ନିଆଁ ଲାଗିଯାଇଥିଲା। ଫଳରେ ଘରେ ଥିବା ଖଟ, ଫ୍ରିଜ, ଟିଭି, ଅଲଣା ସମେତ ସମସ୍ତ ଲୁଗାପଟା ପୋଡି ପାଉଁଶ ହୋଇଯାଇଥିଲା। ଖବର ପାଇ ତିର୍ତ୍ତୋଲରୁ ଅଗ୍ନିଶମ ବିଭାଗ କର୍ମଚାରୀ ଆସି ନିଆଁକୁ ଆୟତ୍ତ କରିଥିଲା। ତେବେ ଫାୟାର ଗାଡି ଯିବାର ଅଧଘଣ୍ଟା ପରେ ପୁର୍ନବାର କୃଷ୍ଣଙ୍କ ଚାଳଘରେ ନିଆଁ ଲାଗିଥିଲା। ଉପସ୍ଥିତ ଲୋକେ ନିଆଁକୁ ଆୟତ୍ତ କରିଥିଲେ। ଏହିପରି ଅଧଘଣ୍ଟା ଛଡାରେ ରାତି ୧୨ଟା ପର୍ଯ୍ୟନ୍ତ ନିଆଁ ଲାଗି ଚାଲିଥିଲା। ସୋମବାର ଭୋର ୫ଟାରେ ପୁର୍ନବାର ତାଙ୍କ ଚାଳଘରେ ନିଆଁ ଲାଗିଥିଲା। ଖବର ଲେଖାହେବା ପର୍ଯ୍ୟନ୍ତ ନିଆଁ ଲାଗି ଚାଲିଛି। କୃଷ୍ଣଙ୍କ ପରିବାର ଭୟରେ ଥିବାବେଳେ ଗ୍ରାମର ଯୁବକମାନେ ଘରକୁ ଜଗି ରହିଛନ୍ତି। ଆଶ୍ଚର୍ଯ୍ୟର ବିଷୟ ନିଆଁ ହିଁ ଘର ଭିତର ପଟୁଲାଗୁଛି। ଏହା ଏକ ଭୌତିକ କାଣ୍ଡ ବୋଲି ଗ୍ରାମର ନିତ୍ୟାନନ୍ଦ ମଲ୍ଲିକ, ଟିଟୁନା ମଲ୍ଲିକ, ଅରୁଣ କୁମାର ସେଠୀ, ଅନୁପମ ମଲ୍ଲିକଙ୍କ ସହ ଘଟଣାସ୍ଥଳରେ ଉପସ୍ଥିତ ଥିବା ଲୋକେ ସନ୍ଦେହ କରିଛନ୍ତି।

ସାଇଲୋ ସରପଞ୍ଚ ରୋଜାଲିନୀ ମହାପାତ୍ର, ସମିତିସଭ୍ୟ ଅନୁଗାମୀ ଦାସ ଓ ରାହାମା ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ଏହି ଘଟଣା ଏବେ ଅଞ୍ଚଳରେ ଯେତିକି ଭୟ ସୃଷ୍ଟି କରିଛି ସେତିକି ଚର୍ଚ୍ଚାର ବିଷୟ ହୋଇଛି।



ଘରେ ଥିବା ଆସବାବପତ୍ର ଜଳିଯାଇଛି।


**ପରିବହନ ଆୟୁକ୍ତ ତଥା ଅଧ୍ୟକ୍ଷ ରାଜ୍ୟ ପରିବହନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, ଓଡିଶା, କଟକ**

**ବିଜ୍ଞାପନ**

**Rationalization Of Timing Of Stage Carriages Plying On Bhubaneswar - Cuttack to Jajpur Town, Bari, Bandhadiha & Bhubaneswar - Cuttack to Jajpur Road, Anandapur, Ghatagaon, Karanjia, Keonjhar Route**

**(କେନ୍ଦ୍ରୀୟ ସମୟ ସାରଣୀ)**

ଏତଦ୍‌ଦ୍ୱାରା ଭୁବନେଶ୍ୱର / କଟକ – ବରୀ, ଯାଜପୁର ଟାଉନ, ବନ୍ଧଡିହ ଏବଂ ଭୁବନେଶ୍ୱର / କଟକ – ଯାଜପୁର ରୋଡ, ଆନନ୍ଦପୁର, ଘଟଗାଁ, କରଞ୍ଜିଆ, କେନ୍ଦୁଝର ରାସ୍ତାରେ ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହି ବସ୍ ମାଲିକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉକ୍ତ ରାସ୍ତାରେ ଚଳାଚଳ କରୁଥିବା ସମସ୍ତ ବସ୍ ମାଲିକଙ୍କର ଯାତାୟତ କରୁଥିବା ସମୟକୁ ସୁବ୍ୟବସ୍ଥାକରଣ (Rationalized Time) କରି ସମୟ ସାରଣୀ ପ୍ରସ୍ତୁତ କରାଯାଇଅଛି, ଯାହାକି STA websiteରେ ଉପଲବ୍ଧ ଅଟେ।

ପ୍ରସ୍ତୁତ କରାଯାଇଥିବା ସୁବ୍ୟବସ୍ଥାକରଣ (Rationalized Time) ସମୟ ସାରଣୀରେ ଯଦି କୌଣସି ବସ୍ ମାଲିକଙ୍କ କିଛି ଅଭିଯୋଗ ଥାଏ ଏବଂ ଯଦି କୌଣସି ଗାଡି ଉକ୍ତ ସମୟ ସାରଣୀରେ ସ୍ଥାନ ପାଇ ନଥାନ୍ତି ତେବେ ସେମାନେ ତାଙ୍କର ଲିଖିତ ଅଭିଯୋଗ ରାଜ୍ୟ ପରିବହନ କମିଶନରଙ୍କ କାର୍ଯ୍ୟାଳୟରେ ଖବରକାଗଜରେ ପ୍ରକାଶିତ ଦିନଠାରୁ ୧୫ଦିନ ମଧ୍ୟରେ କରିପାରିବେ। ଯଦି ଅଭିଯୋଗ ନିର୍ଦ୍ଧାରିତ ସମୟ ମଧ୍ୟରେ ଦାଖଲ କରାନଯାଏ ତେବେ ସୁବ୍ୟବସ୍ଥାକରଣ (Rationalized Time) ସମୟ ସାରଣୀକୁ କାର୍ଯ୍ୟକାରୀ ନିମନ୍ତେ ପଦକ୍ଷେପ ନିଆଯିବ। ଯେଉଁ ଯାତ୍ରୀବାହି ବସ୍‌ଗୁଡିକୁ ସୁବ୍ୟବସ୍ଥାକରଣ (Rationalized Time)ରେ ଅନ୍ତର୍ଭୁକ୍ତ କରାଯାଇଅଛି ଉକ୍ତ ବସ୍‌ଗୁଡିକର ପଞ୍ଜିକୃତ ନମ୍ବର ଓ ସମୟ ସାରଣୀ STA wbesite ରେ ଉପଲବ୍ଧ ଅଛି। STA Websiteର ଠିକଣା ମଧ୍ୟ ନିମ୍ନରେ ପ୍ରଦାନ କରାଗଲା।

Website :- www.orissatransport.nic.in / www.odishatransport.gov.in

ସଚିବ

ରାଜ୍ୟ ପରିବହନ ପ୍ରାଧିକାରୀ, ଓଡିଶା, କଟକ


# ଏରସମାରେ ୫ ଡେଙ୍ଗୁ ରୋଗୀ ଚିହ୍ନଟ

**ଏରସମା,୧୯।୧୧(ସ୍ୱ.ପ୍ର.)**

ଏରସମା ବ୍ଲକ ଅନ୍ତର୍ଗତ ଭିତର ଅନ୍ଧାରୀ ପଞ୍ଚାୟତସ୍ଥିତ ରସକଡ଼ାପୁର ଗ୍ରାମରେ ୫ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ସେମାନେ ହେଲେ ରେଣୁବଳା ମଲ୍ଲିକ(୫୪), ସତୀ ମଲ୍ଲିକ(୬୨), ରେଣୁ ମଲ୍ଲିକ(୪୪), କବିତା ଲେଙ୍କା(୪୫) ଓ ଲୁଷି ଲେଙ୍କା(୩୨)। ସେହିପରି ଗ୍ରାମରେ ୧୦ରୁ ଊର୍ଦ୍ଧ୍ୱ ଲୋକ ଜ୍ୱରରେ ଆକ୍ରାନ୍ତ ହୋଇଛନ୍ତି। ଜ୍ୱର କମୁ ନ ଥିବାରୁ ଏରସମା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଚିକିତ୍ସା ଯୋଗାଇ ଦେବା ପାଇଁ ନଳିନୀ ରଞ୍ଜନ ବେହେରା, ମାଗୁଣୀ ମଲ୍ଲିକ, ନରେନ୍ଦ୍ର ମଲ୍ଲିକ, ଯଜ୍ଞେଶ୍ୱର ମଲ୍ଲିକ, ୱାର୍ଡ ସଭ୍ୟ ସାଗର ମଲ୍ଲିକ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ଏରସମା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଅମୀୟ ସ୍ୱାଇଁଙ୍କୁ ପଚାରିବାରୁ ଆମ ମେଡିକାଲ ଦଳ ସମ୍ପୃକ୍ତ ଗ୍ରାମକୁ ଯାଇ ଚିକିତ୍ସା ଯୋଗାଇଥିଲେ। ଏବେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯିଏ ଆସୁଛନ୍ତି ସେମାନଙ୍କୁ ଚିକିତ୍ସା କରାଯାଉଛି। ପୁଣି ଗ୍ରାମରେ ଚିକିତ୍ସା ଯୋଗାଇ ଦିଆଯିବ ବୋଲି କହିଥିଲେ। ପ୍ରକାଶଯୋଗ୍ୟ, ଗତ ୧୦ ଦିନ ହେଲା ଏହି ଗ୍ରାମରେ ୧୧ ଜଣ ଜ୍ୱରରେ ଆକ୍ରାନ୍ତ ହୋଇ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିଲେ। ମାତ୍ର ଜ୍ୱର ନ କମିବାରୁ ସେମାନେ କଟକ ବଡ ମେଡିକାଲକୁ ଯାଇଥିଲେ। ସେଠାରେ ରକ୍ତ ନମୁନା ସଂଗ୍ରହ କରିବା ପରେ ୫ ଜଣ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି।





**କୋଷ୍ଠକାଠିନ୍ୟ ପାଇଁ**

ଆୟୁର୍ବେଦର ପୁରାତନ ଗ୍ରନ୍ଥ ଆଧାରରେ ପ୍ରସ୍ତୁତ ହୋଇଥିବା ବର୍ଷ ବର୍ଷର ପୁରୁଣା ବିଶ୍ୱସନୀୟ

ଆୟୁର୍ବେଦିକ

**କାୟମ ଚୂର୍ଣ୍ଣ**

ଗୁଜରାଟର ସୁପ୍ରସିଦ୍ଧ ବୈଦ୍ୟ ଶ୍ରୀ ରସିକଭାଇ ଶେଠ୍‌ଙ୍କ ଫର୍ମୁଲା ଦ୍ୱାରା ଆୟୁର୍ବେଦର ପୁରାତନ ଗ୍ରନ୍ଥଗୁଡ଼ିକ ଆଧାରରେ ପ୍ରସ୍ତୁତ ବିଶ୍ୱସନୀୟ କାୟମ ଚୂର୍ଣ୍ଣ କୋଷ୍ଠକାଠିନ୍ୟ ଓ ସେ କାରଣରୁ ଦେଖାଦେଉଥିବା ଏସିଡିଟି, ଗ୍ୟାସ୍, ବଦହଜମି ଓ ମୁଣ୍ଡବିନ୍ଧାକୁ ଦୂର କରିଥାଏ।

ଭାବନଗରବାସୀ ଶେଠ୍ ବ୍ରଦର୍ସଙ୍କ ଉତ୍ପାଦ

କାୟମ ଚୂର୍ଣ୍ଣ ଅଧିକ ପ୍ରଭାବୀ, ସୁରକ୍ଷିତ ଏବଂ ଦୁଷ୍ପ୍ରଭାବ ମୁକ୍ତ ଅଟେ।

ମେଡିକାଲ ଏବଂ ଆୟୁର୍ବେଦିକ ଷ୍ଟୋର୍ସରେ ଉପଲବ୍ଧ



MARUTI SUZUKI NEXA

**KEEP THE CELEBRATIONS GOING WITH EXCITING OFFERS**




**LIMITED PERIOD OFFERS ONLY**

VALID TILL 30th NOVEMBER 2019

| BRAND | BALENO (P) | BALENO (D) | IGNIS | S-CROSS | CIAZ (P) | CIAZ (D) |
|---|---|---|---|---|---|---|
| CONSUMER OFFER* | ₹15,000 | ₹20,000+5 YEAR WARRANTY | ₹25,000 | ₹50,000+5 YEAR WARRANTY | ₹25,000 | ₹25,000+5 YEAR WARRANTY |
| EXCHANGE OFFER | ₹15,000 | ₹15,000 | ₹20,000 | ₹30,000 | ₹30,000 | ₹30,000 |
| CORPORATE OFFER | ₹5,000 | ₹10,000 | ₹10,000 | ₹10,000 | ₹10,000 | ₹10,000 |
| TOTAL SAVINGS# | ₹35,000 | ₹62,400 | ₹55,000 | ₹1,12,900 | ₹65,000 | ₹87,700 |

Contact us at 1800-200-[6392] 1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE

BHUBANESWAR: NEXA RAJ BHAVAN ROAD (NARAYANI MOTORS PH: 9583022008, 7381094898), NEXA CYBER CITY (JYOTE MOTORS PH: 8338033884), NEXA TWIN CITY (SKY AUTOMOBILES PH: 9776497764, 7064400101).

SUZUKI connect ADVANCED TELEMATICS SOLUTION
A REVOLUTIONARY WAY TO CONNECT TO YOUR CAR
- Vehicle Tracking
- Emergency Alert
- Driving Behaviour Analysis
- Live Vehicle Status
- Vehicle Alerts

Offered separately as Genuine NEXA Accessory

*Offer may vary from variant to variant. #Total savings include Consumer Offer + Exchange Offer + Highest Corporate Offer and 5-year warranty (2-year standard warranty + 3-year extended warranty) on all NEXA Diesel cars.



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଡ୍ରେସ୍ କୋଡ୍ ଯାଞ୍ଚ

**ଯାଜପୁର ରୋଡ,୧୯।୧୧(ନି.ପ୍ର.):** ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ମଙ୍ଗଳବାର ଅଧକ୍ଷ ଆବୁତାୟର ଛାତ୍ରୀଛାତ୍ରଙ୍କର ଡ୍ରେସ୍ କୋଡ୍ ପରିଚୟ ପତ୍ର ଚିହ୍ନଟ କରିବା ପାଇଁ ଏକ ଟିମ୍ ଗଠନ କରିଛନ୍ତି। ଏହି ଟିମ୍‌ରେ ବରିଷ୍ଠ ଅଧାପକ ପଞ୍ଚାନନ ରାଉତ, ଅମୂଲ୍ୟ କୃଷ୍ଣ ବାରିକ, ସନାତନ ଦାସ, ଟିକା ଖାଁ, ଦେବପ୍ରସନ୍ନ ମହାନ୍ତି ଓ ଅଧାପିକା ମମତା ସାମଲ ରହିଛନ୍ତି। ଏହି ଟିମ୍ ଅଧକ୍ଷଙ୍କ ନେତୃତ୍ୱରେ ମହାବିଦ୍ୟାଳୟ ଫାଟକ ନିକଟରେ ଛାତ୍ରୀଛାତ୍ରଙ୍କୁ ତନଖି କରିଥିଲେ। ନିୟମ ନମାନିଲେ ଜରିମାନା ଆଦାୟ କରାଯିବ ଏବଂ କଲେଜର ପରିଚୟ ପତ୍ର, ଡ୍ରେସ୍ କୋଡ୍ ନ ଥିଲେ ଛାତ୍ରୀଛାତ୍ର କଲେଜରେ ପଶିପାରିବେ ନାହିଁ ବୋଲି ଅଧକ୍ଷ ସୂଚନା ଦେଇଛନ୍ତି।

# ପଞ୍ଚାୟତ ଉପନିର୍ବାଚନ ପାଇଁ ପ୍ରଶାସନିକ ପ୍ରସ୍ତୁତି

**ଯାଜପୁର ଟାଉନ,୧୯।୧୧(ଡି.ଏନ୍.ଏ.)**


ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ।

ଯାଜପୁର ଜିଲାର ବିଭିନ୍ନ ପଞ୍ଚାୟତ ଓ ଗୋଟିଏ ଜିଲାପରିଷଦରେ ଉପନିର୍ବାଚନ ଆସନ୍ତା ୨୭ ତାରିଖ ଅନୁଷ୍ଠିତ ହେବାକୁ ଯାଉଛି। ଦାନଗଦୀ ବ୍ଲକର ୮ ନଂ ଜିଲାପରିଷଦ ଜୋନ ପାଇଁ ୯୭ଟି ବୁଥରେ ମତଦାନ ଅନୁଷ୍ଠିତ ହେବ। ସେହିପରି ବଡ଼ଚଣା ବ୍ଲକ ବିକ୍ରମତିରଣ ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ୧୩ଟି ବୁଥରେ ଭୋଟ ଗ୍ରହଣ ହେବାକୁ ଥିବାବେଳେ ଧର୍ମଶାଳା ବ୍ଲକ କ୍ଷେତ୍ରପାଳ ପଞ୍ଚାୟତର ସରପଞ୍ଚ ପଦବୀ ନିମନ୍ତେ ୧୧ଟି ବୁଥରେ ଭୋଟ ଗ୍ରହଣ ହେବ। ପୁନଶ୍ଚ ବରୀ ବ୍ଲକ ଅଙ୍ଗାଳୋ ପଞ୍ଚାୟତର ସମିତିସଭ୍ୟ ପଦବୀ ପାଇଁ ମଧ ଭୋଟ ଗ୍ରହଣ ହେବ। ରସୁଲପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନଗର ପଞ୍ଚାୟତର ୱାର୍ଡସଭ୍ୟ ଏବଂ କଲଣ ପଞ୍ଚାୟତର ୱାର୍ଡସଭ୍ୟ ପଦବୀ ପାଇଁ ମଧ ଭୋଟ ଗ୍ରହଣ କରାଯିବ। ଏହି ମତଦାନକୁ ଅବାଧ, ନିରପେକ୍ଷ ଓ ସ୍ୱଚ୍ଛ ଭାବେ ସମ୍ପାଦନ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତା କ୍ରମେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଉକ୍ତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ବହୁ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ପୂର୍ବାହ୍ନ ୭ ଘଟିକାରୁ ୧୨ ଘଟିକା ପର୍ଯ୍ୟନ୍ତ ଏହିଦିନ ମତଦାନ ଅନୁଷ୍ଠିତ ହେବାକୁ ଥିବାବେଳେ ୨୮ ତାରିଖରେ ଭୋଟ ଗଣତି କାର୍ଯ୍ୟ ସମ୍ପର୍ନ୍ନ ହେବ ବୋଲି ଭାରପ୍ରାପ୍ତ ଜିଲାପାଳ ସୂଚନା ଦେଇଛନ୍ତି। ନିର୍ବାଚନରେ ସୁରକ୍ଷା ବ୍ୟବସ୍ଥା, ଆଦର୍ଶ ଆଚରଣବିଧି ପାଳନ, ବାଲାଟ ପେପର ପ୍ରସ୍ତୁତି, କର୍ମଚାରୀ ନିୟୋଜନ, ଆବଶ୍ୟକ ଗାଡ଼ି ରିକ୍ୟୁଜିସନ, ରୁଟ୍ ଚାର୍ଟ ପ୍ରସ୍ତୁତି, ଦାୟିତ୍ୱରେ ଥିବା ନିର୍ବାଚନ ଅଧିକାରୀ ଓ କର୍ମଚାରୀଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ, ଷ୍ଟ୍ରଙ୍ଗରୁମର ବ୍ୟବସ୍ଥା, ପ୍ରତ୍ୟେକ ଷ୍ଟ୍ରଙ୍ଗ ରୁମରେ ସିସିଟିଭି ସ୍ଥାପନ, ସେକ୍ଟର ଅଫିସର ନିଯୁକ୍ତି ଓ ପ୍ରଶିକ୍ଷଣ, ଉତ୍ତେଜନା ଓ ଅତି ଉତ୍ତେଜନା ପ୍ରବଣ ବୁଥକୁ ଚିହ୍ନଟ ସହ ସୁରକ୍ଷା ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଉପରୋକ୍ତ ବୈଠକରେ ଆଲୋଚନା କରାଯାଇଥିଲା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓକିଲ ଭାଇ,**
**ଯାହାର ଖାଇବ ତାହାର ଗାଇ ।**

ଓକିଲ ବିଚାରାଳୟରେ ମକଦ୍ଦମା ଲଢ଼େ। ପାରିଶ୍ରମିକ ସ୍ୱରୂପ ମହକିଲ ଠାରୁ ପଇସା ନିଏ। ଯାହାଠାରୁ ପଇସା ପାଏ ସେ ତା' ପକ୍ଷ ନେଇ ମକଦ୍ଦମା ଲଢ଼ିଥାଏ। ଏହା ହିଁ ଓକିଲଙ୍କ ପେସା ବା ବୃତ୍ତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓସ୍ତ ପତର ପାନିଆଁ**
**ଚଉଧୁରୀ ଝିଅ କନିଆଁ**
**ସାଆନ୍ତରା ପୁଅ ବର**
**ଅଠର ଖଣ୍ଡ ବାଇଦ ବାଜେ ଢଙ୍ଗର ଢଙ୍ଗର ।**

ବଡ଼ଲୋକିଆ ବାହାଘର। ବଡ଼ଘର ଝିଅ, ବଡ଼ଘର ପୁଅ। ତେଣୁ ବାହାଘର ମଧ ସେଭଳି ଜାକଜମକିଆ ହେବା ସ୍ୱାଭାବିକ। ଥିଲାବାଲା ଘର ହେଲେ ବାହାଘରରେ ଖର୍ଚ୍ଚବାର୍ଚ୍ଚର କିଛି ସୀମା ନ ଥାଏ। ଟଙ୍କା ପଇସା ପାଣି ପରି ଖର୍ଚ୍ଚ କରାଯାଉଥିବା ଲକ୍ଷ୍ୟ କରାଯାଇଥାଏ। ଏକ ସମ୍ଭ୍ରାନ୍ତ ପରିବାର ମଧରେ ଅନୁଚିତ ହେଉଥିବା ବାହାଘରରେ ବାହ୍ୟଆଡମ୍ବର ପ୍ରତି ଅଧିକ ଦୃଷ୍ଟି ଦିଆଯିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଚିତ୍ରକାର ସଂଘର ବୈଠକ

**ସିଂହପୁର,୧୯।୧୧(ଡି.ଏନ୍.ଏ.)**

ବିଞ୍ଝାରପୁର ବ୍ଲକ ସିଂହପୁର ମା' ଦରିଆ ନାହାକାଣୀ ପୀଠରେ ଚିତ୍ରକାର ସଂଘର ବ୍ଲକ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଞ୍ଝାରପୁର ବ୍ଲକ କମିଟି ସଭାପତି ସୁଦର୍ଶନ ପାତ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଜିଲା ସଭାପତି ଅକ୍ଷୟ ବେହୁରିଆ, ଉପସଭାପତି ଗଗନ ଜେନା, କୋଷାଧ୍ୟକ୍ଷ ବରଦା ପ୍ରଶନ୍ନ ଜେନାଙ୍କ ଉପସ୍ଥିତିରେ ବ୍ଲକ କମିଟି ଗଠନ କରାଯାଇଛି। ଏଥିରେ ଉପସଭାପତି ପ୍ରତାପ ବିନ୍ଧାଣୀ, ସାଧାରଣ ସମ୍ପାଦକ ଦିଲୀପ ମିଶ୍ର, ସମ୍ପାଦକ ମଞ୍ଜୁଳି ଜେନା, କୋଷାଧ୍ୟକ୍ଷ ସୁଧାଂଶୁ ଶେଖର ବିନ୍ଧାଣୀଙ୍କୁ ମନୋନୀତ କରାଯାଇଛି। ଯାଜପୁର ବ୍ଲକ ସଭାପତି ଗଣେଷ ଜେନା, ଦଶରଥପୁର ବ୍ଲକ ସଭାପତି ବାଦଲ ନାୟକ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ଯାଜପୁର ରୋଡ,୧୯।୧୧(ନି.ପ୍ର.)**

ଯାଜପୁର ରୋଡ ଆଦର୍ଶ ଥାନା ପକ୍ଷରୁ ମଙ୍ଗଳବାର ବରିଷ୍ଠ ନାଗରିକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଓ ୨୦ ଜଣଙ୍କୁ ବରିଷ୍ଠ ନାଗରିକ କାର୍ଡ ବଣ୍ଟନ କରାଯାଇଛି। ଏହି ସ୍ୱାସ୍ଥ୍ୟ ପରୀକ୍ଷା ଶିବିରକୁ ଯାଜପୁର ଏସ୍‌ପି ଚରଣ ସିଂ ମୀନା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଯାଜପୁର ରୋଡ ଏସ୍‌ଡିପିଓ ଚିନ୍ମୟ ନାୟକ ତାଲିମ୍‌ରେ ଥିବା ଓପିଏସ୍ ଅଫିସର ଦୀପକ ଛୋଟରାୟ, ଥାନାଧିକାରୀ ଅନିଲ୍ କୁମାର ମହାନ୍ତି, ଏସ୍‌ଆଇ ପବିତ୍ର ମହାରଣାଙ୍କ ସହ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ୫୦ ଜଣ ବରିଷ୍ଠ ନାଗରିକଙ୍କ ଟାଟାଷ୍ଟିଲ୍ ହସ୍ପିଟାଲ୍ ଓ ଦାନଗଦୀ ଗୋଷ୍ଠୀ କେନ୍ଦ୍ରର ଡାକ୍ତର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

# ଜିଲାରେ ପୋଷ୍ୟ ସନ୍ତାନ ସପ୍ତାହ ପାଳନ



ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଆୟୋଜିତ ପୋଷ୍ୟ ସନ୍ତାନ ସପ୍ତାହ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଯାଜପୁର ଟାଉନ,୧୯।୧୧(ଡି.ଏନ୍.ଏ.)**

ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ପୋଷ୍ୟ ସନ୍ତାନ ସପ୍ତାହ ପାଳିତ ହୋଇଛି। ବରିଷ୍ଠ କର୍ମକର୍ତ୍ତା ମିହିର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗଦେଇ ପୋଷ୍ୟ ସନ୍ତାନ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ବିଜୟଲକ୍ଷ୍ମୀ ପଣ୍ଡା ଅନ୍ୟତମ ଅତିଥିଭାବେ ଯୋଗଦେଇ ଯାଜପୁରରେ ପୋଷ୍ୟସନ୍ତାନ କେନ୍ଦ୍ର ପ୍ରତିଷ୍ଠା ହେବା ଦ୍ୱାରା ଅସୁରକ୍ଷିତ ଭାବେ ରହୁଥିବା ଶିଶୁମାନଙ୍କ ଭବିଷ୍ୟତକୁ ସୁରକ୍ଷା ମିଳିବା ସହିତ ସମସ୍ତଙ୍କ ଉଦ୍ୟମରେ ଶିଶୁଙ୍କ ଉନ୍ନତି କରାଯାଇପାରିବ ବୋଲି କହିଥିଲେ। ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ରୁଦ୍ରପ୍ରତାପ କର, ଜିଲା ଶିଶୁ ମଙ୍ଗଳ କମିଟି ସଭ୍ୟ ଆଡଭୋକେଟ ଶୁଭ୍ରାଂଶୁ ରାୟ ଓ ସୁବାଷ ଚନ୍ଦ୍ର ଦେବତା ପ୍ରମୁଖ ଯୋଗଦେଇ ଶିଶୁଟିଏ ଉଦ୍ଧାର ପରେ ତାର ଥଇଥାନ ଓ ଆଇନଗତ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଉତ୍କଳ ବାଳାଶ୍ରମ ପୋଷ୍ୟସନ୍ତାନ ଗୃହର ପରିଚାଳକ ହରପ୍ରିୟା ଦାସ ବିସ୍ତୃତ ସୂଚନା ଦେଇ ପୋଷ୍ୟସନ୍ତାନ ଗ୍ରହଣରେ ବିବିଧ ପ୍ରକ୍ରିୟା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ପ୍ରୋଗ୍ରାମ ଅଫିସର ମଞ୍ଜୁଳା ରଥ, ଶିଶୁ ସୁରକ୍ଷା କର୍ମକର୍ତ୍ତା ଅର୍ଚ୍ଚନା ସାମନ୍ତ, ଆଇନ ପରାମର୍ଶଦାତା ତପନ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ବିଭିନ୍ନ ଶିଶୁ ପରିଚର୍ଯ୍ୟାକାରୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

# ମଧ୍ୟାହ୍ନଭୋଜନ ମାନ ପରଖିଲେ ରାଜ୍ୟ ପୁଷ୍ଟି ସଂଯୋଜିକା

**ରସୁଲପୁର,୧୯।୧୧(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ ରାଜ୍ୟ ପୁଷ୍ଟି ସଂଯୋଜିକା ସଞ୍ଜିତା ରାଉତ ବିଭିନ୍ନ ବିଦ୍ୟାଳୟ ବୁଲି ମଧ୍ୟାହ୍ନ ଭୋଜନ ସ୍ଥିତି ପରିଖିଛନ୍ତି। ସଂଯୋଜିକା ରାଉତ ଏହି ବ୍ଲକ ଅଞ୍ଚଳର ଚଣ୍ଡିପୁର ପ୍ରାଥମିକ ବିଦ୍ୟାଳୟ, କୁରାଂଶ ନୂଆସାହି ପ୍ରାଥମିକ ବିଦ୍ୟାଳୟ, କ୍ଷେତ୍ରପାଳ ନୋଡାଲ ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନରେ ଯାଇ ବିଦ୍ୟାଳୟରେ ବିଭିନ୍ନ ସ୍ଥିତି ପରଖି ଥିଲେ। ବିଶେଷକରି ମଧ୍ୟାହ୍ନ ଭୋଜନର ମାନ ପରୀକ୍ଷା କରିବା ସହ ଏହାର ପରିବେଷଣ, ବିଦ୍ୟାଳୟରେ ଗଚ୍ଛିତ ଚାଉଳ, ମଧ୍ୟାହ୍ନ ଭୋଜନ ଆକାଉଣ୍ଟରେ ଜମା ଟଙ୍କା ଓ କାରବାର, ବିଦ୍ୟାଳୟରେ ପିଲାମାନେ ଖାଇବା ପୂର୍ବରୁ ହାତଧୋଇବା ପାଇଁ ରହିଥିବା ବ୍ୟବସ୍ଥା, ଚାଉଳ ବସ୍ତା (ଖୋଟ ବସ୍ତା) ଅର୍ଥର ଉଚିତ ପରିଚାଳନା, ପିଲାମାନଙ୍କୁ ଆଇରନ ବଟିକା ବଣ୍ଟନ, କୃମି ନାଶକ ଔଷଧ ବିତରଣ, ମଧ୍ୟାହ୍ନ ଭୋଜନ ସମ୍ପର୍କିତ ବାର୍ତ୍ତା ପୋଟାଲରେ ଛାଡ଼ିବା, ଏଦିଗରେ ରେଜିଷ୍ଟର ପରିଚାଳନା କରିବା, ପିଲାମାନେ ବ୍ୟବହାର କରୁଥିବା ପାଇଖାନ ଓ ପରିସ୍ରାଗାରର ସ୍ୱଚ୍ଛତା ଆଦି ସ୍ଥିତି ପରଖିଥିଲେ। କ୍ଷେତ୍ରପାଳ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୧୮୯ଜଣ ବିଦ୍ୟାର୍ଥୀ ଅଧ୍ୟୟନରତ ଅଛନ୍ତି। ଉକ୍ତ ବିଦ୍ୟାଳୟକୁ ମଧ୍ୟାହ୍ନ ଭୋଜନ ରାନ୍ଧିବା ପାଇଁ ଏକ ଗ୍ୟାସ ସଂଯୋଗ ଦିଆଯାଇଛି। ମାତ୍ର ରୋଷେଇ ଘରେ ଉକ୍ତ ଗ୍ୟାସ ବ୍ୟବହାର ହେଉ ନ ଥିବା ଦେଖିବାକୁ ପାଇଥିଲେ। ଏଥିସହ ସଂଯୋଜିକା ରସୁଲପୁର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଁଚି ସ୍ଥିତିକୁ ନେଇ ସମୀକ୍ଷା ଆଲୋଚନା କରିଥିଲେ। କ୍ଷେତ୍ର ପରିଦର୍ଶନ ସମୟରେ ମିଳିଥିବା ତଥ୍ୟକୁ ନେଇ ବ୍ଲକ ଶିକ୍ଷାଧିକାରୀ ସାନ୍ତନୁ କୁମାର କର, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଭିକାରୀ ଚରଣ କବି ପ୍ରମୁଖ ସହ ଆଲୋଚନା କରିଥିଲେ।


# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ ୨0 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ T&C
1% ସୁଧ |40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add :- 41/14, Sec-1 Pushp Vihar, Delhi

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

E-MUDRA FINANCE
All Odisha
★ Mudra Loan
★ Cash Credit Loan
★ Vehicle Loan
★ Agriculture Loan
★ Personal Loan
★ Business Loan
★ Mortgage Loan
★ Housing Loan
All types of Loan@ 1% Interest 50% Subsidy
Fund Received in 24 Hours
9614873562
B-34/A Block, Vijay Enclave, Burari, New Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

BUSINESS

Galaxy Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୪୮ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ ସୁବିଧା
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
6204090239
8227843135

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍
ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨0 ଲକ୍ଷ, ଭଡ଼ା 60 ହଜାର + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ ।
7838639856
8826558929

EDUCATION

SPOT ADMISSION
B.Ed
Acharya Nagarjuna University Equivalent to Govt. of Odisha
FREE Practical, Study Material, Form fill-up fees & Weekend Class
NIDT
NO-1 B.Ed Academy Since 2001
B.J.B. Nagar, Lewis Road, Bhubaneswar
7978204082, 9438286091

CONGRATULATIONS TO ALL SUCCESSFUL STUDENTS OF OCS (MAIN) EXAM.-2018
LISAS'IAS CELEBRATES 27th YEAR OF SUCCESS
FREE GUIDANCE FOR OAS (VIVA-VOCE)
BATCH STARTS FROM 17.11.2019
LISAS' SUCCESS IN OAS
2017 : 41 (5 in Top 20)
2016 : 58 (4 in Top 20)
2015 : 155 (6 in Top 20)
2011 : 154 (Topper, 5 in Top 10 & 10 in Top 20)
2010 : 180 (Lady Topper & 6 in Top 10)
2000 : 93 (Topper, Lady Topper & 6 in Top 10)
1997 : 55 (Topper, Lady Topper)
1996 : 7 (Topper)
1995 : 7
LISAS'IAS
2, Budha Nagar (Near Kalpana Chowk), BBSR-6
9338222113
9337594620
CORRESPONDENCE COURSE ALSO AVAILABLE

DHARITRI Career appointment Every Wednesday and Saturday

ASTROLOGY

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋଡାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଶିଶୁ ଭାରତୀ ବୈଠକ

**ଯାଜପୁର ରୋଡ୍,୧୯।୧୧(ନି.ପ୍ର.):** ଯାଜପୁର ରୋଡ୍‌ସ୍ଥିତ ମୁଣ୍ଡମାଳ ଶିଶୁ ବିଦ୍ୟାମନ୍ଦିରରେ ରବିବାର ବିଭାଗସ୍ତରୀୟ ଶିଶୁ ଭାରତୀ ପଦାଧିକାରୀଙ୍କ ବୈଠକ ଶେଷ ହୋଇଛି। ଶନିବାର ଉଦ୍‌ଘାଟନୀ ଉତ୍ସବରେ ଯାଜପୁର ବିଭାଗ ନିରୀକ୍ଷକ ରାହାସ ବିହାରି ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଥିରେ ଯାଜପୁର ବିଭାଗର ସମସ୍ତ ଶିଶୁ ମନ୍ଦିରର ପଦାଧିକାରୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ସଭାପତି ଦିଗନ୍ତ କୁମାର ରାଉତ ଓ ସମ୍ପାଦକ ଦୀଲପ କୁମାର ଜେନା ଶିଶୁମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଶିଶୁମନ୍ଦିରଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅଭିମନ୍ୟୁ ଦାଶ ପରିଚୟ ପ୍ରଦାନ କରିଥିଲେ। ଶେଷରେ ଦେବାନନ୍ଦ ମାଝି ଧନ୍ୟବାଦ ଦେଇଥିଲେ।

### ରନ୍ଧନ ଗ୍ୟାସ ବିତରଣ କେନ୍ଦ୍ର ଖୋଲିବା ପାଇଁ ଦାବି

**ରସୁଲପୁର,୧୯।୧୧(ଡି.ଏନ୍.ଏ.):** ରସୁଲପୁର, ଯାଜପୁର ଓ କୋରେଇ ବ୍ଲକ ସୀମାବର୍ତ୍ତି ଅଞ୍ଚଳର ଜନସାଧାରଣଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁପଡୁଛି। ଯୋଗାଯୋଗ କ୍ଷେତ୍ରରେ ହେଉ ଅବା ଶିକ୍ଷା, ସ୍ୱାସ୍ଥ୍ୟ, ସାମଜିକ ସୁବିଧା ସୁଯୋଗ ଅନେକ ସମୟରେ ଏହି ଲୋକଙ୍କ ନିକଟରେ ଅପହଞ୍ଚ ହୋଇପଡୁଛି। ରସୁଲପୁର ବ୍ଲକ ସୀମାରେ ଥିବା ମହେଶ୍ୱରପୁର, ବେରୁଦା ପଞ୍ଚାୟତ, କୋରେଇ ଓ ଯାଜପୁର ବ୍ଲକ ସୀମାବର୍ତ୍ତି ଅଞ୍ଚଳରେ ଥିବା ଭୁବନେଶ୍ୱରପୁର, ନାଥସାହି, ଖଇରାବାଦ, ଜାଫରପୁର ଆଦି ପଞ୍ଚାୟତର ଜନସାଧାରଣଙ୍କୁ ରନ୍ଧନ ଗ୍ୟାସ ମିଳିବା ସହଜ ହୋଇପାରୁ ନାହିଁ। ଭାରତ ସରକାରଙ୍କ ଉଜ୍ୱଳା ଯୋଜନା ଏଠି ଅପହଞ୍ଚ ହୋଇରହିଛି। ଏହି ଅଞ୍ଚଳର ଜନସାଧାରଣ ଗ୍ୟାସ ସଂଗ୍ରହ ପାଇଁ ଯାଜପୁର ଟାଉନ, ଯାଜପୁର ରୋଡ, କୁଆଖିଆ ଉପରେ ନିର୍ଭର କରିବାକୁ ପଡୁଛି। ଅନ୍ୟୁନ ୧୦ କି.ମି.ରୁ ଊର୍ଦ୍ଧ ରାସ୍ତା ଅତିକ୍ରମ କରିବାକୁ ପଡୁଛି। ସରକାରଙ୍କ ଘରେ ଘରେ ପାଣି, ବିଜୁଳି ଓ ଗ୍ୟାସ ପହଞ୍ଚାଇବା କେବଳ ଘୋଷଣାରେ ସୀମିତ ରହିଛି। ସୀମାବର୍ତ୍ତି ଅଞ୍ଚଳରେ ଥିବା ପଞ୍ଚାୟତଗୁଡ଼ିକର ମଧ୍ୟବର୍ତ୍ତି ସ୍ଥାନରେ ଏକ ଗ୍ୟାସ ବିତରଣ କେନ୍ଦ୍ର ଖୋଲିବା ପାଇଁ ଜନସାଧାରଣ ଦାବି କରିଛନ୍ତି। ଏ ଦିଗରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦୃଷ୍ଟି ଦିଆଯିବା ପାଇଁ ସମାଜସେବୀ ବିଷ୍ଣୁଚରଣ ରାୟ ଦାବି କରିଛନ୍ତି। ଏସବୁ ପଞ୍ଚାୟତ ପାଇଁ ଅନ୍ୟୁନ ନାଥସାହି ପଞ୍ଚାୟତର ନଖିପୁର ଓ ମହେଶ୍ୱରପୁର ପଞ୍ଚାୟତର ପୁରୁଷୋତ୍ତମପୁର ଛକରେ ଦୁଇଟି ବିତରଣ କେନ୍ଦ୍ର ଖୋଲିବାକୁ ରାୟ ଦାବି କରିଛନ୍ତି। ଶତାଧିକ ଜନସାଧାରଣ ଜିଲା ପ୍ରଶାସନଙ୍କ ଜରିଆରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

### ଯୋଗ ଶିବିର, ଜିଲାସ୍ତରୀୟ ବୈଠକ

**ଯାଜପୁର ରୋଡ୍,୧୯।୧୧(ନି.ପ୍ର.):** ଯାଜପୁର ରୋଡ୍‌ସ୍ଥିତ ନନ୍ଦରାମ ବାଟିକାଠାରେ ପତଞ୍ଜଳୀ ଯୋଗ ସମିତି ପକ୍ଷରୁ ରବିବାର ଏକ ଯୋଗ ଶିବିର ଓ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଭାରତ ସ୍ୱାଭିମାନ ଟ୍ରଷ୍ଟ, ପତଞ୍ଜଳୀ ଯୋଗସମିତି, ମହିଳା ପତଞ୍ଜଳୀ ଯୋଗ ସମିତି, ଯୁବା ଭାରତ କିଷାନ ସେବା ସମିତି ମିଳିତ ଆୟୋଜନରେ କାର୍ଯ୍ୟକ୍ରମ ହୋଇଥିଲା। ହରିଦ୍ୱାର ପତଞ୍ଜଳୀ ଯୋଗ ପୀଠର ସ୍ୱାମୀ ଓମ୍ ଦେବ, ଓଡ଼ିଶା ରାଜ୍ୟ ପ୍ରଭାରୀ ସୁଧାଂଶୁ ଅଧିକାରୀ ପ୍ରମୁଖ ଯୋଗଦେଇ ଯୋଗାଭ୍ୟାସ ଶିକ୍ଷା ପ୍ରଦାନ କରି ଯୋଗର ଉପକାରିତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଜିଲାସ୍ତରୀୟ ବୈଠକରେ ଜିଲାର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ଜିଲା ପ୍ରଭାରୀଭାବେ ବିବେକାନନ୍ଦ ଜେନା, ସହ ପ୍ରଭାରୀ ବୀଭିଷଣ ନାୟକ, ମହାମନ୍ତ୍ରୀ ଇନ୍ଦ୍ରମଣି କର, କୋଷାଧ୍ୟକ୍ଷ ରାମଚନ୍ଦ୍ର ରାଉତ, କାର୍ଯ୍ୟାଳୟ ପ୍ରଭାରୀ ମହେଶ୍ୱର ପ୍ରଧାନ, ସଂଗଠନ ସମ୍ପାଦକ ଦୁର୍ଯ୍ୟୋଧନ ବେହେରା, ମୁଖ୍ୟ ପୃଷ୍ଠପୋଷକ ତ୍ରିଲୋଚନ ବିଶ୍ୱାଳ, ମୁଖ୍ୟ ପରାମର୍ଶଦାତା ସୁବାସ ତ୍ରିପାଠୀଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ଜିଲା ପତଞ୍ଜଳୀ ଯୋଗ ସମିତି ସଭାପତି ମନ୍ମଥ ସାମଲ, ସଞ୍ଜୁକ୍ତା ମହାପାତ୍ର, ସ୍ୱରଜିତ୍ ମହାନ୍ତି, ଧ୍ରୁବଚରଣ କର, ଯୋଗଗୁରୁ ବଟକୃଷ୍ଣ ପ୍ରଧାନ, ବିବେକାନନ୍ଦ ମହାନ୍ତି, ଚିନ୍ତାମଣି ପାଢ଼ୀଙ୍କ ସମେତ ଶତାଧିକ ବ୍ୟକ୍ତି ଯୋଗଦେଇଥିଲେ।

## ବର୍ଷକରେ ଥରେ

# ପ୍ରଥମାଷ୍ଟମୀରେ ଖୋଜାପଡ଼େ ହଳଦୀପତ୍ର



ହଳଦୀପତ୍ର

**ପ୍ରଦୀପ୍ତ କୁମାର ପୃଷ୍ଟି**
**ଚଣ୍ଡିଖୋଲ, ୧୯।୧୧**

ବୁଧବାର ହେଉଛି ପ୍ରଥମାଷ୍ଟମୀ। ଓଡ଼ିଆ ଘରର ବାର ମାସରେ ତେର ପର୍ବ ପାଳିତ ହୋଇଥାଏ। ସେଥିମଧ୍ୟରୁ ପ୍ରଥମାଷ୍ଟମୀ ଅନ୍ୟତମ। ମହାପ୍ରଭୁ ଜଗନ୍ନାଥଙ୍କୁ ମଧ୍ୟ ପ୍ରଥମାଷ୍ଟମୀରେ ପୋରୁହାଁ କରାଯାଏ। ସେହିଭଳି ତୁଳସୀ କ୍ଷେତ୍ରରେ ଥିବା ପ୍ରଭୁ ବଳଭଦ୍ରଙ୍କ ସ୍ୱତନ୍ତ୍ର ପୁଜା ଅନୁଷ୍ଠିତ ହୋଇଥାଏ। ଏହି ଧର୍ମୀୟ ସଂସ୍କୃତିକୁ ଆଧାର କରି ହିନ୍ଦୁ ଧର୍ମାବଲମ୍ବୀମାନେ ଘରର ଜ୍ୟେଷ୍ଠ ପୁତ୍ର କିମ୍ବା କନ୍ୟାକୁ ପୋରୁହାଁ କରିଥାନ୍ତି। ଆଉ ଏହି ଦିନ ଯେଉଁ ପିଠା ପ୍ରସ୍ତୁତ କରାଯାଇଥାଏ ସେଥିରେ ହଳଦୀପତ୍ରର ଆବଶ୍ୟକତା ପଡ଼ିଥାଏ। କାରଣ ହଳଦୀପତ୍ର ଗୁଡ଼ା ହୋଇ ଏଣ୍ଡୁରୀ ପିଠା ତିଆରି କରାଯାଏ। ଏହା ବେଶ୍ ସ୍ୱାଦଯୁକ୍ତ ଓ ସ୍ୱାସ୍ଥ୍ୟ ପାଇଁ ଲାଭ ଦାୟକ ବୋଲି ଆମ ପ୍ରଚଳିତ ଲୋକକଥା ରହିଛି। 'ଶହେ ପଛେ ଏଣ୍ଡୁରୀ ଖାଅ, କେବେ ନଖାଇବ ମଣ୍ଡା। ଶହେ ପଛେ ବୁଲାଣି ପଡୁ କେବେ ନ ଛାଡ଼ିବ ଦଣ୍ଡା' କାହିଁ କେଉଁ କାଳରୁ ଏହି ଲୋକକଥା ପ୍ରଚଳିତ ଥିବାବେଳେ ଏହାକୁ ଆଧାର କରି ପ୍ରତ୍ୟେକ ପରିବାରରେ ଏଣ୍ଡୁରି ପିଠା ତିଆରି ହୋଇଥାଏ। ଯାହାକି ସ୍ୱତନ୍ତ୍ର ଚାଉଳ ଯଥା-ଉଆପଖିଆ ଚାଉଳରେ ଏହି ପିଠା ପ୍ରସ୍ତୁତ କରାଯାଏ। ଅନେକ କ୍ଷେତ୍ରରେ ହଳଦୀକୁ ଔଷଧୀୟ ସାମଗ୍ରୀ ଭାବେ ବ୍ୟବହାର କରାଯାଇଥାଏ। ସେଥିପାଇଁ କବିରାଜମାନେ ହଳଦୀ ଓ ହଳଦୀ ପତ୍ରକୁ ବିଶେଷ ଗୁରୁତ୍ୱ ଦେଇଥାନ୍ତି। ସେଥିପାଇଁ ଛୋଟ ପିଲାମାନେ ଜନ୍ମ ହେଲା ପରେ ତାଙ୍କୁ ହଳଦୀ ଲଗାଇବା ପାଇଁ ପରାମର୍ଶ ଦିଆଯାଏ। ଆଦିମ କାଳରୁ ହଳଦୀ ପତ୍ରରେ ତିଆରି ଏଣ୍ଡୁରୀ ପିଠା ପ୍ରତ୍ୟେକ ଓଡ଼ିଆଙ୍କ ଘରେ ଘରେ ବେଶ୍ ପରିଚୟ ଲାଭ କରିଛି। ଏହି ପିଠାକୁ ପ୍ରାୟ ସପ୍ତାହ ବ୍ୟାପି କରାଯାଇଥାଏ। ଏ ସମ୍ପର୍କରେ ଆୟୁର୍ବେଦିକ ଗବେଷକ ଅନନ୍ତ କିଶୋର ଦେବଦର୍ଶୀ କୁହନ୍ତି ହଳଦୀ ପତ୍ର ଶରୀର ପାଇଁ ବେଶ ଉପକାରୀ। ଏହା ରକ୍ତ ପରିସ୍କାର କରିବା ସହ ଚର୍ମ ରୋଗ ଦୂର କରିଥାଏ। ହଜମ ଶକ୍ତି ବୃଦ୍ଧିରେ ମଧ୍ୟ ସହାୟତା ହୋଇଥାଏ ବୋଲି ସେ ପ୍ରକାଶ କରିଛନ୍ତି।

# ବଡ଼ଚଣା କଂଗ୍ରେସ ପକ୍ଷରୁ ଇନ୍ଦିରା ଗାନ୍ଧୀ ଜୟନ୍ତୀ



ଇନ୍ଦିରା ଗାନ୍ଧୀ ଜୟନ୍ତୀରେ ଯୋଗଦେଇଥିବା କଂଗ୍ରେସ କର୍ମକର୍ତ୍ତା।

**ବାଲିଚନ୍ଦ୍ରପୁର,୧୯।୧୧(ସ୍ୱ.ପ୍ର.)**
ବଡ଼ଚଣା କଂଗ୍ରେସ ପକ୍ଷରୁ ବାଲିଚନ୍ଦ୍ରପୁରଠାରେ ମଙ୍ଗଳବାର ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ୧୦୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ରତିକାନ୍ତ ପ୍ରଧାନ, ମାନଭଞ୍ଜନ ରାଉତ, ଜିଲା ଯୁବ କଂଗ୍ରେସ ସଭାପତି ବିଶ୍ୱପ୍ରକାଶ ସାମଲ, ରିଆସତ ଅଲ୍ଲି, ସୁଲତାନା ସୈଫୁଲା ଖାନ୍, ସଞ୍ଜୟ କର, ଧର୍ମରାଜ ମହାନ୍ତି, ଅଶୋକ ବେହେରା, ଉମେଶ ଚନ୍ଦ୍ର ବଳ, ସୁଧିର ଦାସ, ସୁବାଷ ଚନ୍ଦ୍ର ପରିଡାଙ୍କ ସମେତ ବହୁ କଂଗ୍ରେସ ନେତା ଯୋଗଦେଇଥିଲେ। ପ୍ରାରମ୍ଭରେ ନେତା ଓ କର୍ମୀମାନେ ବାଲିଚନ୍ଦ୍ରପୁର ବଜାରଠାରେ ଥିବା ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପେନ୍‌ସନ ଅଦାଲତ



ପେନ୍‌ସନ ଅଦାଲତରେ ଉପସ୍ଥିତ ଅଧିକାରୀ।

**ରସୁଲପୁର,୧୯।୧୧(ଡି.ଏନ୍.ଏ.)**
ରସୁଲପୁର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଆଜି ଏକ ପେନସନ ଅଦାଲତ ଅନୁଷ୍ଠିତ ହୋଇଛି। ଶିକ୍ଷକଙ୍କ ଅବସର ଗ୍ରହଣ କରିବା ପରେ ସେମାନଙ୍କ ପେନ୍‌ସନକୁ ନେଇ ରହିଥିବା ମସସ୍ୟାକୁ ତତ୍କାଳ ସମାଧାନ କରିବା ଉପରେ ଅଦାଲତ ପକ୍ଷରୁ ଗୁରତ୍ୱ ପ୍ରଦାନ କରାଯାଇଥିଲା। ବ୍ଲକ ଅଞ୍ଚଳରୁ ପେନସନ ସମସ୍ୟାକୁ ନେଇ ୪ଜଣ ଅବସରପ୍ରାପ୍ତ ଶିକ୍ଷକ ଅଦାଲତରେ ପହଞ୍ଚି ନିଜର ଗୁହାରି ଜଣାଇଥିଲେ। ସେମାନଙ୍କ ମଧ୍ୟରୁ ୩ଜଣ ଉପଭୋକ୍ତାଙ୍କ ସମସ୍ୟାକୁ ସମାଧାନ କରାଯାଇଥିଲା। ଜଣେ ଶିକ୍ଷକଙ୍କ ସମସ୍ୟା କୋର୍ଟରେ ବିଚରାଧୀନ ଥିବାରୁ ସେନେଇ ଅଦାଲତ ପକ୍ଷରୁ କୌଣସି ମତାମତ ରଖାଯାଇ ନ ଥିଲା। ଉକ୍ତ କାର୍ଯ୍ୟକ୍ରମକୁ ରସୁଲପୁର ମଣ୍ଡଳ ଶିକ୍ଷାଧିକାରୀ ସାନ୍ତନୁ କୁମାର କର, ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ଭିକାରୀ ଚରଣ କବି ପ୍ରମୁଖ ପରିଚାଳନା କରିଥିଲେ। ଶିକ୍ଷକଙ୍କ ପେନ୍‌ସନ୍ ଜନିତ ସମସ୍ୟା ଆଗଭଳି ଜଟିଳ ହୋଇନାହିଁ। ଚାକିରୀରୁ ଅବସର ନେବାକ୍ଷଣି ସେ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନିଆଯିବା ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି ବୋଲି କର ପ୍ରକାଶ କରିଛନ୍ତି।

### ବ୍ୟାସ ମିଡିଆ କପ୍ କ୍ରିକେଟ ଟୁର୍ନାମେଣ୍ଟ

## ଯାଜପୁର ପ୍ରେସ୍ କ୍ଲବକୁ ହରାଇ ଟାଟା ଷ୍ଟିଲ ଚାମ୍ପିୟନ

**ଯାଜପୁର ରୋଡ୍,୧୯।୧୧(ନି.ପ୍ର.)**
ଯାଜପୁର ରୋଡସ୍ଥିତ ଏନ୍‌ସି ହାଇସ୍କୁଲ ପଡ଼ିଆଠାରେ ଆୟୋଜିତ ଦୁଇ ଦିନିଆ ବ୍ୟାସ ମିଡ଼ିଆ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଯାଜପୁର ପ୍ରେସ୍ କ୍ଲବ୍‌କୁ ୮୧ ରନ୍‌ରେ ହରାଇ ଟାଟା ଷ୍ଟିଲ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍‌ରେ ଟାଟା ଷ୍ଟିଲ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭର୍‌ରେ ୪ ଉଇକେଟ୍ ହରାଇ ୧୪୫ ରନ୍ କରିଥିଲା। ଦଳ ପକ୍ଷରୁ ସତ୍ୟଜିତ୍ ଗିରି ୮୪ରନ୍ ଓ ମୁକେଶ ସିଂ ୩୪ରନ୍ କରିଥିଲେ। ଜବାବ୍‌ରେ ଯାଜପୁର ପ୍ରେସ୍ କ୍ଲବ ୮ଉଇକେଟ୍ ହରାଇ ୬୪ରନ୍ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ବ୍ୟାସ ଫୋରମର ସଭାପତି ଅଭୟ ପତି ଅଧକ୍ଷତା କରିଥିଲେ। ଯାଜପୁର ଏସ୍‌ପି ଚରଣ ସିଂ ମୀନା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପୂର୍ବତନ ନଗରପାଳ ତଥା ଯାଜପୁର ଆଥଲେଟିକ ଆସୋସିଏଶନର କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତି ଏବଂ ପୂର୍ବତନ ପୌରାଧକ୍ଷା ସବିତା ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହିତ ୫ ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହିତ ୩ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ସମ୍ପାଦକ ଉଦୟ ଖଣ୍ଡାଇ ବିବରଣୀ ପାଠ କରିଥିଲେ। ପ୍ରକାଶ ରାଉତ, ଜ୍ଞାନ ଓଝା, ଆଶୁତୋଷ ମିଶ୍ର, ପୀତବାସ ଭୂୟାଁ, ନିତ୍ୟାନନ୍ଦ ମହାଳିକ, ଦୟାନିଧି ନାୟକ, ଦୀପକ ଦାସ, ଜ୍ଞାନ ରଞ୍ଜନ ଓଝା, ମାନସ ଆଏଚ, ମଳୟ ମଲିକ, ବିରଞ୍ଚି ଖୁଣ୍ଟିଆ, ଆଶିଷ ରାଉତ, ଚିତ୍ତରଞ୍ଜନ ବୋଇତେଇ, ସନ୍ତୋଷ ସାହୁ, ସଞ୍ଜୟ ସରକାର ପ୍ରମୁଖ ସହଯୋଗ କରିଥିଲେ।

### ଛାତ୍ରଙ୍କ ବିୟୋଗରେ ସ୍ମୃତିଚାରଣ ସଭା

**ବରୀ,୧୯।୧୧(ସ୍ୱ.ପ୍ର.):** ବରୀ ବ୍ଲକ ଅଧୀନ ଚନ୍ଦ୍ରଶେଖରପୁରସ୍ଥିତ ପ୍ରଭାକର ସଂସ୍କୃତ ମହାବିଦ୍ୟାଳୟର +୨ ୨ୟ ବର୍ଷ ଛାତ୍ର ସ୍ମୃତି ରଞ୍ଜନ ମଲ୍ଲିକଙ୍କ ଗତ ୧୨ତାରିଖରେ ସଡ଼କ ଦୁର୍ଘଟଣାରେ ଅକାଳ ବିୟୋଗ ଘଟିଛି। ସୋମବାର ମହାବିଦ୍ୟାଳୟ ପରିସରରେ ଅଧକ୍ଷ ବିଭୂତିନାଥ ଶର୍ମାଙ୍କ ଅଧକ୍ଷତାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧାପକ ନିହାର ରଞ୍ଜନ ସୁତାର, ସୁବାସ ଚନ୍ଦ୍ର ପଣ୍ଡା, ସ୍ୱର୍ଣ୍ଣଲତା ଓଝା, ଅରୁଣ କୁମାର ନାଥଶର୍ମା, ପ୍ରକାଶ ଶର୍ମା, ଛାତ୍ରୀଛାତ୍ର ଉପସ୍ଥିତଥିଲେ। ଏହି ଅବସରରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

### ଆଦର୍ଶ ଶିକ୍ଷକଙ୍କ ସ୍ମୃତିଚାରଣ ସଭା

**ରସୁଲପୁର,୧୯।୧୧(ଡିଏନଏ):** ରସୁଲପୁର ବ୍ଲକ ବ୍ରହ୍ମବରଦା ବରଦା ସାହିରେ ଆଦର୍ଶ ଶିକ୍ଷକ ସୁବାସ ଦାସଙ୍କ ବିୟୋଗରେ ଏକ ସ୍ମୃତିଚାରଣ ସଭା ବରିଷ୍ଠ ନାଗରିକ ହରିବନ୍ଧୁ ଗିରିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ଶିକ୍ଷାବିତ୍ ଶ୍ୟାମସୁନ୍ଦର ପାଢୀ, କିଷାନ ପଣ୍ଡା, ଅବଦୁଲ୍ ଦୟାନ ଖାଁ, ସୁବାସ ରାଉତ, ବିନୋଦ ରଥ, ପ୍ରତାପ କେଶରୀ ଦେଓ, ସରପଞ୍ଚ ବିଜୟ ଦାସ, ସମିତି ସଭ୍ୟ ଅଟଳ ବିହାରୀ ଦାସ, ଅର୍ଜୁନ ନାୟକ, ଜୁଲଫିକର ଅଲ୍ଲୀ ଖାନ୍, ମନୋଜ ମହାନ୍ତି, ନିମାଇଁ ଚରଣ ଦାସ, ଅମୁଲ୍ୟ ରାଉତ, ବିଦ୍ୟାଲୋଚନ ମହାନ୍ତି, ମନୋଜ କୁମାର ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ସ୍ୱର୍ଗତ ଶିକ୍ଷକଙ୍କ ସ୍ମୃତିଚାରଣ କରିଥିଲେ। ଚିତ୍ତରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଆନ୍ତଃକ୍ଲବ ଭଲିବଲ୍: ବ୍ଲେସିଂ କ୍ଲବ୍ ଚାମ୍ପିୟନ

**ଯାଜପୁରରୋଡ୍,୧୯।୧୧(ନି.ପ୍ର.)**
ଯାଜପୁର ଜିଲା କ୍ରୀଡ଼ା ସଂସଦ ଆନୁକୁଲ୍ୟରେ ନ୍ୟାଶନାଲ୍ ଆଥଲେଟିକ୍ ଆସୋସିଏଶନ ସହଯୋଗରେ ସୋମବାର ସ୍ଥାନୀୟ ତାହାରପୁର ଖେଳ ପଡ଼ିଆରେ ଅନୁଷ୍ଠିତ ଆନ୍ତଃକ୍ଲବ ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଏଥିରେ ବ୍ଲେସିଂ କ୍ଲବ ନଗୁଆଁ (୨-୧) ସେଟ୍‌ରେ କୃଷ୍ଣପୁର ଟିମ୍‌କୁ ହରାଇ ଚାମ୍ପିୟନ ହୋଇଛି। ଏହି ଟୁର୍ନମେଣ୍ଟରେ ସମୁଦାୟ ୧୨ ଦଳ ଭାଗନେଇଥିଲେ। କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ତୁଳତୀ ସରପଞ୍ଚ ଦୀପ୍ତିମୟୀ କୁଅଁର, ସମ୍ମାନିତ ଅତିଥି ଭାବେ ତାହାରପୁର ସରପଞ୍ଚ ଶରତ ଚନ୍ଦ୍ର ଜେନା ଓ ଜ୍ୟୋତିରଞ୍ଜନ ଦାସ ଯୋଗଦେଇଥିଲେ। କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ସମ୍ବିତ୍ ମହାନ୍ତି ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡା ସଂସଦର ବି.ଏସ୍.କେ ସାମଲ, ସିବ ବେହେରା, ରମେଶ ଚନ୍ଦ୍ର ପଣ୍ଡା, ନିରଞ୍ଜନ ପୃଷ୍ଟି, ବିରସେନ୍ ସାହୁ ଉପସ୍ଥିତ ଥିଲେ। ଅମର ସାହୁ, ଶଶିକାନ୍ତ ବାରିକ, ଅସିତ ପାଳ, ମନୋରଞ୍ଜନ ପଣ୍ଡା ଖେଳ ପରିଚାଳନା କରିଥିଲେ।

## ବାଲିଚନ୍ଦ୍ରପୁର ପଞ୍ଚାୟତରେ ବିଜେଡିର ମିଶ୍ରଣପର୍ବ

**ବାଲିଚନ୍ଦ୍ରପୁର,୧୯।୧୧(ସ୍ୱ.ପ୍ର.):** ବାଲିଚନ୍ଦ୍ରପୁର ପଞ୍ଚାୟତରେ ମଙ୍ଗଳବାର ଜୋନ୍ ବିଜେଡି ସଭାପତି କିରଣ କୁମାର ଶତପଥୀଙ୍କ ଅଧକ୍ଷତାରେ ଏକ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଞ୍ଚାୟତ ଏବଂ ୧ ନମ୍ବର ୱାର୍ଡର ୨୦ରୁ ଊର୍ଦ୍ଧ୍ୱ ପରିବାର ଭାଜପା ଛାଡି ବିଜେଡିରେ ଯୋଗଦାନ କରିଛନ୍ତି। ଏକ ନମ୍ବର ୱାର୍ଡର ଅରକ୍ଷିତ ଦଳେଇ, ଅଭିମନ୍ୟୁ, ଦଳେଇ, ବନମାଳୀ ଦଳେଇ, ମହେଶ୍ୱର ଦଳେଇ, କାର୍ତ୍ତିକ ଦଳେଇ, ହାଡିବନ୍ଧୁ ଦଳେଇ, ନିଗମା ନନ୍ଦ ଦଳେଇ, ବିଚିତ୍ରା ନନ୍ଦ ଦଳେଇ ଓ ମାଗୁଣି ଦଳେଇ ପ୍ରମୁଖ ଦଳରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣପର୍ବରେ ସରପଞ୍ଚ ଫନୀନ୍ଦ୍ର ପଣ୍ଡା, ମାନସ ଦେଓ, ମନୋରଞ୍ଜନ ମହାନ୍ତି, ଅଭିମନ୍ୟୁ ବଳ, ପ୍ରାକ୍ତନ ସରପଞ୍ଚ ଦିବାକର ସେଠୀ, ନିତ୍ୟାନନ୍ଦ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

### ଟ୍ରେନ୍‌ରୁ ଖସିପଡ଼ି ଗୋଡ଼ ହରାଇଛନ୍ତି ଶ୍ରମିକ

## ସହାୟତା ଦାବି କଲେ ଗ୍ରାମବାସୀ

**ଧର୍ମଶାଳା,୧୯।୧୧(ଡି.ଏନ୍.ଏ.)**
ଧର୍ମଶାଳା ବ୍ଲକ ଥାନୁଆଳ ଗ୍ରାମର ଗୁଣନିଧି ଦୋରା(୫୫) ଅକ୍ଟୋବର ୪ ତାରିଖରେ ଗଡ଼ମଧୁପୁର ରେଲ୍‌ୱେ ଷ୍ଟେଶନରୁ କପିଳାସ ରୋଡ ଯାଉଥିଲେ। ହେଲେ ଷ୍ଟେଶନ ନିକଟରେ ଟ୍ରେନ୍‌ରୁ ଖସିପଡି ୨ ଗୋଡ କଟିଯାଇଥିଲା। ତାଙ୍କୁ ଉଦ୍ଧାର କରାଯାଇ କଟକସ୍ଥିତ ଚାଣକ୍ୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏବେ ସେ ଗୋଡ ହରାଇ ଘରେ ପଡି ରହିଛନ୍ତି। ଗୁଣନିଧି ପରିବାରର ରୋଜଗାରର ମୁଖ୍ୟ ଥିଲେ। ଦିନ ମଜୁରିଆ କାମ କରି ୫ ପ୍ରାଣୀ କୁଟୁମ୍ବଙ୍କୁ ଚଳାଉଥିଲେ। ଏବେ ଅଚଳ ହେବାରୁ ପରିବାର ପ୍ରତିପୋଷଣ କରିବା କଷ୍ଟସାଧ୍ୟ ହୋଇପଡିଛି। ନିଜ ଔଷଧ ପାଇଁ ପାଖରେ ଟଙ୍କା ନାହିଁ। ଏଭଳିସ୍ଥିତିରେ ଆର୍ଥିକ ସହାୟତା ପାଇଁ ରେଲ୍‌ୱେ ବିଭାଗ ଏବଂ ବ୍ଲକଠାରୁ ଆରମ୍ଭ କରି ଜିଲାପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନ ଥିବା ଗୁଣନିଧି କହିଛନ୍ତି। ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ସମିତି ସଭ୍ୟ ପ୍ରସନ୍ନ ରାଉତ ଓ ଗ୍ରାମବାସୀ ଦାବି କରିଛନ୍ତି।

### ପାନୀୟ ଜଳ ପ୍ରକଳ୍ପ ଅଚଳ

## ପାଣି ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଲୋକେ

**ଧର୍ମଶାଳା,୧୯।୧୧(ଡି.ଏନ୍.ଏ.)**
ଧର୍ମଶାଳା ବ୍ଲକ ଚୋରମୁହାଁ ପଞ୍ଚାୟତ ହାଟ ପଡ଼ିଆଠାରେ ଥିବା ପାନୀୟ ଜଳ ପ୍ରକଳ୍ପଟି ଏକ ସପ୍ତାହ ହେବ ଅଚଳ ହୋଇପଡିଛି। ଫଳରେ ଲୋକେ ପାଣି ପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଗ୍ରାମବାସୀ କହିଛନ୍ତି। ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ୧୯୮୪ରେ ହାଟ ପଡ଼ିଆଠାରେ ଉକ୍ତ ପାନୀୟଜଳ ପ୍ରକଳ୍ପକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏହି ପ୍ରକଳ୍ପ ମାଧ୍ୟମରେ ଚୋରମୁହାଁ ପଞ୍ଚାୟତର ସମସ୍ତ ଗ୍ରାମ ଓ ସାହିକୁ ପାଇପ୍ ଯୋଗେ ପାଣି ଯୋଗାଣ କରାଯାଉଥିଲା। ଏହାପରଠୁ ଗ୍ରାମବାସୀ କୂଅ ଓ ପୋଖରୀ ଜଳ ବ୍ୟବହାର ନ କରିବାରୁ ସେଗୁଡିକ ମଧ୍ୟରୁ ଅନେକ ନଷ୍ଟ ହୋଇଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମର ୩ ଦଶନ୍ଧି ବିତି ଯାଇଥିବାବେଳେ ଅନେକ ସମୟରେ ଏହାର କ୍ଷମତାକୁ ବୃଦ୍ଧି ମଧ୍ୟ କରାଯାଇଛି। ଚୋରମୁହାଁ ପଞ୍ଚାୟତ ସମେତ ଧର୍ମଶାଳା ବଜାର, ଥାନା, ସ୍କୁଲ ପାଣି ପାଇଁ ଏହି ପ୍ରକଳ୍ପ ଉପରେ ନିର୍ଭର କରିଥାନ୍ତି। ଦୀର୍ଘ ଏକ ସପ୍ତାହ ହେବ ପ୍ରକଳ୍ପ ଅଚଳ ହୋଇ ପଡିଥିବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏ ସମ୍ପର୍କରେ ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ରୁଦ୍ରକେଶରୀ ସେଠୀଙ୍କୁ ପଚାରିବାରୁ, ଖୁବ୍‌ଶୀଘ୍ର ପ୍ରକଳ୍ପ କାମ କାର୍ଯ୍ୟକାରୀ ହେବ ବୋଲି କହିଛନ୍ତି।

### ଡିଏମ୍‌ଏଫ୍ ପାଣ୍ଠି ଦୁରୁପଯୋଗ ଅଭିଯୋଗ

# ଆନ୍ଦୋଳନରେ ସାମିଲ ହେବେ ନଗଡ଼ା ଜୁଆଙ୍ଗ

**କାଳିଆପାଣି,୧୯।୧୧(ଡି.ଏନ୍.ଏ.)**



ତଳନଗଡ଼ାଠାରେ ମେଳି ହୋଇଥିବା ଜୁଆଙ୍ଗ ଆଦିବାସୀ।

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ନଗଡ଼ା ଅଞ୍ଚଳ ବିକାଶରେ ଡିଏମ୍‌ଏଫ ପାଣ୍ଠି ବିନିଯୋଗରେ ଅନିୟମିତତା ପ୍ରତିବାଦରେ ଖଣି ଅଞ୍ଚଳ ସୁରକ୍ଷା ମଞ୍ଚ ଆନ୍ଦୋଳନ ଡାକରା ଦେଇଛି। ଏହି ଆନ୍ଦୋଳନକୁ ମଙ୍ଗଳବାର ନଗଡ଼ା ଜୁଆଙ୍ଗ ସମର୍ଥନ ଜଣାଇଛନ୍ତି। ଏ ନେଇ ନଗଡ଼ାର ଶତାଧିକ ମହିଳା ଓ ପୁରୁଷ ତଳନଗଡ଼ାଠାରେ ଏକତ୍ରିତ ହୋଇ ନଗଡ଼ା ପରିବେଶ ଦିନକୁଦିନ ବିପର୍ଯ୍ୟସ୍ତ ହେବା, ଗମନାଗମନ, ସ୍ୱାସ୍ଥ୍ୟ, ଶିକ୍ଷାକୁ ପ୍ରଶାସନ ଗୁରୁତ୍ୱ ନ ଦେବାରୁ ଏବେ ବି ଗ୍ରାମରେ ଅପପୁଷ୍ଟି ଲାଗିରହିଥିବା ବେଳେ ଲୋକମାନେ ବିଭିନ୍ନ ରୋଗରେ ମୃତ୍ୟୁବରଣ କରୁଥିବା ଅଭିଯୋଗ କରିଛନ୍ତି। ଏଥିସହ ଜିଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀ ନଗଡ଼ା ଅଞ୍ଚଳକୁ ନାମକୁମାତ୍ର ଗସ୍ତ କରି ପର୍ଯ୍ୟଟକ ସାଜିଥିବା ବେଳେ ଏହାର ବିକାଶର ନା ଧରୁ ନ ଥିବାରୁ ଖଣି ଅଞ୍ଚଳ ସୁରକ୍ଷା ମଞ୍ଚ ଆସନ୍ତା ୨୫ ତାରିଖରେ ଦେଇଥିବା ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ପ୍ରକାଶ ଯେ, କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ଜିଲା ଖଣିଜ ନ୍ୟାସ ପାଣ୍ଠିର ସଦ୍ ବିନିଯୋଗ ସୁକିନ୍ଦା ଖଣି ଅଞ୍ଚଳରେ ନ ହୋଇ ଦୁରୁପଯୋଗ ହେଉଛି। ଏହାକୁ ନେଇ ଖଣି ଅଞ୍ଚଳ ସୁରକ୍ଷା ମଞ୍ଚ ସୋମବାର ଭାରପ୍ରାପ୍ତ ଜିଲାପାଳ ମିହିର କୁମାର ମହାନ୍ତିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛି। ଯେଉଁଥିରେ ଖଣି ଅଞ୍ଚଳ ପରିବେଶ ଦିନକୁ ଦିନ ବିପର୍ଯ୍ୟସ୍ତ ହେଉଥିବାରୁ ବିଭିନ୍ନ ମାରାତ୍ମକ ରୋଗରେ ଲୋକେ ପୀଡ଼ିତ ହୋଇ ମୃତ୍ୟୁବରଣ କରୁଛନ୍ତି, କୋଟିକୋଟି ଅର୍ଥ ଡ଼ିଏମ୍‌ଏଫ ପାଣ୍ଠିରେ ପଡ଼ିରହିଥିଲେ ବି ଖଣି ଅଞ୍ଚଳରେ ଏହାର ସଦ୍‌ବିନିଯୋଗ ହୋଇପାରୁନି। ଏଥିସହ ଏହି ପାଣ୍ଠି ବିନିଯୋଗରେ ଜିଲାପାଳଙ୍କ ବୈମାତୃକ ମନୋଭାବ ଯୋଗୁ ଖଣି ଅଞ୍ଚଳ ଏବଂ ନଗଡ଼ାରେ ଏହାର ସୁବିନିଯୋଗ କରାଯାଉ ନ ଥିବାରୁ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ସୁରକ୍ଷା ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ସେହିପରି ୨୦୧୬ରେ କଲରଙ୍ଗୀ ଠାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ୩ ପ୍ରସ୍ତାବିତ ପ୍ରକଳ୍ପ, ଡ଼ିଏମ୍‌ଏଫ ହାଉସ, ବିଜୁ ପଟ୍ଟନାୟକ ପ୍ରମୋଦ ଉଦ୍ୟାନ ଓ ବିଜୁ ପଟ୍ଟନାୟକ ଷ୍ଟାଡ଼ିୟମ କାର୍ଯ୍ୟକାରୀ ହୋଇ ନ ଥିବା ନେଇ ସୁରକ୍ଷା ମଞ୍ଚ ଅଭିଯୋଗ କରିଛି।

## ସଂକ୍ଷେପରେ

### ପଲ୍ୟୁଶନ ସାର୍ଟିଫିକେଟ୍ ରସିଦ୍ ୬୦ ଟଙ୍କା, ନେଉଛନ୍ତି ମନଇଚ୍ଛା

**ଖୋର୍ଦ୍ଧାଅଫିସ/ଟାଙ୍ଗୀ, ୧୯।୧୧ (ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲାର ପଲ୍ୟୁଶନ ସାର୍ଟିଫିକେଟ ପାଇଁ ମନଇଛା ଟଙ୍କା ନେଉଛନ୍ତି। କିନ୍ତୁ ୬୦ ଟଙ୍କାର ରସିଦ୍ ଦେଉଛନ୍ତି। ବାଇକ୍ ପାଇଁ ୬ମାସର ପଲ୍ୟୁଶନ ସାର୍ଟିଫିକେଟ ଦେୟ ୬୦ ଟଙ୍କା ଓ ଡିଏସ ୪ ବାଇକ ପାଇଁ ୧ ବର୍ଷ ପଲ୍ୟୁସନ ସାଟିଫିକେଟ ଦେୟ ୬୦ ଟଙ୍କା ରହିଛି। କିନ୍ତୁ ବାଇକ ପାଇଁ ୭୦ ଟଙ୍କା ଓ ଡିଏସ ୪ ବାଇକ ପାଇଁ୧୧୦ଟଙ୍କା ନେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ଯାଞ୍ଚ କରାଯାଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

### ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଖୋର୍ଦ୍ଧା ଅଫିସ,୧୯।୧୧:** ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ କୁମାରାଙ୍ଗ, ତୁମୁରାପୁଟ ଓ ଗାଲୁଆ ପଞ୍ଚାୟତର ବିଜୁ ଯୁବ ବାହିନୀ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁବ ବାହିନୀର ସଦସ୍ୟମାନେ ଗାଡ଼ି ଚାଳକଙ୍କୁ ହେଲମେଟ, ସିଟବେଲ୍ଟ ପିନ୍ଧିବା, ଟ୍ରାଫିକ ନିୟମ ମାନି ଗାଡ଼ି ଚଳାଇବା ସମ୍ପର୍କରେ ସଚେତନ କରାଇଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଗାଲୁଆ ଛକଠାରୁ ବାହାରି ବାଣପୁର, ଗୋବିନ୍ଦପୁର, କଲେଜଛକ ଦେଇ କୁମାରାଙ୍ଗ ଛକଠାରେ ପହଞ୍ଚିଥିଲା। କୁମାରାଙ୍ଗ ସରପଞ୍ଚ ମନୋଜ ପ୍ରଧାନ, ନିରଞ୍ଜନ ପ୍ରଧାନ, ବ୍ୟୋମକେଶ ମହାପାତ୍ର, ପବିତ୍ର ସେଠୀ, ଅଜିତ ବାରିକ, ନୀଳମାଧବ ଘଡେଇ, ନିରଞ୍ଜନ ଘଡ଼େଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କଂକ୍ରିଟ ରାସ୍ତା ନିର୍ମାଣକୁ ବିରୋଧ ଆନ୍ଦୋଳନ ଚେତାବନୀ ଦେଲେ ଗ୍ରାମବାସୀ

**ଖୋର୍ଦ୍ଧା ଅଫିସ,୧୯।୧୧:** ଖୋର୍ଦ୍ଧା ବ୍ଲକ ବ୍ରଜମୋହନପୁର ପଞ୍ଚାୟତ ୮ନଂ. ୱାର୍ଡରେ ଜଳ ନିଷ୍କାସନ ବ୍ୟବସ୍ଥା ନ କରି କଂକ୍ରିଟ ରାସ୍ତା ନିର୍ମାଣ କରାଯାଉଛି। ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ନିର୍ମାଣ ଚାଲିଛି। ବର୍ଷା ହେଲେ ରାସ୍ତା ପାଣି ଘରେ ପଶିବ। ଗ୍ରାମବାସୀଙ୍କ ଅଭିଯୋଗକୁ ଅଣଦେଖା କରି ରାସ୍ତା କାର୍ଯ୍ୟ ଚାଲୁଥିବା ନେଇ ଖୋର୍ଦ୍ଧା ବିଡିଓ, ପିଡି ଡିଆରଡିଏଙ୍କ ନିକଟରେ ଅଭିଯୋଗ ହୋଇଛି। ଜଳ ନିଷ୍କାସନ ବ୍ୟବସ୍ଥା ନ ହେଲେ ଆଗାମୀ ଦିନରେ ଗ୍ରାମବାସୀ ରାସ୍ତା ନିର୍ମାଣକୁ ବନ୍ଦ କରିବା ସହ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

### ଜୁଆଆଡ୍ଡାରେ ଚଢ଼ାଉ, ୩ କୋର୍ଟଚାଲାଣ

**ଗୋପାଳପୁର,୧୯।୧୧:** ସୋମବାର ରାତିରେ ଗୋଳନ୍ଥରା ପୋଲିସ ଜୁଆଆଡ୍ଡାରେ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଥିଲା। ମଙ୍ଗଳବାର ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଗିରିସୋଲା ଗ୍ରାମର ବଡ଼ସାହି ପାଖ ଖୋଲା ଜାଗାରେ ଜୁଆଖେଳ ଚାଲିଥିବାବେଳେ ଗୋଳନ୍ଥରା ଥାନାଧିକାରୀ ବାବୁଲି ନାୟକଙ୍କ ନେତୃତ୍ୱରେ ପୋଲିସ ଟିମ୍ ଚଢ଼ାଉ କରିଥିଲା। କେତେକ ଜୁଆଡ଼ି ଘଟଣାସ୍ଥଳରୁ ଚମ୍ପଟ ମାରିଥିବାବେଳେ ୩ଜଣଙ୍କୁ କାବୁ କରିଥିଲେ। ସେମାନଙ୍କ ଠାରୁ ୩୫,୨୦୦ ଟଙ୍କା, ଗୋଟିଏ ସ୍କୁଟି ଓ ତାସ ଜବତ କରିଛି। ଏନେଇ ନଂ.୩୦୧/୧୯ରେ ମାମଲା ରୁଜୁ ହୋଇଛି।

### କୂଅରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଦିଗପହଣ୍ଡି (ଡି.ଏନ୍.ଏ.)/ ପାଟପୁର, ୧୯।୧୧:** ସାନଖେମୁଣ୍ଡି ବ୍ଲକ ଭାଲିଆଝୋଲା ଗାଁର ଏକ କୂଅରୁ ସୋମବାର ରାତି ପ୍ରାୟ ୮ ଟାରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ଉକ୍ତ ଗାଁର ବିଜୁଳି ନାୟକ। କୂଅକୁ ପାଣି ଆଣିବାକୁ ଯାଇଥିବାବେଳେ ଅସାବଧାନତା କାରଣରୁ ବିଜୁଳି କୂଅକୁ ଗଳି ପଡ଼ିଥିଲେ। ପାଖରେ ଥିବା ଲୋକେ ଘଟଣା ସମ୍ପର୍କରେ ଦିଗପହଣ୍ଡି ଦମକଳ କେନ୍ଦ୍ରକୁ ଫୋନ କରି ଜଣାଇଥିଲେ। ଅଗ୍ନିଶମ ଅଧିକାରୀ ବିଜୟ କୁମାର ନାୟକ, ହାବିଲଦାର ରାଜେନ୍ଦ୍ର ନାରାୟଣ ଦାସ ପ୍ରମୁଖ ସଦଳବଳ ପହଞ୍ଚିଥିଲେ। ଆଗ୍ନିକ ଦୃଷ୍ଟାନ୍ତ ମାଝି ୩୦ ଫୁଟ ଗଭୀର କୂଅରେ ପଶି ବିଜୁଳିଙ୍କୁ ବାହାରକୁ ଆଣିଥିଲେ। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ୨୫ରୁ ଜନଆନ୍ଦୋଳନ ରାଷ୍ଟ୍ରୀୟ ସମନ୍ୱୟ ସମ୍ମିଳନୀ

**ଯୋଗଦେବେ ମେଧା ପାଟକର, ଅରୁଣା ରାୟ**

**ପୁରୀ ଅଫିସ,୧୯।୧୧**

ପୁରୀରେ ହେବ ଜନଆନ୍ଦୋଳନ ରାଷ୍ଟ୍ରୀୟ ସମନ୍ୱୟ (ଏନ୍ଏପିଏମ୍)ର ଦ୍ୱିବାର୍ଷିକୀ ୨୫ତମ ସମ୍ମିଳନୀ। ଆସନ୍ତା ୨୩, ୨୪ ଓ ୨୫ ତାରିଖ ତିନିଦିନ ଧରି ଢୁଢୁୱାଲା ଧର୍ମଶାଳା ପରିସରରେ ଏହି ସମ୍ମିଳନୀ ଚାଲିବ। ଏଥିରେ ପରିବେଶବିତ୍ ମେଧା ପାଟକର, ଅରୁଣା ରାୟ, ଦଳିତ ନେତା ବେଜୱାଡ଼ା ୱିଲସନ, ତିସ୍ତା ଶୀତଲଭଦ୍ର, ପ୍ରଫେସର ମନୋରଞ୍ଜନ ମହାନ୍ତିଙ୍କ ସମେତ ଆନ୍ଦୋଳନର କର୍ମକର୍ତ୍ତାମାନେ ବକ୍ତବ୍ୟ ରଖିବେ। ଏହି ସମ୍ମିଳନୀରେ ଓଡ଼ିଶାର ୨୦୦ ପ୍ରତିନିଧିଙ୍କ ସମେତ ଦେଶର ୮୦୦ ପ୍ରତିନିଧି ଯୋଗଦେବେ ବୋଲି କହିଛନ୍ତି ଏନ୍ଏପିଏମ୍ର ରାଷ୍ଟ୍ରୀୟ ଆବାହକ ପ୍ରଫୁଲ୍ଲ ସାମନ୍ତରା।

ମଙ୍ଗଳବାର ନାୟକ ପ୍ଲାଜା ପରିସରରେ ଲୋକଶକ୍ତି ଅଭିଯାନ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସାମନ୍ତରା କହିଥିଲେ, ଦେଶର ବିଭିନ୍ନ ପ୍ରକଳ୍ପ ନିର୍ମାଣ ପାଇଁ ଗରିବ, ଚାଷୀ, ଆଦିବାସୀ ଓ ଦଳିତ ଲୋକଙ୍କୁ ବିସ୍ଥାପିତ ହେବାକୁ ପଡୁଛି। ଅନେକ ସମୟରେ ଜମି, ଜଙ୍ଗଲ ଓ ଜଳରୁ ଲୋକଙ୍କ ଅଧିକାର ଛଡ଼ାଇ ନିଆଯାଉଛି। ୯୦ ଦଶକ ପରେ ଅବିଚାରିତ ଖଣି ଖନନ ଓ ପ୍ରଦୂଷଣକାରୀ ଶିଳ୍ପାୟନ ଦ୍ୱାରା ବିସ୍ଥାପିତଙ୍କ ସଂଖ୍ୟା ବଢିବାରେ ଲାଗିଛି। ସେମାନଙ୍କୁ ଉପଯୁକ୍ତ ଥଇଥାନ ଓ ଜୀବିକା ଯୋଗାଇ ଦିଆଯାଉ ନାହିଁ। ସେଥିପାଇଁ ବିସ୍ଥାପନ ବିରୋଧରେ ଏବଂ ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ଜନଆନ୍ଦୋଳନ ବଢିବାରେ ଲାଗିଛି। କମ୍ପାନୀମାନଙ୍କ ସ୍ୱାର୍ଥରେ ସରକାର ଗଣତାନ୍ତ୍ରିକ ଆନ୍ଦୋଳନକୁ ଦମନ କରୁଛନ୍ତି। ତେଣୁ ଏହି ଜନଆନ୍ଦୋଳନଗୁଡ଼ିକ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା ପାଇଁ ୧୯୯୪ରେ ଗଠିତ ଏନ୍ଏପିଏମ୍ ସହଯୋଗରେ ସୂଚନା ଅଧିକାର ଆଇନ ୨୦୦୫, ଜଙ୍ଗଲ ଅଧିକାର ଆଇନ ୨୦୦୬, ନୂଆ ଜମି ଅଧିଗ୍ରହଣ ଆଇନ ୨୦୧୩ ପରି ଅନେକ ଆଇନ ପାଇଁ ହୋଇଥିବା ଜନଆନ୍ଦୋଳନ ସଫଳ ହୋଇଛି। ଓଡ଼ିଶାର ନିୟମଗିରି ସୁରକ୍ଷା ଆନ୍ଦୋଳନ, ପୋସ୍କୋ ପ୍ରତିରୋଧ ଆନ୍ଦୋଳନ, ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ଆନ୍ଦୋଳନ ଆଦିକୁ ଏହି ସମନ୍ୱୟ ସହଯୋଗ କରିଆସିଛି। ତେଣୁ ସମନ୍ୱୟର ଦ୍ୱିବାର୍ଷିକ ୨୫ତମ ସମ୍ମିଳନୀକୁ ସଫଳ କରିବା ଲାଗି ସେ ଆହ୍ୱାନ ଦେଇଥିଲେ। ଏଥିରେ ଏକାଧିକ ସାଂସ୍କୃତିକ ଦଳ ଯୋଗ ଦେଉଥିବା ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଖବରଦାତା ସମ୍ମିଳନୀରେ ଲୋକଶକ୍ତି ଅଭିଯାନର ଉପସଭାପତି ଲକ୍ଷ୍ମୀପ୍ରିୟା ମହାନ୍ତି, ସମ୍ପାଦକ ମାନସ ପଟ୍ଟନାୟକ, ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସ୍ୱାଧୀନ ପଣ୍ଡା, ପ୍ରତାପ ଚିନାରା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ପ୍ରଫୁଲ୍ଲ ସାମନ୍ତରା ଏବଂ ଅନ୍ୟମାନେ।

# ଯୁବକଙ୍କୁ ବାସନ୍ଦ ଘଟଣା: ଏନ୍ଏଚ୍ଆର୍ସିରେ ଅଭିଯୋଗ

**ପୁରୀ ଅଫିସ, ୧୯।୧୧**

ପୁରୀସଦର ବ୍ଲକ ଅଧୀନ ଗୋପୀନାଥପୁର ପଞ୍ଚାୟତ ଖଣ୍ଡିଆବନ୍ଧ ଗ୍ରାମର ବେଣୁଧର ନାୟକଙ୍କୁ ଗ୍ରାମରୁ ବାସନ୍ଦ ଘଟଣା ନେଇ ମଙ୍ଗଳବାର ସୂଚନା ଅଧିକାର କର୍ମୀ ବଟକୃଷ୍ଣ ପ୍ରଧାନ ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍ସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି, ବେଣୁଧରଙ୍କ ସ୍ଥିତିବାନ ଜମି ଉପରେ ଗ୍ରାମର କେତେଜଣ ବ୍ୟକ୍ତି ଜବରଦସ୍ତ ତ୍ରିନାଥ ମନ୍ଦିର ନିର୍ମାଣ କରିବା ନେଇ ସେ ପ୍ରତିବାଦ କରିଥିଲେ। ଏଥିରେ ପ୍ରତିଶୋଧ ପରାୟଣ ହୋଇ ରବିବାର ରାତିରେ କେତେଜଣ ଗ୍ରାମବାସୀ ଗାଁରେ କଙ୍ଗାରୁ କୋର୍ଟ ବସାଇ ତାଙ୍କୁ ସାମାଜିକ ବାସନ୍ଦ କରିଥିଲେ। ସେହିପରି ତାଙ୍କ ସହିତ କେହି ସମ୍ପର୍କ ରଖିବାକୁ ଓ ସହଯୋଗ ଯୋଗାଇବାକୁ ବାରଣ କରିଥିଲେ।

### ହାତୀ ଆକ୍ରମଣରେ ବ୍ୟକ୍ତିଙ୍କ ମୃତ୍ୟୁ ଘଟଣା

# ପରିବାର ସଦସ୍ୟ ବେସାହାରା

**ନିରାକାରପୁର, ୧୯।୧୧(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ବଡପୋଖରିଆ ପଞ୍ଚାୟତ ବୋଡଙ୍ଗରା ଗ୍ରାମର ଦାଶରଥି ମାଝି (୫୦) ସୋମବାର ସନ୍ଧ୍ୟାରେ କାର୍ଯ୍ୟସ୍ଥଳକୁ ଯାଉଥିବା ସମୟରେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଖୋର୍ଦ୍ଧା ସରକାରୀ ମେଡିକାଲକୁ ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ରାତି ହୋଇଯାଇଥିବାରୁ ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତିଙ୍କ ମୃତ୍ୟୁରେ ବୃଦ୍ଧ ମା'ବାପାଙ୍କ ସହ ସ୍ତ୍ରୀ ଓ ପୁଅ ବେସାହାରା ହୋଇପଡିଛନ୍ତି। ପରିବାରର ଜଣଙ୍କୁ ସରକାରୀ ଚାକିରୀ ଦେବାକୁ ମୃତକଙ୍କ ସମ୍ପର୍କୀୟ ମନୋଜ ପ୍ରଧାନ ଦାବି କରିଛନ୍ତି। ଏ ନେଇ ଭୁଷଣ୍ଡପୁର ଫରେଷ୍ଟର ଗୋଦାବରୀଶ ହୋତା କହନ୍ତି, ରେଡକ୍ରସ୍ ପକ୍ଷରୁ ତାଙ୍କ ପରିବାରକୁ ୧୦ହଜାର ଟଙ୍କା ଦିଆଯାଇଛି । ମୃତ ପ୍ରମାଣପତ୍ର ଆସିବା ପରେ ଯାହାକିଛି ପଦକ୍ଷେପ ନିଆଯିବ।

# ଏସ୍ସିଏସ୍ କଲେଜରେ ଅଣଛାତ୍ରଙ୍କ ଆତଙ୍କ

**ବିରୋଧ କରିବାରୁ ଗଣ୍ଡଗୋଳ: ୩ ଛାତ୍ର ଆହତ**

**ପୁରୀ ଅଫିସ,୧୯।୧୧**

ଅଣଛାତ୍ରଙ୍କ ଆତଙ୍କ ଯୋଗୁ ସାମନ୍ତ ଚନ୍ଦ୍ରଶେଖର (ଏସ୍ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ଗତ ଦୁଇଦିନ ହେଲା ଅଶାନ୍ତ ରହିଛି। ସୋମବାର ଭଳି ମଙ୍ଗଳବାର ମଧ୍ୟ କେତେଜଣ ଅଣଛାତ୍ର ହାତରେ ମାରଣାସ୍ତ୍ର ଧରି କ୍ୟାମ୍ପସରେ ପଶିଥିଲେ। ଏହି ସମୟରେ ସେମାନଙ୍କୁ କଲେଜ କ୍ୟାଣ୍ଟିନ ନିକଟରେ କେତେଜଣ ଛାତ୍ର ବିରୋଧ କରିଥିଲେ। ଫଳରେ ଉଭୟ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିବାରୁ ୩ଜଣ ଛାତ୍ର ଆହତ ହୋଇଥିବା ଜଣାପଡ଼ିଛି। ଖବର ପାଇ ଟାଉନ ଥାନା ପୋଲିସ ପହଞ୍ଚିଥିଲା। ତେବେ ବିଳମ୍ବରେ ପୋଲିସ ଆସିବାରୁ ଅଣଛାତ୍ରମାନେ ଖସିଗଲେ ବୋଲି ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଯୁକ୍ତଦୁଇ ଶ୍ରେଣୀର ପାଠପଢା ହେଉଛି। ସେହିପରି ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଯୁକ୍ତ ୩, ପିଜି ଏବଂ ଏମ୍ଫିଲ୍ ଛାତ୍ରୀଛାତ୍ରଙ୍କ କ୍ଲାସ ଚାଲୁଛି। ପୂର୍ବରୁ କଲେଜ ମୁଖ୍ୟ ଫାଟକ ବନ୍ଦ ରହୁଥିବା ବେଳେ ଏବେ କିଛିଦିନ ହେଲା ମୁକୁଳା ପଡୁଛି। ଫଳରେ ଅଣଛାତ୍ରମାନେ ବାଇକ ଧରି କଲେଜ ପରିସରରେ ପ୍ରବେଶ କରୁଛନ୍ତି। ସେମାନେ ଆତଙ୍କରାଜ ସୃଷ୍ଟି କରିବା ସହ କ୍ୟାମ୍ପସ ଭିତରେ ଥିବା ଖେଳପଡ଼ିଆରେ ଦ୍ରୁତ ଗତିରେ ବାଇକ୍ ଚଳାଉଛନ୍ତି। ଏମାନଙ୍କ ଯୋଗୁ ଛାତ୍ରୀଛାତ୍ରମାନେ ଭୟରେ ରହିଛନ୍ତି। ଜଣେ ଅଧ୍ୟାପକ କହିଛନ୍ତି, କେତେଜଣ ଅଣଛାତ୍ର କ୍ୟାମ୍ପସରେ ପଶି ଆତଙ୍କ ସୃଷ୍ଟି କରୁଥିବା ଶୁଣିବାକୁ ପାଇଛି। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷଙ୍କ ସହ ଆଲୋଚନା ହୋଇଛି। କଲେଜ ପକ୍ଷରୁ ଟାଉନ ଥାନାରେ ଲିଖିତ ଭାବେ ଅଭିଯୋଗ କରାଯାଇଛି। ଅନ୍ୟପକ୍ଷେ ଟାଉନ ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ କହିଛନ୍ତି, କ୍ୟାମ୍ପସ ପରିସରରେ ଅଣଛାତ୍ର ଆତଙ୍କ ସୃଷ୍ଟି କରୁଥିବା ଖବର ପାଇ ପିସିଆର୍ ଭ୍ୟାନ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହି ଘଟଣା ଉପରେ ପୋଲିସ ନଜର ରଖିଛି।

### ମହିଳାଙ୍କ ଆତ୍ମହତ୍ୟା

**ଭଞ୍ଜନଗର,୧୯।୧୧(ଡି.ଏନ୍.ଏ.)**

ବେଲଗୁଣ୍ଠା ଫାଣ୍ଡି ନୂଆଗାଁର ରୋଜାଲିନ ଖଣ୍ଡୁଆଳ ସୋମବାର ବିଳମ୍ବିତ ରାତିରେ କୂଅକୁ ଡ଼େଇଁ ଆତ୍ମହତ୍ୟା କରିଛନ୍ତି। ରୋଜାଲିନଙ୍କ ୭ ଦିନର ଏକ କନ୍ୟାସନ୍ତାନ ଥିବା ଜଣାପଡ଼ିଛି। ବିଗତ କିଛିମାସ ହେବ ରୋଜାଲିନ୍ଙ୍କ ମାନସିକ ସ୍ଥିତି ଭଲ ନଥିଲା। ପ୍ରକାଶଯେ ରୋଜାଲିନ ତାଙ୍କ ଗ୍ରାମର ପ୍ରଦୀପ ଖଣ୍ଡୁଆଳଙ୍କୁ ୨ବର୍ଷ ପୂର୍ବେ ବିବାହ କରିଥିଲେ। ପ୍ରଦୀପ ସେନାବାହିନୀରେ ଚାକିରି କରିଥିବାରୁ ବାହାରେ ରହୁଥିଲେ। ସ୍ତ୍ରୀ ଗ୍ରାମରେ ରହୁଥିଲେ। ୭ଦିନ ପୂର୍ବେ ରୋଜାଲିନଙ୍କ ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ତେଣୁ ସେ ବାପଘରେ ରହୁଥିଲେ। ସୋମବାର ରାତିରେ ମା' ଓ ଝିଅ ଶୋଇଥିବାବେଳେ ରୋଜାଲିନ୍ ଉଠି ନିଜ ଘର ଅଗଣାରେ ଥିବା କୂଅକୁ ଡ଼େଇଁ ପଡିଥିଲେ।

### ବାର୍ହା, କୁଟୁରା ଛାଲ ଜବତ: ଅଭିଯୁକ୍ତ ଫେରାର

**ବୁଗୁଡ଼ା,୧୯।୧୧(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ସଙ୍କୁରୁ ରାସ୍ତାରେ ମଙ୍ଗଳବାର ଅପରାହ୍ନରେ ଏକ ଏକ୍ସେଲ ଗାଡ଼ିରୁ ବାର୍ହା ଓ କୁଟୁରା ଛାଲ ଏବଂ ୨୫୦ ଗ୍ରାମ ମାଂସ ବନ ବିଭାଗ ପକ୍ଷରୁ ଜବତ କରାଯାଇଛି। ଏକ୍ସେଲ-୧୦୦ ଗାଡ଼ି (ନଂ.ଓଡି୩୨ବି୩୮୨୪)ରେ ଜଣେ ବ୍ୟକ୍ତି ୨ଟି ଛାଲ ସହ ମାଂସ ଧରି ସଙ୍କୁରୁ ରାସ୍ତାରେ ଯାଉଥିବା ବନ ବିଭାଗକୁ ଖବର ମିଳିଥିଲା। ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରାଙ୍କ ନିର୍ଦ୍ଦେଶରେ କର୍ମଚାରୀମାନେ ଚଢ଼ାଉ କରି ଉକ୍ତ ଗାଡ଼ି ସହ ବାର୍ହା ଓ କୁଟୁରା ଛାଲ ସହ ମାଂସ ଜବତ କରିଥିଲେ। ଗାଡ଼ିଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଚଢ଼ାଉରେ ଡେପୁଟି ରେଞ୍ଜର ଦୁଃଶାସନ ନାୟକ, ମାଣିତରା ବନପାଳ ସରସ୍ୱତୀ ନାୟକ, ବନରକ୍ଷୀ ଧବଳେଶ୍ୱର ପ୍ରଧାନ, ଆରତୀ ପଣ୍ଡା, ଶିବ ପ୍ରସାଦ ତ୍ରିପାଠୀ, ପ୍ରଶାନ୍ତ କୁମାର ପଲାଇ ପ୍ରମୁଖ ସାମିଲ ଥିଲେ। ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ବନାଞ୍ଚଳ ଅଧିକାରୀ କହିଛନ୍ତି।

### ପ୍ରତିନିଧିତ୍ୱ ଚୟନକୁ ନେଇ ଅସନ୍ତୋଷ

# ବାତିଲ ହେଲା ଆତ୍ମା ଅଧ୍ୟକ୍ଷ ଚୟନ

**ଖୋର୍ଦ୍ଧା ଅଫିସ/ ଟାଙ୍ଗୀ, ୧୯।୧୧ (ଡି.ଏନ.ଏ.)**

ଆତ୍ମା ଅଧ୍ୟକ୍ଷ ଚୟନ ନେଇ ମଙ୍ଗଳବାର ଟାଙ୍ଗୀ ଆତ୍ମା କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସୁକାନ୍ତ ମଙ୍ଗରାଜ ଓ ବିଜୟ ମହାପାତ୍ରଙ୍କ ନାଁ ପ୍ରାର୍ଥୀ ହେବା ପାଇଁ ଆସିଥିଲା। ତେବେ ବିଭିନ୍ନ ପଞ୍ଚାୟତରେ ଏକାଧିକ ସଂଖ୍ୟକ ସଦସ୍ୟ ରହିଥିବାବେଳେ କେତେକ ପଞ୍ଚାୟତକୁ ଅଣଦେଖା କରାଯାଇଥିବା ଅଭିଯୋଗ ଉଠିଥିଲା। ଏ ନେଇ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରି ପାଟିତୁଣ୍ଡ କରିଥିଲେ। ଦୁଇ ଅଧ୍ୟକ୍ଷଙ୍କ ସମର୍ଥକଙ୍କ ମଧ୍ୟରେ କଥାକଟା କଟି ହୋଇଥିଲା। ଏହି ଘଟଣାକୁ ନେଇ ଉତ୍ତେଜନା ବଢୁଥିବାବେଳ କେତେକ କର୍ମଚାରୀ ବିଧାୟକଙ୍କ ସୁପାରିଶ ଅନୁସାରେ ବିଭିନ୍ନ ପଞ୍ଚାୟତରେ ଆତ୍ମା ସଦସ୍ୟ ଚୟନ କରାଯାଇଥିବା କହିଥିଲେ। ଏହା ଜଣାପଡିବା ପରେ ଅଧିକ ଉତ୍ତେଜନା ଦେଖା ଯାଇଥିଲା। ଉତ୍ତେଜନା ବଢ଼ିବା ଦେଖି ଅଧ୍ୟକ୍ଷ ଚୟନକୁ ବାତିଲ୍ କରାଯାଇଛି। ଆତ୍ମାର ଏହି କମିଟିରେ ୨୫ ଜଣ ସଦସ୍ୟ ବିଭିନ୍ନ ପଞ୍ଚାୟତରୁ ରହିଛନ୍ତି । ଅନ୍ୟପକ୍ଷେ ଏଥିରେ ବ୍ଲକର ୪ଜଣ ଜିଲା ପରିଷଦ ସଭ୍ୟ ଓ ବ୍ଲକ ଅଧ୍ୟକ୍ଷ ସ୍ୱତନ୍ତ୍ର ସଭ୍ୟ ଭାବେ ରହିଛନ୍ତି। ଏହି ବୈଠକରେ ପିଡି ଭୁବନେଶ୍ୱର ଜେନା, ଟାଙ୍ଗୀ ବ୍ଲକ ସହକାରୀ କୃଷି ଅଧିକାରୀ ଯାଜ୍ଞସିନୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଚାଷୀଙ୍କୁ ଘାରିଛି ଧାନକେଣ୍ଡାରେ ଅଗାଡ଼ି ଚିନ୍ତା

**ବୋଲଗଡ,୧୯।୧୧(ଡି.ଏନ.ଏ.)**

ଦୁର୍ଦ୍ଦଶା ଚାଷୀଙ୍କ ପିଛା ଛାଡୁନି । ଚଳିତ ବର୍ଷ ଭଲ ଧାନ ଫସଲ ହୋଇଥିବାର ଜଣାପଡୁଥିଲେ ହେଁ ତାହା ପାଚିଲା ବେଳକୁ ଅନେକଧାନକେଣ୍ଡା ଅଗାଡିହୋଇଯାଉଥିବା ଦେଖାଯାଇଛି ।ଶୁଖିଯାଉଥିବା ଧାନକେଣ୍ଡାକୁ ହାତରେ ମକଚି ଦେଲେ ଚାଉଳ ବାହାରୁ ନାହିଁ । ବୋଲଗଡ ବ୍ଲକ ଅଞ୍ଚଳର ବିଭିନ୍ନ ଜମିରେ ଏଭଳି ହୋଇଥିବାର ଅଭିଯୋଗ ହୋଇଛି। ବିଶେଷକରି ବାଙ୍କୋଇଦେଶ ଏବଂ ସାଗରଗାଁ ପଞ୍ଚାୟତରେ ଅଧିକ ପରିମାଣ ଜମିରେ ଧାନକେଣ୍ଡାରେ ଅଗାଡି ହୋଇଥିବାର ଦେଖାଯାଇଛି ।

ସୂଚନାଯୋଗ୍ୟ, ଗତ ଅକ୍ଟୋବର ମାସ ୨୩ ତାରିଖଠାରୁ ହୋଇଥିବା ଲଗାଣ ବର୍ଷା ସମୟରେ ଅନେକ ଧାନ ଜମି ଜଳମଗ୍ନ ହୋଇ ଥୋଡ ଜଳରେ ବୁଡି ରହିଥିଲା । ବାଙ୍କୋଇଦେଶ ଏବଂ ସାଗରଗାଁ ଏହି ୨ଟି ପଞ୍ଚାୟତ ଅଞ୍ଚଳରେ ବହୁ ପରିମାଣର ଧାନ ଫସଲ ପ୍ରାୟ ତିନି ଚାରି ଦିନ ଧରି ଲଗାଣ ବର୍ଷାରେ ଜଳରେ ବୁଡି ରହିଥିଲା । କୃଷି ଏବଂ ରାଜସ୍ୱ ବିଭାଗ କର୍ମଚାରୀ ମଧ୍ୟ ଉକ୍ତ ଅଞ୍ଚଳ ବୁଲି କ୍ଷୟକ୍ଷତି ଆକଳନ କରିଥିଲେ। ବାଙ୍କୋଇଦେଶ ପଞ୍ଚାୟତର ପ୍ରାୟ ୧୨୦ ହେକ୍ଟର ଏବଂ ସାଗରଗାଁ ପଞ୍ଚାୟତର ପ୍ରାୟ ୧୭୦ ହେକ୍ଟର ଜମି ଲଗାଣ ବର୍ଷାରେ ପ୍ରଭାବିତ ହୋଇଥିବାର କୃଷି କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ତେବେ ଧାନ ଜମିରୁ ଜଳ ନିଷ୍କାସନ ହେବା ପରେ ଧାନ ଫସଲ ଭଲ ହୋଇଥିବା ଦେଖାଯାଇଥିଲା।ମାତ୍ର ଧାନ କେଣ୍ଡା ବାହାରି ପାଚିଲା ବେଳକୁ ଅନେକ କେଣ୍ଡା ଶୁଖିଯାଇ ଅଗାଡି ହୋଇଯାଉଛି ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ଚାଷୀ ବ୍ରଜେନ୍ଦ୍ର ସାମନ୍ତସିଂହାର, ରମେଶ ସାମନ୍ତରାୟ, ଶୁଭ୍ରକାନ୍ତ ସାମନ୍ତରାୟ, ଉମାଧର ନାଏକ, ଭାବଗ୍ରାହୀ ଲେଙ୍କା, ନିତ୍ୟାନନ୍ଦ ଦକ୍ଷିଣ କବାଟ, ପ୍ରଫୁଲ୍ଲ ପୃଷ୍ଟି, ଭାଗୀରଥି ରାଉତରାୟ ପ୍ରମୁଖ କୁହନ୍ତି ଧାନ ଫସଲ ପାଇଁ ଆବଶ୍ୟକ ଖତସାର, କୀଟନାଶକ ପ୍ରୟୋଗ କରି ଜମି କାର୍ଯ୍ୟ କରିଥିଲୁ । ହେଲେ ଧାନକେଣ୍ଡା ବାହାରିଲା ବେଳକୁ ଏଭଳି ଅଗାଡି ସଂଖ୍ୟା ଅଧିକ ଦେଖିବାକୁ ମିଳିଛି। ସରକାରଙ୍କ ପକ୍ଷରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ ପାଇଁ ଚାଷୀମାନେ ଦାବି କରିଛନ୍ତି । ଏ ସମ୍ପର୍କରେ ବୋଲଗଡ କୃଷି ଅଧିକାରୀ ଗୌରୀଶଙ୍କର ମିଶ୍ର କୁହନ୍ତି, ଚଳିତବର୍ଷ ଶସ୍ୟକାଟ କାର୍ଯ୍ୟକ୍ରମ ଆରମ୍ଭ ହେଲାଣି । ଶସ୍ୟ କାଟ ରିପୋର୍ଟ ଆଧାରରେ କ୍ଷୟକ୍ଷତି ହୋଇଥିଲେ ନିୟମ ଅନୁସାରେ ସହାୟତା ମିଳିବା ପାଇଁ ଆମେ ଚେଷ୍ଟା କରିବୁ ।


ଚାଷୀମାନେ ଜମିରେ ହୋଇଥିବା ଅଗାଡି ଧାନକେଣ୍ଡା ଦେଖାଉଛନ୍ତି।

### ବ୍ରହ୍ମପୁରର ୨ ଛାତ୍ରଙ୍କ ଉଦ୍ୟମ

# ମଙ୍ଗଳରେ ଜୀବନ ସନ୍ଧାନ ପ୍ରୟାସ

**ବ୍ରହ୍ମପୁର ଅଫିସ,୧୯।୧୧**

ମଙ୍ଗଳରେ ଜୀବନ ସନ୍ଧାନକୁ ନେଇ ବିଭିନ୍ନ ଦେଶର ବୈଜ୍ଞାନିକମାନେ ଗବେଷଣା ଚଳାଇଛନ୍ତି। ହେଲେ ବର୍ତ୍ତମାନ ସୁଦ୍ଧା କୌଣସି ସଫଳତା ମିଳିପାରି ନାହିଁ। ତେବେ ବ୍ରହ୍ମପୁରର ୨ଜଣ ଛାତ୍ର ଏଦିଗରେ ନିଜ ଉଦ୍ୟମରେ ପ୍ରୟାସ ଆରମ୍ଭ କରିଛନ୍ତି। ବ୍ରହ୍ମପୁର ଗୋଷାଣୀନୂଆଗାଁ ଡିଏଭି ପବ୍ଲିକ ସ୍କୁଲ ଦଶମ ଶ୍ରେଣୀ ଛାତ୍ର ସୁମିତ ପଟ୍ଟନାୟକ ଏବଂ ପୀୟୂଷ ରଞ୍ଜନ ପାଢ଼ୀ। ଏମାନଙ୍କ କହିବାନୁଯାୟୀ, ୩ ମାସ ହେଲା ପରିଶ୍ରମ କରି ଏହି ପ୍ରକଳ୍ପ ନିର୍ମାଣ କରିଛନ୍ତି । ଏକ ବକ୍ସ ଭିତରେ ଦୁଇଟି ଉଦ୍ଭିଦକୁ ରଖାଯାଇଛି। ସେହି ବକ୍ସକୁ ଏକ ହଟ୍ ବେଲୁନ୍ ମାଧ୍ୟମରେ ଆକାଶକୁ ଛଡ଼ାଯିବ। ବେଲୁନ୍ ଭିତରେ ହିଲିୟମ୍ ଗ୍ୟାସ୍ ରଖାଯାଇଛି। ଏହି ଗ୍ୟାସ୍ ବେଲୁନ୍କୁ ଉପରକୁ ନେବାରେ ସାହାଯ୍ୟ କରିବ। ବେଲୁନଟି ଏହି ବକ୍ସକୁ ଧରି ଷ୍ଟ୍ରାଟସ୍ଫିୟର୍ ବା ଆକାଶମାର୍ଗରେ ୩୦ରୁ ୫୦ କି.ମି. ଉପରକୁ ଯିବ। କାରଣ ପୃଥିବୀର ଷ୍ଟ୍ରାଟସ୍ଫିୟର ଏବଂ ମଙ୍ଗଳ ଗ୍ରହରେ ସ୍ଥିତି ପ୍ରାୟ ସମାନ। ବାୟୁର ଉତ୍ତାପ, ବିଭିନ୍ନ ଗ୍ୟାସ୍ର ଉପସ୍ଥିତି, ମଙ୍ଗଳ ଗ୍ରହ ସହ ସମାନ। ବକ୍ସରେ ଏକ କ୍ୟାମେରା ଖଞ୍ଜା ଯାଇ ଜିପିଏସ୍ ଲାଗିଛି। ଶୂନ୍ୟରେ ଏହି ବେଲୁନ୍ଟି ୩ଘଣ୍ଟା ରହି ପାରିବ। ଏହି ସମୟ ଭିତରେ ବେଲୁନ୍ଟି ଷ୍ଟ୍ରାଟସ୍ଫିୟର୍ରେ ପହଞ୍ଚିବା ପରେ ସେଠାରୁ ଭୂପୃଷ୍ଠକୁ ଫେରିବ। ପ୍ରାୟ ୧୨୦କି.ମି. ଅଞ୍ଚଳ ଭିତରେ ବକ୍ସଟି ଅବତରଣ କରିବ। ଅବତରଣ ସମୟ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହାର ବେଗ ୨୫ଶହ କି.ମି. ଘଣ୍ଟା ପ୍ରତି ରହିବ। କିନ୍ତୁ ପରବର୍ତ୍ତୀ ସମୟରେ ଅର୍ଥାତ୍ ଭୂପୃଷ୍ଠର ନିକଟତର ହେଲେ ବେଗ କମି ସେକେଣ୍ଡକୁ ୩ମିଟର ରହିବ। ତେବେ ବକ୍ସକୁ ସୁରକ୍ଷିତ ଅବତରଣ କରିବା ପାଇଁ ଏକ ପାରାଚ୍ୟୁଟ୍ ମଧ୍ୟ ରହିଛି। ଅବତରଣ ସମୟରେ ପାରାଚ୍ୟୁଟ୍ଟି ସ୍ୱତଃପ୍ରବୃତ୍ତ ଭାବେ ଖୋଲିଯିବ। କେଉଁଠାରେ ଏହି ବେଲୁନ୍ ଅବତରଣ କରିବ, ତାହା ଜାଣିବା ପାଇଁ ଜିପିଏସ୍ ଲଗାଯାଇଛି। ପାରାଚ୍ୟୁଟ୍ଟି ବକ୍ସର ବେଗକୁ କମାଇବାରେ ସାହାଯ୍ୟ କରିବ। ଯଦି ଅବତରଣ ପରେ ଉଭୟ ଉଦ୍ଭିଦ ସୁରକ୍ଷିତ ଥିବ, କୌଣସି କ୍ଷତି ହୋଇ ନ ଥିବ, ତେବେ ମଙ୍ଗଳରେ ମଧ୍ୟ ଉଦ୍ଭିଦ ବଞ୍ଚିପାରିବା ପ୍ରମାଣିତ ହେବ ବୋଲି ଉଭୟ ଛାତ୍ର ପ୍ରକାଶ କରିଛନ୍ତି। କେବଳ ଉଦ୍ଭିଦ ନୁହଁ, ମଣିଷ ମଧ୍ୟ ବଞ୍ଚିପାରିବ । ମଙ୍ଗଳବାର ସକାଳ ପ୍ରାୟ ସାଢ଼େ ୯ଟାରେ ବେଲୁନ୍କୁ ଉପରକୁ ଛଡ଼ାଯାଇଥିଲା । ଖବର ଲେଖାହେବା ସୁଦ୍ଧା ଅବତରଣ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। ଜିପିଏସ୍ ମାଧ୍ୟମରେ ବକ୍ସର ସ୍ଥିତି ସମ୍ପର୍କରେ ସନ୍ଧାନ ଚାଲିଛି ବୋଲି ଛାତ୍ରଦ୍ୱୟ ପ୍ରକାଶ କରିଛନ୍ତି ।

ଏହି ପ୍ରକଳ୍ପ ନିର୍ମାଣ କରିବା ପାଇଁ ପ୍ରାୟ ୩୭ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଏହି ଟଙ୍କା ଅଭିଭାବକ ଏବଂ ସାଙ୍ଗସାଥୀମାନଙ୍କ ସୂତ୍ରରୁ ସଂଗ୍ରହ କରାଯାଇଛି। ବକ୍ସକୁ ପଠାଇବା ସମୟରେ ଭାରପ୍ରାପ୍ତ ଅଧ୍ୟକ୍ଷା ଧାରାଶ୍ରୀ ପାଢୀଙ୍କ ସମେତ ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।


ବେଲୁନ୍ ଛଡ଼ାଯାଉଛି ।


ସୁମିତ ପଟ୍ଟନାୟକ ଏବଂ ପୀୟୂଷ ରଞ୍ଜନ ପାଢ଼ୀ।

## ସଂକ୍ଷେପରେ

### ଆବାସ ଯୋଜନାରେ ଦୁର୍ନୀତି: ଜିଲାପାଳଙ୍କୁ ଫେରାଦ

ଭାପୁର, ୧୯।୧୧(ଡି.ଏନ.ଏ.)- ଗରିବ ତାଲିକାରେ ନାମ ଥିବା ଗରିବ ଲୋକଙ୍କୁ ଆବାସ ଯୋଜନାରୁ ବାଦ୍ ଦେଇ କୋଠାଘର ଥିବାବାଲାଙ୍କୁ ଓ ଜାତି ପ୍ରମାଣପତ୍ର ନ ଥାଇ ଆଦିବାସୀ ଦର୍ଶାଇ ସାଧାରଣ ଲୋକଙ୍କୁ ଆବାସ ଯୋଜନାରେ ଘର ଦିଆଯାଇଛି। ଭାପୁର ବ୍ଲକ କେନ୍ଦୁପଲ୍ଲୀ ପଞ୍ଚାୟତରେ ଆବାସ ଯୋଜନାରେ ଏପରି ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ୪ ୱାର୍ଡ଼ ସଭ୍ୟଙ୍କ ସହ ଗ୍ରାମବାସୀ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିରରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ନେଇ ଜିଲାପାଳ ତଦନ୍ତ କରିବାକୁ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନବନିର୍ମିତ ନୂତନ ପଞ୍ଚାୟତ କେନ୍ଦୁପଲ୍ଲୀରେ ଗତ ପଞ୍ଚାୟତ ନିର୍ବାଚନରେ ବିନା ପ୍ରତିଦ୍ୱନ୍ଦିତାରେ ସରପଞ୍ଚ ନିର୍ବାଚନ କରି ଆଦର୍ଶ ପଞ୍ଚାୟତ ଭାବେ ପରିଚିତ ହୋଇଥିଲା। ଏବେ ଯୋଗ୍ୟ ଗରିବ ଲୋକଙ୍କୁ ଉପେକ୍ଷା କରାଯାଇ ଅଯୋଗ୍ୟ ଜାତି ପ୍ରମାଣପତ୍ର ନଥିବା ହିତାଧିକାରୀ ଘର ପାଇଛନ୍ତି। ଏହି ହିତାଧିକାରୀଙ୍କୁ ଚିହ୍ନଟ କରିବା ପାଇଁ ଜଣେ ପଞ୍ଚାୟତ କାର୍ଯ୍ୟନିର୍ବାହୀ, ଜଣେ କନିଷ୍ଠଯନ୍ତ୍ରୀ ଓ ଉକ୍ତ ପଞ୍ଚାୟତର ଜିଆରଏସ୍ ତଦନ୍ତ କରି ଦେଇଥିବା ତାଲିକାକୁ ଅଣଦେଖା କରାଯାଇ ବ୍ଲକ କର୍ତ୍ତୃପକ୍ଷ ନିଜ ମନ ମୁତାବକ ତାଲିକା ପ୍ରସ୍ତୁତ କରିଥିବା ଅଭିଯୋଗ ହୋଇଛି। ସୋମବାର ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରାଯିବା ପରେ ସେ ବିଡିଓଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏ ବିଷୟରେ ଭାପୁର ବିଡ଼ିଓ ଅନ୍ତର୍ଯ୍ୟାମୀ ଦାଶଙ୍କୁ ପଚାରିବାରେ ସେ ଜିଲାପାଳ ପଠାଇଥିବା ଅଭିଯୋଗ ପତ୍ର ପାଇ ନଥିବା କହିବା ସହ ଅଭିଯୋଗ ପତ୍ର ପାଇଲେ ତଦନ୍ତ କରିବେ ବୋଲି କହିଛନ୍ତି।

ଆଜି କ'ଣ କେଉଁଠି ପ୍ରସ୍ତରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ପ୍ରାକୃତିକ ପରିବେଶ ପର୍ଯ୍ୟଟନ କେନ୍ଦ୍ରରେ ବିଦେଶୀ ପର୍ଯ୍ୟଟକ

# ପରିଚାଳନା ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କଲେ

ଗଣିଆ,୧୯।୧୧(ଡି.ଏନ.ଏ.)



ସମିତି ସଭ୍ୟାସଭ୍ୟଙ୍କ ସହ ବିଦେଶୀ ଟିମ୍ ଆଲୋଚନା କରୁଛନ୍ତି।

ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଉଦ୍ୟମକ୍ରମେ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣାଞ୍ଚଳ ଅଭୟାରଣ୍ୟର ସାଉଥ୍ ବଡମୂଳ ମଙ୍ଗାନାସୀଠାରେ ୨୦୧୫ ମସିହାଠାରୁ ଖୋଲାଯାଇଛି ପ୍ରାକୃତିକ ପରିବେଶ ପର୍ଯ୍ୟଟନ କେନ୍ଦ୍ର। ରବିବାର ଏକ ୪ଜଣିଆ ବିଦେଶୀ ପର୍ଯ୍ୟଟକ ଟିମ୍ ଏଠାରେ ପହଞ୍ଚି ପରିଚାଳନା ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରିଛନ୍ତି।

ଏହି ପର୍ଯ୍ୟଟନ କେନ୍ଦ୍ରର ପରିଚାଳନା ପାଇଁ ବିଭାଗ ତରଫରୁ ସ୍ଥାନୀୟ ଇକୋ ଭିଲେଜ ମୁଦୁଲିଗାଡିଆର ମା' ସାତଭଉଣୀ ପରିବେଶ ବିକାଶ ସମିତିକୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଗତ ୫ବର୍ଷ ଧରି ସମିତି ସଭ୍ୟାସଭ୍ୟ ପର୍ଯ୍ୟଟନ କେନ୍ଦ୍ରକୁ ଆସୁଥିବା ଅତିଥି ପର୍ଯ୍ୟଟକମାନଙ୍କୁ ଠିକ୍ ଭାବେ ସେବା ଯୋଗାଇ ସ୍ୱାବଲମ୍ବୀ ହୋଇପାରିଛନ୍ତି। ପର୍ଯ୍ୟଟନ କେନ୍ଦ୍ରରେ କାର୍ଯ୍ୟ କରି ସେମାନେ ନିଜର ପରିବାର ପ୍ରତିପୋଷଣ କରିବା ସହ ଆର୍ଥିକ ଅବସ୍ଥାର ସୁଧାର ଆଣିପାରିଛନ୍ତି। ଏଥିସହ ପର୍ଯ୍ୟଟନ କେନ୍ଦ୍ରର ମୋଟ ଆୟରୁ ୧୦ ପ୍ରତିଶତ ଅର୍ଥ ଗ୍ରାମ ସମିତି ପାଣ୍ଠିକୁ ମିଳୁଥିବାରୁ ଗ୍ରାମର ସାମୂହିକ ଉନ୍ନତି ହୋଇପାରୁଛି। ଦେଶବିଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ପର୍ଯ୍ୟଟନ କେନ୍ଦ୍ରକୁ ସମିତି ସଭ୍ୟାସଭ୍ୟ କିଭଳି ପରିଚାଳନା କରୁଛନ୍ତି ସେ ସମ୍ପର୍କରେ ଜାଣିବା ପାଇଁ ରବିବାର ୟୁରୋପିଆନ କମିଶନଙ୍କ ସହାୟତାରେ ବୋକୋଟୋ ଅନୁଷ୍ଠାନରୁ ୪ଜଣିଆ ବିଦେଶୀ ଟିମ୍ ପର୍ଯ୍ୟଟନ କେନ୍ଦ୍ରରେ ପହଞ୍ଚିଥିଲେ। ସେମାନେ ହେଲେ ଇଟାଲୀର ଫ୍ରୁସ ତୋ ଆମିକୋ ଓ ସୋଫି, ସ୍ପେନରୁ ରାମନ୍, କେନିଆରୁ ବାରିଲ୍ ସେମୋ। ଭାରତରୁ ଓଡିଶାର ପ୍ରଦୀପ କୁମାର ଦିଗାଲ ଏମାନଙ୍କ ସହ ସାମିଲ ଥିଲେ। ରିସର୍ଚ୍ଚ ପାଇଁ ଆସିଥିବା ଏହି ଟିମ୍ ସେମାନଙ୍କର ଗୋଟିଏ ଦିନର ରହଣି ମଧ୍ୟରେ ପରିଚାଳନା କମିଟି ସଭାପତି, ସମ୍ପାଦକ ଓ ସଭ୍ୟାସଭ୍ୟଙ୍କ ସହ ପର୍ଯ୍ୟଟନ କେନ୍ଦ୍ର ପରିଚାଳନା ସମ୍ପର୍କରେ ସବିଶେଷ ତଥ୍ୟ ପଚାରି ବୁଝିଥିଲେ। ଏଥିସହ ଆଗାମୀ ଦିନର ଲକ୍ଷ୍ୟ ବିଷୟରେ ମଧ୍ୟ ପଚାରି ବୁଝିଥିଲେ।

**■ନିଜ ଦେଶରେ ଏଭଳି କେନ୍ଦ୍ର ଖୋଲିବାରେ ସହାୟକ ହେବାର ମତ ଦେଲେ**

ଗୋଷ୍ଠୀ ଉଦ୍ୟମରେ ପର୍ଯ୍ୟଟନ କେନ୍ଦ୍ରର ସୁପରିଚାଳନା କରିବା ଦ୍ୱାରା ଏକତା, ସମାନତା, ସ୍ୱରୋଜଗାରକ୍ଷମ, ସ୍ୱଚ୍ଛତା, ପ୍ରାକୃତିକ ପରିବେଶର ସୁରକ୍ଷା, ପରିବେଶକୁ ପ୍ରଦୂଷଣ ମୁକ୍ତ ରଖିବା ଓ ଜୈବ ବିବିଧତାର ସୁରକ୍ଷା ହୋଇପାରିବା କଥା ଜାଣିବାକୁ ପାଇଥିଲେ। ସେମାନେ ନିଜ ଦେଶରେ ଏସବୁ ସୃଷ୍ଟି କରିବା ସହ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଦିଗରେ ଏହା ସହାୟକ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ଏହି ଟିମ୍ ଭିଏତ୍‌ନାମ, ନେପାଳ ଓ ଭାରତ ପରି ୭ଟି ଦେଶରେ ଥିବା ବିଭିନ୍ନ ପର୍ଯ୍ୟଟନ କେନ୍ଦ୍ର ବୁଲି ରିସର୍ଚ୍ଚ କରୁଥିବା ଜଣାପଡିଛି। ଗୋଟିଏ ଦିନର ରହଣି ମଧ୍ୟରେ ପ୍ରାକୃତିକ ପରିବେଶ ଭରା ଏହି ପର୍ଯ୍ୟଟନ କେନ୍ଦ୍ର ମନକୁ ବେଶ୍ ଛୁଇଁପାରିଥିଲା ବୋଲି ସେମାନେ କହିଥିଲେ ।

### ଦର୍ପନାରାୟଣପୁର ବ୍ୟାଙ୍କ ଡକାୟତି ମାମଲା

# ଆଉ ଜଣଙ୍କୁ ୯ ବର୍ଷ କାରାଦଣ୍ଡ

ନୟାଗଡ଼ ଅଫିସ, ୧୯।୧୧

ନୟାଗଡ଼ ଜିଲା ରଣପୁର ବ୍ଲକ ଦର୍ପନାରାୟଣପୁରସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଡକାୟତି ମାମଲାରେ ସୋମବାର ସ୍ୱତନ୍ତ୍ର ଅଦାଲତର ବିଚାରପତି ନରୋତ୍ତମ ସେଠୀ ଜଣଙ୍କୁ ୧୦ ବର୍ଷ କାରାଦଣ୍ଡ ଦେଇଥିବା ବେଳେ ୨ ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ଡକାୟତିରେ ସମ୍ପୃକ୍ତ ଥିବା ଅନ୍ୟ ୪ ଜଣ ଅଭିଯୁକ୍ତ ଅନୁପସ୍ଥିତ ଥିଲେ। ମଙ୍ଗଳବାର ସେମାନଙ୍କ ମଧ୍ୟରୁ କଟକ ଜିଲା ପୁରୀଘାଟ ଥାନା ବିଶ୍ୱନାଥ ଲେନ୍‌ର ପଙ୍କଜ କର୍ମକାର କୋର୍ଟରେ ଉପସ୍ଥିତ ହୋଇଥିଲେ। ଉକ୍ତ ମାମଲାର ବିଚାର କରି ବିଚାରପତି ସେଠୀ ପଙ୍କଜଙ୍କୁ ୯ ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଣି କରିଛନ୍ତି। ଏଥିସହ ୭ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୭ ମାସ କାରାଦଣ୍ଡ ଭୋଗ କରିବାକୁ ପଡ଼ିବ ବୋଲି ଶୁଣାଣି ହୋଇଛି। ପଙ୍କଜଙ୍କ ନିକଟରୁ ଡକାୟତି ହୋଇଥିବା ୬ ଶହ ୫୫ ଗ୍ରାମ ସୁନା ଓ ସୁନା ବିକ୍ରି କରି ପାଖରେ ରଖିଥିବା ନଗଦ ୪ ଲକ୍ଷ ୨୦ ହଜାର ଟଙ୍କା ପୋଲିସ ଜବତ କରିଥିଲା। ସରକାରୀ ଓକିଲ ବଳଭଦ୍ର ମହାନ୍ତି ମାମଲାକୁ ପରିଚାଳନା କରିଥିଲେ।

ପ୍ରକାଶ ଯେ, ୩୧ ଡିସେମ୍ବର ୨୦୧୩ ମସିହା ଅପରାହ୍ନ ୩ଟା ୫୮ ମିନିଟରେ ୪ ଜଣ ବନ୍ଧୁକଧାରୀ ଡକାୟତ ଦର୍ପନାରାୟଣପୁରସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ପଶିଥିଲେ। କାର୍ଯ୍ୟରତ ଶାଖା ପରିଚାଳକ ବିଶ୍ୱନାଥ ସାହୁ ଓ କ୍ୟାଶିୟର ବିଜୟ କୁମାର ଷଡ଼ଙ୍ଗୀଙ୍କୁ ବନ୍ଧୁକ ଦେଖାଇବା ସହ ମାଡ଼ ମାରି ରକ୍ତାକ୍ତ କରିଥିଲେ। ଏହା ପରେ ଷ୍ଟ୍ରଙ୍ଗରୁମ୍‌ର ତାଲା ଭାଙ୍ଗି ସେଥିରେ ଥିବା ୬୯୬ ପ୍ୟାକେଟ ବନ୍ଧକ ଥିବା ସୁନା ଲୁଟ କରି ନେଇଥିଲେ। ଏଥିସହିତ ନଗଦ ୧୨ ହଜାର ୮ଶହ ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଥିଲେ।

# ଜିଲାସ୍ତରୀୟ ଯୁବ ଉତ୍ସବ ଉଦ୍‌ଘାଟିତ

ନୟାଗଡ଼ ଅଫିସ,୧୯।୧୧




କ୍ରୀଡ଼ା ଅଧିକାରୀ ବକ୍ତବ୍ୟ ରଖୁଛନ୍ତି।

ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ଦୁଇଦିନ ଧରି ହେବାକୁ ଥିବା ଜିଲାସ୍ତରୀୟ ଯୁବ ଉତ୍ସବ-୨୦୧୯ ମଙ୍ଗଳବାର ପଠାଣି ସାମନ୍ତ ଅଡିଟୋରିୟମ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଜିଲା କ୍ରୀଡ଼ା ଅଧିକାରୀ ସୁଜାତା କୁମାରୀ ସାହୁଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲାପାଳ ଡା. ପୋମା ଟୁଡୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲାପାଳ ଟୁଡୁ ଯୁବ ଉତ୍ସବର ଆଭିମୁଖ୍ୟ ବିଷୟରେ କହିଥିଲେ। ଯୁବତୀ ଯୁବକମାନଙ୍କ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପିଡ଼ି (ଡିଆରଡିଏ) ସୁବାସ ଚନ୍ଦ୍ର ରାୟ ଯୋଗ ଦେଇ ଯୁବତୀଯୁବକମାନଙ୍କୁ ଉତ୍ସାହିତ କରିଥିଲେ। ଭଲ ପ୍ରଦର୍ଶନ କରି ଜିଲା ଓ ରାଜ୍ୟର ଗୌରବ ଆଣିବା ପାଇଁ ସେ ଉପସ୍ଥିତ ପ୍ରତିଯୋଗୀମାନଙ୍କୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ ଜିଲାର ବିଭିନ୍ନ ଲୋକ ନୃତ୍ୟ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ। ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ପ୍ରତିଯୋଗୀମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ବୁଧବାର ଉତ୍ସବ ଉଦ୍‌ଯାପିତ ହେବ। ଶରତ ଚନ୍ଦ୍ର ଆଚାର୍ଯ୍ୟ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

### ବାଣ ବିସ୍ଫୋରଣରେ ଆହତ ଯୁବକଙ୍କ ମୃତ୍ୟୁ

ଭାପୁର,୧୯।୧୧(ଡି.ଏନ.ଏ.)

ନୟାଗଡ଼ ଜିଲା ଫତେଗଡ଼ ଥାନା ଜାମୁସାହି ଗ୍ରାମରେ ବାଣ ତିଆରି କରୁଥିବା ସମୟରେ ବିସ୍ଫୋରଣ ଘଟି ଗୁରୁତର ହୋଇଥିବା ୨ଭାଇଙ୍କ ମଧ୍ୟରୁ ଚିକିତ୍ସାଧୀନ ଅବସ୍ଥାରେ ବଡଭାଇଙ୍କ ସୋମବାର ମୃତ୍ୟୁ ଘଟିଛି। ମୃତକ ହେଲେ ଟୁକୁ ନାଏକ । ଗତମାସ ୨ ତାରିଖରେ ଜାମୁସାହି ଗ୍ରାମରେ ବାଣ ତିଆରି ସମୟରେ ବିସ୍ଫୋରଣ ଘଟି ବ୍ରଜ ନାଏକଙ୍କ ୨ ପୁଅ ଗୁରୁତର ହୋଇଥିଲେ। ସେମାନଙ୍କୁ ପ୍ରଥମେ ଭାପୁର ଡାକ୍ତରଖାନା ନିଆଯାଇଥିଲା। ସେଠାରୁ ବଡ଼ ପୁଅ ଟୁକୁନାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଯୋଗୁଁ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ୪୦ ଶାଳଗଣ୍ଡି ଜବତ



ଜବତ ହୋଇଥିବା କାଠ।

ନୟାଗଡ଼ ଅଫିସ/ ଦଶପଲ୍ଲା (ଡି.ଏନ.ଏ.), ୧୯।୧୧

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ନେଳିଗୁଡା ଆମ୍ବତୋଟାଠାରେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୪୦ ଶାଳଗଣ୍ଡି ଜବତ କରାଯାଇଛି । କାଠଗୁଡ଼ିକ ଜଙ୍ଗଲରୁ କଟାଯାଇ ବାହାରକୁ ଚାଲାଣ କରାଯିବା ପାଇଁ ରଖା ଯାଇଥିବା ବେଳେ ବିଭାଗ କୌଣସି ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲା। ସଦର ଫରେଷ୍ଟର ବବଲୁ ସାହୁ, ଫରେଷ୍ଟଗାର୍ଡ଼ ସନ୍ତୋଷ ଦୋରା ପ୍ରମୁଖ ଚଢ଼ାଉ କରି କାଠ ଜବତ କରିଥିଲେ। ଜବତ କାଠର ଆନୁମାନିକ ମୂଲ୍ୟ ୧୫ ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

# ପଲିଥିନ ଧରପଗଡ ନାମକୁ ମାତ୍ର: ଗ୍ରାମାଞ୍ଚଳରେ ଖୁଲମ୍‌ଖୁଲା ବ୍ୟବହାର

ଓଡ଼ଗାଁ,୧୯।୧୧(ସ୍ୱ.ପ୍ର.)

କେନ୍ଦ୍ର ସରକାରଙ୍କ ଦ୍ୱାରା ଗାନ୍ଧୀ ଜୟନ୍ତୀଠାରୁ ପଲିଥିନ ଓ ଏକକ ବ୍ୟବହାର ପ୍ଲାଷ୍ଟିକ ସାମଗ୍ରୀକୁ କଡାକଡି ଭାବେ ସମ୍ପୂର୍ଣ୍ଣ ନିଷେଧ କରାଯାଇଥିଲା। ଏପରିସ୍ଥିତିରେ ଓଡଗାଁ ଏନଏସି ତରଫରୁ ଦିନେ ଦୁଇଦିନ ପଲିଥିନ ବିକ୍ରି ଓ ବ୍ୟବହାରକୁ ନେଇ ଧରପଗଡ କରାଯାଇଥିଲା । ଏପରିକି ବସ୍ତା ବସ୍ତା ପଲିଥିନ ଜବତ କରାଯାଇଥିବା ବେଳେ ନାମକୁ ମାତ୍ର ସେମାନଙ୍କୁ ଜରିମାନା କରାଯାଇଥିଲା। ହେଲେ ସ୍ଥାନୀୟ ସଦର ବିଜ୍ଞାପିତ ଅଞ୍ଚଳରେ କେତେକ ବ୍ୟବସାୟୀ ପଲିଥିନ ବ୍ୟବହାରକୁ ନିଷେଧ କରିଥିବା ବେଳେ ଆଉ କେତେକ ଗ୍ରାହକଙ୍କୁ ଖୁଲମଖୁଲା ପଲିଥିନରେ ବ୍ୟବସାୟିକ ସାମଗ୍ରୀ ଦେଉଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷେ ସ୍ଥାନୀୟ ବଜାରରେ କେତେକ ପଲିଥିନ ବ୍ୟବସାୟୀ ସେମାନଙ୍କ ଦୋକାନରେ ପଲିଥିନ ମହଜୁଦ ରଖିବା ବଦଳରେ ବନ୍ଦ ରହୁଥିବା ଗୋଦାମ ଘରେ ଏସବୁକୁ ମହଜୁଦ ରଖୁଥିବା ଜଣାଯାଇଛି। ଗ୍ରାହକ ଆସିବା ମାତ୍ରେ ଦୋକାନ ପିଲାକୁ ପଠାଇ ସିଧା ସଳଖ ବେପାର କରାଯାଉଛି । ଅନ୍ୟପକ୍ଷେ କେତେକାଂଶରେ ଏହା ହ୍ରାସ ପାଇଥିବା ବେଳେ ନିକଟସ୍ଥ ବାହାଡ଼ାଝୋଲା, ବାଉଁଶଗାଡିଆ, ନନ୍ଦିଘୋର, କୁରାଳ, ସୁନାମୁହିଁ, କୋମଣ୍ଡ, ରୋହିବାଙ୍କ ବାଘୁଆ ଛକ, ରାବେରା କେନାଲ ଛକ ଆଦିରେ ଖୁଲମଖୁଲା ପଲିଥିନ ବ୍ୟବହାରରେ କୋଣସି ପରିବର୍ତ୍ତନ ଆସିନାହିଁ । ଏପରିକି ସମସ୍ତ ଜଳଖିଆ ଦୋକାନରେ ଲୋକଙ୍କୁ ଗରମ ଗରମ ଘୁଘୁନି ତରକାରୀ ଓ ବରା ପକୋଡି ରଙ୍ଗିନ ପଲିଥିନରେ ଦିଆଯାଉଥିବା ଦେଖିବାକୁ ମିଳୁଛି । ଏନେଇ ସେମାନଙ୍କୁ ପଚାରିବାରୁ ପ୍ରଥମେ ସରକାର ପଲିଥିନ କାରଖାନା ବନ୍ଦ କରିବା ଉଚିତ ବୋଲି ସେମାନେ ଯୁକ୍ତି ବାଢୁଛନ୍ତି । ଅର୍ଥାତ ମୂଳୁ ମାରିଲେ ଯିବ ସରି ଦେବଙ୍କ ସଙ୍ଗେ କିମ୍ଭା କଳି ବୋଲି କହୁଛନ୍ତି । ତେବେ ପରିବେଶ ପ୍ରତି ବିପଦ ସୃଷ୍ଟି କରୁଥିବା ଏହିଭଳି ଏକ ମାରାତ୍ମକ ସାମଗ୍ରୀକୁ ନିଷେଧ କରିବା ପାଇଁ ସବୁସ୍ତରରେ ଦୃଢ ଇଚ୍ଛା ଶକ୍ତିର ଆବଶ୍ୟକତା ରହିଛି । ନଚେତ କେବଳ ସ୍ଲୋଗାନ୍ ଓ କାଗଜ କଲମରେ ଏହା ସୀମିତ ରହିଯିବା ସମ୍ଭାବନା ରହିଛି।

# ଜଣେ ଗୁରୁତର, ୪ଜଣଙ୍କ ନାମରେ ମାମଲା

## ଯୁବତୀ ଫେରାରକୁ ନେଇ ଗଣ୍ଡଗୋଳ

ଖଣ୍ଡପଡ଼ା, ୧୯।୧୧(ସ୍ୱ.ପ୍ର.)

ଖଣ୍ଡପଡ଼ା ଥାନା ଅଞ୍ଚଳର ଜଣେ ଯୁବତୀ ପ୍ରେମିକ ସହ ଫେରାର ହେବା ଘଟଣାକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇଛି । ଏଥିରେ ଏହି ଥାନା ଶିଖରପୁର ଗ୍ରାମର ରଞ୍ଜନ କୁମାର ନାୟକ ଗୁରୁତର ହୋଇଛନ୍ତି। ରଞ୍ଜନଙ୍କ ଏତଲା କ୍ରମେ ପୋଲିସ ଶିଖରପୁରର ୪ଜଣଙ୍କ ନାମରେ ବିଭିନ୍ନ ଦଫାରେ ମାମଲା (ନଂ.୨୩୫/୧୯) ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଛି। ଅଭିଯୋଗ ଅନୁଯାୟୀ ଖଣ୍ଡପଡା ଅଞ୍ଚଳର ଯୁବତୀଙ୍କ ସହ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କ ପ୍ରେମ ସମ୍ପର୍କ ଥିବାରୁ ୧୫ ଦିନ ତଳେ ଉଭୟ ଫେରାର ହୋଇଯାଇଥିଲେ। ଏହି ଘଟଣାରେ ରଞ୍ଜନ ସମ୍ପୃକ୍ତ ଥିବା ନେଇ ଯୁବତୀଙ୍କ ପରିବାରବର୍ଗ ସନ୍ଦେହ କରିଥିଲେ। ସୋମବାର ରଞ୍ଜନ ଘରକୁ ଫେରୁଥିବା ବେଳେ ପୂର୍ବ ପ୍ରସ୍ତୁତି କ୍ରମେ ଶିଖରପୁର ଗ୍ରାମର ଭାଗବତ ଘର ନିକଟରେ ଯୁବତୀଙ୍କ ପରିବାର ଲୋକେ ତାଙ୍କୁ ମାଡ ମାରିଥିବା ଅଭିଯୋଗରେ ଦର୍ଶାଯାଇଛି। ସ୍ଥାନୀୟ ଲୋକେ ରଞ୍ଜନଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଆକ୍ରମଣରେ ରଞ୍ଜନଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି ।

# ଠିକ୍ ସମୟରେ ଆସୁନାହାନ୍ତି କର୍ମଚାରୀ

ନୂଆଗାଁ, ୧୯।୧୧ (ଡି.ଏନ.ଏ.)



ଅଭିଯୋଗ ପାଇଁ ଆସିଥିବା ନୂଆଗାଁ ଗ୍ରାମବାସୀ।

**ନୂଆଗାଁ ବ୍ଲକ କାର୍ଯ୍ୟାଳୟ**

**■ବିଭିନ୍ନ କାମ ନେଇ ଆସୁଥିବା ଲୋକେ ନିରାଶରେ ଫେରୁଛନ୍ତି**

**■ଅଭିଯୋଗ ପରେ ବି ହେଉନି କାର୍ଯ୍ୟାନୁଷ୍ଠାନ**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କାର୍ଯ୍ୟାଳୟ ସମ୍ପ୍ରତି ନାନା ଅବ୍ୟବସ୍ଥା ମଧ୍ୟରେ ଚାଲିଛି। କର୍ମଚାରୀମାନେ ଠିକ୍ ସମୟରେ କାର୍ଯ୍ୟାଳୟକୁ ଆସୁ ନ ଥିବାରୁ ଅନେକ ବିଭାଗରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି । ଫଳରେ ବିଭିନ୍ନ କାମ ନେଇ ଆସୁଥିବା ଲୋକେ ନିରାଶରେ ଫେରୁଛନ୍ତି। ଏ ନେଇ ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

ନୂଆଗାଁ ବ୍ଲକ ଅଧୀନରେ ରହିଛି ୨୨ ପଞ୍ଚାୟତ। ୨୦୧୧ ଜନଗଣନା ଅନୁସାରେ ବ୍ଲକର ଲୋକସଂଖ୍ୟା ହେଉଛି ୪୪,୦୩୬। ବିଭିନ୍ନ କାର୍ଯ୍ୟ ନେଇ ଦୈନିକ ଦୂରଦୂରାନ୍ତରୁ ଲୋକମାନେ ବ୍ଲକ କାର୍ଯ୍ୟାଳୟକୁ ଆସନ୍ତି। ହେଲେ କର୍ମଚାରୀଙ୍କ ଦେଖା ନ ପାଇ ଅନେକ ସମୟରେ ଫେରିବାକୁ ବାଧ୍ୟ ହୁଅନ୍ତି। ମଙ୍ଗଳବାର ନୂଆଗାଁ ଗ୍ରାମବାସୀ ବିଡିଓଙ୍କୁ ଭେଟି ଅଭିଯୋଗ ପତ୍ର ଦେବାକୁ ଆସିଥିବା ବେଳେ ବିଡିଓ କିମ୍ବା ଅନ୍ୟ କୌଣସି ଅଧିକାରୀଙ୍କୁ ଭେଟି ନ ପାରି ନିରାଶରେ ଫେରିଥିଲେ। କାର୍ଯ୍ୟାଳୟକୁ ଆସିବାର ସମୟ ସକାଳ ୧୦ଟା ହୋଇଥିବାବେଳେ ୧୧ଟା ସୁଦ୍ଧା କୌଣସି କର୍ମଚାରୀ ଆସି ନ ଥିବା ସେମାନେ ପ୍ରକାଶ କରିଥିଲେ। ଏହି ସମସ୍ୟା ନେଇ ଅଞ୍ଚଳର କିଛି ବୁଦ୍ଧିଜୀବୀ ପୂର୍ବତନ ଜିଲାପାଳ ଡ. ଏନ୍ ତିରୁମାଲା ନାୟକଙ୍କୁ ଭେଟି ଅଭିଯୋଗ କରିଥିଲେ। ଏହାର ତଦାରଖ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲାପାଳ କହିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସରକାରଙ୍କ ନିୟମ ଅନୁସାରେ ନିର୍ଦ୍ଦିଷ୍ଟ ସ୍ଥାନରେ କୌଣସି ସରକାରୀ କର୍ମଚାରୀ ତିନି ବର୍ଷରୁ ଅଧିକ ସମୟ ରହିପାରିବେ ନାହିଁ। କିନ୍ତୁ ଏଠାରେ ତାହାର ବ୍ୟତିକ୍ରମ ଦେଖାଦେଇଛି। ଫଳରେ କର୍ମଚାରୀମାନେ ନିଜ ଇଚ୍ଛାରେ କାର୍ଯ୍ୟ କରୁଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ନୂଆଗାଁ ବ୍ଲକରେ କାର୍ଯ୍ୟରତ ବିଡିଓ ଶିରିୟାଲ ଏସ୍ ପଟେଲ ଟ୍ରେନିଂରେ ଯିବା ଓ ଦଶପଲ୍ଲା ବିଡିଓ ଦାୟିତ୍ୱରେ ରହିବା ପରଠାରୁ ବ୍ଲକ କାର୍ଯ୍ୟାଳୟରେ ଅଚଳାବସ୍ଥା ଦେଖାଦେଇଛି। ଆମ ଗାଁ ଆମ ବିକାଶରେ ସରକାର ଦେଇଥିବା ୩୧୪ ପ୍ରକଳ୍ପ ମଧ୍ୟରୁ ଅନେକ ଅଧାପନ୍ତରିଆ ଭାବେ ପଡିରହିଛି। କାର୍ଯ୍ୟାଳୟରେ ସ୍ୱଚ୍ଛତା ଅବଲମ୍ବନ ପାଇଁ ସରକାର ୫ ଟି ବ୍ୟବସ୍ଥା ପ୍ରଚଳନ କରିଛନ୍ତି। କିନ୍ତୁ ଏଠାରେ ତା'ର ପ୍ରଭାବ ଦେଖିବାକୁ ମିଳୁନାହିଁ। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଦଶପଲ୍ଲା ବିଡିଓ ଦେବୀପ୍ରସାଦ ମହାନ୍ତିଙ୍କ ପ୍ରତିକ୍ରିୟା ଲୋଡିବାରୁ ସେ ଛୁଟିରେ ଥିବା କହିଛନ୍ତି। ମଙ୍ଗଳବାର ବ୍ଲକ ଦାୟିତ୍ୱରେ ଥିବା ଏଷ୍ଟାବ୍ଲିଶ୍‌ମେଣ୍ଟ ବିଭାଗ ଅଧିକାରୀ ଚିତ୍ତରଞ୍ଜନ ଦାସଙ୍କୁ ପଚାରିବାରୁ ଯେଉଁ କର୍ମଚାରୀ ଅନୁପସ୍ଥିତ ରହୁଛନ୍ତି ସେମାନଙ୍କର ଦରମା ବନ୍ଦ କରାଯାଉଥିବା କହିଛନ୍ତି। ନୂଆଗାଁ ବ୍ଲକ କାର୍ଯ୍ୟାଳୟର କର୍ମଚାରୀଙ୍କ ଏପରି ଅବହେଳା ନେଇ ସେ ନିଶ୍ଚିତ ଭାବେ ଦୃଷ୍ଟି ଦେବେ ବୋଲି ନୟାଗଡ଼ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ ପ୍ରକାଶ କରିଛନ୍ତି।

### ୧ରୁ ଚାଲିଛି ଠିକାଦାର ସଂଘ କାର୍ଯ୍ୟ ବନ୍ଦ ଆନ୍ଦୋଳନ

# ବିଭିନ୍ନ ସ୍ଥାନରେ ଅଧାପନ୍ତରିଆ ହୋଇପଡ଼ିଛି କାର୍ଯ୍ୟ

ନୟାଗଡ଼ ଅଫିସ, ୧୯।୧୧



ସହରସ୍ଥିତ ବଳାଙ୍ଗୀ ପାର୍କ କାର୍ଯ୍ୟ ବନ୍ଦ ହୋଇ ପଡ଼ିରହିଛି।

ନୟାଗଡ଼ ସହରରେ ନିର୍ମାଣାଧୀନ ଅତ୍ୟାଧୁନିକ ବଳାଙ୍ଗୀ ପାର୍କର କାର୍ଯ୍ୟ ୧୮ ଦିନ ହେଲାଣି ବନ୍ଦ ରହିଛି। ସେହିଭଳି ନୂତନ ବସ୍‌ଷ୍ଟାଣ୍ଡ କାର୍ଯ୍ୟ ମଧ୍ୟ ବନ୍ଦ କରାଯାଇଛି। ଖାଲି ସେତିକି ନୁହେଁ ଜିଲାର ବିଭିନ୍ନ ସ୍ଥାନରେ ସରକାରୀ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ବନ୍ଦ ରହିଛି। ରାଜ୍ୟ ଠିକାଦାର ସଂଘ ଡାକରାରେ ୧୦ ଦଫା ଦାବିରେ ନୟାଗଡ଼ ଜିଲା ଠିକାଦାର ସଂଘ ପକ୍ଷରୁ ଗତ ୧ ତାରିଖଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁ ରହିଛି। କାର୍ଯ୍ୟ ବନ୍ଦ ଯୋଗୁ ଜିଲାର ବିଭିନ୍ନ ସ୍ଥାନରେ ନିର୍ମାଣାଧୀନ ପ୍ରକଳ୍ପଠାରୁ ଆରମ୍ଭକରି ରାସ୍ତାଘାଟ ସବୁ ଅଧାପନ୍ତରିଆ ହୋଇ ପଡ଼ି ରହିଛି। ରାଜ୍ୟ ସରକାର ଠିକାଦାର ସଂଘର ଦାବି ପୂରଣ ନ କରିଥିବାରୁ ସେମାନେ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ଏଥିଯୋଗୁ ସାଧାରଣ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେତେବେଳେ କାର୍ଯ୍ୟ ଆରମ୍ଭ ହେବ ସେ ନେଇ ଲୋକମାନେ ଚାହିଁ ରହିଛନ୍ତି। ନୟାଗଡ଼ ପୂର୍ତ୍ତ ବିଭାଗ ଦ୍ୱାରା ନୟାଗଡ଼ ବ୍ଲକର ପୁରୁଷୋତ୍ତମପୁର-ନୋତର ରାସ୍ତା, ବାରବାଟୀ-ଗୁଣ୍ଠୁଣୀ ରାସ୍ତା କାର୍ଯ୍ୟ , ଜିଲାପାଳଙ୍କ କାର୍ଯ୍ୟାଳୟର ମରାମତି କାର୍ଯ୍ୟ, ଜିଲା ଜଜ୍ କୋର୍ଟର କାର୍ଯ୍ୟ, ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ କାର୍ଯ୍ୟ, ନବଘନପୁରସ୍ଥିତ ଆରଟିଓ ଅଫିସର ଟେଷ୍ଟିଂ ଟ୍ରାକ୍ କାର୍ଯ୍ୟ ଭଳି ଜିଲାର ଅନେକ କାର୍ଯ୍ୟ ବନ୍ଦହୋଇ ପଡ଼ିରହିଛି। ନୟାଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗର ଡିଆପଡ଼ା-ବାରପଲ୍ଲା ରାସ୍ତା କାର୍ଯ୍ୟ, ଜିଲାପାଳଙ୍କ ଆବାସିକଠାରୁ ଭାଟସାହି ରାସ୍ତା , ପାଟକୁରା, ଲାଠିପଡ଼ା, ଫାଶିପଡା ଗ୍ରାମକୁ ହେଉଥିବା ରାସ୍ତା ଭଳି ଅନେକ କାର୍ଯ୍ୟ ଜିଲାରେ ବନ୍ଦ ହୋଇ ପଡ଼ି ରହିଛି। କାମ ବନ୍ଦ ଯୋଗୁ କାର୍ଯ୍ୟର ଅଗ୍ରଗତି ହୋଇପାରୁ ନାହିଁ। ଯେଉଁ ଲକ୍ଷ୍ୟରେ କାର୍ଯ୍ୟ ହେଉଥିଲା, ତାହା ପୂରଣ ହୋଇପାରୁ ନ ଥିବା ଦେଖିବାକୁ ମିଳିଛି। ବିଭିନ୍ନ କାର୍ଯ୍ୟ ବନ୍ଦ ହୋଇ ପଡ଼ିଥିବାରୁ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଅଧିକାରୀମାନେ ହଇରାଣ ହେଉଥିବା ଦେଖିବାକୁ ମିଳିଛି।

**ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ**

ପ୍ରକାଶ ଯେ ୨୦୧୪ରେ ସ୍ଥିରୀକୃତ ସିଡୁଲେଟରର ୨୦୧୯ ମୂଲ୍ୟ ଭିତ୍ତିରେ ପୁନଃ ଆକଳନ, ଭାରତ ସରକାରଙ୍କ ଷ୍ଟାଣ୍ଡାର୍ଡ ଡାଟାବୁକ୍ ତୁରନ୍ତ ପ୍ରଚଳନ, ଟେଣ୍ଡର ନିୟମାବଳୀରେ ତୁରନ୍ତ ପ୍ରଚଳନ, ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟରେ -୧୪.୯୯%ର ସମ୍ପୂର୍ଣ୍ଣ ପ୍ରତ୍ୟାହାର, ହାଇକୋର୍ଟଙ୍କ ବର୍ଦ୍ଧିତ ମୂଲ୍ୟ ସମ୍ପର୍କିତ ନିର୍ଦ୍ଦେଶ ଅନୁଯାୟୀ ପ୍ରାପ୍ୟ ପ୍ରଦାନ, ଶ୍ରମିକ ମଜୁରିର ଉଚିତ ନିର୍ଦ୍ଧାରଣ ଏବଂ ଠିକାଦାରଙ୍କୁ ତତ୍ ସମ୍ପର୍କିତ ପ୍ରାପ୍ୟ ପ୍ରଦାନ, ତେଲଙ୍ଗାନା ସରକାରଙ୍କ ନୀତି ଅନୁଯାୟୀ ଜିଏସ୍‌ଟି ପାଇଁ ୧୦% ଅଧିକ ପ୍ରାପ୍ୟ ପ୍ରଦାନ, ବାହ୍ୟ ସର୍ତ୍ତ ବ୍ୟତୀତ କେବଳ ଲାଇସେନ୍‌ସ କ୍ଷମତା ଅନୁଯାୟୀ କାର୍ଯ୍ୟାଦେଶ, ପୂର୍ବ ବ୍ୟବସ୍ଥା ଅନୁଯାୟୀ ବିଭିନ୍ନ ସଞ୍ଚୟପତ୍ର ମାଧ୍ୟମରେ ସିକ୍ୟୁରିଟି ପ୍ରଦାନ, ବ୍ୟବସ୍ଥା ନ ଥାଇ ନିର୍ମାଣ ସାମଗ୍ରୀ ପରିବହନ ସମୟରେ ଅନୁମତି ପତ୍ର ଏବଂ ରୟାଲଟି ରସିଦ ଉପରେ ନିର୍ଦ୍ଦେଶର ତୁରନ୍ତ ପ୍ରତ୍ୟାହାର ଭଳି ୧୦ ଦଫା ଦାବିରେ ସଂଘ ପକ୍ଷରୁ କାର୍ଯ୍ୟ ବନ୍ଦ ରହିଛି। ଦାବି ପୂରଣ ନ ହେଲେ କାର୍ଯ୍ୟ ବନ୍ଦ ଜାରି ରହିବ ବୋଲି ଗତ ୫ ତାରିଖରେ ଜିଲାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଂଘ ପକ୍ଷରୁ ସୂଚନା ଦିଆଯାଇଥିଲା।

ଏ ନେଇ ନୟାଗଡ଼ ଠିକାଦାର ସଂଘର ଜିଲା ସଭାପତି ଅବଦୁଲ ଆରିଫ ଖାଁ କୁହନ୍ତି ଆମ ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଜାରି ରହିବ। ସେହିଭଳି ଆସନ୍ତା ୨୫ ତାରିଖରେ ରାଜ୍ୟ ଠିକାଦାର ସଂଘ ପକ୍ଷରୁ ବିଧାନସଭା ଘେରାଉ କରାଯିବ ବୋଲି ସେ ପ୍ରକାଶ କରିଥିଲେ।